www.adyashgroup.com
@adyashalivee
adyashalive

ADYASHA

ଆଦ୍ୟାଶା Live

Published by Er Debabrata Behera

PRGI No. : ORORI/25/A0506 | Daily Edition | Email : adyashaalive"gmail.com

BHUBANESWAR I Vol. 02 I Issue : 127 I Saturday I 14 Nov.- 2026 I Page 8 I Rs. 7 I ବର୍ଷ ୦୨ । ସଂଖ୍ୟା ୧୨୭ । ଭୁବନେଶ୍ୱର । ଶନିବାର । ୧୪ ନଭେମ୍ବର ୨୦୨୬ । ପୃଷ୍ଠା : ୮ । ମୂଲ୍ୟ ୭ ଟଙ୍କା

ଭୟଙ୍କର ସଡ଼କ ଦୁର୍ଘଟଣା

ଟ୍ରାଭେଲର-ଟ୍ରକ୍ ଧକ୍କା : ୨୦ ଯାତ୍ରୀ ମୃତ



ଭୁବନେଶ୍ୱର, ୧୩/୧୧ (ଆଦ୍ୟାଶା) : ଭୟଙ୍କର ଦୁର୍ଘଟଣା। ଯାତ୍ରୀବାହୀ ଟ୍ରାଭେଲର ଓ ଗୋଟିଏ ଟ୍ରକ୍ ମଧ୍ୟରେ ହୋଇଛି ମୁହାଁମୁହିଁ ଧକ୍କା। ଆସାମର କାଜିରଙ୍ଗା ଅନ୍ତର୍ଗତ ରୋଙ୍ଗଜାନ ଠାରେ ଏହି ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୨୦ରୁ ଅଧିକ ଜଣ ପ୍ରାଣ ହରାଇଥିବା ପ୍ରାଥମିକ ଭାବେ ଜଣାପଡ଼ିଛି। ଟ୍ରାଭେଲରରେ ଥିବା ଲୋକମାନେ ବୋକାଖଟରୁ ନାଗାଓଁ ଆଡ଼କୁ ଯାଉଥିବା ବେଳେ ଟ୍ରକଟି ବିପରୀତ ଦିଗରୁ ଆସୁଥିଲା। ଏହି ସମୟରେ ଦୁଇ ଗାଡ଼ି ପରସ୍ପର ସହ ପିଟି ହୋଇଯାଇଛି। ଟ୍ରାଭେଲରରେ ଅଧିକାଂଶ ଯାତ୍ରୀ ଛାତ୍ରଛାତ୍ରୀ ବୋଲି କୁହାଯାଉଛି। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ କିଛି ଯାତ୍ରୀ ଟ୍ରାଭେଲର ମଧ୍ୟରେ ଚାପି ହୋଇ ରହିଯାଇଥିଲେ। ଗାଡ଼ିଟି ପୂରା ଚୂରମାର ହୋଇଯାଇଛି। ଏବେ ସ୍ଥାନୀୟ ଲୋକେ, ପୁଲିସ୍ ଓ ଉଦ୍ଧାରକାରୀ ଟିମ ସେମାନଙ୍କୁ ସେଥିରୁ ବାହାର କରିଛନ୍ତି। ଉଦ୍ଧାର ହୋଇଥିବା ମୃତାହତଙ୍କୁ କୋହୋରା ମଡେଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏବେ ବି ଉଦ୍ଧାର କାର୍ଯ୍ୟ ଜାରି ରହିଛି।

ଗୋଲାଘାଟ ଏସ୍‌ପି ସ୍ୱପନୀଲ ଦେକା କହିଛନ୍ତି ଯେ "ଦୁର୍ଘଟଣାରେ ପ୍ରାୟ ୨୦ ଜଣ ପ୍ରାଣ ହରାଇଥିବା ଆମ ପାଖକୁ ପ୍ରାଥମିକ ରିପୋର୍ଟ ଆସିଛି। ଆମେ ସମସ୍ତେ ଘଟଣା ସ୍ଥଳରେ ରହିଛୁ। ଏବେ ବି ମିନି ବସ୍ ଭିତରୁ ଲୋକଙ୍କୁ ବାହାର କରାଯାଉଛି। ଆଗକୁ ମୃତାହତଙ୍କ ସଂଖ୍ୟା ବଢ଼ିପାରେ। ଟ୍ରାଭେଲରରେ କେତେ ଲୋକ ଯାତ୍ରା କରୁଥିଲେ, ସେକଥା ଏଯାଏ ସ୍ପଷ୍ଟ ହୋଇନି।" ସ୍ଥାନୀୟ ବିଧାୟକ ତଥା ଆସାମର ପଞ୍ଚାୟତ ଓ ଗ୍ରାମୀଣ ବିକାଶ ମନ୍ତ୍ରୀ ଅତୁଲ ବୋରା ମଧ୍ୟ ଘଟଣା ସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଉପରେ ନଜର ରଖିଛନ୍ତି। କୋହୋରା ମଡେଲ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ଅଧିକାଂଶ ଆହତଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ତେଣୁ ସେମାନଙ୍କୁ ଅଧିକ ଚିକିତ୍ସା ପାଇଁ ଜୋରହାଟ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି।

କୁହାଯାଉଛି ଯେ ମିନି ବସ୍‌ର ବେଗ ଅତ୍ୟନ୍ତ ଅଧିକ ଥିଲା। କାଜିରଙ୍ଗା ପାର୍କ ଅଞ୍ଚଳରେ ଗାଡ଼ିଗୁଡ଼ିକର ବେଗ ସୀମିତ ରଖିବାକୁ ନିୟମ ରହିଛି। ତଥାପି ଗାଡ଼ି ଚାଳକ ଏହାକୁ ବେଖାତିର କରି ଅଧିକ ବେଗରେ ଆଗକୁ ଯାଉଥିଲେ। ସମ୍ଭବତଃ ଏହି ସମୟରେ ସେ ନିୟନ୍ତ୍ରଣ ହରାଇବାରୁ ସାମ୍ନାରୁ ଆସୁଥିବା ଟ୍ରକ୍ ସହ ପିଟି ହୋଇଯାଇଛି।

ସ୍କୁଲ୍ ଅଟୋ-ଆମ ବସ୍ ଦୁର୍ଘଟଣାରେ ୫ ଛାତ୍ରଛାତ୍ରୀ ଆହତ

ଭୁବନେଶ୍ୱର, ୧୩/୧୧ (ଆଦ୍ୟାଶା) : ପୁଣି ଆମ ବସ୍ ଦୁର୍ଘଟଣାଗ୍ରସ୍ତ। ସ୍କୁଲ୍ ଅଟୋକୁ ଧକ୍କା ଦେଲା 'ଆମ ବସ୍'। ଏଥିରେ ୫ ଛାତ୍ରଛାତ୍ରୀ ଆହତ ହୋଇଛନ୍ତି। ଏହି ଦୁର୍ଘଟଣା ଶୁକ୍ରବାର ଖୋର୍ଦ୍ଧା



ପିତାପଲି ଛକରେ ଅଟୋ ଓ 'ଆମ ବସ୍' ମୁହାଁମୁହିଁ ଧକ୍କା ହୋଇଛି। ସମସ୍ତ ଆହତ ଛାତ୍ରଛାତ୍ରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଇନ୍‌ଫୋସିଭ୍ୟାଲି ଥାନାରେ 'ଆମ ବସ୍'କୁ ପୁଲିସ ଅଟକ ରଖିଛି। ସ୍କୁଲରୁ ପିଲାଙ୍କୁ ନେଇ ଅଟୋ ଫେରୁଥିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା।

ପୁରୀରେ ବିସ୍ଫୋରଣ ୪ ଗୁରୁତର

ପୁରୀ, ୧୩/୧୧ (ଆଦ୍ୟାଶା) : ପୁରୀ ବଡ଼ଦାଣ୍ଡରେ ଏକ ରେଷ୍ଟୁରାଣ୍ଟରେ ବିସ୍ଫୋରଣ ଘଟି ୪ ଜଣ ଗୁରୁତର ଆହତ ହୋଇଛନ୍ତି। ଗ୍ୟାସ୍ ସିଲିଣ୍ଡର ବିସ୍ଫୋରଣରେ ରେଷ୍ଟୁରାଣ୍ଟର ସିଲିଂ ଭୁଶୁଡ଼ି ପଡ଼ିଛି। ଅଗ୍ନିଶମ ବାହିନୀ ଦ୍ୱାରା ନିଆଁକୁ ଆୟତ୍ତ କରାଯାଇଛି। ଘଟଣାସ୍ଥଳରେ ପୁରୀ ଏସ୍‌ପିଙ୍କ ସମେତ ଅନ୍ୟ ଅଧିକାରୀମାନେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ଆହତମାନଙ୍କୁ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ବାଘ ଛାଲ ଡିଲ୍ ବେଳେ ବନ୍ଧାହେଲେ ୪ ଅଭିଯୁକ୍ତ

ରାୟଗଡ଼ା, ୧୩/୧୧ (ଆଦ୍ୟାଶା) : ରାୟଗଡ଼ା ଜିଲ୍ଲା ଗୁଡ଼ାରୀ ବନାଞ୍ଚଳ ଅନ୍ତର୍ଗତ ନାଇରା ସେକ୍ସନର କଣ୍ଡପାଡୁ ନିକଟରେ କଲରାପତରିଆ ବାଘ ଛାଲ ଡିଲ୍ ଚାଲିଥିବା ବେଳେ ବନ ବିଭାଗ ପକ୍ଷରୁ ବଡ଼ ଧରଣର ଚଢ଼ାଉ। ଏହି ଚଢ଼ାଉରେ ଧରାଯାଇଛି ୪ ଜଣ ଅଭିଯୁକ୍ତଙ୍କୁ। ବାଘ ଛାଲ ଚାଲାଣ ଅଭିଯୋଗରେ ଏହି ଚଢ଼ାଉ କରାଯାଇଥିବା ଜଣାପଡ଼ିଛି। ରାୟଗଡ଼ା ଡିଏଫ୍‌ଓ



ସଚିନ ଆନ୍ନା ସାହେବ ଓହଲଙ୍କ ନିର୍ଦ୍ଦେଶକ୍ରମେ ଦୁଇ ଏସିଏଫ୍ ସଚ୍ଚିଦାନନ୍ଦ ସେଠୀ ଓ ସତୀଶ କୁମାର ଧାରୁଆଙ୍କ ସମେତ ଗୁଣପୁର ରେଞ୍ଜର ପ୍ରଦୀପ କୁମାର ଆଚାର୍ଯ୍ୟଙ୍କ ନେତୃତ୍ୱରେ ବନ ବିଭାଗର ଏକ ଟିମ ଏହି ଚଢ଼ାଉ କରିଥିଲା। ଚଢ଼ାଉ ସମୟରେ ୪ ଜଣଙ୍କୁ କାବୁ କରାଯାଇଥିବା ବେଳେ ବାଘ ଛାଲ ଚାଲାଣ ସମ୍ପର୍କରେ ଅଧିକ ତଦନ୍ତ ଚାଲିଛି। ବର୍ତ୍ତମାନ ଗୁଣପୁର ରେଞ୍ଜ କାର୍ଯ୍ୟାଳୟରେ ବନ ବିଭାଗର ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଅଭିଯୁକ୍ତମାନଙ୍କୁ ପଚରାଉଚରା କରାଯିବା ସହ ତଦନ୍ତ ପ୍ରକ୍ରିୟା ଜାରି ରହିଛି। ତଦନ୍ତ ଚାଲିଥିବାରୁ ବନ ବିଭାଗ ପକ୍ଷରୁ ଘଟଣାର ସମ୍ପୂର୍ଣ୍ଣ ବିବରଣୀ ପ୍ରକାଶ କରାଯାଇନାହିଁ। ଏହି ଘଟଣା ପରେ ଅଞ୍ଚଳରେ ବନ୍ୟଜନ୍ତୁ ଶିକାର ଓ ଚାଲାଣକୁ ନେଇ ଚର୍ଚ୍ଚା ଜୋର ଧରିଛି।

ବଢ଼ିଲା ଘରୋଇ ବସ୍ ଭଡ଼ା

ଭୁବନେଶ୍ୱର, ୧୩/୧୧ (ଆଦ୍ୟାଶା) : ରାଜ୍ୟରେ ଘରୋଇ ବସ୍ ଭଡ଼ା ବୃଦ୍ଧି ହୋଇଛି। ଏବେ ସାଧାରଣ ବସର ଭଡ଼ା କିଲୋମିଟର ପିଛା ୧.୧୮ ଟଙ୍କାକୁ ବୃଦ୍ଧି ପାଇଥିଲା ବେଳେ ଏକ୍ସପ୍ରେସ୍ ବସ୍‌ରେ ୧.୨୪ ଟଙ୍କାକୁ ବୃଦ୍ଧି ପାଇଛି। ଏଣେ ସେମି ଡିଲକ୍ସ ବସ୍‌ରେ କିଲୋମିଟର ପିଛା ୧.୪୧ ଟଙ୍କାକୁ ବୃଦ୍ଧି ପାଇଛି। ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ପ୍ରକାଶ ପାଇଥିବା ବିଜ୍ଞପ୍ତି ଅନୁଯାୟୀ, ଅର୍ଡିନାରି ବସ୍ (ସାଧାରଣ ଯାତ୍ରୀବାହୀ ବସ୍) ଭଡ଼ା କିଲୋମିଟର ପିଛା ୧ ଟଙ୍କା ୧୮ ପଇସା ହୋଇଛି। ପୂର୍ବରୁ ଏହା ୯୨ ପଇସା ଥିଲା। ଅର୍ଥାତ୍ ଏକ କିମି ପିଛା ଏକସଙ୍ଗେ ୨୬ ପଇସା ଭଡ଼ା ବଢ଼ିଛି। ସାଧାରଣ ବସ୍ ଭଡ଼ା ପୂର୍ବରୁ ଥରକେ ୨ରୁ ୫ ପଇସା ପର୍ଯ୍ୟନ୍ତ ବଢୁଥିବାବେଳେ ଆଜି ୨୬ ପଇସା ବଢ଼ିଛି। ଯାହା ସାଧାରଣ ଲୋକଙ୍କ ବସ୍‌ଯାତ୍ରା ମହଙ୍ଗା କରିଦେବ। ଜୁନ୍ ୨ରେ କିମି ପିଛା ୨ ପଇସା ବଢ଼ିଥିଲା।

ସେହିପରି ଏକ୍ସପ୍ରେସ୍ ବସ୍ ଭଡ଼ା ଏକ କିମି ପିଛା ୯୬ ପଇସା ଥିବାବେଳେ ଏହା ୧ ଟଙ୍କା ୨୪ ପଇସା ହୋଇଛି। ଏହା ବି ୨୮ ପଇସା ବଢ଼ିଛି। ସେମି ଡିଲକ୍ସ ବସ୍ ଭଡ଼ା କିମି ପିଛା ୧ ଟଙ୍କା ୩୦ ପଇସା ହୋଇଛି। ଏହି ବର୍ଗର ବସ୍ ଭଡ଼ା ପ୍ରଥମଥର ପାଇଁ ଧାର୍ଯ୍ୟ ହୋଇଛି। ଡିଲକ୍ସ ବସ୍ ଭଡ଼ା ୧ ଟଙ୍କା ୩୫ରୁ ବଢ଼ିକି ୧ ଟଙ୍କା ୪୧ ପଇସା ହୋଇଛି। ଜୁନ୍ ୨ରେ ଏହା ୪ ପଇସା ବଢ଼ିଥିଲା। ଏସି ଡିଲକ୍ସ ବସ୍ ଭଡ଼ା ୧ ଟଙ୍କା ୬୩ ପଇସାରୁ ବଢ଼ି ୧ ଟଙ୍କା ୯୯ ପଇସା ହୋଇଛି। ଏହା କିମି ପିଛା ୩୬ ପଇସା ବଢ଼ିଛି। ଜୁନ୍ ୨ରେ ୪ ପଇସା ବଢ଼ିଥିଲା। ଏବେ ସୁପର୍ ଡିଲକ୍ସ ବସ୍ ଜାଗାରେ ସୁପର୍ ପ୍ରିମିୟମ ବସ୍ ଭଡ଼ା ଧାର୍ଯ୍ୟ ହୋଇଛି। ପୂର୍ବରୁ ଏହା ୨ ଟଙ୍କା ୫୩ ପଇସା ଥିବାବେଳେ ଏବେ ୩ ଟଙ୍କା ୨୧ ପଇସା ହୋଇଛି। ଏକସଙ୍ଗେ ୬୮ ପଇସା ବଢ଼ିଛି। ଜୁନ୍ ୨ରେ କିମି ପିଛା ୪ ପଇସା ବଢ଼ିଥିଲା। ସେହିପରି ସୁପର୍ ପ୍ରିମିୟମ ଫୁଲି ସ୍ଲିପର୍ ଏସି କୋଚ୍ ବସ୍ ଭଡ଼ା କିମି ପିଛା ୪ ଟଙ୍କା ୬୧ ପଇସା ହୋଇଛି। ଜୁଲାଇ ୯ରେ ରାଜ୍ୟ ସରକାର ଗେଜେଟ୍ ବିଜ୍ଞପ୍ତି ପ୍ରକାଶ କରି ଏହି ବର୍ଗର ବସ୍ ଭଡ଼ା ନୂଆ କରି ଧାର୍ଯ୍ୟ କରିଥିଲେ। ସେତେବେଳେ ବସ୍ ଭଡ଼ା କିମି ପିଛା ୩ ଟଙ୍କା ୫୦ ପଇସା ଧାର୍ଯ୍ୟ ହୋଇଥିବାବେଳେ ଆଜି ଏକସଙ୍ଗେ ୧ ଟଙ୍କା ୧୧ ପଇସା ବଢ଼ିଛି।

ପୁଣି ମାଡ଼ି ଆସୁଛି ବାତ୍ୟା !

ଭୁବନେଶ୍ୱର, ୧୩/୧୧ (ଆଦ୍ୟାଶା) : ବଙ୍ଗୋପସାଗରର ପିଛା ଛାଡୁନି ବାତ୍ୟା। ଅର୍ଣ୍ଣବ ଓ ମୁରାସୁ ପରେ ପୁଣି ଗୋଟିଏ ବାତ୍ୟା ବଙ୍ଗୋପସାଗରରେ ସୃଷ୍ଟି ହେବାକୁ ଯାଉଛି।



ବର୍ତ୍ତମାନ ଦକ୍ଷିଣପୂର୍ବ ବଙ୍ଗୋପସାଗରରେ ଗୋଟିଏ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହା କ୍ରମଶଃ ଘନୀଭୂତ ହୋଇ ବାତ୍ୟାର ରୂପ ନେବାର ଯଥେଷ୍ଟ ଆଶଙ୍କା ରହିଛି। ପାଣିପାଗ ମଡେଲ ଅନୁସାରେ ଦକ୍ଷିଣପୂର୍ବ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ କ୍ଷେତ୍ର ଆସନ୍ତା ୧୫ ତାରିଖ ବେଳକୁ ଘନୀଭୂତ ହୋଇ ଅବପାତର ରୂପ ନେଇପାରେ। ସେହିପରି ଏହା ୧୬ ତାରିଖ ସନ୍ଧ୍ୟା ସୁଦ୍ଧା ବାତ୍ୟାରେ ପରିଣତ ହେବାର ଆଶଙ୍କା ରହିଛି। କିନ୍ତୁ ଭାରତୀୟ ପାଣିପାଗ ବିଭାଗ ଏନେଇ ଏଯାଏ କୌଣସି ପ୍ରକାରର ସୂଚନା ଦେଇନାହିଁ। ତେବେ ସମ୍ଭାବ୍ୟ ବାତ୍ୟାର ଗତିପଥ କେଉଁ ଦିଗରେ ରହିବ ଏବଂ ଏହା କେଉଁ ଅଞ୍ଚଳକୁ ପ୍ରଭାବିତ କରିବ, ସେନେଇ ଏବେ ସ୍ପଷ୍ଟ ସୂଚନା ମିଳିନାହିଁ। ତଥାପି ସମ୍ଭାବ୍ୟ ବାତ୍ୟା ଆନ୍ଧ୍ରପ୍ରଦେଶ ଉପକୂଳ ଆଡ଼କୁ ଗତି କରିପାରେ। ସେହିପରି ପଶ୍ଚିମବଙ୍ଗ ଓ ବାଂଲାଦେଶ ଉପକୂଳ ମୁହାଁ ହେବାର ମଧ୍ୟ ଆଶଙ୍କା ରହିଛି। ତେବେ କେଉଁ ଉପକୂଳରେ ଏହାର ପ୍ରଭାବ ପଡ଼ିବ, ତାହା ଏବେଠାରୁ ନିଶ୍ଚିତ ଭାବେ କହିବା ସମ୍ଭବ ନୁହେଁ। ଏହାବାଦ ଓଡ଼ିଶା ଉପରେ ଏହାର ପ୍ରଭାବ କ'ଣ ରହିବ, ସେକଥା ମଧ୍ୟ ସ୍ପଷ୍ଟ ହୋଇନାହିଁ।

ଦୁର୍ଘଟଣାରେ ଗଲା ୨ ପୋଲିସ୍‌ଙ୍କ ଜୀବନ

ଭଦ୍ରକ, ୧୩/୧୧ (ଆଦ୍ୟାଶା) : ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଚାଲିଗଲା ଦୁଇ ପୁଲିସ କର୍ମଚାରୀଙ୍କ ଜୀବନ। ଭଦ୍ରକ ବାସୁଦେବପୁର ଥାନା ବିରସ ଛକ ନିକଟ ଦୁର୍ଘଟଣାରେ ୨ କନେଷ୍ଟବଳ ଅଜୟ ବା ଓ ହିମାଂଶୁ ରାୟଙ୍କ ମୃତ୍ୟୁ ହୋଇଛି। ପୁରୀରେ ହିମାଂଶୁ ରାୟଙ୍କ ମୃତ ଶରୀର ପହଞ୍ଚିବା ପରେ ଗାର୍ଡ ଅଫ୍ ଅନର୍ ଦିଆଯାଇଛି। ବିରସ ଛକ ନିକଟରେ ପୁଲିସ ଗାଡିକୁ ପଛ ପଟୁ ଧକ୍କା ଦେଇଥିଲା ଟ୍ରେଲର। ପୁରୀ ଅସ୍ତରଙ୍ଗ ଥାନାରେ ରୁଜୁ ଏକ ମୋବାଇଲ ଚୋରି ମାମଲାରେ ଟ୍ରାକ କରିବା ପାଇଁ ଆସୁଥିବା ବେଳେ, ଗତକାଲି ବିଳମ୍ବିତ ରାତିରେ ଏହି ଦୁର୍ଘଟଣା ଘଟିଥିଲା। ପୁଲିସ ଗାଡ଼ିରେ ଚାଳକଙ୍କୁ ମିଶାଇ ମୋଟ ଚାରି ଜଣ ଥିଲେ। ଘଟଣାସ୍ଥଳରେ ଅଜୟ ବା'ଙ୍କ ମୃତ୍ୟୁ ହୋଇଥିବା ବେଳେ, କଟକ ଏସସିବି ଟ୍ରମା କାଜୁଆଲଟିରେ ହିମାଂଶୁ ରାୟଙ୍କୁ ମୃତ ଘୋଷଣା କରାଯାଇଥିଲା। ଉଭୟ ମୃତ ଏ.ପି.ଆର୍ କନେଷ୍ଟବଳ କର୍ମଚାରୀ ଭାବରେ ୨୦୨୩ ମସିହାରେ ଚାକିରିରେ ଯୋଗ ଦେଇଥିଲେ। ଦୁର୍ଘଟଣାରେ ଗୁରୁତର ଭାବେ ଆହତ ହୋଇଥିବା ୨ଜଣ ପୁଲିସ କର୍ମଚାରୀ ହେଲେ ଅସ୍ତରଙ୍ଗ ଥାନା ଏସ୍‌ଆଇ ଦିବ୍ୟରଞ୍ଜନ ସାହୁ ଓ ହୋମଗାର୍ଡ ଡ୍ରାଇଭର ପ୍ରଶାନ୍ତ କୁମାର ଜେନା।

ହତ୍ୟା ପୂର୍ବରୁ ବଳିଆକୁ ବାୟା କରିଥିଲା ସୁନାର ତାସ

ଭୁବନେଶ୍ୱର, ୧୩/୧୧ (ଆଦ୍ୟାଶା) : ମାଲିକାଣୀ ରଖିଥିଲେ ସୁନାର ତାସ (ପ୍ଲେଇଂ କାର୍ଡ୍ସ)। ଗୋଟିଏ ନୁହେଁ, ୪ ସେଟ୍ ସୁନାର ତାସ ଥିଲା ଘରେ। ୪ ସେଟ୍ ସୁନା ତାସର ଖୋଳଗୁଡ଼ିକ ମଧ୍ୟ ସୁନା। ଆଲମୀରା ଭିତରେ ଥିବା ଏହି ସୁନାର ତାସ ସେଟ୍‌ଗୁଡ଼ିକ ଉପରେ ପଡ଼ିଥିଲା ବିଶ୍ୱାସଘାତକ କେୟାରଟେକର ବଳଭଦ୍ର ମହାରଣା ଓରଫ ବଳିଆର ନଜର। ସୁନାର ତାସ ପତା ଦେଖି ବାୟା ହୋଇଯାଇଥିଲା ବଳିଆ। ସେଗୁଡ଼ିକୁ ହାତେଇବା ପାଇଁ ମାଲିକାଣୀଙ୍କୁ ସେ କରିଥିଲା ହତ୍ୟା। ଭୁବନେଶ୍ୱରର ବହୁ ଚର୍ଚ୍ଚିତ 'କୁଞ୍ଜଲତା ନନ୍ଦ' ହତ୍ୟା ଘଟଣାରେ ଆଜି ସାମ୍ନାକୁ ଆସିଛି ଏହି ତଥ୍ୟ।

ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ୧୦ ଦିନ ତଳେ ୭୬ ବର୍ଷୀୟା କୁଞ୍ଜଲତା ନନ୍ଦଙ୍କୁ ହତ୍ୟା କରି କେୟାରଟେକର ବଳିଆ ଫେରାର ହୋଇଯିବା ପରେ, ପ୍ରାୟ ସମସ୍ତେ ଆଲୋଚନା କରୁଥିଲେ ଯେ ଘରେ ଏମିତି କେତେ ସୁନା ଓ ଟଙ୍କା ଥିଲା ଯେ ସେ ସେଗୁଡ଼ିକୁ ପାଇବା ପାଇଁ ହତ୍ୟା ଭଳି ଏକ ଜଘନ୍ୟ ଅପରାଧ କରିବାକୁ ପଛାଇଲା ନାହିଁ। ଆଉ ଆଜି ସୁନାର ତାସଗୁଡ଼ିକୁ ସାମ୍ନାକୁ ଆସିବା ପରେ ଖୋଲିଯାଇଛି ଏହାର ଗୁମର।

ଗିରଫ ଅଭିଯୁକ୍ତ ବଳିଆର ସୂଚନା ଆଧାରରେ ଲକ୍ଷ୍ମୀସାଗର ଥାନା ପୁଲିସ ପୁରୀ ଜିଲ୍ଲା ବ୍ରହ୍ମଗିରି ଥାନା ଅଞ୍ଚଳରୁ ସବିତା ସେଠୀ ନାମ୍ନୀ ଜଣେ ମହିଳାଙ୍କଠାରୁ ଜବତ କରିଛି ଏହି ସୁନାର ପତା। ସୁନାର ପ୍ରଲେପ ଦିଆଯାଇ ତିଆରି ହୋଇଥିବା ଏହି ୪ ସେଟ୍ ତାସ୍‌ର ମୂଲ୍ୟ ପ୍ରାୟ ୧୦ ଲକ୍ଷ ଟଙ୍କା ହେବ ବୋଲି ଜଣାପଡ଼ିଛି। ସୁନାର ତାସ ପତା ସହିତ ବଳିଆ ଚୋରି ହୋଇଥିବା ରୁପାର ବିଭିନ୍ନ ସାମଗ୍ରୀ, ଅନ୍ୟ ସୁନାଗହଣା ଓ ନଗଦ ଟଙ୍କା ସବିତା ସେଠୀଙ୍କଠାରୁ ଜବତ



କରାଯାଇଛି। କୁଞ୍ଜଲତାଙ୍କୁ ହତ୍ୟା କରିବା ପରେ ନିଜ ଘରକୁ ଯାଇଥିଲା ବଳିଆ। ସେଠାରେ ଡ୍ରେସ୍ ବଦଳିବା ପରେ ସେ ସିଧା ଯାଇଥିଲା ସବିତା ସେଠୀଙ୍କ ଘରକୁ। ଚୋରି କରିଥିବା ସୁନାର ତାସ ପତା ସହିତ ରୁପାର ସମସ୍ତ ସାମଗ୍ରୀ ସେ ସବିତାଙ୍କୁ ଦେଇ ପୁରୀ ଯାଇଥିଲେ ଓ ସେଠାରୁ ଟ୍ରେନ ଯୋଗେ କୋଲକାତା ପଳାଇଥିଲେ। ପୁଲିସ ସବିତାଙ୍କୁ ଗିରଫ କରିଛି। କାରଣ କୁଞ୍ଜଲତାଙ୍କୁ ମାରି ବଳିଆ ଏହି ସବୁ ଜିନିଷ ଚୋରି କରିଥିବା ଜାଣିଥିଲେ ସବିତା। ତଥାପି ସେ ଚୋରି ଜିନିଷକୁ ଲୁଚାଇ ରଖିଥିଲେ। ତା' ସହିତ ବଳିଆଙ୍କୁ ଫେରାର ହେବାରେ ସହଯୋଗ କରିଥିଲେ।


ବଳିଆ ପୁଲିସକୁ ଚକମା ଦେବା ପାଇଁ ବାରମ୍ବାର ସ୍ଥାନ ବଦଳାଇଥିଲା। ସେ କୋଲକାତା, ରାୟପୁର, ପାନିପତ ଓ ସୁରଟ ଯାଇଥିଲେ। ସୁରଟରୁ ସେ ଏକ ବସ୍‌ରେ ଦିଲ୍ଲୀ ଅଭିମୁଖେ ଯାଉଥିବା ବେଳେ ଗୁଜରାଟ ପୁଲିସ ସହାୟତାରେ ଲକ୍ଷ୍ମୀସାଗର ଥାନାର ଏକ ପୁଲିସ୍ ଟିମ୍ ତାକୁ ଗିରଫ କରିଥିଲେ। ବଳିଆଠାରୁ ନଗଦ ୨୦ ହଜାର ଟଙ୍କା, ଦୁଇଟି ମୋବାଇଲ ଫୋନ, ଗୋଟିଏ ଏୟାର ଟେଲ ସିମ୍ କାର୍ଡ, ଗୋଟିଏ ସୁନା ଲକେଟ, ଗୋଟିଏ ସୁନା ମୁଦି, ହଳେ କାନ ଫୁଲ, ଗୋଟିଏ ଛୋଟିଆ ଡାଏରୀ ଓ ଅନ୍ୟାନ୍ୟ କାଗଜପତ୍ର ଜବତ କରାଯାଇଥିଲା। ଲକ୍ଷ୍ମୀସାଗର ଥାନା ପୁଲିସ ତାକୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଆଣି ଗତକାଲିଠାରୁ ଜେରା କରୁଥିବା ବେଳେ ସୁନାର ତାସ ଓ ସବିତା ସେଠୀ କଥା ସାମ୍ନାକୁ ଆସିଛି। ପୁଲିସ ଦେଇଥିବା ତଥ୍ୟ ଅନୁଯାୟୀ ଗଲା ୫ ମାସ ହେଲା ବଳଭଦ୍ର ମହାରଣା ଓରଫ ବଳିଆ ଏକା ରହୁଥିବା ୭୬ ବର୍ଷୀୟା କୁଞ୍ଜଲତା ନନ୍ଦଙ୍କ କେୟାରଟେକର ଭାବେ କାର୍ଯ୍ୟ କରୁଥିଲା। କୁଞ୍ଜଲତାଙ୍କ ବଡ଼ ପୁଅଙ୍କ ଘରେ ସହାୟକ ଭାବେ କାର୍ଯ୍ୟ କରୁଥିବା ବିଦ୍ୟାଧର ମହାରଣାଙ୍କ ସୁପାରିସ ଆଧାରରେ ବଳିଆକୁ ନିଯୁକ୍ତି ଦିଆଯାଇଥିଲା।

ଗତ ୪ ତାରିଖ ସକାଳେ ଭଡ଼ାରେ ରହୁଥିବା ଲୋକେ ଡାକ ପକାଇବା ସତ୍ତ୍ୱେ କୁଞ୍ଜଲତା ନନ୍ଦ ଘରର ଦ୍ୱାର ଖୋଲି ନଥିଲେ। ତେଣୁ କିଛି ଅଘଟଣ ଘଟିଥିବା ସନ୍ଦେହ କରି ସେମାନେ ଭୁବନେଶ୍ୱରରେ ରହୁଥିବା ତାଙ୍କ ଝିଅଙ୍କ ନିକଟକୁ ଫୋନ୍ କରିଥିଲେ। ଝିଅଜ୍ୱାଇଁ ଆସିବା ପରେ ପୁଲିସକୁ ଖବର ଦେଇଥିଲେ। ପୁଲିସ ଉପସ୍ଥିତିରେ ଘରର ଗ୍ରୀଲ୍ ଭଙ୍ଗା ଯାଇଥିଲା। ଘରେ ଡାଇନିଂ ଟେବଲ ନିକଟରେ କୁଞ୍ଜଲତା ପଡ଼ିଥିବା ଦେଖିବାକୁ ମିଳିଥିଲା। ତାଙ୍କୁ ସାଂଘାତିକ ଭାବେ ମାଡ଼ ମରାଯାଇଥିବା ଜଣାପଡ଼ିଥିଲା। ତାଙ୍କୁ ସଙ୍ଗେ ସଙ୍ଗେ କ୍ୟାପିଟାଲ ହସ୍‌ପିଟାଲ ନିଆଯାଇଥିଲା। ସେଠାରେ ତାଙ୍କୁ ମୃତ ଘୋଷଣା କରାଯାଇଥିଲା।

ବୋମାକୁ ରସଗୋଲା ଭାବି ଖାଇଦେଲା ଯୁବକ

ଭୋପାଳ, ୧୩/୧୧ (ଆଦ୍ୟାଶା) : ସାମ୍ନାକୁ ଆସିଛି ଅତ୍ୟନ୍ତ ଭୟଙ୍କର ଘଟଣା। ରସଗୋଲା ଭଳି ଦେଖାଯାଉଥିବା ଦେଶୀ ବୋମାକୁ ପାଟିରେ ପୂରେଇ ଦେବାରୁ ଜଣେ ୩୫ ବର୍ଷୀୟ ଯୁବକ ପ୍ରାଣ ହରାଇଛନ୍ତି। ବାସ୍ତବରେ ରସଗୋଲା ଭଳି ଦେଖାଯାଉଥିବା ଏହି ଦେଶୀ ବୋମାକୁ ବାରହା ଶିକାର ପାଇଁ ବ୍ୟବହାର କରାଯାଏ। କିନ୍ତୁ ୩୫ ବର୍ଷୀୟ ଯୁବକଙ୍କ ପାଟିରେ ଏହାକୁ ରସଗୋଲା କହି ତାଙ୍କର ଜଣେ ସାଙ୍ଗ ଭର୍ତ୍ତି କରି ଦେଇଥିଲେ। ଯୁବକ ଜଣଙ୍କ ମଧ୍ୟ ବୋମାକୁ ରସଗୋଲା ଭାବି ଦାନ୍ତରେ କାମୁଡ଼ି ଦେଇଥିଲେ। ଫଳରେ ପାଟି ଭିତରେ ହୋଇଥିଲା ଭୟଙ୍କର ବିସ୍ଫୋରଣ। ତାଙ୍କୁ ଗୁରୁତର ଅବସ୍ଥାରେ ଡିଣ୍ଡୋରି ଜିଲ୍ଲା ହସ୍ପିଟାଲ ନିଆ ଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦିନକ ପରେ ଶବକୁ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

ପୂର୍ବତନ ଡିସିପିଙ୍କ ୨.୭୮ କୋଟି ଟଙ୍କା ଜବତ



କୋଲକାତା, ୧୩/୧୧ (ଆଦ୍ୟାଶା) : ବଢ଼ିଲା କୋଲକାତାର ପୂର୍ବତନ ଡିସିପି ଶାନ୍ତନୁ ସିହ୍ନା ବିଶ୍ୱାସଙ୍କ ଅଡୁଆ। ଆଜି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ବା ଇଡି ପ୍ରାଥମିକ ଭାବେ ବିଶ୍ୱାସଙ୍କ ୨.୭୮ କୋଟି ଟଙ୍କାର ସମ୍ପତ୍ତି ଜବତ କରିଛି। କୋଲାକାତାର ପ୍ରଭାବଶାଳୀ ବ୍ୟକ୍ତି ସୋନା ପପୁଙ୍କ ସହ ଜଡ଼ିତ ଗୋଟିଏ ମନି ଲଣ୍ଡରିଂ ମାମଲା ଓ ଦୁର୍ନୀତି ଘଟଣାରେ ଇଡି ପକ୍ଷରୁ ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଅପରାଧ ସହ ଜଡ଼ିତ ଆୟରୁ ଏହି ସମ୍ପତ୍ତିଗୁଡ଼ିକ ହାସଲ କରାଯାଇଥିବା ଇଡି କହିଛି। ଜବତ ସମ୍ପତ୍ତିଗୁଡ଼ିକ ମଧ୍ୟରେ କୋଲକାତାରେ ୩ଟି ଫ୍ଲାଟ ଓ ମୁର୍ଶିଦାବାଦର କାଣ୍ଡିରେ ଗୋଟିଏ ପ୍ଲଟ ରହିଛି। ଏହି ସମ୍ପତ୍ତିଗୁଡ଼ିକ ବିଶ୍ୱାସ, ତାଙ୍କ ପରିବାର ଓ ସହଯୋଗୀଙ୍କ ନାଁରେ ରହିଥିଲା। ବେଙ୍ଗଲରେ ଟିଏମସି କ୍ଷମତାରେ ଥିବା ବେଳେ ବିଶ୍ୱାସ କୋଲକାତା ପୁଲିସ୍‌ର ଅନେକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱରେ ରହିଥିଲେ। କାଳୀଘାଟ ପୁଲିସ୍ ଷ୍ଟେସନର ଇନଚାର୍ଜ ଦାୟିତ୍ୱ ମଧ୍ୟ ତାଙ୍କୁ ମିଳିଥିଲା। ଏହି ପୁଲିସ୍ ଷ୍ଟେସନ ଅଧୀନରେ ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଘର ରହିଛି। ମମତା କ୍ଷମତାରୁ ଯିବା ପରେ ଜମି ହଡ଼ପ ଦୁର୍ନୀତିର ଫାଇଲ ଖୋଲିଥିଲା ଇଡି। ଏହାପରେ ବିଶ୍ୱାସଙ୍କୁ ଚଳିତ ବର୍ଷ ମା' ମାସରେ ଇଡି ମନି ଲଣ୍ଡରିଂ ମାମଲାରେ ଗିରଫ କରିଥିଲା। ଏବେ ସେ ଜେଲରେ ରହିଛନ୍ତି। ଇଡି ପକ୍ଷରୁ କୁହାଯାଇଛି ଯେ ବଟି ଆଦାୟ, ରିୟଲ ଇଷ୍ଟେଟର ସମ୍ପତ୍ତି ହଡ଼ପ ଓ ଅନାଧିକାରୀ ଭାବେ ବିଲଡିଂ ନିର୍ମାଣ ଭଳି ବେଆଇନ କାର୍ଯ୍ୟକଳାପ ଭଳି ଅପରାଧ ହୋଇଛି। ବିଶ୍ୱଜିତ ପୋଦାର ଓରଫ ସୋନା ପପୁ, ଜୟ ଏସ୍ କାମଦାର ଓ ସହଯୋଗୀମାନଙ୍କ ଦ୍ୱାରା ଏହି ଅପରାଧକୁ କାର୍ଯ୍ୟକାରୀ କରାଯାଇଥିଲା। ବିଶ୍ୱାସ ପୁଲିସ୍ ପଦବୀରେ ରହିଥିବା ବେଳେ ଏହାର ଅପବ୍ୟବହାର କରିଥିଲେ। ସେ ଘରୋଇ ସଂସ୍ଥା ଓ ବ୍ୟବସାୟୀଙ୍କ ଠାରୁ କୋଟି କୋଟି ଟଙ୍କା ନେଇ ସେମାନଙ୍କୁ ଆଇନଗତ ସୁବିଧା ଯୋଗାଇ ଦେଉଥିବା ଅଭିଯୋଗ ହୋଇଛି। କାଳୀଘାଟ ପୁଲିସ୍ ଦାୟିତ୍ୱରେ ଥିବା ବେଳେ ସେ ଜୟ ଏସ କାମଦାରଙ୍କ ଘନିଷ୍ଠ ହୋଇଥିଲେ। ଏହାପରେ ତାଙ୍କୁ ବେଆଇନ କାର୍ଯ୍ୟକଳାପ କରିବାକୁ ସୁଯୋଗ ଦେଇଥିଲେ। ବିଶ୍ୱାସଙ୍କ ଜରିଆରେ କାମଦାର ପୁଲିସ ପ୍ରତିଷ୍ଠାନରେ ନିଜର ଦବଦବା ଦେଖାଉଥିଲେ। ବିଶ୍ୱାସ ଉଭୟ ପରୋକ୍ଷ ଏବଂ ପ୍ରତ୍ୟେକ୍ଷ ଭାବେ ଅପରାଧିକ ଉତ୍ସରୁ ଅତିକମରେ ୨.୮୯ କୋଟି ଟଙ୍କା ହାସଲ କରିଥିବା ଇଡି ତା' ବିବୃତିରେ କହିଛି।

ADYASHA
ଆଦ୍ୟାଶା

ରାଜ୍ୟ

PRGI No. ORORI/25/A0506 | Daily Edition | adyashgroup.com

BHUBANESWAR | Vol. 02 | Issue 12 | ଶନିବାର, ୧୪ ନଭେମ୍ବର ୨୦୨୬ | ପୃଷ୍ଠା ୦୨ | Rs. 7

ଆଜିର ପ୍ରମୁଖ

PMFBYର ସଫଳ ରୂପାୟନ ପାଇଁ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ



ପୁରୀ: ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (PMFBY) ଅଧୀନରେ ଫସଲ କଟା ପରୀକ୍ଷଣ (CCE) ସମ୍ପର୍କିତ ଜିଲ୍ଲାସ୍ତରୀୟ ପୁନଃସତେଜନ ପ୍ରଶିକ୍ଷଣ ଶିବିର ଜିଲ୍ଲା ପରିଷଦ, ପୁରୀର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ବିଜୟାନନ୍ଦ ସେଠୀ ଏହି ପ୍ରଶିକ୍ଷଣ ଶିବିରକୁ ଉଦ୍‌ଘାଟନ କରିବା ସହ ଅଂଶଗ୍ରହଣକାରୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ସେ ଚାଷୀମାନଙ୍କ ସ୍ୱାର୍ଥ ସୁରକ୍ଷା ଓ ଫସଲ ବୀମା ଯୋଜନାର ସଫଳ ରୂପାୟନରେ ସଠିକ୍ ଫସଲ କଟା ପରୀକ୍ଷଣର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏଥିରେ ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ୟୁନିଟ୍ (DPMU), କୃଷି ଓ ରାଜସ୍ୱ ବିଭାଗର କ୍ଷେତ୍ର କର୍ମଚାରୀଙ୍କ ସମେତ ରାଜ୍ୟ ସମବାୟ ବିଭାଗ ଓ ORSACର ଅଧିକାରୀମାନେ ଯୋଗଦେଇଥିଲେ। DPMU, ପୁରୀର ଉପନିର୍ଦ୍ଦେଶକ ଦେବାଶିଷ ମହାପାତ୍ର ନିଜ ଅଭିଭାଷଣରେ PMFBY ଅଧୀନରେ CCEର ଗୁରୁତ୍ୱ ଏବଂ ଏହାର ଫଳାଫଳ ଚାଷୀମାନଙ୍କ ବୀମା ସୁବିଧା ଓ କ୍ଷତିପୂରଣ ନିର୍ଦ୍ଧାରଣରେ କିପରି ନିର୍ଣ୍ଣାୟକ ଭୂମିକା ଗ୍ରହଣ କରେ, ସେ ସମ୍ପର୍କରେ ବୁଝାଇଥିଲେ। ସମସ୍ତ ବକ୍ତା ନିଜ ନିଜ ଅଭିଭାଷଣରେ ଏହି ଯୋଜନା ରାଜ୍ୟର କୃଷକ ସମାଜ ପାଇଁ କେତେ ଗୁରୁତ୍ୱପୂର୍ଣ୍ଣ, ତାହା ଉଲ୍ଲେଖ କରିବା ସହ ଯୋଗ୍ୟ ଓ ପ୍ରକୃତ ହିତାଧିକାରୀ ଚାଷୀମାନେ ଯେପରି ନ୍ୟାୟସଙ୍ଗତ ଭାବେ ଏହାର ସୁଫଳ ପାଇପାରିବେ, ସେଥିପାଇଁ କ୍ଷେତ୍ରସ୍ତରୀୟ କର୍ମଚାରୀମାନେ ସର୍ବୋଚ୍ଚ ସଚ୍ଚୋଟତା, ନିଷ୍ଠା, ସ୍ୱଚ୍ଛତା ଓ ଦାୟିତ୍ୱବୋଧର ସହ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ପ୍ରଶିକ୍ଷଣ ଶିବିରରେ ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟର ସହକାରୀ ନିର୍ଦ୍ଦେଶକ ଶ୍ରୀ ରଙ୍କନିଧି ନାୟକ ଏବଂ DPMU, ପୁରୀର ସହକାରୀ ନିର୍ଦ୍ଦେଶିକା ଶ୍ରୀମତୀ ସଂଘମିତ୍ରା ମହାନ୍ତି RI, VAW ଓ ବ୍ଲକ୍ ପରିସଂଖ୍ୟାନ କର୍ମଚାରୀଙ୍କୁ CCEର ବୈଷୟିକ ଦିଗ, ଅନ୍‌ଲାଇନ୍ ପ୍ରକ୍ରିୟା ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ। ଡେଲାଙ୍ଗ ବ୍ଲକ୍‌ର ପରିସଂଖ୍ୟାନ ପର୍ଯ୍ୟବେକ୍ଷକ ଶ୍ରୀ ପ୍ରଶାନ୍ତ ମଲ୍ଲିକ CCE ଆପ୍‌ର ବ୍ୟବହାର ପ୍ରଦର୍ଶନ କରିଥିଲେ।ଶେଷରେ ଅତିଥି ଓ ପ୍ରଶିକ୍ଷକମାନଙ୍କୁ ଧନ୍ୟବାଦ ଅର୍ପଣ ସହ ପ୍ରଶିକ୍ଷଣ ଶିବିରର ପରିସମାପ୍ତି ଘୋଷଣା କରାଯାଇଥିଲା।ପୁରୀ ରୁ ଦୀପକ ପାତ୍ର ଆଦ୍ୟାଶା ଲାଇଭ

ପୁରୀ ପାଇଁ ଏକ ଗର୍ବର ମୁହୂର୍ତ୍ତ!

ପୁରୀ:(ଆଦ୍ୟାଶା ଲାଇଭ୍)/ନୀଳାଚଳ ଦାସ:ଦେଶର ସବୁଠାରୁ ପବିତ୍ର ଧାମ ତଥା ବିଶ୍ୱପ୍ରସିଦ୍ଧ ଶ୍ରୀକ୍ଷେତ୍ର ପୁରୀ ପାଇଁ ଆଜି ଏକ ଗୌରବବିମଣ୍ଡିତ ଏବଂ ଇତିହାସ ସୃଷ୍ଟିକାରୀ ମୁହୂର୍ତ୍ତ ଆସିଛି। ଆଜି ପ୍ରକାଶ ପାଇଥିବା ଦଶମ 'ସ୍ୱଚ୍ଛ ସର୍ବେକ୍ଷଣ ପୁରସ୍କାର ୨୦୨୫-୨୬'ରେ ପୁରୀ ମହାନଗର ନିଗମ (ପୁରୀ ପୌରପାଳିକା) ସମଗ୍ର ଭାରତବର୍ଷରେ 'ସ୍ୱଚ୍ଛ ଉପକୂଳ ସହର' ବର୍ଗରେ ପ୍ରଥମ ସ୍ଥାନ ହାସଲ କରି ସମଗ୍ର ଓଡ଼ିଶାବାସୀଙ୍କୁ ଗର୍ବିତ କରିଛି। ଦେଶର ରାଜଧାନୀରେ ଆୟୋଜିତ ଏକ ଭବ୍ୟ ସମାରୋହରେ ଭାରତର ମାନ୍ୟବର ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ପୁରୀ ମହାନଗର ନିଗମର ପ୍ରତିନିଧିମାନଙ୍କୁ ଏହି ଅତ୍ୟନ୍ତ ସମ୍ମାନଜନକ ଜାତୀୟ ପୁରସ୍କାର ପ୍ରଦାନ କରିଛନ୍ତି। ପ୍ରତିଦିନ ଦେଶବିଦେଶରୁ ହଜାର ହଜାର ସଂଖ୍ୟାରେ ଭକ୍ତ, ପର୍ଯ୍ୟଟକ ଓ ଶ୍ରଦ୍ଧାଳୁମାନେ ପୁରୀକୁ ଆସୁଥିବାରୁ ଏଠାରେ ବର୍ଜ୍ୟବସ୍ତୁ ପରିଚାଳନା ଏବଂ ସଫେଇ ବ୍ୟବସ୍ଥାକୁ ସୁରକ୍ଷିତ ରଖିବା ଏକ ବଡ଼ ଚ୍ୟାଲେଞ୍ଜ ଥିଲା। ମାତ୍ର ଜିଲ୍ଲା ପ୍ରଶାସନ, ପୌରପାଳିକା କର୍ତ୍ତୃପକ୍ଷ ଏବଂ ସାଧାରଣ ଜନତାଙ୍କ ମିଳିତ ପ୍ରୟାସ ଏବଂ ଦୃଢ଼ ଇଚ୍ଛାଶକ୍ତି ବଳରେ ପୁରୀ ଆଜି ଜାତୀୟ ସ୍ତରରେ ଶ୍ରେଷ୍ଠ ବିବେଚିତ ହୋଇପାରିଛି। ଏହି ସଫଳତା ପଛରେ ରହିଛି ପୁରୀର ଅକ୍ଳାନ୍ତ ପରିଶ୍ରମୀ ସଫେଇ ମିତ୍ର ଏବଂ ପୌରପାଳିକା କର୍ମଚାରୀମାନଙ୍କର ନିଷ୍ଠାପର ଉଦ୍ୟମ, ଯେଉଁମାନେ ଦିନରାତି ଏକ କରି ସହରକୁ ପରିଷ୍କାର ଓ ପରିଚ୍ଛନ୍ନ ରଖିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ସେହିପରି ସହରର ବ୍ୟବସାୟୀ, ହୋଟେଲ ମାଲିକ, ବେଳାଭୂମି ବ୍ୟବସାୟୀ ଏବଂ ସାଧାରଣ ନାଗରିକମାନେ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ହ୍ରାସ କରିବା, ନିୟମିତ ଅଳ୍ପ ଆବର୍ଜନା ପରିଚାଳନା ଏବଂ ସହରକୁ ସ୍ୱଚ୍ଛ ରଖିବାରେ ଯେପରି ସକ୍ରିୟ ଅଂଶଗ୍ରହଣ କରିଛନ୍ତି, ତାହା ଏହି ଗୌରବ ଆଣିଦେବାରେ ସବୁଠାରୁ ବଡ଼ ସହାୟକ ହୋଇଛି। ଏହି ଜାତୀୟ ସ୍ୱୀକୃତି କେବଳ ପୁରୀ ପୌରପାଳିକା ନୁହେଁ, ବରଂ ସମଗ୍ର ଓଡ଼ିଶାର ସ୍ୱଚ୍ଛତା ଓ ସାମୂହିକ ପ୍ରୟାସର ଏକ ପ୍ରକୃତ ପ୍ରତିଫଳନ ଅଟେ। ଆଗାମୀ ଦିନରେ ଏହି ଧାରାକୁ ବଜାୟ ରଖିବା ସହିତ ପୁରୀକୁ ଏକ ସୁନ୍ଦର, ସ୍ୱଚ୍ଛ ଓ ଆଦର୍ଶ ତୀର୍ଥକ୍ଷେତ୍ର ଭାବେ ବିଶ୍ୱସ୍ତରରେ ଆହୁରି ଆଗକୁ ନେବାକୁ ସଂକଳ୍ପ ନିଆଯାଇଛି। ପୁରୀର ଏହି ବିରଳ ସଫଳତା ପାଇଁ ସମଗ୍ର ରାଜ୍ୟରେ ଏବେ ଖୁସିର ଲହରୀ ଖେଳିଯାଇଥିବାବେଳେ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।



ପୁରୀ ଜିଲ୍ଲା ସ୍ତରୀୟ ଯୁବ ଉତ୍ସବ ଉଦଯାପିତ।



ପୁରୀ:୧୨/୧୧:ଜିଲ୍ଲା ପ୍ରଶାସନ କ୍ରୀଡା ବିଭାଗ ପକ୍ଷରୁ ଆୟୋଜିତ ପୁରୀ ଜିଲ୍ଲା ସ୍ତରୀୟ ଯୁବ ଉତ୍ସବ ଆଜି ଅପରାହ୍ନ ରେ ଜିଲ୍ଲା ସଂସ୍କୃତି ଭବନ ଠାରେ ଉଦଘାଟିତ ହୋଇଥିଲା।ସୂଚନା ଓ ଲୋକ ସମ୍ପର୍କ ଯୁଗ୍ମ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଯୁବବର୍ଗଙ୍କ ମଧ୍ୟରେ ଲୁକ୍କାୟିତ ପ୍ରତିଭାର ଉନ୍ମେଷ ପାଇଁ ଏହା ଏକ ସୁନ୍ଦର ପଦକ୍ଷେପ।ନିଜର ପ୍ରତିଭା ର ପ୍ରଦର୍ଶନ କରି, ସାଧନା ଓ ନିଷ୍ଠା ବଳରେ ନିଜର ଲକ୍ଷ୍ୟ ହାସଲ ପାଇଁ ସେ ଆହ୍ୱାନ ଦେଇଥିଲେ।ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ ଓ ମାଇଁ ଭାରତ ପୁରୀ ଜିଲ୍ଲା ଯୁବ ଅଧିକାରୀ ସୁଶ୍ରୀ ସଂଗୀତା ମହାପାତ୍ର ପ୍ରମୁଖ ଯୋଗ ଦେଇ ଯୁବବର୍ଗ ଙ୍କ ଉତଥାନ ଓ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଶେଷରେ ନୁକ୍କଡ ନାଟକ ପ୍ରତିଯୋଗିତାରେ ପ୍ରଥମ ହୋଇଥିବା ନିମାପଡା ର ନୟା ସବେରା ଅନୁଷ୍ଠାନ,ଦ୍ୱିତୀୟ ସତ୍ୟବାଦୀ ଓଡ଼ିଆ ବିଶ୍ୱ ବିଦ୍ୟାଳୟ ଓ ତୃତୀୟ ପୁରୀ ମହାନଗର ନିଗମ ର ଯୁବ କଳାକାର ମାନ ଙ୍କୁ, ଚିତ୍ରାଙ୍କନ ରେ କାକଟପୁର ବ୍ଲକର ଅର୍ଜ୍ଜୁନ କୁମାର କାଣ୍ଡି, ପୁରୀ ମହାନଗର ନିଗମର ସ୍ୱସ୍ତିକ ରଞ୍ଜନ ସାହୁ ଓ ଡେଲାଙ୍ଗର ଅମ୍ଳାନ ସ୍ୱାଇଁ ଙ୍କୁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପୁରସ୍କାର ଅତିଥି ମାନେ ପ୍ରଦାନ କରିଥିଲେ।ସେହିପରି ବିଚାରକ ଥିବା ସର୍ବଶ୍ରୀ ଗୋବିନ୍ଦ ପାଲ,ବଦ୍ରି ମିଶ୍ର, ଡ ଦୁର୍ଗା ମାଧବ କର,ନୃସିଂହ ନାଥ ନାୟକ, କେଶବ ନାୟକ ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାକୁ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଉଦଘାଟନ କରିବା ସହ ଯୁବବର୍ଗ ଙ୍କ ପ୍ରତିଭାର ଉନ୍ମେଷ ଦିଗରେ ଏହା ଏକ ସୁନ୍ଦର ପଦକ୍ଷେପ ବୋଲି କହିଥିଲେ।ପ୍ରତ୍ୟେକ ପିଲା ମଧ୍ୟରେ କିଛି ନା କିଛି ପ୍ରତିଭା ରହିଛି।ଏହାର ପରିପ୍ରକାଶ ପାଇଁ ଏହିଭଳି ପ୍ଲାଟଫର୍ମ ଉପଯୋଗୀ ସାବ୍ୟସ୍ତ ହୋଇଥାଏ।ପିଲା ଉପରେ ବାପା ମା ଅଯଥା ଚାପ ନ ଦେଇ ତା ଆଗ୍ରହ ର ଶିକ୍ଷା ଦିଗରେ ସହାୟକ ହେଲେ ତାହା ଅଧିକ ଫଳପ୍ରଦ ହେବ ବୋଲି ସେ କହିଥିଲେ।ଅନ୍ୟତମ ଅତିଥି ଭାବେ ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା ଯୁବ ଉତ୍ସବ ମାଧ୍ୟମରେ ଯୁବବର୍ଗ ଙ୍କ ସ୍ୱପ୍ନ ଓ ଇଛା କୁ ପୂର୍ଣ୍ଣ କରିବାର ସୁଯୋଗ ରହିଥାଏ।ଆଜି ବିଭିନ୍ନ ବ୍ଲକ ଓ ସହରାଞ୍ଚଳ ରୁ ଚୟନ ହୋଇ ଆସିଥିବା ପ୍ରତିଯୋଗୀ ମାନଙ୍କ ମଧ୍ୟରେ ପ୍ରତିଯୋଗିତା ହୋଇ ଶ୍ରେଷ୍ଠ ପ୍ରତିଯୋଗୀ ଙ୍କୁ ରାଜ୍ୟ ସ୍ତରକୁ ପ୍ରେରଣ କରାଯିବ।ତେଣୁ ସମସ୍ତ ପ୍ରତିଯୋଗୀ ଯେ କୌଣସି ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରଦର୍ଶନ ପ୍ରଦାନ କରିବାକୁ ସେ ଆହ୍ୱାନ ଦେଇଥିଲେ।କାର୍ଯ୍ୟକ୍ରମକୁ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ପରିଚାଳନା କରିଥିବା ବେଳେ ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ ସମସ୍ତଙ୍କୁ ସ୍ୱାଗତ ଓ ଯୁବ ଉତ୍ସବ ର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ।କାର୍ଯ୍ୟକ୍ରମ ରେ ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ଏନଏସଏସ ଅଫିସର ଗୋଲକ ବିହାରୀ ପଲେଇ ପ୍ରମୁଖ ଯୋଗ ଦେଇଥିଲେ।ବିଭିନ୍ନ ପ୍ରତିଯୋଗିତା ଆୟୋଜନ ପରେ ଅପରାହ୍ନ ରେ ପୁରସ୍କାର ପ୍ରଦାନ କରାଯାଇଥିଲା।କବିତା ରଚନା ରେ ପୁରୀ ମୁନିସିପାଲଟି ର ଆର୍ଯ୍ୟମାନ କର ପ୍ରଥମ,ପିପିଲି ଏନଏସିର ସ୍ୱର୍ଣ୍ଣ ଲତା ନାୟକ ଦ୍ୱିତୀୟ, ସତ୍ୟବାଦୀ ବ୍ଲକର ବବିତା ବାରିକ ତୃତୀୟ, ଗଳ୍ପ ରଚନା ରେ କୋଣାର୍କ ଏନଏସିର ବୈଶାଖୀ ପ୍ରସାଦ ପ୍ରଥମ, ପୁରୀ ମୁନିସିପାଲଟି ର ଚିନ୍ମୟୀ ପଣ୍ଡା ଦ୍ୱିତୀୟ, ସତ୍ୟବାଦୀ ବ୍ଲକ ର ବିଶ୍ୱ ସାହୁ, ବକ୍ତୃତା ରେ ବ୍ରହ୍ମଗିରି ବ୍ଲକ ର ଅକ୍ଷୟ ପରିଡା ପ୍ରଥମ, ସତ୍ୟବାଦୀ ବ୍ଲକ ର ଅନ୍ନପୂର୍ଣ୍ଣା ରଥ,ପିପିଲି ବ୍ଲକ ର ଜସ୍ମିନ ନୂର ଆଞ୍ଚଲ ତୃତୀୟ, ଚିତ୍ରାଙ୍କନ ରେ ପୁରୀ ମୁନିସିପାଲଟି ର ଅଭୟ ପଣ୍ଡା ପ୍ରଥମ, ବ୍ରହ୍ମଗିରି ବ୍ଲକ ର ଦେବଦତ୍ତ ଲେଙ୍କା ଦ୍ୱିତୀୟ, ଓ ସତ୍ୟବାଦୀ ବ୍ଲକର ସାଇ ପ୍ରସାଦ ପଟ୍ଟନାୟକ ତୃତୀୟ, ବିଜ୍ଞାନ ପ୍ରଦର୍ଶନୀ ରେ ବ୍ରହ୍ମଗିରି ବ୍ଲକର ଅଭିପ୍ସା ମହାପାତ୍ର ପ୍ରଥମ,ପିପିଲି ଏନଏସିର ସେକ ରିଜୱାନ ଦ୍ୱିତୀୟ, ନିମାପଡା ଏନଏସିର ଶ୍ରୀକାନ୍ତ ଜେନା ତୃତୀୟ, ଲୋକ ସଂଗୀତ ରେ ପିପିଲି ଏନଏସିର ପିୟୁଷ ଦାସ ଓ ସାଥି ପ୍ରଥମ, ସତ୍ୟବାଦୀ ବ୍ଲକ ର ସତ୍ୟରଞ୍ଜନ ଦାଶ ଓ ସାଥି ଦ୍ୱିତୀୟ, ବ୍ରହ୍ମଗିରି ବ୍ଲକର ଅଂଶୁମାନ ମହାନ୍ତି ଓ ସାଥି ତୃତୀୟ ଏବଂ ଲୋକ ନୃତ୍ୟ ରେ ପୁରୀ ସଦର ବ୍ଲକର ବର୍ଷା ପି ମହାରଣା ଓ ସାଥି ପ୍ରଥମ, ପୁରୀ ମୁନିସିପାଲଟି ର ସିପ୍ରା ମିଶ୍ର ଓ ସାଥି ଦ୍ୱିତୀୟ ଓ ଡେଲାଙ୍ଗ ବ୍ଲକ ର ମୌସୁମୀ ବେହେରା ଓ ସାଥି ତୃତୀୟ ସ୍ଥାନ ହାସଲ କରିଥିଲେ। ସମସ୍ତ ବିଜେତା ଦଳକୁ ଟ୍ରଫି, ନଗଦ ଅର୍ଥ ରାଶି ଓ ସାର୍ଟିଫିକେଟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲ୍ଲାର ପ୍ରଥମ ହୋଇଥିବା ଦଳ ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ଓ ରାଜ୍ୟର ଶ୍ରେଷ୍ଠ ଦଳ ଜାତୀୟ ସ୍ତର ପାଇଁ ଯୋଗ୍ୟ ହେବେ ବୋଲି ଜିଲ୍ଲା କ୍ରିଡା ଅଧିକାରୀ ସୂଚନା ଦେଇଛନ୍ତି।ପୁରୀ ରୁ ନୀଳାଚଳ ଦାସ ଆଦ୍ୟାଶା ଲାଇଭ

ବାର୍ଦ୍ଧକ୍ୟ ଭତ୍ତା ବଣ୍ଟନ ସମାରୋହ ଓ ସଚେତନତା ରଥ ଶୁଭ ଉଦଘାଟନ ଏକୀକୃତ ପେନ୍‌ସନ୍ ପୋର୍ଟାଲ୍ ଜରିଆରେ ସ୍ୱଚ୍ଛତା ଓ ତ୍ୱରିତ ସେବା



ପୁରୀ:୧୩ /୧୧: ଆଜି ପୂର୍ବାହ୍ନରେ ପୁରୀ ଟାଉନ ହଲ ଠାରେ ବାର୍ଦ୍ଧକ୍ୟ ଭତ୍ତା ବଣ୍ଟନ ନେଇ ଏକ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମାନ୍ୟବର ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗଦେଇ ନୂତନ ହିତାଧିକାରୀମାନଙ୍କୁ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରିଥିଲେ ଏବଂ ସରକାରୀ ଯୋଜନା ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ପାଇଁ ଏକ ସଚେତନତା ରଥର ଶୁଭ ଉଦଘାଟନ କରିଥିଲେ। ଏକୀକୃତ ପେନ୍‌ସନ୍ ପରିଚାଳନା ପୋର୍ଟାଲ୍ (UPMP) ଏବଂ ମଧୁବାବୁ ପେନ୍‌ସନ୍ ଯୋଜନା (MBPY)ର ମୂଳ ଉଦ୍ଦେଶ୍ୟ ଏହି ଅବସରରେ ଏକୀକୃତ ପେନ୍‌ସନ୍ ପରିଚାଳନା ପୋର୍ଟାଲ୍ (UPMP)ର ଶୁଭାରମ୍ଭ ଏବଂ ମଧୁବାବୁ ପେନ୍‌ସନ୍ ଯୋଜନା (MBPY)ର ସାଚୁରେସନ୍ ମୋଡ୍‌ରେ ପେନ୍‌ସନ୍ ବଣ୍ଟନର ମୂଳ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରାଯାଇଥିଲା। ସମାଜର ବରିଷ୍ଠ ନାଗରିକ, ବିଧବା, ଦିବ୍ୟାଙ୍ଗ ଏବଂ ଅନ୍ୟାନ୍ୟ ଯୋଗ୍ୟ ବ୍ୟକ୍ତିମାନଙ୍କୁ ଆର୍ଥିକ ସୁରକ୍ଷା ଓ ସମ୍ମାନଜନକ ଜୀବନ ପ୍ରଦାନ କରିବା ଏହାର ମୁଖ୍ୟ ଲକ୍ଷ୍ୟ। ଏହି ଲକ୍ଷ୍ୟକୁ ଆଗରେ ରଖି UPMP ଏକକ ଡିଜିଟାଲ୍ ପ୍ଲାଟଫର୍ମ ଭାବେ କାର୍ଯ୍ୟ କରିବ, ଯାହାଦ୍ୱାରା ପେନ୍‌ସନ୍ ଯୋଜନାର ପରିଚାଳନା, ହିତାଧିକାରୀଙ୍କ ତଥ୍ୟ ପରିଚାଳନା ଏବଂ ପେନ୍‌ସନ୍ ବଣ୍ଟନ ବ୍ୟବସ୍ଥା ଅଧିକ ସ୍ୱଚ୍ଛ, ସରଳ ଓ ସୁବ୍ୟବସ୍ଥିତ ହୋଇପାରିବ। ଏହି ନୂତନ ବ୍ୟବସ୍ଥା ଦ୍ୱାରା ଆବେଦନର ଯାଞ୍ଚ, ଅନୁମୋଦନ ଏବଂ ପେନ୍‌ସନ୍ ପ୍ରଦାନ ପ୍ରକ୍ରିୟା ତ୍ୱରିତ ହେବ ଏବଂ ହିତାଧିକାରୀମାନେ ଠିକ୍ ସମୟରେ ସାମାଜିକ ସୁରକ୍ଷାର ସୁଫଳ ପାଇପାରିବେ। କାର୍ଯ୍ୟକ୍ରମରେ ମାନ୍ୟବର ଉପମୁଖ୍ୟମନ୍ତ୍ରୀ କହିଥିଲେ ଯେ, ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନିଷ୍ପତ୍ତି ଅନୁଯାୟୀ ସମଗ୍ର ରାଜ୍ୟରେ ୫ ଲକ୍ଷ ୫ ହଜାର ୮୦୦ ଜଣ ନୂତନ ହିତାଧିକାରୀଙ୍କୁ ବାର୍ଦ୍ଧକ୍ୟ ଭତ୍ତା ଯୋଜନାରେ ସାମିଲ କରାଯାଇଛି। କେବଳ ପୁରୀ ଜିଲ୍ଲାରେ ସମୁଦାୟ ୨୯,୪୨୬ ଜଣ ନୂତନ ହିତାଧିକାରୀଙ୍କୁ ନଭେମ୍ବର ମାସରେ ଅକ୍ଟୋବର ଓ ନଭେମ୍ବର—ଉଭୟ ମାସର ବାର୍ଦ୍ଧକ୍ୟ ଭତ୍ତା ଏକାଠି ପ୍ରଦାନ କରାଯାଉଛି। ଏଥିସହିତ ଆସନ୍ତା ଡିସେମ୍ବର ୧୫ ତାରିଖରୁ ସମସ୍ତ ପୁରଣା ଓ ନୂତନ ହିତାଧିକାରୀମାନେ ନିୟମିତ ଭାବେ ପ୍ରତି ମାସର ୧୫ ତାରିଖରେ ଭତ୍ତା ପାଇବେ। ବ୍ୟାଙ୍କ ସମସ୍ୟାର ସମାଧାନ ଏବଂ ସ୍ୱୟଂଚାଳିତ ବର୍ଦ୍ଧିତ ଭତ୍ତା ବ୍ୟବସ୍ଥା ବ୍ୟାଙ୍କ ଆକାଉଣ୍ଟ ସମସ୍ୟା ଦୂର କରିବା ପାଇଁ ରାଜ୍ୟ ସରକାରଙ୍କ ଭାଗ ଟଙ୍କା ନଗଦ ଆକାରରେ ଆସନ୍ତା ନଭେମ୍ବର ୨୫ ତାରିଖରେ ଗ୍ରାମପଞ୍ଚାୟତ କିମ୍ବା ବ୍ଲକ ଅଫିସରୁ ପ୍ରଦାନ କରାଯିବ, ଯେତେବେଳେ କି କେନ୍ଦ୍ର ସରକାରଙ୍କ ଭାଗ ପୂର୍ବଭଳି ବ୍ୟାଙ୍କ ଖାତାକୁ ଯିବ। ସେହିପରି ହିତାଧିକାରୀଙ୍କୁ ୮୦ ବର୍ଷ ବୟସ ପୂର୍ଣ୍ଣ ହେଲେ ବର୍ଦ୍ଧିତ ଭତ୍ତା ପାଇଁ ଆଉ କୌଣସି ଆବେଦନ କରିବାକୁ ପଡ଼ିବ ନାହିଁ, ବରଂ ୮୦ ବର୍ଷ ହେବାର ପରମାସରୁ ସ୍ୱୟଂଚାଳିତ ଭାବେ ବର୍ଦ୍ଧିତ ଭତ୍ତା ମିଳିବ। ଏହି କାର୍ଯ୍ୟକ୍ରମରେ ସତ୍ୟବାଦୀ ବିଧାୟକ ଶ୍ରୀ ଓମ୍ ପ୍ରକାଶ ମିଶ୍ର ଯୋଗଦେଇ କହିଥିଲେ ଯେ, "ରାଜ୍ୟ ସରକାରଙ୍କ ଏହି ସ୍ୱଚ୍ଛ ଓ ତ୍ୱରିତ ପଦକ୍ଷେପ ଦ୍ୱାରା ବରିଷ୍ଠ ନାଗରିକମାନେ କୌଣସି ଅସୁବିଧାର ସମ୍ମୁଖୀନ ନ ହୋଇ ସମ୍ମାନର ସହ ଜୀବନଯାପନ କରିପାରିବେ।" ସେହିପରି ପିପିଲି ବିଧାୟକ ଶ୍ରୀ ଆଶ୍ରିତ ପଟ୍ଟନାୟକ କହିଥିଲେ ଯେ, "ସମାଜର ଶେଷ ଧାଡ଼ିରେ ଥିବା ପ୍ରତ୍ୟେକ ଯୋଗ୍ୟ ବ୍ୟକ୍ତିଙ୍କ ପାଖରେ ସରକାରୀ ସହାୟତା ପହଞ୍ଚାଇବା ଆମର ମୁଖ୍ୟ ପ୍ରତିବଦ୍ଧତା।" କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ଜିଲ୍ଲାପାଳ ଶ୍ରୀ ଶରତ ଚନ୍ଦ୍ର ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଶ୍ରୀ ବିଜୟାନନ୍ଦ ସେଠି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସମାରୋହରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରିଣୀ ଶ୍ରୀମତୀ ନମିତା ଚାନ୍ଦଙ୍କ ସମେତ ପୁରୀ ଜିଲ୍ଲାର ଅନ୍ୟାନ୍ୟ ଲୋକପ୍ରତିନିଧିଗଣ, ପ୍ରଶାସନିକ ଅଧିକାରୀବୃନ୍ଦ, ଗଣମାଧ୍ୟମର ପ୍ରତିନିଧିବୃନ୍ଦ ଏବଂ ବହୁସଂଖ୍ୟାରେ ହିତାଧିକାରୀମାନେ ଉପସ୍ଥିତ ଥିଲେ।ପୁରୀ ରୁ ନୀଳାଚଳ ଦାସ ଆଦ୍ୟାଶା ଲାଇଭ

ଜିଲ୍ଲାରୁ ସିଧା ରିପୋର୍ଟ

ପୁରୀରେ ହେବ ବଡ଼ କୋଷ୍ଟାଲ ମାରାଥନ୍, ପୁରସ୍କାର ୧ କୋଟି ଟଙ୍କା

ପୁରୀ:(ଆଦ୍ୟାଶା ଲାଇଭ୍)/ଦୀପକ ପାତ୍ର:ଓଡ଼ିଶା ପର୍ଯ୍ୟଟନ ବିଭାଗ ଏବଂ ଓଡ଼ିଶା ମାଇନିଂ କର୍ପୋରେସନ୍ (ଓଏମ୍‌ସି)ର ମିଳିତ ପ୍ରୟାସରେ ଆସନ୍ତା ଡିସେମ୍ବର ୧୩ ତାରିଖରେ ଧର୍ମକ୍ଷେତ୍ର ପୁରୀଠାରେ ପ୍ରଥମ ଥର ପାଇଁ ଅନୁଷ୍ଠିତ ହେବାକୁ ଯାଉଛି ବହୁ ପ୍ରତିକ୍ଷୀତ 'ଓଏମ୍‌ସି ପୁରୀ କୋଷ୍ଟାଲ ମାରାଥନ୍' ଏହା କେବଳ ଏକ ସାଧାରଣ ଦୌଡ଼ ପ୍ରତିଯୋଗିତା ନୁହେଁ, ବରଂ ଓଡ଼ିଶାର ସମୃଦ୍ଧ ସଂସ୍କୃତି, ବିଶ୍ୱପ୍ରସିଦ୍ଧ ଶ୍ରୀମନ୍ଦିରର ପବିତ୍ରତା, ସମୁଦ୍ରର ଅପରୂପ ସୌନ୍ଦର୍ଯ୍ୟ ଏବଂ ଓଡ଼ିଆ ଜାତିର ଅତିଥ୍ୟ ସତ୍କାରକୁ ସାରା ବିଶ୍ୱ ଆଗରେ ପ୍ରଦର୍ଶନ କରିବାର ଏକ ବଡ଼ ସୁଯୋଗ ସୃଷ୍ଟି କରିଛି। ଭାରତବର୍ଷରେ ପ୍ରଥମଥର ପାଇଁ ଏଭଳି ଏକ ଅନନ୍ୟ 'ରୋଡ୍-ପ୍ଲସ୍-ସ୍ୟାଣ୍ଡ୍' ମାରାଥନ୍ ଆୟୋଜନ କରାଯାଉଥିବାରୁ ଦେଶବିଦେଶର କ୍ରୀଡ଼ାପ୍ରେମୀ ଓ ଧାବକମାନଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଛି। ଏହି ଆନ୍ତର୍ଜାତୀୟ ମାନର ମାରାଥନ୍‌ରେ ୪ଟି ମୁଖ୍ୟ ବର୍ଗରେ ପ୍ରତିଯୋଗିତା ଅନୁଷ୍ଠିତ ହେବ। ସେଗୁଡ଼ିକ ହେଲା— ୪୨.୧୯୫ କିମିର ଫୁଲ୍ ମାରାଥନ୍, ୨୧.୦୯୭ କିମିର ହାଫ୍ ମାରାଥନ୍, ୧୦ କିମି ଦୌଡ଼ ଏବଂ ୫ କିମିର ଫନ୍ ରନ୍। ଛୋଟ ପିଲାଙ୍କଠାରୁ ଆରମ୍ଭ କରି ଯୁବବର୍ଗ ଏବଂ ବରିଷ୍ଠ ନାଗରିକମାନେ ମଧ୍ୟ ଏଥିରେ ସ୍ୱେଚ୍ଛାକୃତ ଭାବେ ଅଂଶଗ୍ରହଣ କରିପାରିବେ। ଏହି ମାରାଥନ୍‌ର ସବୁଠାରୁ ବଡ଼ ଆକର୍ଷଣ ହେଉଛି ଏହାର ମୋଟ ୧ କୋଟି ଟଙ୍କାର ବିଶାଳ ପୁରସ୍କାର ରାଶି, ଯାହାକି ଓଡ଼ିଶାର କ୍ରୀଡ଼ା ଇତିହାସରେ ଏଯାବତ୍ ସର୍ବାଧିକ ବୋଲି ଜଣାପଡ଼ିଛି। ଅନ୍ତର୍ଜାତୀୟ ଏଲିଟ୍, ଇଣ୍ଡିଆନ୍ ଏଲିଟ୍ ଏବଂ ବିଭିନ୍ନ ବୟସ୍କ ବର୍ଗର ବିଜେତାମାନଙ୍କୁ ଏହି ଆକର୍ଷଣୀୟ ପୁରସ୍କାର ପ୍ରଦାନ କରାଯିବ। ପୁରୀର ପ୍ରସିଦ୍ଧ ବ୍ଲୁ ଫ୍ଲାଗ୍ ବିଚ୍ ପୁରୀ-କୋଣାର୍କ ମେରାଇନ୍ ଡ୍ରାଇଭ୍, ନୂଆନଈ ନଦୀର ସୁନ୍ଦର ପୋଲ ଏବଂ ସ୍ଥାନୀୟ ବନ୍ୟପ୍ରାଣୀ ଅଭୟାରଣ୍ୟ ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ଦେଇ ଏହି ରୁଟ୍ ପ୍ରସ୍ତୁତ କରାଯାଇଛି। ସମୁଦ୍ର କୂଳର ବାଲି ରାସ୍ତାରେ ସ୍ୱତନ୍ତ୍ର ୫ କିମିର ଡାଏନ୍ ସାମିଲ ରହିଥିବାରୁ ଏହା ଧାବକମାନଙ୍କ ପାଇଁ ଏକ ରୋମାଞ୍ଚକର ଓ ଚ୍ୟାଲେଞ୍ଜିଂ ଅଭିଜ୍ଞତା ଆଣିବ। ସକାଳର ପ୍ରଥମ ସୂର୍ଯ୍ୟୋଦୟ, ମହୋଦଧିର ଶୀତଳ ପବନ ଏବଂ ହଜାର ହଜାର ଲୋକଙ୍କ ସମବେତ ଉତ୍ସାହ ଏହି ମାରାଥନ୍ ପରିବେଶକୁ ଅତ୍ୟନ୍ତ ମନୋମୁଗ୍ଧକର କରିବ। ପର୍ଯ୍ୟଟନ ବିଭାଗର ମତାନୁସାରେ, ଏହି ମହତ୍ତ୍ୱପୂର୍ଣ୍ଣ ଆୟୋଜନ ଜରିଆରେ ପୁରୀକୁ ଆହୁରି ଅଧିକ ବିଶ୍ୱସ୍ତରୀୟ ପର୍ଯ୍ୟଟନ ଏବଂ କ୍ରୀଡ଼ା ହବ୍ ଭାବେ ପରିଚିତ କରାଯିବ। ଏହାଦ୍ୱାରା ପୁରୀର ହୋଟେଲ୍ ବ୍ୟବସାୟ, ପରିବହନ, ସ୍ଥାନୀୟ ଦୋକାନୀ, ଅଟୋଚାଳକ ଏବଂ ବ୍ୟବସାୟୀମାନେ ବ୍ୟାପକ ଭାବେ ଉପକୃତ ହେବେ ଏବଂ ଅଞ୍ଚଳରେ ନୂତନ ରୋଜଗାରର ସୁଯୋଗ ସୃଷ୍ଟି ହେବ। ମନ୍ଦିର ଓ ସମୁଦ୍ର ବ୍ୟତୀତ ପୁରୀ ଏବେ ସ୍ୱାସ୍ଥ୍ୟ, ଫିଟ୍‌ନେସ୍ ଏବଂ ସାମାଜିକ ଜୀବନଶୈଳୀର ପ୍ରତୀକ ଭାବେ ବିଶ୍ୱ ଦରବାରରେ ପରିଚୟ ଲାଭ କରିବ। ମାରାଥନ୍‌କୁ ସଫଳ କରିବା ପାଇଁ ସ୍ଥାନୀୟ ଯୁବକ ଓ କ୍ରୀଡ଼ାପ୍ରେମୀମାନେ ଏବେଠାରୁ ବେଳାଭୂମିରେ କଠିନ ଅଭ୍ୟାସ ଜାରି ରଖିଛନ୍ତି। ଦେଶର ବିଶିଷ୍ଟ ତାରକା ଓ କ୍ରୀଡ଼ାବିତ୍‌ମାନେ ମଧ୍ୟ ଏହି ମହାନ ଅଭିଯାନକୁ ସମର୍ଥନ ଜଣାଇଛନ୍ତି। ତେଣୁ ଆପଣ ବି ଏହି ଐତିହାସିକ କ୍ଷଣର ସାଥୀ ହୁଅନ୍ତୁ ଏବଂ ନିଜର ନାଁ ପଞ୍ଜୀକରଣ କରି ପୁରୀର ବେଳାଭୂମିରେ ଦୌଡ଼ିବାର ଏକ ଅଭୁଲା ଅଭିଜ୍ଞତା ହାସଲ କରନ୍ତୁ।



କୁଶଭଦ୍ରା ନଦୀରେ ଅଘଟଣ! ଦଶାହ କ୍ରିୟା କରିବାକୁ ଯାଇ ବୁଡ଼ିଗଲେ ମହିଳା, ମୃତ ଘୋଷଣା କଲେ ଡାକ୍ତର



ଗୋପ: ପୁରୀ ଜିଲ୍ଲା ଗୋପ ବ୍ଲକ୍ ଅନ୍ତର୍ଗତ ବାଣିଆସାହି ନିକଟସ୍ଥ କୁଶଭଦ୍ରା ନଦୀରେ ଘଟିଛି ଏକ ଦୁଃଖଦ ଅଘଟଣ। ଦଶାହ କ୍ରିୟା କରିବାକୁ ନଦୀକୁ ଯାଇଥିବା ବେଳେ ପାଣିରେ ବୁଡ଼ି ଜଣେ ୪୫ ବର୍ଷୀୟ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳାଙ୍କ ନାମ ସ୍ୱାଗତିକା ରାଉତି (୪୫) ଏବଂ ତାଙ୍କ ଘର ରାଉରକେଲା ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, ଦଶାହ କ୍ରିୟା ପାଇଁ ସେ କୁଶଭଦ୍ରା ନଦୀକୁ ଯାଇଥିବା ବେଳେ ନଦୀର ଗଭୀରତା ଜାଣିନପାରି ପାଣି ଭିତରକୁ ଯାଇଥିଲେ। ଏହି ସମୟରେ ଗୋଡ଼ ଖସିଯିବାରୁ ସେ ଗଭୀର ପାଣିରେ ବୁଡ଼ି ଯାଇଥିଲେ। ଘଟଣା ପରେ ସ୍ଥାନୀୟ ଲୋକେ ବହୁ ଖୋଜାଖୋଜି କରିଥିଲେ। ପରେ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଚଳାଇଥିଲା। ଦୀର୍ଘ ପ୍ରାୟ ଏକ ଘଣ୍ଟାର ପ୍ରୟାସ ପରେ ମହିଳାଙ୍କୁ ନଦୀରୁ ଉଦ୍ଧାର କରାଯାଇ ଗୋପ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ହେଲେ ଡାକ୍ତର ପରୀକ୍ଷା ପରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଅଭାବନୀୟ ଘଟଣାକୁ ନେଇ ବାଣିଆସାହି ଓ ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

ପୁରୀ ସହରରେ ଟ୍ରାଫିକ୍ ନିୟନ୍ତ୍ରଣ ଓ ପାର୍କିଂ ବ୍ୟବସ୍ଥାରେ ସୁଧାର

ପୁରୀ: ବିଶ୍ୱପ୍ରସିଦ୍ଧ ଶ୍ରୀକ୍ଷେତ୍ର ପୁରୀକୁ ପ୍ରତିଦିନ ଦେଶବିଦେଶରୁ ହଜାର ହଜାର ଭକ୍ତ, ପର୍ଯ୍ୟଟକ ଏବଂ ଶ୍ରଦ୍ଧାଳୁଙ୍କ ଆଗମନ ହୋଇଥାଏ। ବିଶେଷ କରି କାର୍ତ୍ତିକ ମାସ, ବିଭିନ୍ନ ପର୍ବପର୍ବାଣୀ ଏବଂ ସାଧାରଣ ଛୁଟିଦିନଗୁଡ଼ିକରେ ପୁରୀ ସହରରେ ଅସମ୍ଭାଳ ଭିଡ଼ ପରିଲକ୍ଷିତ ହୋଇଥାଏ। ଏହି ଭିଡ଼କୁ ଦୃଷ୍ଟିରେ ରଖି ଏବଂ ସାଧାରଣ ଲୋକଙ୍କ ଯାତାୟାତକୁ ସୁଗମ କରିବା ପାଇଁ ପୁରୀ ଜିଲ୍ଲା ପ୍ରଶାସନ ଏବଂ ପୋଲିସ ପ୍ରଶାସନ ପକ୍ଷରୁ ଟ୍ରାଫିକ୍ ଏବଂ ପାର୍କିଂ ବ୍ୟବସ୍ଥାରେ ବ୍ୟାପକ ସୁଧାର ଅଣାଯାଇଛି। ବଡ଼ଦାଣ୍ଡ ଓ ପ୍ରମୁଖ ରାସ୍ତାରେ ଟ୍ରାଫିକ୍ ନିୟନ୍ତ୍ରଣ:ଶ୍ରୀମନ୍ଦିର ସମ୍ମୁଖ ବଡ଼ଦାଣ୍ଡ ଏବଂ ସିଂହଦ୍ୱାର ଆଖପାଖ ଅଞ୍ଚଳରେ ଯାନବାହନ ଚଳାଚଳକୁ କଡ଼ାକଡ଼ି କରାଯାଇଛି। ବିଶେଷ ସମୟରେ ଏବଂ ଭିଡ଼ ବେଳେ ଏହି ଅଞ୍ଚଳକୁ ସମ୍ପୂର୍ଣ୍ଣ 'ନୋ ଭେହିକିଲ୍ ଜୋନ୍' କିମ୍ବା କଟକଣାଧାରୀ କ୍ଷେତ୍ର ଭାବେ ଘୋଷଣା କରାଯାଉଛି। ଶ୍ରଦ୍ଧାଳୁମାନେ ଯେପରି ବିନା କୌଣସି ଅସୁବିଧାରେ ଶୃଙ୍ଖଳିତ ଭାବେ ମନ୍ଦିରକୁ ଯାଇପାରିବେ, ସେଥିପାଇଁ ବ୍ୟାରିକେଡ୍ ଏବଂ ସ୍ୱତନ୍ତ୍ର ପଥର ବ୍ୟବସ୍ଥା କରାଯାଇଛି। ସହର ବାହାରେ ନୂତନ ପାର୍କିଂ ଜୋନ୍ ଏବଂ ଆଧୁନିକ ପରିଚାଳନା: ପୂର୍ବରୁ ସହର ଭିତରକୁ ଗାଡ଼ି ପ୍ରବେଶ କରିବା ଯୋଗୁଁ ଯେଉଁ ପ୍ରକାର ଟ୍ରାଫିକ୍ ଜାମ ସମସ୍ୟା ଦେଖାଦେଉଥିଲା, ତାହାର ସମାଧାନ ପାଇଁ ପ୍ରଶାସନ ପକ୍ଷରୁ ସହରର ପ୍ରବେଶ ପଥଗୁଡ଼ିକରେ (ଯଥା- ତାଳବଣିଆ, ମାଣିଆବନ୍ଧ, ଏବଂଷ୍ଟର୍ଲିଂ ଛକ ଓ ବଟଗାଁ ନିକଟରେ) ବ୍ୟାପକ ପାର୍କିଂ କ୍ଷେତ୍ର ପ୍ରସ୍ତୁତ କରାଯାଇଛି। ବାହାର ଜିଲ୍ଲା କିମ୍ବା ରାଜ୍ୟରୁ ଆସୁଥିବା ବସ୍, କାର୍ ଓ ଅଟୋଗୁଡ଼ିକୁ ଏହି ନିର୍ଦ୍ଦିଷ୍ଟ ପାର୍କିଂ ସ୍ଥଳରେ ରଖିବା ପାଇଁ ବ୍ୟବସ୍ଥା କରାଯାଉଛି।୩. ଲାଷ୍ଟ-ମାଇଲ୍ କନେକ୍ଟିଭିଟି ଏବଂ ଫ୍ରି ଅଟୋ ସେବା:ପାର୍କିଂ ସ୍ଥଳରୁ ବଡ଼ଦାଣ୍ଡ କିମ୍ବା ମନ୍ଦିର ନିକଟକୁ ଯିବା ପାଇଁ ଯାତ୍ରୀମାନେ ଯେପରି ଅସୁବିଧାର ସମ୍ମୁଖୀନ ନହୁଅନ୍ତି, ସେଥିପାଇଁ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଏବଂ ନିଶୁଳ୍କ ଅଟୋରିକ୍ସା ବା ସଟଲ୍ ସେବାର ବ୍ୟବସ୍ଥା କରାଯାଉଛି। ଏହାଦ୍ୱାରା ପର୍ଯ୍ୟଟକମାନେ ଗାଡ଼ି ଦୂରରେ ପାର୍କ୍ କରି ମଧ୍ୟ ସହଜରେ ସହର ଭିତରକୁ ଯାତାୟାତ କରିପାରୁଛନ୍ତି।ସିସିଟିଭି ଏବଂ ଡ୍ରୋନ୍ ମାଧ୍ୟମରେ କଡ଼ା ନଜର:ଟ୍ରାଫିକ୍ ନିୟମ ଉଲ୍ଲଂଘନକାରୀଙ୍କୁ ନିୟନ୍ତ୍ରଣ କରିବା ଏବଂ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରିବା ପାଇଁ ମୁଖ୍ୟ ଛକଗୁଡ଼ିକରେ ଆଧୁନିକ ସିସିଟିଭି କ୍ୟାମେରା ଏବଂ AI-ଭିତ୍ତିକ ଟ୍ରାଫିକ୍ ମନିଟରିଂ ବ୍ୟବସ୍ଥା ଲାଗ କରାଯାଇଛି। ସେହିପରି ଟ୍ରାଫିକ୍ ଜାମ ହେଲେ ତୁରନ୍ତ ପଦକ୍ଷେପ ନେବା ପାଇଁ ଟ୍ରାଫିକ୍ କଣ୍ଟ୍ରୋଲ୍ ରୁମ୍ ମାଧ୍ୟମରେ ୨୪ ଘଣ୍ଟିଆ ନଜର ରଖାଯାଉଛି।୫. ଜନସଚେତନତା ଓ ଡିଜିଟାଲ୍ ସୂଚନା:ରାସ୍ତାରେ ଯାତ୍ରା କରୁଥିବା ଲୋକେ ଯେପରି ଟ୍ରାଫିକ୍ ସ୍ଥିତି ସମ୍ପର୍କରେ ଅବଗତ ହୋଇପାରିବେ, ସେଥିପାଇଁ ରାଷ୍ଟ୍ରୀୟ ରାଜପଥ ଏବଂ ପ୍ରମୁଖ ପ୍ରବେଶ ପଥଗୁଡ଼ିକରେ LED ଡିସପ୍ଲେ ବୋର୍ଡ ଲଗାଯାଇଛି। ଏହାଦ୍ୱାରା ଗାଡ଼ି ଚାଳକମାନେ କେଉଁ ରୁଟ୍‌ରେ ଯିବେ ଏବଂ କେଉଁଠି ପାର୍କିଂ କରିବେ, ତାହାର ସଠିକ୍ ସୂଚନା ପାଇପାରୁଛନ୍ତି। ପ୍ରଶାସନର ଏହି କଡ଼ା ପଦକ୍ଷେପ ଏବଂ ସୁଚିନ୍ତିତ ଟ୍ରାଫିକ୍ ପରିଚାଳନା ଯୋଗୁଁ ବର୍ତ୍ତମାନ ପୁରୀ ସହରରେ ଗାଡ଼ି ଚଳାଚଳ ବହୁ ପରିମାଣରେ ଶୃଙ୍ଖଳିତ ହୋଇପାରିଛି ଏବଂ ଭକ୍ତମାନେ ବିନା କୌଣସି ବାଧାବିଘ୍ନରେ ମହାପ୍ରଭୁଙ୍କ ଦର୍ଶନ କରି ଆନନ୍ଦ ଅନୁଭବ କରୁଛନ୍ତି।

ମାଟିର ଖବର

ଭାବ ବିହ୍ୱଳ କଲା ନାଟକ, ମୃଦଙ୍ଗେ ମହାବ୍ରହ୍ମ।

ଭୁବନେଶ୍ୱର:(ଆଦ୍ୟାଶା ଲାଇଭ୍):ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତଥା ରାଜ୍ୟ ସଙ୍ଗୀତ ନାଟକ ଏକାଡେମୀର ମିଳିତ ସହଯୋଗରେ ଆୟୋଜିତ ନିୟମିତ ମାସିକ 'ଜଗନ୍ନାଥାୟନ' କାର୍ଯ୍ୟକ୍ରମରେ ଗତ ଅକ୍ଟୋବର ୩୧ ତାରିଖ ଶନିବାର ଦିନ ଏକ ଭାବାବେଗପୂର୍ଣ୍ଣ ଓ ଐତିହାସିକ ନାଟକ 'ମୃଦଙ୍ଗେ ମହାବ୍ରହ୍ମ' ସଫଳତାର ସହ ମଞ୍ଚସ୍ଥ ହୋଇଯାଇଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅପାର କରୁଣା, ଜଗନ୍ନାଥ ସଂସ୍କୃତିର ଅମର ମହତ୍ତ୍ୱ ଏବଂ ଇତିହାସର ସବୁଠାରୁ ରୋମାଞ୍ଚକର ବ୍ରହ୍ମ ଉଦ୍ଧାର ତଥା ପରିବର୍ତ୍ତନର ଘଟଣାବଳୀକୁ ନେଇ ପ୍ରସ୍ତୁତ ଏହି ନାଟକଟି ଉପସ୍ଥିତ ଦର୍ଶକମାନଙ୍କୁ ଗଭୀର ଭାବବିହ୍ୱଳ କରିଦେଇଥିଲା।ଇତିହାସ ଓ ଭକ୍ତିର ଅନୁପମ ସଙ୍ଗମ ଭୁବନେଶ୍ୱରର ଏକ ଅଗ୍ରଣୀ ନାଟ୍ୟାନୁଷ୍ଠାନ 'ଏକ୍ସପ୍ରେସନ୍ସ'ର ପ୍ରତିଭାବାନ କଳାକାରମାନେ ଏହି ନାଟକରେ ନିଜର ଅତି ନିଖୁଣ ଓ ମର୍ମସ୍ପର୍ଶୀ ଅଭିନୟ ମାଧ୍ୟମରେ ଅତୀତର ସେହି ଦୁର୍ଦ୍ଦିନର କାହାଣୀକୁ ଜୀବନ୍ତ କରି ମଞ୍ଚରେ ପରିବେଷଣ କରିଥିଲେ। ଇତିହାସର କୁଖ୍ୟାତ କଳାପାହାଡ଼ ଆକ୍ରମଣ କାଳରେ ମହାପ୍ରଭୁଙ୍କ ଦଗ୍ଧ ଶରୀରରୁ କିର୍ତ୍ତନିଆ ବୈଷ୍ଣବ ବିସର ମହାନ୍ତି କିପରି ଅପାର ସାହସ ଓ ଭକ୍ତି ପ୍ରଦର୍ଶନପୂର୍ବକ ବ୍ରହ୍ମ ଉଦ୍ଧାର କରିଥିଲେ ଏବଂ ତାହାକୁ ନେଇ ଖୋର୍ଦ୍ଧାର ରାଜାଙ୍କୁ ସମର୍ପଣ କରିବା ସହ ପୁନଃ ବିଗ୍ରହ ପ୍ରତିଷ୍ଠା କରାଯାଇଥିଲା, ତାହା ନାଟକର ମୁଖ୍ୟ ବିଷୟବସ୍ତୁ ଥିଲା। କଳାକାରମାନଙ୍କ ଆନ୍ତରିକ ଅଭିନୟ ଦର୍ଶକଙ୍କୁ ମହାପ୍ରଭୁଙ୍କ ପ୍ରତି ଅଗାଧ ଭକ୍ତିଭାବରେ ବୁଡ଼ାଇ ଦେଇଥିଲା।ନିର୍ଦ୍ଦେଶନା ଓ କଳାତ୍ମକ ପରିବେଷଣ



ଏହି ଉଚ୍ଚକୋଟୀର ନାଟକଟିର ସୁନ୍ଦର ରଚନା, ସୂକ୍ଷ୍ମ ପରିକଳ୍ପନା ଏବଂ ନିର୍ଦ୍ଦେଶନା ଦେଇଥିଲେ ପ୍ରଖ୍ୟାତ ନାଟ୍ୟକାର ଦେବାନନ୍ଦ ନାୟକ ସୋନୀ। ତାଙ୍କର ନିର୍ଦ୍ଦେଶନାଗତ ଦକ୍ଷତା ଯୋଗୁଁ ନାଟକର ପ୍ରତିଟି ଦୃଶ୍ୟ ଅତ୍ୟନ୍ତ ପ୍ରଭାବଶାଳୀ ହୋଇପାରିଥିଲା। ସେହିପରି ସତ୍ୟପ୍ରକାଶଙ୍କ ଦ୍ୱାରା ପ୍ରସ୍ତୁତ ଆବହ ସଙ୍ଗୀତ ବେଶ୍ ପ୍ରାଣସ୍ପର୍ଶୀ ହୋଇଥିବାବେଳେ, ନାଟକର ଆଲୋକ ସମ୍ପାତ, ପୋଷାକ ପରିଚ୍ଛଦ, ରୂପସଜ୍ଜା ଏବଂ ମଞ୍ଚ ସଜ୍ଜା ସମ୍ପୂର୍ଣ୍ଣ ରୂପେ ବିଷୟବସ୍ତୁର ଅନୁକୂଳ ଓ ଆକର୍ଷକ ହୋଇଥିଲା।ଜଗନ୍ନାଥ ସଂସ୍କୃତିର ପ୍ରସାରରେ 'ଜଗନ୍ନାଥାୟନ'ର ସ୍ୱତନ୍ତ୍ର ଭୂମିକାଓଡ଼ିଶାର ଗଣପର୍ବ ତଥା ସନାତନ ସଂସ୍କୃତିର ମୂଳଦୁଆ ହେଉଛି ଶ୍ରୀଜଗନ୍ନାଥ ଚେତନା। ଯୁବପିଢ଼ି ଏବଂ ସାଧାରଣ ଜନତାଙ୍କ ମଧ୍ୟରେ ଶ୍ରୀଜଗନ୍ନାଥ ସଂସ୍କୃତିର ଇତିହାସ, ପରମ୍ପରା ଏବଂ ବିଭିନ୍ନ ସଂକଟ କାଳରେ ମହାପ୍ରଭୁଙ୍କ ଲୀଳାଖେଳା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ରାଜ୍ୟ ସଙ୍ଗୀତ ନାଟକ ଏକାଡେମୀର ଏହି 'ଜଗନ୍ନାଥାୟନ' କାର୍ଯ୍ୟକ୍ରମ ଏକ ଅଭିନବ ପ୍ରୟାସ ପାଲଟିଛି। ଏହି ମାସିକ କାର୍ଯ୍ୟକ୍ରମ ଜରିଆରେ ବିଭିନ୍ନ ନାଟ୍ୟାନୁଷ୍ଠାନକୁ ସୁଯୋଗ ଦିଆଯାଉଥିବାବେଳେ ରାଜ୍ୟର କଳା ଓ ସଂସ୍କୃତି କ୍ଷେତ୍ରରେ ଏହା ଏକ ନୂତନ ପ୍ରାଣ ସଞ୍ଚାର କରିଛି।ଦର୍ଶକଙ୍କ ଅଭିଭୂତ ପ୍ରତିକ୍ରିୟା ଓ ସାଂସ୍କୃତିକ ମହଲରେ ପ୍ରଶଂସା ନାଟକ ଶେଷ ହେବା ପରେ ପ୍ରେକ୍ଷାଳୟରେ ଉପସ୍ଥିତ ସମସ୍ତ ଦର୍ଶକ ଓ ଅତିଥିମାନେ ଠିଆ ହୋଇ କରତାଳି ଦେଇ କଳାକାରମାନଙ୍କୁ ଉତ୍ସାହିତ କରିଥିଲେ। କଳାପାହାଡ଼ ଆକ୍ରମଣ ସମୟର ସେହି ଦୁର୍ଦ୍ଦିନ ଏବଂ ବ୍ରହ୍ମ ଉଦ୍ଧାରର ରୋମାଞ୍ଚକର ଦୃଶ୍ୟ ଦେଖି ଅନେକ ଦର୍ଶକଙ୍କ ଆଖିରେ ଲୁହ ଆସିଯାଇଥିଲା। ଏହି ଉଚ୍ଚକୋଟୀର ପ୍ରଦର୍ଶନ ସହରର ବୁଦ୍ଧିଜୀବୀ, ନାଟ୍ୟବିତ୍, କଳାପ୍ରେମୀ ଓ ସାହିତ୍ୟିକ ମହଲରେ ବେଶ୍ ଆଦୃତ ହୋଇଥିବାବେଳେ ଆଗାମୀ

ଜନମତ

ପରକୀୟା ପ୍ରୀତି ରୁ କଳହ

ପୁରୀ:(ଆଦ୍ୟାଶା ଲାଇଭ୍) /ବାବୁ ପ୍ରଧାନ:ପବିତ୍ର ଶ୍ରୀକ୍ଷେତ୍ର ପୁରୀ ସଦର ଥାନା ଅନ୍ତର୍ଗତ ମୁକୁନ୍ଦ ମିଶ୍ର ନଗର ଅଞ୍ଚଳରେ ଏକ ଅଭାବନୀୟ ତଥା ଚାଞ୍ଚଲ୍ୟକର ଘଟଣା ଦେଖିବାକୁ ମିଳିଛି। ଦୀର୍ଘଦିନର ସନ୍ଦେହ ଏବଂ ପାର୍ବାରିକ ଅଶାନ୍ତି ପରେ ଶେଷରେ ଜଣେ ସ୍ୱାମୀ ପୋଲିସର ସହାୟତାରେ ନିଜ ସ୍ତ୍ରୀଙ୍କୁ ଜଣେ ପରପୁରୁଷ ସହ ଏକ ଘର ଭିତରୁ ଅନ୍ତରଙ୍ଗ ଅବସ୍ଥାରେ ହାତେରୁହେ ଧରିଥିବା ଜଣାପଡ଼ିଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ବେଶ୍ ଚର୍ଚ୍ଚା ଜୋର ଧରିଛି।ପୂର୍ବରୁ ଥିଲା ସନ୍ଦେହ, ଥାନାରେ ହୋଇଥିଲା ଲିଖିତ ଅଭିଯୋଗ ପ୍ରାପ୍ତ ସୂଚନା ଅନୁଯାୟୀ, ସ୍ୱାମୀ ଜଣକ ବହୁ ଦିନରୁ ନିଜ ସ୍ତ୍ରୀଙ୍କ ଆଚରଣକୁ ନେଇ ଗଭୀର ସନ୍ଦେହ କରିଆସୁଥିଲେ। ପୂର୍ବରୁ ଏହି ବିଷୟକୁ ନେଇ ଉଭୟଙ୍କ ମଧ୍ୟରେ ଅନେକ ଥର ଝଗଡ଼ା ହୋଇଥିବାବେଳେ ସ୍ତ୍ରୀ ଜଣକ ପ୍ରତିଥର ବିଭିନ୍ନ କଥା କହି କଥାକୁ ଏଡ଼ାଇ ଯାଉଥିଲେ। ସ୍ୱାମୀ ଜଣକ ଏନେଇ ପୂର୍ବରୁ ପୁରୀ ସଦର ଥାନାରେ ଏକାଧିକ ଥର ଲିଖିତ ଅଭିଯୋଗ ମଧ୍ୟ କରିଥିଲେ। ମାତ୍ର ସେତେବେଳେ ଠୋସ୍ ପ୍ରମାଣ ଅଭାବରୁ କୌଣସି ବଡ଼ ଧରଣର କାର୍ଯ୍ୟାନୁଷ୍ଠାନ ହୋଇପାରି ନଥିଲା।ପୋଲିସ ସହାୟତାରେ ସର୍ବସମ୍ମୁଖରେ ପର୍ଦ୍ଦାଫାଶ ଶେଷରେ ଆଜି ପୁଲିସର ମିଳିତ ସହଯୋଗରେ ଏକ ନିର୍ଦ୍ଦିଷ୍ଟ ଘରେ ଚଢ଼ଉ କରାଯାଇଥିଲା, ଯେଉଁଠାରେ ସ୍ତ୍ରୀ ଜଣକ ଜଣେ ଯୁବକଙ୍କ ସହ ଅନ୍ତରଙ୍ଗ ଅବସ୍ଥାରେ ରହିଥିବା ଦେଖିବାକୁ ମିଳିଥିଲା। ସ୍ୱାମୀ ନିଜେ ପୋଲିସ ଉପସ୍ଥିତିରେ ଏହି ଦୃଶ୍ୟ ଦେଖିବାକୁ ପାଇବା ପରେ ସତ୍ୟ ସାମ୍ନାକୁ ଆସିଥିଲା। ସର୍ବସମ୍ମୁଖରେ ଏଭଳି ଘଟଣା ଧରାପଡ଼ିବା ପରେ ସ୍ୱାମୀ ଜଣକ ପୁଲିସ ପ୍ରଶାସନକୁ ଧନ୍ୟବାଦ ଜଣାଇଛନ୍ତି।ଥାନାରେ ପହଞ୍ଚିଲା ମାମଲା: ପିଲାଙ୍କ ଭବିଷ୍ୟତକୁ ନେଇ ଆଲୋଚନା ଘଟଣା ପରେ ଉଭୟ ପକ୍ଷକୁ ପୁରୀ ସଦର ଥାନାକୁ ଅଣାଯାଇଥିଲା। ବର୍ତ୍ତମାନ ସବୁଠାରୁ ବଡ଼ ପ୍ରଶ୍ନ ହୋଇଛି ଯେ, ସେମାନଙ୍କର ସନ୍ତାନ କାହା ପାଖରେ ରହିବ? ଏହି ସମ୍ବେଦନଶୀଳ ପ୍ରସଙ୍ଗ ଏବଂ ପାର୍ବାରିକ ବିବାଦର ସମାଧାନ ପାଇଁ ଥାନା ପରିସରରେ ଉଭୟ ପକ୍ଷଙ୍କୁ ନେଇ ବୁଝାମଣା ଓ ଆଲୋଚନା ଜାରି ରହିଛି ସୂତ୍ରରୁ ଜଣାପଡ଼ିଛି।

ସାଇବର ଠକେଇ ବିରୋଧରେ ପୁରୀ ପୋଲିସର ବଡ଼ ପଦକ୍ଷେପ

ପୁରୀ:(ଆଦ୍ୟାଶା ଲାଇଭ୍)/ନୀଳାଚଳ ଦାସ:ବିଶ୍ୱପ୍ରସିଦ୍ଧ ଶ୍ରୀକ୍ଷେତ୍ର ପୁରୀକୁ ପ୍ରତିଦିନ ଦେଶବିଦେଶରୁ ହଜାର ହଜାର ସଂଖ୍ୟାରେ ଭକ୍ତ, ପର୍ଯ୍ୟଟକ ଓ ଶ୍ରଦ୍ଧାଳୁମାନେ ଆସିଥାନ୍ତି। ମାତ୍ର ବଦ୍ଧମୂଳ ସାଇବର ଅପରାଧୀମାନେ ପର୍ଯ୍ୟଟକମାନଙ୍କ ଏହି ଆଗମନକୁ ଟାର୍ଗେଟ୍ କରି ଅନଲାଇନ୍ ହୋଟେଲ୍ ବୁକିଂ ନାମରେ ବ୍ୟାପକ ଆର୍ଥିକ ଠକେଇ ଚଳାଇଥିବା ଅଭିଯୋଗ ହୋଇଆସୁଥିଲା। ଏହି ସାଇବର ଠକେଇରୁ ପର୍ଯ୍ୟଟକ ଓ ସାଧାରଣ ଜନତାଙ୍କୁ ସୁରକ୍ଷା ଦେବା ନିମନ୍ତେ ପୁରୀ ପୋଲିସ ପକ୍ଷରୁ ଏକ ବଡ଼ଧରଣର କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।୫୦ଟି ନକଲି ୱେବସାଇଟ୍ ଓ ୪୨ଟି ମୋବାଇଲ୍ ନମ୍ବର ବ୍ଲକ୍ ପୁରୀ ପୋଲିସ ଏବଂ ସାଇବର ଥାନା ପକ୍ଷରୁ ନିଆଯାଇଥିବା ତତ୍ପରତା ଫଳରେ ଗତ ଅଗଷ୍ଟ ମାସରୁ ଆଜି ପର୍ଯ୍ୟନ୍ତ ମୋଟ ୫୦ଟି ନକଲି ହୋଟେଲ୍ ବୁକିଂ ୱେବସାଇଟ୍‌କୁ ଚିହ୍ନଟ କରାଯାଇ ସମ୍ପୂର୍ଣ୍ଣ ବନ୍ଦ କରାଯାଇଛି। ଏଥିସହିତ ଉକ୍ତ ୱେବସାଇଟ୍‌ଗୁଡ଼ିକରେ ଠକେଇ ପାଇଁ ବ୍ୟବହୃତ ହେଉଥିବା ୪୨ଟି ନକଲି ମୋବାଇଲ୍ ନମ୍ବରକୁ ମଧ୍ୟ ଅକାଳରେ ନିଷ୍କ୍ରିୟ (Block) କରାଯାଇଛି। ପୁରୀ ସାଇବର ଥାନାର ଏହି ସଫଳ ପଦକ୍ଷେପ ଅନେକ ପର୍ଯ୍ୟଟକ ବଡ଼ଧରଣର ଠକାମୀରୁ ବର୍ତ୍ତି ପାରିଛନ୍ତି।କିପରି ହେଉଥିଲା ସାଇବର ଠକେଇ? ସାଇବର ଠକମାନେ ସାଧାରଣତଃ ପ୍ରସିଦ୍ଧ ହୋଟେଲ୍ କିମ୍ବା ରିସର୍ଟଗୁଡ଼ିକର ନାମ ସହ ସାମାନ୍ୟ ପରିବର୍ତ୍ତନ କରି ହୁବହୁ ଦେଖାଯାଉଥିବା ନକଲି ୱେବସାଇଟ୍ ତିଆରି କରିଥାନ୍ତି। ଗୁଗଲ୍ ସର୍ଚ୍ଚ କିମ୍ବା ସୋସିଆଲ ମିଡିଆ ମାଧ୍ୟମରେ ପର୍ଯ୍ୟଟକମାନେ ଯେତେବେଳେ ପୁରୀରେ ରହଣି ପାଇଁ ହୋଟେଲ୍ ଖୋଜନ୍ତି, ସେତେବେଳେ ଏହି ନକଲି ୱେବସାଇଟ୍‌ଗୁଡ଼ିକ ସାମ୍ନାକୁ ଆସିଥାଏ। ଠକମାନେ ଆକର୍ଷକ ରିହାତି ଏବଂ ଶସ୍ତାରେ ରୁମ୍ ପ୍ରଦାନ କରିବାର ପ୍ରଲୋଭନ ଦେଖାଇ ଅଗ୍ରୀମ ଅର୍ଥ ଟ୍ରାନ୍ସଫର କରାଇଥାନ୍ତି। ଟଙ୍କା ପାଇବା ପରେ ସେମାନେ ମୋବାଇଲ୍ ସୁଇଚ୍ ଅଫ୍ କରିଦିଅନ୍ତି, ଯାହାଫଳରେ ପର୍ଯ୍ୟଟକମାନେ ପୁରୀରେ ପହଞ୍ଚିଲା ପରେ ନିଜକୁ ଠକାମୀର ଶିକାର ହୋଇଥିବା ଜାଣିବାକୁ ପାଆନ୍ତି। ପୁରୀ ପୋଲିସର ପରାମର୍ଶ ଓ ସଚେତନତା ଏଭଳି ଅପରାଧକୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣ କରିବା ଏବଂ ପର୍ଯ୍ୟଟକଙ୍କୁ ସୁରକ୍ଷିତ ରଖିବା ଦିଗରେ ପୁରୀ ପୋଲିସ ପକ୍ଷରୁ ନିରନ୍ତର ସଚେତନତା ଅଭିଯାନ ଜାରି ରହିଛି। ପୋଲିସ ପ୍ରଶାସନ ପକ୍ଷରୁ ପର୍ଯ୍ୟଟକ ଓ ସାଧାରଣ ଜନତାଙ୍କୁ ଅନୁରୋଧ କରାଯାଇଛି ଯେ:ହୋଟେଲ୍ ବୁକିଂ ସମୟରେ କେବଳ ଅଧିକୃତ, ପ୍ରମାଣିତ ଏବଂ ବିଶ୍ୱସନୀୟ ୱେବସାଇଟ୍ ବ୍ୟବହାର କରନ୍ତୁ।କୌଣସି ଅଜଣା ଲିଙ୍କ୍‌ରେ କ୍ଲିକ୍ କରନ୍ତୁ ନାହିଁ।ବିନା ଯାଞ୍ଚରେ କୌଣସି ଅଜଣା ବ୍ୟକ୍ତି କିମ୍ବା ଆକାଉଣ୍ଟକୁ ଅର୍ଥ ପଠାନ୍ତୁ ନାହିଁ।"ସାଇବର ସଚେତନତା ହିଁ ସାଇବର ଠକେଇରୁ ସୁରକ୍ଷାର ପ୍ରଥମ ପଦକ୍ଷେପ।" ପୁରୀ ଆସୁଥିବା ପ୍ରତ୍ୟେକ ଅତିଥି ଓ ପର୍ଯ୍ୟଟକଙ୍କ ଯାତ୍ରାକୁ ସୁରକ୍ଷିତ ଓ ଆନନ୍ଦଦାୟକ କରିବା ପାଇଁ ପୁରୀ ପୋଲିସର ଏହି ପଦକ୍ଷେପକୁ ସର୍ବସାଧାରଣରେ ବେଶ୍ ପ୍ରଶଂସା କରାଯାଇଛି।

ଜଗନ୍ନାଥ ବଲ୍ଲଭ ପାର୍କିଂସ୍ଥିତ ମଲ୍ଟିଲେଭେଲ୍ କାର୍ ପାର୍କିଂରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

ପୁରୀ:(ଆଦ୍ୟାଶା ଲାଇଭ୍)/ଦୀପକ ପାତ୍ର:ପବିତ୍ର ଶ୍ରୀକ୍ଷେତ୍ର ପୁରୀ ସହରର ଜଗନ୍ନାଥ ବଲ୍ଲଭ ପାର୍କିଂସ୍ଥିତ ମଲ୍ଟିଲେଭେଲ୍ କାର୍ ପାର୍କିଂ ପରିସରରୁ ଏକ ଅଭାବନୀୟ ତଥା ରହସ୍ୟଜନକ ମୃତ୍ୟୁ ଘଟଣା ସାମ୍ନାକୁ ଆସିଛି। ପାର୍କିଂର ତଳ ମହଲାରେ ଜଣେ ପ୍ରାୟ ୩୫ ବର୍ଷୀୟ ବ୍ୟକ୍ତି ଅଚେତ ଅବସ୍ଥାରେ ପଡ଼ିରହିଥିବା ଏବଂ ତାଙ୍କ ନାକରୁ ରକ୍ତସ୍ରାବ ହୋଇଥିବା ଦେଖି କିଛି ସ୍ଥାନୀୟ ବ୍ୟକ୍ତି ଟାଉନ୍ ଥାନା ପୋଲିସକୁ ଖବର ଦେଇଥିଲେ। ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ନିମନ୍ତେ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ (DHH)କୁ ଆମ୍ବୁଲାନ୍ସ ଯୋଗେ ସ୍ଥାନାନ୍ତର କରିଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ।ନିୟମିତ ଗାଡ଼ି ପୂଜା କରି କାଟୁଥିଲେ ଦିନ: ପାର୍ଟ୍‌ମେଣ୍ଟରେ ହେଉଥିଲା ରାତ୍ରିଯାପନ ପ୍ରାପ୍ତ ସୂଚନା ଅନୁଯାୟୀ, ମୃତ ବ୍ୟକ୍ତିଜଣକ ପ୍ରତିଦିନ ଜଗନ୍ନାଥ ବଲ୍ଲଭ ପାର୍କିଂ ସ୍ଥଳକୁ ଆସୁଥିବା ବିଭିନ୍ନ ଗାଡ଼ିଗୁଡ଼ିକୁ ପୂଜା କରି ସେଥିରୁ ମିଳୁଥିବା ସାମାନ୍ୟ ଅର୍ଥରେ ନିଜର ଗୁଜୁରାଣ ମେଣ୍ଟାଉଥିଲେ ଏବଂ ସେଠାରେ ହିଁ ରାତ୍ରିଯାପନ କରୁଥିଲେ। ସ୍ଥାନୀୟ ଅଞ୍ଚଳରେ ସେ ନିୟମିତ ଭାବେ ଯାତାୟାତ କରୁଥିବାରୁ ଅନେକେ ତାଙ୍କୁ ଜାଣିଥିଲେ। କିନ୍ତୁ ଆଜି ସକାଳେ ତାଙ୍କୁ ଏଭଳି ସନ୍ଦେହଜନକ ଅବସ୍ଥାରେ ଦେଖିବାକୁ ମିଳିବା ପରେ ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଥିଲା।ଡାକ୍ତରୀ ପ୍ରେସକ୍ରିପସନ୍‌ରୁ ମିଳିଲା ପରିଚୟ ଘଟଣା ସମ୍ପର୍କରେ ସୂଚନା ପାଇବା ପରେ ପୋଲିସ ତତ୍ପରତା ପ୍ରକାଶ କରି ମୃତକଙ୍କ ବ୍ୟବହୃତ ବ୍ୟାଗ୍ ଓ ସାମଗ୍ରୀ ଯାଞ୍ଚ କରିଥିଲା। ଯାଞ୍ଚ ସମୟରେ ବ୍ୟାଗ୍‌ରୁ ଏକ ଡାକ୍ତରୀ ପ୍ରେସକ୍ରିପସନ୍ ମିଳିଥିଲା, ଯାହା ମାଧ୍ୟମରେ ତାଙ୍କର ପ୍ରକୃତ ପରିଚୟ ସ୍ପଷ୍ଟ ହୋଇପାରିଛି। ଉକ୍ତ ପ୍ରେସକ୍ରିପସନ୍ ଅନୁଯାୟୀ ମୃତ ବ୍ୟକ୍ତିଜଣକ ହେଲେ ସଞ୍ଜୟ ପଣ୍ଡା, ତାଙ୍କ ପିତାଙ୍କ ନାମ ଯୁଧିଷ୍ଠିର ପଣ୍ଡା ଏବଂ ସେ ପୁରୀର ନରେନ୍ଦ୍ରକୋଣ ଅଞ୍ଚଳର ବାସିନ୍ଦା ବୋଲି ଜଣାପଡ଼ିଛି।ରୋଗାକ୍ରାନ୍ତ ଥିଲେ ମୃତକ, ପୋଲିସର ତଦନ୍ତ ଜାରି ଉଦ୍ଧାର ହୋଇଥିବା ପ୍ରେସକ୍ରିପସନ୍‌ରେ ଉଲ୍ଲେଖ ରହିଛି ଯେ ସଞ୍ଜୟ ପଣ୍ଡା ଡିସ୍‌ପେପ୍‌ସିଆ ପାଚନ କ୍ରିୟା ଜନିତ ସମସ୍ୟା) ରୋଗରେ ପୀଡ଼ିତ ଥିବା ସହ ତାଙ୍କର (ମଦ୍ୟପାନ ସମସ୍ୟା) ରହିଥିଲା। ଅତ୍ୟଧିକ ମଦ୍ୟପାନ କିମ୍ବା ଅନ୍ୟ କୌଣସି ଶାରୀରିକ ଜଟିଳତା କାରଣରୁ ତାଙ୍କର ମୃତ୍ୟୁ ହୋଇଥାଇପାରେ ବୋଲି ପ୍ରାଥମିକ ଭାବେ ଅନୁମାନ କରାଯାଉଛି। ତେବେ ତାଙ୍କର ସଠିକ୍ ଠିକଣା ଏବଂ ପରିବାରର ଅନ୍ୟ ସଦସ୍ୟମାନଙ୍କ ସମ୍ପର୍କରେ ବିସ୍ତୃତ ତଥ୍ୟ ହାସଲ କରିବା ପାଇଁ ପୁରୀ ଟାଉନ୍ ଥାନା ପୋଲିସ ପକ୍ଷରୁ ତଦନ୍ତ ଜୋରଦାର କରାଯାଇଛି। ପୋଲିସ ଏହି ଘଟଣାରେ ଆବଶ୍ୟକୀୟ ଆଇନଗତ ପ୍ରକ୍ରିୟା ଗ୍ରହଣ କରିବା ସହ ଶବ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରିଛି।

ADYASHA ଆଦ୍ୟାଶା

ରାଜ୍ୟ

PRGI No. ORORI/25/A0506 | Daily Edition | adyashgroup.com

BHUBANESWAR | Vol. 02 | Issue 12 | ଶୁକ୍ରବାର, ୧୩ ନଭେମ୍ବର ୨୦୨୬ | ପୃଷ୍ଠା ୦୩ | Rs. 7

ପଥପ୍ରାନ୍ତ ସୁବିଧା କେନ୍ଦ୍ରର ସୁପରିଚାଳନା ନେଇ ଉପମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ଆଲୋଚନା ନୂଆପଡ଼ାରୁ ଅଧିକାରୀଙ୍କ ଆଭାସୀ ଯୋଗଦାନ



ନୂଆପଡ଼ା:(ଆଦ୍ୟାଶା ଲାଇଭ୍):ରାଜ୍ୟରେ ଯାତ୍ରୀମାନଙ୍କୁ ଉନ୍ନତମାନର ସେବା ଯୋଗାଇଦେବା, ପଥପ୍ରାନ୍ତ ସୁବିଧା କେନ୍ଦ୍ର ଗୁଡ଼ିକର ସୁପରିଚାଳନା, ସଠିକ୍ ରକ୍ଷଣାବେକ୍ଷଣ ଏବଂ ସ୍ୱଚ୍ଛତା ଉପରେ ଗୁରୁତ୍ୱାରୋପ କରି ମାନ୍ୟବର ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ଆଜି କ୍ଷେତ୍ରସ୍ତରୀୟ କର୍ମଚାରୀ ଓ ଅଧିକାରୀମାନଙ୍କ ସହ ଏକ ସ୍ୱତନ୍ତ୍ର ଆଭାସୀ ସମୀକ୍ଷା ବୈଠକ ଅନୁଷ୍ଠିତ କରିଛନ୍ତି। ରାଜ୍ୟର ସମୁଦାୟ ୬୮ଟି ପଥପ୍ରାନ୍ତ ସୁବିଧା କେନ୍ଦ୍ରର କାର୍ଯ୍ୟକାରିତାକୁ ଅଧିକ କ୍ରିୟାଶୀଳ ଏବଂ ଜନମୁଖୀ କରିବା ପାଇଁ ଏହି ବୈଠକରେ ବ୍ୟାପକ ଆଲୋଚନା କରାଯାଇଛି।ଘାଟିପଡ଼ା ପଥପ୍ରାନ୍ତ ସୁବିଧା କେନ୍ଦ୍ରରୁ ଆଭାସୀ ମାଧ୍ୟମରେ ଅଂଶଗ୍ରହଣ ଏହି ରାଜ୍ୟସ୍ତରୀୟ ଆଭାସୀ ବୈଠକରେ ନୂଆପଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ସକ୍ରିୟ ଅଂଶଗ୍ରହଣ କରାଯାଇଥିଲା। ଜିଲ୍ଲାର କୋମନା ବ୍ଲକ ଅନ୍ତର୍ଗତ ଘାଟିପଡ଼ାସ୍ଥିତ ପଥପ୍ରାନ୍ତ ସୁବିଧା କେନ୍ଦ୍ରଠାରୁ ଜିଲ୍ଲାର ବରିଷ୍ଠ ପ୍ରଶାସନିକ ଅଧିକାରୀ ଓ ସମ୍ପୃକ୍ତ କର୍ମଚାରୀମାନେ ଭର୍ଚୁଆଲ୍ ମାଧ୍ୟମରେ ଏଥିରେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀଙ୍କ ଦିଗ୍‌ଦର୍ଶନ ଗ୍ରହଣ କରିଥିଲେ। କେନ୍ଦ୍ରର ପରିଚାଳନା ବ୍ୟବସ୍ଥା, ଯାତ୍ରୀମାନଙ୍କ ପାଇଁ ଉପଲବ୍ଧ ସୁବିଧା ଏବଂ ଆଗାମୀ ଦିନରେ ଏହାର ବିକାଶ ପାଇଁ ନିଆଯିବାକୁଥିବା ପଦକ୍ଷେପ ସମ୍ପର୍କରେ ବୈଠକରେ ମତବିନିମୟ ହୋଇଥିଲା।ଉପସ୍ଥିତ ପ୍ରମୁଖ ଅଧିକାରୀବୃନ୍ଦ ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ନୂଆପଡ଼ା ଜିଲ୍ଲା ପ୍ରଶାସନର ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ସେମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସୁବାସ ଚନ୍ଦ୍ର ରଉତ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଗଣେଶ୍ୱର କହ୍ନର, ଉପଜିଲ୍ଲାପାଳ ସୁର୍ମି ସୋରେନ, କୋମନା ବିଡିଓ ପବିତ୍ର କୁମାର ସାମଲ, ତହସିଲଦାର ସୌରଭ ବିଶି, ଜିଲ୍ଲା କ୍ରୀଡ଼ା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଡ଼େଇ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମାକାନ୍ତ ବିଶ୍ୱାସ ପ୍ରମୁଖ ଯୋଗଦେଇଥିଲେ। ସମଗ୍ର କାର୍ଯ୍ୟକ୍ରମର ସମନ୍ୱୟ ଏବଂ ପରିଚାଳନା ଦାୟିତ୍ୱ ଜିଲ୍ଲା ସଂସ୍କୃତି ଅଧିକାରୀ ରମେଶ ମହରା ସୁଚାରୁ ରୂପେ ସମ୍ପାଦନ କରିଥିଲେ।ପଥପ୍ରାନ୍ତ ସୁବିଧା କେନ୍ଦ୍ରର ମହତ୍ତ୍ୱ ରାଜ୍ୟର ବିଭିନ୍ନ ରାଜପଥରେ ଯାତ୍ରା କରୁଥିବା ଯାତ୍ରୀ, ପର୍ଯ୍ୟଟକ ଏବଂ ଗାଡ଼ିଚାଳକମାନଙ୍କୁ ବିଶ୍ରାମ ନେବା, ସ୍ୱଚ୍ଛ ପାନୀୟ ଜଳ, ଶୌଚାଳୟ ଏବଂ ଆବଶ୍ୟକୀୟ ସୁବିଧା ଯୋଗାଇଦେବା ଉଦ୍ଦେଶ୍ୟରେ ଏହି ପଥପ୍ରାନ୍ତ ସୁବିଧା କେନ୍ଦ୍ରଗୁଡ଼ିକ ପ୍ରତିଷ୍ଠା କରାଯାଇଛି। ସରକାରଙ୍କ ଏହି ମହତ୍ତ୍ୱାକାଂକ୍ଷୀ ଯୋଜନାକୁ ତୃଣମୂଳ ସ୍ତରରେ ଅଧିକ ଫଳପ୍ରଦ କରିବା ଏବଂ କର୍ମଚାରୀମାନଙ୍କୁ ଦାୟିତ୍ୱବୋଧ କରାଇବା ପାଇଁ ଉପମୁଖ୍ୟମନ୍ତ୍ରୀଙ୍କ ଏହି ସମୀକ୍ଷା ବୈଠକ ବେଶ୍ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇଛି।

ଆଜିର ପ୍ରମୁଖ

ନୂଆପଡ଼ାରେ ବ୍ଲକସ୍ତରୀୟ ଏକୀକୃତ ପେନ୍‌ସନ୍ ପରିଚାଳନା ପୋର୍ଟାଲର ଶୁଭାରମ୍ଭ

ନୂଆପଡ଼ା:(ଆଦ୍ୟାଶା ଲାଇଭ୍):ସାମାଜିକ ସୁରକ୍ଷା ପେନ୍‌ସନ୍ ବ୍ୟବସ୍ଥାକୁ ଅଧିକ ସ୍ୱଚ୍ଛ, ସରଳ, ଦୋଷମୁକ୍ତ ଏବଂ ସୁବ୍ୟବସ୍ଥିତ କରିବା ସହ ପ୍ରକୃତ ଯୋଗ୍ୟ ହିତାଧିକାରୀମାନଙ୍କୁ ଏହି ଯୋଜନାରେ ସାମିଲ କରିବାର ଲକ୍ଷ୍ୟ ନେଇ ଆଜି ନୂଆପଡ଼ା ପୋଲିସ ପଡ଼ିଆଠାରେ ଏକୀକୃତ ପେନ୍‌ସନ୍ ପରିଚାଳନା ପୋର୍ଟାଲ ର ବ୍ଲକସ୍ତରୀୟ ଶୁଭାରମ୍ଭ କାର୍ଯ୍ୟକ୍ରମ ଅତ୍ୟନ୍ତ ଉତ୍ସାହର ସହ ଅନୁଷ୍ଠିତ ହୋଇଯାଇଛି। ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ନୂଆପଡ଼ା ବିଧାୟକ ଜୟ ଢୋଲକିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପେନ୍‌ସନ୍ ବ୍ୟବସ୍ଥାରେ ଏହି ନୂତନ ଡିଜିଟାଲ୍ ପଦକ୍ଷେପର ମହତ୍ତ୍ୱ ଓ ଆବଶ୍ୟକତା ଉପରେ ବିସ୍ତୃତ ଆଲୋକପାତ କରିଥିଲେ।୩୯ ଜଣ ନୂତନ ହିତାଧିକାରୀଙ୍କୁ ପେନ୍‌ସନ୍ ପ୍ରଦାନ ଓ ଡିଜିଟାଲ୍ ବ୍ୟବସ୍ଥାର ସୁଫଳ ଏହି ଉଦଘାଟନୀ ଉତ୍ସବରେ ଉପସ୍ଥିତ ଅତିଥିମାନଙ୍କ ଦ୍ୱାରା ନୂଆପଡ଼ା ବ୍ଲକର ବିଭିନ୍ନ ପଞ୍ଚାୟତରୁ ମନୋନୀତ ୩୯ ଜଣ ନୂତନ ହିତାଧିକାରୀଙ୍କୁ ସାମାଜିକ ସୁରକ୍ଷା ପେନ୍‌ସନ୍ ପ୍ରଦାନ କରାଯାଇଥିଲା। ବିଧାୟକ ଓ ଅନ୍ୟାନ୍ୟ ଅତିଥିମାନେ ମତ ପ୍ରକାଶ କରିଥିଲେ ଯେ UPMP ପୋର୍ଟାଲ୍ ପ୍ରବର୍ତ୍ତନ ହେବା ଦ୍ୱାରା ପେନ୍‌ସନ୍ ଆବେଦନ, ସତ୍ୟାସତ୍ୟ ଯାଞ୍ଚ ଏବଂ ବଣ୍ଟନ ପ୍ରକ୍ରିୟା ଅଧିକ ସରଳ, ସ୍ୱଚ୍ଛ ଓ ତ୍ୱରାନ୍ୱିତ ହେବ। ଏହାଦ୍ୱାରା ଯୋଗ୍ୟ ହିତାଧିକାରୀମାନେ ବିନା କୌଣସି ଦ୍ୱନ୍ଦ୍ୱ କିମ୍ବା ଅସୁବିଧାରେ ଠିକ୍ ସମୟରେ ସେମାନଙ୍କର ପ୍ରାପ୍ୟ ପାଇପାରିବେ।ଅତିଥି ଓ ପ୍ରଶାସନିକ କର୍ମକର୍ତ୍ତାଙ୍କ ସକ୍ରିୟ ଅଂଶଗ୍ରହଣ କାର୍ଯ୍ୟକ୍ରମରେ ନୂଆପଡ଼ା ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ଉପାଧ୍ୟକ୍ଷ ଦିଲୀପ ନିର୍ମଳକର, ଜିଲ୍ଲା ପରିଷଦ ସଦସ୍ୟା ଉମା ଠାକୁର, ଜିଲ୍ଲା ପରିଷଦ ସଦସ୍ୟ ଭାନୁ ପ୍ରତାପ ସିଂ ମାଝୀ ଏବଂ ସରପଞ୍ଚ ସଂଘ ସଭାପତି ପ୍ରେମଲାଲ ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏଥିସହିତ ବ୍ଲକର ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟମାନେ ଉପସ୍ଥିତ ରହି ଏହି ଡିଜିଟାଲ୍ ପଦକ୍ଷେପକୁ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ନୂଆପଡ଼ା ବିଡିଓ ରୋହିତ ଭୋଇ ସ୍ୱାଗତ ଭାଷଣ ପ୍ରଦାନ କରି ପୋର୍ଟାଲ୍‌ର କାର୍ଯ୍ୟକାରିତା ସମ୍ପର୍କରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ ଏହାର ସଫଳ ରୂପାୟନ ପାଇଁ ପଞ୍ଚାୟତସ୍ତରରେ ଅଧିକାରୀ, କର୍ମଚାରୀ ଓ ଜନପ୍ରତିନିଧିଙ୍କ ସକ୍ରିୟ ସହଯୋଗ ଏବଂ ବ୍ୟାପକ ଜନସଚେତନତାର ନିତାନ୍ତ ଆବଶ୍ୟକତା ରହିଛି।ସଫଳ ପରିଚାଳନା ଓ ଧନ୍ୟବାଦ ଅର୍ପଣ ସମଗ୍ର କାର୍ଯ୍ୟକ୍ରମଟି ବିଡିଓ ରୋହିତ ଭୋଇଙ୍କ ସୁଚାରୁ ଆୟୋଜନରେ ସମ୍ପନ୍ନ ହୋଇଥିବାବେଳେ, ଏବିଡିଓ ଜ୍ଞାନ ରଞ୍ଜନ ସାହୁ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ସମ୍ବଳ ସଂଯୋଜକ ଅନିଲ କୁମାର ଲେଙ୍କା କାର୍ଯ୍ୟକ୍ରମର ମଞ୍ଚ ପରିଚାଳନା କରିଥିଲେ। ଏହି ଉତ୍ସବରେ ପଞ୍ଚାୟତ ଓ ବିଭିନ୍ନ ବିଭାଗର ପଦାଧିକାରୀ, କର୍ମଚାରୀ, ବହୁ ସଂଖ୍ୟାରେ ପେନ୍‌ସନ୍ ହିତାଧିକାରୀ ଏବଂ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସାଫଲ୍ୟମଣ୍ଡିତ କରିଥିଲେ।

ଖଡ଼ିଆରୋଡ଼ ଓ ସିନାପାଲି ଅଞ୍ଚଳରେ ଭୟଙ୍କର ଜଳ ସଙ୍କଟ

ସିନାପାଲି/ନୂଆପଡ଼ା:ପଶ୍ଚିମ ଓଡ଼ିଶାର ଅନ୍ୟନ୍ୟତମ ପ୍ରାନ୍ତୀୟ ତଥା ଉପାନ୍ତ ଜିଲ୍ଲା ଭାବେ ପରିଚିତ ନୂଆପଡ଼ା ଜିଲ୍ଲାର ଖଡ଼ିଆରୋଡ଼ ଏବଂ ସିନାପାଲି ଅଞ୍ଚଳରେ ସାମ୍ପ୍ରତିକ ସମୟରେ ପାନୀୟ ଜଳର ସ୍ଥିତି ଅତ୍ୟନ୍ତ ଜଟିଳ ହୋଇପଡ଼ିଛି। ଗ୍ରାମାଞ୍ଚଳର ଗରୀବ ଓ ଆଦିବାସୀ ଜନସାଧାରଣଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ପାଇଁ ସରକାର କୋଟି କୋଟି ଟଙ୍କା ବ୍ୟୟ କରୁଥିବା ଦାବି କରୁଥିଲେ ହେଁ, ବାସ୍ତବ କ୍ଷେତ୍ରରେ ଦୁର୍ଗମ ଅଞ୍ଚଳରେ ନଳକୂଅଗୁଡ଼ିକ ମାସ ମାସ ଧରି ଅଚଳ ହୋଇପଡ଼ିରହିଛି। ଫଳରେ ଲୋକେ ବାଧ୍ୟ ହୋଇ ଶୁଖିଲା ନଦୀ ଶେଯ କିମ୍ବା ଚୁଆ ଖୋଳି ସେଥିରୁ ମଇଳା ଓ ଦୂଷିତ ପାଣି ସଂଗ୍ରହ କରି ପିଇବାକୁ ବାଧ୍ୟ ହେଉଛନ୍ତି, ଯାହାକି ଏବେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ମୁଖ୍ୟ କେନ୍ଦ୍ରବିନ୍ଦୁ ପାଲଟିଛି। ପ୍ରାପ୍ତ ସୂଚନା ମୁତାବକ, ନୂଆପଡ଼ା ଜିଲ୍ଲାର ସିନାପାଲି ବ୍ଲକର ବିଭିନ୍ନ ଅଗ୍ରପଛ ପଞ୍ଚାୟତ ଏବଂ ଖଡ଼ିଆରୋଡ଼ ଆଖପାଖ ଗ୍ରାମାଞ୍ଚଳରେ ଭୂତଳ ଜଳସ୍ତର ଦିନକୁ ଦିନ ହ୍ରାସ ପାଉଥିବାରୁ ପୂର୍ବରୁ ଖୋଳାଯାଇଥିବା ସରକାରୀ ନଳକୂଅଗୁଡ଼ିକରୁ ପାଣି ବାହାରୁନାହିଁ। ଯେଉଁ କିଛି ନଳକୂଅ ରହିଛି, ସେଗୁଡ଼ିକ ମଧ୍ୟରୁ ଅଧିକାଂଶ ରକ୍ଷଣାବେକ୍ଷଣ ଅଭାବରୁ ଅଚଳ ହୋଇପଡ଼ିଛନ୍ତି। ଗ୍ରାମବାସୀମାନେ ନଳକୂଅ ମରାମତି ପାଇଁ ସ୍ଥାନୀୟ ପ୍ରଶାସନ ଓ ଗ୍ରାମ୍ୟ ଜଳଯୋଗାଣ ଏବଂ ପରିମଳ ବିଭାଗ (RWSS) କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅବଗତ କରାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ପାନୀୟ ଜଳର ଅଭାବରୁ ଗ୍ରାମବାସୀମାନେ ପ୍ରତିଦିନ ସକାଳୁ ଉଠି ଶୁଖିଲା ନଦୀନାଳର ଶେଯରେ ଗାତ ବା 'ଚୁଆ' ଖୋଳିବାକୁ ବାଧ୍ୟ ହେଉଛନ୍ତି। ସେହି ଚୁଆରୁ ଜମା ହେଉଥିବା ମୋଟା ଓ ମାଟିଆ ପାଣିକୁ ଛାଣି ପରିବାର ଚଳାଇବାକୁ ପଡୁଛି। ଏହି ଦୂଷିତ ଓ ଅସୁରକ୍ଷିତ ଚୁଆ ପାଣି ପିଇବା କାରଣରୁ ଗ୍ରାମାଞ୍ଚଳରେ ବିଶେଷକରି ଶିଶୁ ଏବଂ ବୃଦ୍ଧବୃଦ୍ଧାମାନେ ବିଭିନ୍ନ ଜଳବାହିତ ରୋଗ ଯଥା- ଝାଡ଼ାବାନ୍ତି, ହଜମ ଜନିତ ସମସ୍ୟା, ପେଟରୋଗ ଏବଂ ଚର୍ମରୋଗରେ ଆକ୍ରାନ୍ତ ହେଉଛନ୍ତି। ସ୍ୱାସ୍ଥ୍ୟସେବାର ସୁବିଧା ନଥିବା ଦୁର୍ଗମ ଅଞ୍ଚଳରେ ଏପରି ସ୍ଥିତି ଲୋକଙ୍କ ଜୀବନ ପ୍ରତି ଏକ ବଡ଼ ବିପଦ ସୃଷ୍ଟି କରିଛି। ସରକାରଙ୍କ 'ଜଳ ଜୀବନ ମିଶନ' ପ୍ରକଳ୍ପ ଏବଂ ପାଇପ୍‌ଲାଇନ୍ ଜଳ ଯୋଗାଣ ବ୍ୟବସ୍ଥା କେବଳ କାଗଜପତ୍ରରେ ସୀମିତ ରହିଥିବା ଏବଂ ପ୍ରକୃତ ହିତାଧିକାରୀ କିମ୍ବା ଗ୍ରାମବାସୀ ଏହାର ସୁଫଳ ପାଉନଥିବା ନେଇ ସ୍ଥାନୀୟ ବୁଦ୍ଧିଜୀବୀ ଓ ସାମାଜିକ କର୍ମୀମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହି ଗୁରୁତର ଜଳ ସମସ୍ୟାର ସ୍ଥାୟୀ ସମାଧାନ ନ କରାଗଲେ ଏବଂ ଅଚଳ ନଳକୂଅଗୁଡ଼ିକୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରା ନଗଲେ, ଆଗାମୀ ଦିନରେ ସିନାପାଲି ଓ ଖଡ଼ିଆରୋଡ଼ ଅଞ୍ଚଳର ଜନସାଧାରଣ ରାଜରାଜିକୁ ଓହ୍ଲାଇ ବ୍ଲକ କାର୍ଯ୍ୟାଳୟ ଏବଂ ଜଳଯୋଗାଣ ବିଭାଗ କାର୍ଯ୍ୟାଳୟ ଘେରାଉ କରିବେ ବୋଲି ସ୍ଥାନୀୟ ମହଲରୁ କଡ଼ା ଚେତାବନୀ ଦିଆଯାଇଛି।

ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ଓ ପୌର ନିର୍ବାଚନ

ନୂଆପଡ଼ା: ରାଜ୍ୟରେ ରାଜନୈତିକ ସମୀକରଣ ବଦଳିବା ପରେ ଏବେ ନୂଆପଡ଼ା ଜିଲ୍ଲାରେ ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ଏବଂ ପୌର ପରିଷଦ ନିର୍ବାଚନ ପାଇଁ ରାଜନୈତିକ ଉଷ୍ମତା ବୃଦ୍ଧି ପାଇଛି। ଜିଲ୍ଲାର ୫ଟି ଯାକ ବ୍ଲକ (ନୂଆପଡ଼ା, କୋମନା, ଖଡ଼ିଆଳ, ସିନାପାଲି ଏବଂ ବୋଡ଼େନ) ଏବଂ ଦୁଇଟି ଏନ୍‌ଏସି (ନୂଆପଡ଼ା ଓ ଖଡ଼ିଆଳ) ଅଞ୍ଚଳରେ ଶାସକ ଦଳ ସମେତ ସମସ୍ତ ପ୍ରମୁଖ ବିରୋଧୀ ଦଳଗୁଡ଼ିକ ନିଜର ସଙ୍ଗଠନକୁ ମଜବୁତ କରିବା ପାଇଁ ତୃଣମୂଳ ସ୍ତରରୁ ରଣନୀତି ପ୍ରସ୍ତୁତ କରିବା ଆରମ୍ଭ କରିଛନ୍ତି। ଶାସକ ଦଳ (ବିଜେପି): 'ଡବଲ୍ ଇଞ୍ଜିନ୍ ସରକାର'ର ସଫଳତାକୁ ମୁଖ୍ୟ ଅସ୍ତ୍ର ରାଜ୍ୟରେ କ୍ଷମତାରେ ଥିବା ଭାରତୀୟ ଜନତା ପାର୍ଟି (ବିଜେପି) ଆଗାମୀ ସ୍ଥାନୀୟ ନିର୍ବାଚନକୁ ସବୁଠାରୁ ବଡ଼ ଚ୍ୟାଲେଞ୍ଜ ଭାବେ ଗ୍ରହଣ କରିଛି। ଜିଲ୍ଲାରେ ଦଳୀୟ ସଙ୍ଗଠନକୁ ଅଧିକ ସୁଦୃଢ଼ କରିବା ପାଇଁ ଜିଲ୍ଲା ନେତୃତ୍ୱ ପକ୍ଷରୁ ବ୍ଲକ ଏବଂ ପଞ୍ଚାୟତ ସ୍ତରରେ ବିଶେଷ ବୈଠକ କରାଯାଉଛି। କଲ୍ୟାଣକାରୀ ଯୋଜନା: ରାଜ୍ୟ ସରକାରଙ୍କ ଦ୍ୱାରା ନିକଟରେ ମଧୁବାବୁ ପେନସନ ଯୋଜନାରେ କୋଟା ଉଚ୍ଛେଦ, ନୂତନ ଜଳସେଚନ ପ୍ରକଳ୍ପକୁ ମଞ୍ଜୁରୀ ଏବଂ ଧାନ ସଂଗ୍ରହ ବ୍ୟବସ୍ଥାରେ ସୁଧାର ଆସିଥିବାରୁ ଏହାକୁ ତୃଣମୂଳ ସ୍ତରରେ ପ୍ରଚାର କରି ଭୋଟରଙ୍କୁ ଆକୃଷ୍ଟ କରିବାକୁ ଦଳ ଯୋଜନା କରିଛି। ବୁଥ୍ କମିଟି ସଶକ୍ତିକରଣ: ପ୍ରତି ବୁଥ୍‌ରେ ସକ୍ରିୟ କର୍ମୀଙ୍କୁ ନେଇ କମିଟି ଗଠନ କରାଯିବା ସହ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନାଗୁଡ଼ିକୁ ଘରକୁ ଘର ପହଞ୍ଚାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ବିଜୁ ଜନତା ଦଳ (ବିଜେଡି): ହଜିଥିବା ଜମି ଦଖଲ ପାଇଁ ପୁନଃସଂଗଠନ ପୂର୍ବରୁ ଜିଲ୍ଲାରେ ଦମ୍ଭାଗୀ ସ୍ଥିତିରେ ଥିବା ବିଜୁ ଜନତା ଦଳ (ବିଜେଡି) ପରାଜୟର ଆତ୍ମସମୀକ୍ଷା କରି ନୂତନ ରଣନୀତି ପ୍ରସ୍ତୁତିରେ ଲାଗିଛି। ଦଳ ପକ୍ଷରୁ ଯୁବ ଓ ଛାତ୍ର ସଙ୍ଗଠନକୁ ମଜବୁତ କରାଯିବା ସହ ପଞ୍ଚାୟତ ସ୍ତରରେ ଅସନ୍ତୁଷ୍ଟ ନେତା ଓ କର୍ମୀଙ୍କୁ ଏକାଠି କରିବାକୁ ପ୍ରୟାସ ଚାଲିଛି। ଜନସମସ୍ୟାକୁ ପ୍ରସଙ୍ଗ: ବେକାରୀ, ଦାଦନ ଶ୍ରମିକ ଚାଲାଣ, ଡାକ୍ତରଖାନାରେ ଡାକ୍ତର ଅଭାବ ଏବଂ ମଣ୍ଡି ଅବ୍ୟବସ୍ଥା ଭଳି ପ୍ରସଙ୍ଗକୁ ଆଧାର କରି ଶାସକ ଦଳକୁ ଘେରିବାକୁ ବିଜେଡି ରଣନୀତି ପ୍ରସ୍ତୁତ କରିଛି। ପ୍ରାର୍ଥୀ ଚୟନ: ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ଛବିଳ ଏବଂ ସ୍ଥାନୀୟ ଜନତାଙ୍କ ମଧ୍ୟରେ ଗ୍ରହଣଯୋଗ୍ୟତା ରଖିଥିବା ପ୍ରାର୍ଥୀଙ୍କୁ ଚୟନ କରିବା ପାଇଁ ବରିଷ୍ଠ ନେତାମାନେ ବ୍ଲକ ଗସ୍ତ କରି ମତ ନେଉଛନ୍ତି। କଂଗ୍ରେସ: ପଦଯାତ୍ରା ଓ ଜନଜାଗରଣ ମାଧ୍ୟମରେ ପ୍ରତ୍ୟାବର୍ତ୍ତନ ଲକ୍ଷ୍ୟ ନୂଆପଡ଼ା ଜିଲ୍ଲାରେ ନିଜର ହଜିଥିବା ରାଜନୈତିକ ଜମିକୁ ଫେରି ପାଇବା ପାଇଁ କଂଗ୍ରେସ ଦଳ ମଧ୍ୟ ଜୋରସୋରରେ ଲାଗିପଡ଼ିଛି। ଗ୍ରାମାଞ୍ଚଳରେ ଚାଷୀ, ଶ୍ରମିକ ଏବଂ ଆଦିବାସୀଙ୍କ ସମସ୍ୟାକୁ ନେଇ ଆନ୍ଦୋଳନକୁ ଜୋରଦାର କରାଯାଇଛି। ଆଦିବାସୀ ଓ ଚାଷୀ ପ୍ରସଙ୍ଗ: ସୁନାବେଡ଼ା ଅଭୟାରଣ୍ୟ ଅଞ୍ଚଳରେ ଜଙ୍ଗଲ ଜମି ପଟ୍ଟା, ନିୟମିତ ଜଳସେଚନ ଏବଂ ସଠିକ୍ ମୂଲ୍ୟରେ ଧାନ କ୍ରୟ ଦାବିରେ କଂଗ୍ରେସ ପକ୍ଷରୁ ସ୍ୱର ତୀବ୍ର କରାଯାଇଛି। ତୃଣମୂଳ ସ୍ତରରେ ସଭା: ପଞ୍ଚାୟତ ଓ ପୌରାଞ୍ଚଳର ୱାର୍ଡଗୁଡ଼ିକରେ କର୍ମୀ ସମ୍ମିଳନୀ କରି ଦଳର ନୀତି ଆଦର୍ଶ ଏବଂ ସାଧାରଣ ଲୋକଙ୍କ ମୌଳିକ ସମସ୍ୟାଗୁଡ଼ିକୁ ଲୋକଲୋଚନକୁ ଆଣିବାକୁ ରଣନୀତି ପ୍ରସ୍ତୁତ ହୋଇଛି। ପୌରାଞ୍ଚଳ ଏବଂ ଗ୍ରାମାଞ୍ଚଳରେ ଭିନ୍ନ ସମୀକରଣ: ନୂଆପଡ଼ା ଓ ଖଡ଼ିଆଳ ଏନ୍‌ଏସି ଅଞ୍ଚଳରେ ସହରୀ ଭୋଟରଙ୍କୁ ଆକର୍ଷିତ କରିବା ପାଇଁ ଡ୍ରେନେଜ୍, ପାନୀୟ ଜଳ ଏବଂ ଆଲୋକୀକରଣ ବ୍ୟବସ୍ଥାକୁ ମୁଖ୍ୟ ପ୍ରସଙ୍ଗ କରାଯାଉଥିବା ବେଳେ, ଗ୍ରାମାଞ୍ଚଳରେ କୃଷି, ସାମାଜିକ ସୁରକ୍ଷା ଭତ୍ତା ଏବଂ ଗମନାଗମନ ସୁବିଧା ନିର୍ବାଚନର ଫଳାଫଳକୁ ପ୍ରଭାବିତ କରିବ ବୋଲି ରାଜନୈତିକ ବିଶ୍ଳେଷକମାନେ ମତବ୍ୟକ୍ତ କରିଛନ୍ତି। ଆଗାମୀ ଦିନରେ ଏହି ତିନି ପ୍ରମୁଖ ଦଳ ମଧ୍ୟରେ ତ୍ରିମୁଖୀ ପ୍ରତିଯୋଗିତା ଜିଲ୍ଲା ରାଜନୀତିକୁ ଅଧିକ ସରଗରମ କରିବ ବୋଲି ଆଶା କରାଯାଉଛି।

ଜିଲ୍ଲାରୁ ସିଧା ରିପୋର୍ଟ

ବର୍ଷ ବର୍ଷ ଧରି ଅବିବାହିତ ମହିଳାଙ୍କୁ ମିଳି ପାରୁନି ଆବାସ ଘର ଅନ୍ୟଙ୍କ ବାରଣ୍ଡାରେ ବିତୁଛି ଜୀବନ



କୁଚିଣ୍ଡା:-12-11-2026(ଯୁଗଲ କିଶୋର ଧାନ):ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ ସରକାରୀ ଯୋଜନା କାହା ପାଇଁ ? ଅସହାୟ ବ୍ୟକ୍ତି ତଥା ଅତ୍ୟାଚାର ସହିଥିବା ମହିଳା, ନିଃସହାୟ ମହିଳାଙ୍କ ପାଇଁ ନା ଘରେ ବସିରହିଥିବା ତଥା ସମସ୍ତ ସରକାରୀ ସୁବିଧା ପାଉଥିବା ଲୋକଙ୍କ ପାଇଁ ? । ଡବଲ ଇଂଜିନ ସରକାର ଙ୍କ ନିର୍ଦ୍ଦେଶ କ୍ରମେ ସମସ୍ତ ଗରିବ, ଅସହାୟ, ତଥା ନିଃସହାୟ ମହିଳା ଙ୍କ ପାଇଁ ଆବାସ ଯୋଜନା କରାଯିବ କିନ୍ତୁ ଏବେ ପର୍ଯ୍ୟନ୍ତ ଅନେକ ବ୍ୟକ୍ତି ଘର ଛାତ ଖଣ୍ଡେ ପାଇଁ ଭୋଗୁଛନ୍ତି ଦୁଃଖ । ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ ବକ୍ସମା ପଞ୍ଚାୟତ ଲାଡ ଗ୍ରାମର ଡୁଙ୍ଗାଘାଟ ପଡ଼ାରେ ଏବେ ଦେଖିବାକୁ ମିଳୁଛି ଅସହାୟ ମହିଳାଙ୍କ ଦୁର୍ଦ୍ଦାର୍ଷା । ମହିଳା ଜଣକ ନିଜ ଘର ନ ରହୁଥିବା ବେଳେ ବାଧ୍ୟ ହୋଇ ଅନ୍ୟର ଘରେ ସାହାରା ନେଇ ଜୀବନ ଅତିବାହିତ କରୁଛନ୍ତି ମହିଳା । ସୂଚନା ମୁତାବକ ଲାଡ଼ ଗ୍ରାମର ବାସନ୍ତୀ ପ୍ରଧାନ(୩୮)ଅବିବାହିତା ମହିଳା ଏବେ ଆବାସ ଯୋଜନାରୁ ବଂଚିତ । ମହିଳା ଜଣକ ପିତା ମାତା ସ୍ୱର୍ଗ ବାସ କରିଥିବାବେଳେ ବଡ଼ ଓ ସାନ ଭାଇ ସ୍ତ୍ରୀ ଓ ଛୁଆଙ୍କୁ ଅନ୍ୟତ୍ର ଘର ରହିଥିବା ବେଳେ ଏବେ ସେ ଅନ୍ୟ ସମ୍ପର୍କୀୟ ପରିବାର ଘରେ ଜୀବନ ଅତିବାହିତ କରୁଥିବା ଅଭିଯୋଗ ହୋଇଛି । ସରକାର ମହିଳା ମାନଙ୍କ ପାଇଁ ଯତ୍ନବାନ ସହଯୋଗ ର ପ୍ରତିବଧ ରହିଥିବା ବେଳେ ସ୍ଥାନୀୟ ଅଞ୍ଚଳର ଜଣେ ନେତା ତଥା ଓଡିଶା ସରକାରଙ୍କ ପଞ୍ଚାୟତିରାଜ ମନ୍ତ୍ରୀ ହୋଇ ମଧ୍ୟ ଏହି ଭଳି ଅଭାବନୀୟ ଘଟଣା ତାଙ୍କ ନଜର କୁ କଣ ପାଇଁ ଆସି ପାରୁନାହିଁ । ମହିଳା ଜଣକ ଅଭିଯୋଗ କ୍ରମେ ସେ ଘର ଖଣ୍ଡିଏ ପାଇଁ ପ୍ରଶାସନିକ ଅଧିକରି ଙ୍କ ଶହ ବାର୍ତାଳାପ ଶହ ସ୍ଥାନୀୟ ସରପଞ୍ଚ ଏବଂ ଚଳିତ ରାଜନୀତିରେ ଥିବା ନେତା ମାନଙ୍କୁ ନିଜ ସମସ୍ୟା ବିଷୟରେ ଅବଗତ କରାଇ ସାରିଛନ୍ତି । କିନ୍ତୁ ତଥାପି ଆଜିକୁ ବର୍ଷେ ଖଣ୍ଡେ ବିତିଯିବ ସେ ଆବାସ ଯୋଜନା ରୁ ବଂଚିତ ଅଛନ୍ତି । ଏହାକୁ ନେଇ ଅଞ୍ଚଳବାସୀ ଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇବାକୁ ବସୁଥିବା ବେଳେ ବିଭିନ୍ନ ଲୋକଙ୍କ ଠୁ ଶୁଣିବାକୁ ମିଳୁଛି ଆବାସ ଯୋଜନା କାହା ପାଇଁ? ଗରିବ ଅସହାୟ ଙ୍କ ପାଇଁ ନା ଧନୀ ବ୍ୟକ୍ତି ଙ୍କ ପାଇଁ? । ଏହାକୁ ନେଇ ପଞ୍ଚାୟତ ରାକେଶ ପଟେଲଙ୍କୁ ପଚାରିବାରୁ ସେ କହିଥିଲେ । ତୁରନ୍ତ ଜିଲ୍ଲା ପ୍ରଶାସନ ପକ୍ଷରୁ ମହିଳାଙ୍କୁ ଆବାସ ଯୋଜନା ରେ ଅନ୍ତର୍ଭୁକ୍ତ କରି ଘର ଖଣ୍ଡିଏ ଯୋଗାଇ ଦେବାକୁ କହିଥିଲେ । ଘର ଖଣ୍ଡିଏ ଯୋଗାଇ ଦେବାକୁ ଜନସାଧାରଣରେ ଦାବି ହେଉଛି ।

ଯୋଗେଶ୍ୱର ମନ୍ଦିରରେ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ତ୍ୱରାନ୍ୱିତ

ନୂଆପଡ଼ା: ଶୀତଦିନିଆ ପର୍ଯ୍ୟଟନ ଓ ପିକନିକ୍ ଋତୁକୁ ଦୃଷ୍ଟିରେ ରଖି ନୂଆପଡ଼ା ଜିଲ୍ଲାର ପ୍ରମୁଖ ଆଧାତ୍ମିକ ତଥା ପର୍ଯ୍ୟଟନ ସ୍ଥଳୀ ପାତାଳଗଙ୍ଗା ଏବଂ ପତୋରା ଡ୍ୟାମ୍ ନିକଟସ୍ଥ ଐତିହାସିକ ଯୋଗେଶ୍ୱର ମନ୍ଦିର ପରିସରରେ ସୌନ୍ଦର୍ଯ୍ୟକରଣ ଓ ଭିତ୍ତିଭୂମି ବିକାଶ କାର୍ଯ୍ୟକୁ ଜୋରଦାର କରାଯାଇଛି। ନିକଟରେ ନୂଆପଡ଼ା ଜିଲ୍ଲାପାଳ ଅନ୍ୟା ଦାସ ଯୋଗେଶ୍ୱର ମନ୍ଦିର ଏବଂ ପତୋରା ଡ୍ୟାମ୍ ଅଞ୍ଚଳ ପରିଦର୍ଶନ କରି ସେଠାରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିବା ସହ ଇକୋ-ଟୁରିଜିମ୍ ସମ୍ଭାବନା ଉପରେ ବିଶେଷ ଗୁରୁତ୍ୱ ଦେଇଛନ୍ତି। ପର୍ଯ୍ୟଟକଙ୍କ ଆକର୍ଷଣ ବଢ଼ାଇବା ପାଇଁ ପତୋରା ଡ୍ୟାମ୍ ତଳଭାଗରେ ଏକ ସୁନ୍ଦର ଫ୍ଲୋରାଲ୍ ଫାଉଣ୍ଟେନ୍ ନିର୍ମାଣ କରାଯାଉଥିବା ବେଳେ ହିଲ୍‌ଟପ୍ ପାର୍କ, ବସିବା ସ୍ଥାନ, ସବୁଜ ଘାସ ଗାଲିଚା ଏବଂ ରାତ୍ରିକାଳୀନ ଆଲୋକୀକରଣ ବ୍ୟବସ୍ଥାକୁ ନୂଆ ରୂପ ଦିଆଯାଉଛି। ସେହିପରି ବୋଡ଼େନ ବ୍ଲକ ଅନ୍ତର୍ଗତ ପବିତ୍ର ତୀର୍ଥକ୍ଷେତ୍ର ପାତାଳଗଙ୍ଗା ଝରଣା ଏବଂ ମହାମୃତ୍ୟୁଞ୍ଜୟ ମନ୍ଦିର ପରିସରରେ ମଧ୍ୟ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ସୁବିଧା ପାଇଁ ବିଶୁଦ୍ଧ ପାନୀୟ ଜଳ, ଶୌଚାଳୟ, ବିଶ୍ରାମାଗାର ଏବଂ ପରିମଳ ବ୍ୟବସ୍ଥାରେ ବ୍ୟାପକ ସୁଧାର ଅଣାଯାଉଛି। ପ୍ରତିବର୍ଷ ନଭେମ୍ବରରୁ ମାର୍ଚ୍ଚ ମାସ ମଧ୍ୟରେ ଓଡ଼ିଶା ସମେତ ପଡ଼ୋଶୀ ଛତିଶଗଡ଼ରୁ ହଜାର ହଜାର ପର୍ଯ୍ୟଟକ ଓ ଶ୍ରଦ୍ଧାଳୁ ଏହି ଦୁଇ ସ୍ଥାନକୁ ବୁଲିବାକୁ ଆସୁଥିବାରୁ ସେମାନଙ୍କ ସୁରକ୍ଷା ଏବଂ ଯାତାୟାତ ସୁଗମ କରିବା ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଜିଲ୍ଲା ପ୍ରଶାସନର ଏହି ସୌନ୍ଦର୍ଯ୍ୟକରଣ ପଦକ୍ଷେପ ଯୋଗୁଁ ଚଳିତ ପର୍ଯ୍ୟଟନ ଋତୁରେ ନୂଆପଡ଼ାରେ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଇବା ସହ ସ୍ଥାନୀୟ ଅଞ୍ଚଳର ଅର୍ଥନୈତିକ ଅଭିବୃଦ୍ଧି ଘଟିବ ବୋଲି ଆଶା କରାଯାଉଛି ।

ଦାଦନ ଶ୍ରମିକ ଚାଲାଣ ରୋକିବାକୁ ଜିଲ୍ଲା ଶ୍ରମ ବିଭାଗର ସ୍ୱତନ୍ତ୍ର ଡ୍ରାଇଭ୍

ନୂଆପଡ଼ା: ନୂଆପଡ଼ା ଜିଲ୍ଲାର ବିଭିନ୍ନ ବ୍ଲକରୁ ବାହାର ରାଜ୍ୟକୁ ହେଉଥିବା ବେଆଇନ ଦାଦନ ଶ୍ରମିକ ଚାଲାଣକୁ ରୋକିବା ପାଇଁ ଜିଲ୍ଲା ପ୍ରଶାସନ ଓ ଶ୍ରମ ବିଭାଗ ପକ୍ଷରୁ କଠୋର ପଦକ୍ଷେପ ଗ୍ରହଣ କରାଯାଇଛି । ପ୍ରତିବର୍ଷ ଖରିଫ ଧାନ ଅମଳ ସରିବା ମାତ୍ରେ ଜିଲ୍ଲାର କୋମନା, ବୋଡ଼େନ, ସିନାପାଲି, ଖଡ଼ିଆଳ ଏବଂ ନୂଆପଡ଼ା ସଦର ବ୍ଲକର ଆଭ୍ୟନ୍ତରୀଣ ଅଞ୍ଚଳରୁ ହଜାର ହଜାର ଶ୍ରମିକ ଦଲାଲମାନଙ୍କ ପ୍ରଲୋଭନରେ ପଡ଼ି ପଡ଼ୋଶୀ ଛତିଶଗଡ଼, ତେଲେଙ୍ଗାନା, ଆନ୍ଧ୍ରପ୍ରଦେଶ, ତାମିଲନାଡୁ ଏବଂ ମହାରାଷ୍ଟ୍ର ଭଳି ରାଜ୍ୟକୁ ଇଟାଭାଟି ଓ ନିର୍ମାଣ କାର୍ଯ୍ୟ ପାଇଁ ଯାଇଥାନ୍ତି । ଏହି ସମୟରେ ଶ୍ରମିକମାନେ ନାନାଦି ଶାରୀରିକ ଓ ଆର୍ଥିକ ଶୋଷଣର ଶିକାର ହେଉଥିବାରୁ ଚଳିତ ବର୍ଷ ଏହାକୁ ସମ୍ପୂର୍ଣ୍ଣ ରୋକିବା ପାଇଁ ଜିଲ୍ଲା ଶ୍ରମ ବିଭାଗ ଏବଂ ପୋଲିସ ପ୍ରଶାସନ ମିଳିତ ଭାବେ ଏକ ସ୍ୱତନ୍ତ୍ର ଅଭିଯାନ (Special Drive) ଆରମ୍ଭ କରିଛନ୍ତି । ରେଳ ଷ୍ଟେସନ ଓ ବସ୍ ଷ୍ଟାଣ୍ଡରେ କଡ଼ାକଡ଼ି ଯାଞ୍ଚ: ଦାଦନ ଶ୍ରମିକମାନେ ମୁଖ୍ୟତଃ ରେଳପଥ ଏବଂ ଆନ୍ତଃରାଜ୍ୟ ବସ୍ ଯୋଗେ ବାହାର ରାଜ୍ୟକୁ ଯାଉଥିବାରୁ ଖରିଆର ରୋଡ୍, ନୂଆପଡ଼ା ରୋଡ୍ ଓ ହରିଶଙ୍କର ରୋଡ୍ ରେଳ ଷ୍ଟେସନ ସମେତ ପ୍ରମୁଖ ବସ୍ ଷ୍ଟାଣ୍ଡଗୁଡ଼ିକରେ ଶ୍ରମ ବିଭାଗ ଅଧିକାରୀ, ରେଳବାଇ ପୋଲିସ (RPF) ଏବଂ ସ୍ଥାନୀୟ ପୋଲିସ ପକ୍ଷରୁ ୨୪ ଘଣ୍ଟିଆ ପାଟ୍ରୋଲିଂ ଓ ଯାଞ୍ଚ ବ୍ୟବସ୍ଥା କରାଯାଇଛି । ସନ୍ଦେହଜନକ ଭାବେ ଦଳବଦ୍ଧ ହୋଇ ଯାଉଥିବା ଶ୍ରମିକମାନଙ୍କୁ ଅଟକାଇ ସେମାନଙ୍କର ପଞ୍ଜୀକରଣ ଓ ଠିକାଦାରଙ୍କ ବୈଧ ଲାଇସେନ୍ସ ଯାଞ୍ଚ କରାଯାଉଛି । ବିନା ଲାଇସେନ୍ସରେ ଶ୍ରମିକ ନେଉଥିବା ଦଲାଲମାନଙ୍କୁ ତୁରନ୍ତ ଗିରଫ କରି କୋର୍ଟ ଚାଲାଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ସୀମାନ୍ତ ଚେକ୍‌ପୋଷ୍ଟଗୁଡ଼ିକରେ ନାକାବନ୍ଦୀ: ନୂଆପଡ଼ା ଜିଲ୍ଲା ଛତିଶଗଡ଼ ସୀମାକୁ ଲାଗି ରହିଥିବାରୁ ଦଲାଲମାନେ ରାତି ଅଧରେ ଘରୋଇ ଗାଡ଼ି କିମ୍ବା ଟ୍ରକ୍ ଯୋଗେ ଶ୍ରମିକମାନଙ୍କୁ ସୀମା ପାର କରାଇଥାନ୍ତି । ଏହାକୁ ରୋକିବା ପାଇଁ ଓଡ଼ିଶା-ଛତିଶଗଡ଼ ସୀମାନ୍ତବର୍ତ୍ତୀ ସମସ୍ତ ଚେକ୍‌ପୋଷ୍ଟରେ ପୋଲିସ ଓ ଶ୍ରମ ବିଭାଗର ସ୍ୱତନ୍ତ୍ର ସ୍କ୍ୱାଡ୍ ମୁତୟନ କରାଯାଇଛି । ସୀମା ପାର ହେଉଥିବା ପ୍ରତ୍ୟେକ ଯାତ୍ରୀବାହୀ ଓ ମାଲବାହୀ ଗାଡ଼ିକୁ କଡ଼ାକଡ଼ି ଭାବେ ତନଖି କରାଯାଉଛି । ପଞ୍ଚାୟତ ସ୍ତରରେ ସଚେତନତା ଓ କର୍ମଯୋଗାଣ: କେବଳ ଆଇନଗତ କାର୍ଯ୍ୟାନୁଷ୍ଠାନ ନୁହେଁ, ବରଂ ଗାଁ ଗାଁରେ ଶ୍ରମିକମାନଙ୍କୁ ସଚେତନ କରିବା ପାଇଁ ପଞ୍ଚାୟତ ସ୍ତରରେ ବିଶେଷ ବୈଠକ ଓ ଡାକବାଜି ଯନ୍ତ୍ର ମାଧ୍ୟମରେ ପ୍ରଚାର କରାଯାଉଛି । ବାହାର ରାଜ୍ୟକୁ ଯିବା ପୂର୍ବରୁ ଶ୍ରମ ବିଭାଗ କାର୍ଯ୍ୟାଳୟରେ ନିଜର ନାମ ପଞ୍ଜୀକରଣ କରିବାକୁ ପରାମର୍ଶ ଦିଆଯାଉଛି, ଯାହାଫଳରେ ସେମାନଙ୍କୁ ସରକାରୀ ସହାୟତା ଓ ସୁରକ୍ଷା ମିଳିପାରିବ । ଏହା ସହିତ ଶ୍ରମିକମାନେ ଯେପରି ନିଜ ଗାଁରେ ରହି ରୋଜଗାର ପାଇପାରିବେ, ସେଥିପାଇଁ ମନରେଗା ଯୋଜନାରେ ଅଧିକରୁ ଅଧିକ କାର୍ଯ୍ୟ ଯୋଗାଇ ଦେବାକୁ ସମସ୍ତ ବିଡିଓ ମାନଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ପ୍ରଶାସନର ଏହି ତ୍ୱରିତ ପଦକ୍ଷେପ ଓ କଡ଼ା ନଜର ଯୋଗୁଁ ବେଆଇନ ଦାଦନ ଚାଲାଣକାରୀ ଦଲାଲଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଥିବା ବେଳେ ସାଧାରଣ ମହଲରେ ଏହାକୁ ସ୍ୱାଗତ କରାଯାଇଛି ।

ମାଟିର ଖବର

ନୂଆପଡ଼ାରେ ଏକୀକୃତ ପେନ୍‌ସନ୍ ପରିଚାଳନା ପୋର୍ଟାଲର ଜିଲ୍ଲାସ୍ତରୀୟ ଶୁଭାରମ୍ଭ

ନୂଆପଡ଼ା:୧୨/୧୧: ସାମାଜିକ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସ୍ୱଚ୍ଛ, ସରଳ ଓ ସୁବ୍ୟବସ୍ଥିତ କରିବା ସହ ସମସ୍ତ ଯୋଗ୍ୟ ବ୍ୟକ୍ତିଙ୍କୁ ପେନ୍‌ସନ୍ ଯୋଜନାରେ ସାମିଲ କରିବା ଲକ୍ଷ୍ୟରେ ନୂଆପଡ଼ା ପୋଲିସ ପଡ଼ିଆଠାରେ ଏକୀକୃତ ପେନ୍‌ସନ୍ ପରିଚାଳନା ପୋର୍ଟାଲ (UPMP)ର ଜିଲ୍ଲାସ୍ତରୀୟ ଶୁଭାରମ୍ଭ ସହ ମଧୁବାବୁ ପେନ୍‌ସନ୍ ଯୋଜନାରେ ଯୋଗ୍ୟ ହିତାଧିକାରୀଙ୍କ ଶତପ୍ରତିଶତ ଅନ୍ତର୍ଭୁକ୍ତି ନିମନ୍ତେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଅନ୍ୟା ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ନୂଆପଡ଼ା ବିଧାୟକ ତଥା ଜିଲ୍ଲା ଯୋଜନା କମିଟିର ଅଧ୍ୟକ୍ଷ ଜୟ ଢୋଲକିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। କଳାହାଣ୍ଡି ଲୋକସଭା ସାଂସଦଙ୍କ ପ୍ରତିନିଧି ପ୍ରେମ ଅଗ୍ରୱାଲ, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ହୋମସିଂ ମାଝୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଡଲି ମାଝୀ, ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ ପ୍ରମୁଖ ମଞ୍ଚାସୀନ ଥିଲେ। ଏକୀକୃତ ପେନ୍‌ସନ୍ ପରିଚାଳନା ପୋର୍ଟାଲ ମାଧ୍ୟମରେ ପେନ୍‌ସନ୍ ଆବେଦନ ଓ ମଞ୍ଜୁରି ପ୍ରକ୍ରିୟା ସରଳ ଓ ତ୍ୱରିତ ହେବା ସହ ଯୋଗ୍ୟ ଆବେଦନକାରୀ ଆବେଦନର ପରବର୍ତ୍ତୀ ମାସରୁ ପେନ୍‌ସନ୍ ପାଇପାରିବେ। ସେହିପରି, ୮୦ ବର୍ଷ ବୟସ ପୂରଣ କରୁଥିବା ହିତାଧିକାରୀଙ୍କୁ ବିନା ପୁନଃଆବେଦନରେ ପରବର୍ତ୍ତୀ ମାସରୁ ସ୍ୱୟଂଚାଳିତ ଭାବେ ବର୍ଦ୍ଧିତ ପେନ୍‌ସନ୍ ପ୍ରଦାନ କରାଯିବ। ବର୍ତ୍ତମାନ ଜିଲ୍ଲାରେ ବିଭିନ୍ନ ସାମାଜିକ ସୁରକ୍ଷା ପେନ୍‌ସନ୍ ଯୋଜନାରେ ମୋଟ ୧,୧୧,୫୩୨ ଜଣ ହିତାଧିକାରୀ ଅନ୍ତର୍ଭୁକ୍ତ ଅଛନ୍ତି। ସେଥିମଧ୍ୟରୁ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ (NSAP)ରେ ୪୯,୯୮୪ ଜଣ, ମଧୁବାବୁ ପେନ୍‌ସନ୍ ଯୋଜନାରେ ୬୧,୧୦୩ ଜଣ ହିତାଧିକାରୀ ଏବଂ ନୂତନ ଭାବେ ୪୪୫ ଜଣଙ୍କ ପେନ୍‌ସନ୍ ମଞ୍ଜୁର ହୋଇଛି। ଏହି ଅବସରରେ ୧୦୧ ଜଣ ନୂତନ ହିତାଧିକାରୀଙ୍କୁ ଅତିଥିମାନେ ପେନ୍‌ସନ୍ ପ୍ରଦାନ କରିଥିଲେ। ଅବଶିଷ୍ଟ ହିତାଧିକାରୀମାନେ ନିଜ ନିଜ ବ୍ଲକରୁ ପେନ୍‌ସନ୍ ପାଇବେ। ଜିଲ୍ଲା ପରିଷଦର ନିର୍ବାହୀ ଅଧିକାରୀ ଲମ୍ବୋଦର ଧରୁଆ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଅନନ୍ତ କୁମାର ହେମ୍ବ୍ରମ କାର୍ଯ୍ୟକ୍ରମର ସଂଯୋଜନା କରିଥିବାବେଳେ ଜିଲ୍ଲା କ୍ରୀଡ଼ା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଡ଼େଇ ସହଯୋଗ କରିଥିଲେ। ଜିଲ୍ଲା ସମ୍ବଳ ସଂଯୋଜକ ଅନିଲ କୁମାର ଲେଙ୍କା ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାସ୍ତରୀୟ ଅଧିକାରୀ, ବ୍ଲକ୍ ଓ ଏନ୍‌ଏସି ଅଧ୍ୟକ୍ଷ/ଅଧ୍ୟକ୍ଷା, ଜିଲ୍ଲା ପରିଷଦ ସଦସ୍ୟ, ଅନ୍ୟାନ୍ୟ ନିର୍ବାଚିତ ପ୍ରତିନିଧି, ହିତାଧିକାରୀ ଓ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ। ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରେ ଅତିଥିମାନେ ସଚେତନତା ରଥକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ।



ଜନମତ

ମାଗଣା ଉଚ୍ଚଶିକ୍ଷା ଯୋଜନାରେ ନୂଆପଡ଼ା ଜିଲ୍ଲାର ଉତ୍ସାହଜନକ ସଫଳତା

ନୂଆପଡ଼ା: ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଇଥିବା ଅଭିନବ ଏବଂ ମହତ୍ତ୍ୱାକାଂକ୍ଷୀ ମାଗଣା ଉଚ୍ଚଶିକ୍ଷା ଯୋଜନା ନୂଆପଡ଼ା ଜିଲ୍ଲାରେ ଏକ ବଡ଼ ପରିବର୍ତ୍ତନ ଆଣିଛି। ଏକ ଆକାଂକ୍ଷୀ (Aspirational) ଜିଲ୍ଲା ଭାବରେ ପଛୁଆ ବର୍ଗର ଛାତ୍ରଛାତ୍ରୀମାନଙ୍କୁ ଉଚ୍ଚଶିକ୍ଷା ସୁଯୋଗ ପ୍ରଦାନ ଦିଗରେ ଏହି ଯୋଜନା ବରଦାନ ସାବ୍ୟସ୍ତ ହୋଇଛି। ସଦ୍ୟ ପ୍ରକାଶିତ ରିପୋର୍ଟ ଅନୁଯାୟୀ, ଜିଲ୍ଲାରେ ଏହି ଯୋଜନା ଆଧାରରେ ନାମଲେଖା ହାର ୯୪.୬୪ ପ୍ରତିଶତରେ ପହଞ୍ଚିଛି, ଯାହାକି ଶିକ୍ଷାକ୍ଷେତ୍ରରେ ଏକ ଉତ୍ସାହଜନକ ଏବଂ ଗର୍ବର ବିଷୟ ଅଟେ। ପୂର୍ବରୁ ଆର୍ଥିକ ଅନଗ୍ରସରତା ଏବଂ ଦାରିଦ୍ର୍ୟ କାରଣରୁ ବହୁ ପ୍ରତିଭାବାନ ଯୁବକଯୁବତୀ ଯୁକ୍ତ ଦୁଇ, ଯୁକ୍ତ ତିନି ଏବଂ ସ୍ନାତକୋତ୍ତର (PG) ପାଠପଢ଼ା ମଝାମଝିରୁ ପାଠ ପଢ଼ା ବନ୍ଦ କରିବାକୁ ବାଧ୍ୟ ହେଉଥିଲେ। ମାତ୍ର ବର୍ତ୍ତମାନ ନର୍ସରୀରୁ ଆରମ୍ଭ କରି ପିଜି ପର୍ଯ୍ୟନ୍ତ ସମସ୍ତ ସରକାରୀ ଶିକ୍ଷାନୁଷ୍ଠାନରେ ପ୍ରବେଶିକା ଏବଂ ଟ୍ୟୁସନ୍ ଫି' ସମ୍ପୂର୍ଣ୍ଣ ମାଗଣା କରାଯିବା ଫଳରେ ଗ୍ରାମାଞ୍ଚଳର ଗରିବ ପରିବାରଗୁଡ଼ିକ ମଧ୍ୟରେ ବେଶ୍ ଆଶା ସଞ୍ଚାର ହୋଇଛି। ବିଶେଷ କରି ଖଡ଼ିଆଳ, ସିନାପାଲି, ବୋଡ଼େନ ଏବଂ କୋମନା ବ୍ଲକର ଆଭ୍ୟନ୍ତରୀଣ ଅଞ୍ଚଳରୁ ଆସୁଥିବା ଛାତ୍ରଛାତ୍ରୀମାନେ କଲେଜମାନଙ୍କରେ ବ୍ୟାପକ ସଂଖ୍ୟାରେ ନାମ ଲେଖାଉଥିବା ଦେଖିବାକୁ ମିଳିଛି। ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ଶିକ୍ଷା ବିଭାଗର ମିଳିତ ପ୍ରୟାସ ଯୋଗୁଁ ଏହି ଯୋଜନାର ସଫଳ ରୂପାୟନ ସମ୍ଭବ ହୋଇପାରିଛି। ବିଭିନ୍ନ କଲେଜ ଏବଂ ଉଚ୍ଚ ବିଦ୍ୟାଳୟରେ ସଚେତନତା ଶିବିର ଆୟୋଜନ କରାଯାଇ ଅଭିଭାବକମାନଙ୍କୁ ଏହି ଯୋଜନାର ସୁଫଳ ସମ୍ପର୍କରେ ବୁଝାଯାଇଥିଲା। ଏହାଦ୍ୱାରା ଝିଅମାନଙ୍କର ଉଚ୍ଚଶିକ୍ଷା ଗ୍ରହଣ କରିବା ହାର ମଧ୍ୟ ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଛି। ଜିଲ୍ଲାରେ ଶିକ୍ଷାର ମାନ ବୃଦ୍ଧି ଏବଂ ଝଡ଼ାଝଡ଼ି ହ୍ରାସ କରିବାରେ ଏହି ଯୋଜନା ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହୋଇଥିବା ବେଳେ ଆଗାମୀ ଦିନରେ ଏହା ନୂଆପଡ଼ାର ଶିକ୍ଷାଗତ ମାନଚିତ୍ରକୁ ସମ୍ପୂର୍ଣ୍ଣ ବଦଳାଇ ଦେବ ବୋଲି ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି।

ବୁଢ଼ାରଜା କ୍ରିକେଟ କପ୍ ସିଜନ୍-୮ ପାଇଁ ପ୍ରସ୍ତୁତି ବୈଠକ ଡିସେମ୍ବର ୧୨ରୁ ଆରମ୍ଭ ହେବ ଟୁର୍ଣ୍ଣାମେଣ୍ଟ, ବିଜେତାଙ୍କୁ ୧ ଲକ୍ଷ ଟଙ୍କା ପୁରସ୍କାର



ସିନାପାଲି : ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଅନ୍ତର୍ଗତ ସିଙ୍ଘଝର ଠାରେ ଅଞ୍ଚଳର ଲୋକପ୍ରିୟ କ୍ରୀଡ଼ା ଆୟୋଜନ ବୁଢ଼ାରଜା କ୍ରିକେଟ କପ୍ ସିଜନ୍-୮ ଟୁର୍ଣ୍ଣାମେଣ୍ଟ ଆୟୋଜନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଲାବଣ୍ୟ ବୈଠାରୁ,ଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ଆଗାମୀ କ୍ରିକେଟ ପ୍ରତିଯୋଗିତାକୁ ସଫଳ ଓ ଶୃଙ୍ଖଳିତ ଭାବେ ଆୟୋଜନ କରିବା ନେଇ ବିଭିନ୍ନ ଦିଗରେ ଆଲୋଚନା ହୋଇଥିଲା। ବୈଠକରେ ଟୁର୍ଣ୍ଣାମେଣ୍ଟ କମିଟିର ସଭାପତି ଗୌରୀଶଙ୍କର ମାଝୀ, ଉପସଭାପତି ରାମ ବିଶି, ସମ୍ପାଦକ ପ୍ରେମଚାନ୍ଦ ବୈଠାରୁ,, ସହସମ୍ପାଦକ ଅନନ୍ତରାମ ମାଝୀ ଓ କୋଷାଧ୍ୟକ୍ଷ କ୍ଷୀରୋଦ ଚନ୍ଦ୍ର ବୈଠାରୁ, ଙ୍କ ସମେତ ସଞ୍ଜୟ କୁମାର ବୈଠାରୁ,ଏବଂ ଜୟ ଶ୍ରୀ ବୀଣାପାଣି ଯୁବକ ସଂଘର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏହାସହ କ୍ରୀଡ଼ାପ୍ରେମୀ ତଥା ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତି ରମେଶ ଚନ୍ଦ୍ର ଅଗ୍ରୱାଲ, ବ୍ରଜମୋହନ ଧାକଡ଼, ଧରଣୀଧର ମାଝୀ, ଭୁବନ ବୈଠାରୁ ଖୁଦିରାମ ବୈଠାରୁ , ଭୁବେଶ୍ୱର ନାୟକ, କେଶବ ନାୟକ, ଦେବେନ୍ଦ୍ର ନାୟକ, ସୁରେଶ କୁମାର ମାଝୀ, ନରେନ୍ଦ୍ର ନାୟକ, ବିନୋଦ ସହିସ, ଟୁନା ମାଝୀ, ଦେବଦତ୍ତ ପ୍ରଧାନ, ପ୍ରେମସିଂ ମାଝୀ, ଚନ୍ଦ୍ରଧ୍ୱଜ ମାଝୀ, ବୈକୁଣ୍ଠ କଶ୍ୟପ, ଯଜ୍ଞେଶ ନାୟକ, କେଦାରନାଥ ମାଝୀ, ପ୍ରବୀଣ ଚନ୍ଦ୍ର ମାଝୀ, ଭବିଷ ବୈଠାରୁ,ଦିନ ବାଗ, ଚନ୍ଦ୍ରଭାନ ବାଗ, ବୈକୁଣ୍ଠ ମାଝୀ, ଚନ୍ଦ୍ର ମାଝୀ, କମଳାକାନ୍ତ ସେଠୀ, ତନୟ ବୈଠାରୁ , ଦେବବ୍ରତ ମାଝୀ, ନରେନ୍ଦ୍ର ବୈଠାରୁ , ଭୂତେଶ୍ୱର ବୈଠାରୁ,ଚିନ୍ମୟ ନାୟକ, ମାନସ ଦାସ, ଜଗନ୍ନାଥ ନାୟକ, ବଳରାମ ମାଝୀ, ଲଳିତ ମାଝୀ, ରାଜକୁମାର ମାଝୀ, ପୟୋଜ କଶ୍ୟପ, ସୁବାଷ ବୈଠାରୁ,ଚନ୍ଦନ ବୈଠାରୁ,ପୁନିତ ବୈଠାରୁ ଓ ଗୌତମ ବୈଠାରୁ ଙ୍କ ସମେତ ସିଙ୍ଘଝର ଗ୍ରାମପଞ୍ଚାୟତର ପ୍ରତିନିଧି, ଗ୍ରାମବାସୀ ଓ ଅଞ୍ଚଳର ବହୁ କ୍ରୀଡ଼ାପ୍ରେମୀ ଯୋଗଦେଇଥିଲେ। ପ୍ରକାଶ ଥାଉକି, ବୁଢ଼ାରଜା କ୍ରିକେଟ କପ୍ ସିଙ୍ଘଝର ଅଞ୍ଚଳର ଏକ ପ୍ରମୁଖ କ୍ରୀଡ଼ା ମହୋତ୍ସବ ଭାବେ ପରିଚିତ। ପ୍ରତିବର୍ଷ ଏହି ପ୍ରତିଯୋଗିତାରେ ବିଭିନ୍ନ ଅଞ୍ଚଳର କ୍ରିକେଟ ଦଳ ଭାଗ ନେଇ ନିଜର କ୍ରୀଡ଼ା ନୈପୁଣ୍ୟ ପ୍ରଦର୍ଶନ କରିଥାନ୍ତି। ଚଳିତ ବର୍ଷ ମଧ୍ୟ ଏହାକୁ ଆହୁରି ଆକର୍ଷଣୀୟ ଓ ଉତ୍ସାହଜନକ କରିବା ପାଇଁ କମିଟି ପକ୍ଷରୁ ବିଶେଷ ପ୍ରସ୍ତୁତି ହାତକୁ ନିଆଯାଇଛି। ବୈଠକରେ ନିଷ୍ପତ୍ତି ଅନୁସାରେ, ଆଗାମୀ ଡିସେମ୍ବର ୧୨ ତାରିଖରୁ ବୁଢ଼ାରଜା ମିନି ଷ୍ଟାଡିୟମ ପରିସରରେ ସିଜନ୍-୮ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବ। ଏଥିରେ ପ୍ରଥମ ପୁରସ୍କାର ଭାବେ ବିଜେତା ଦଳକୁ ୧ ଲକ୍ଷ ଟଙ୍କା ସହ ଆକର୍ଷଣୀୟ ଟ୍ରଫି ଏବଂ ରନର୍ସଅପ୍ ଦଳକୁ ୬୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯିବ ବୋଲି କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏହି କ୍ରୀଡ଼ା ମହୋତ୍ସବକୁ ସଫଳ କରିବା ସହ ଅଞ୍ଚଳରେ କ୍ରୀଡ଼ା ଓ ଭାଇଚାରାର ଭାବନାକୁ ଆହୁରି ମଜଭୁତ କରିବା ପାଇଁ କମିଟି ପକ୍ଷରୁ ସମସ୍ତ କ୍ରୀଡ଼ାପ୍ରେମୀ ଓ ଅଞ୍ଚଳବାସୀଙ୍କ ସହଯୋଗ କାମନା କରାଯାଇଛି।

ପୋଖରୀ ନିଲାମରେ ଅନିୟମିତତା ଓ ମନରେଗା ଯୋଜନାରେ ଦୁର୍ନୀତି ଅଭିଯୋଗ ସିନାପାଲି ବିଡିଓଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ

ସିନାପାଲି, ୮/୧୧: ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଅନ୍ତର୍ଗତ ରାଣିମୁଣ୍ଡା ଗ୍ରାମପଞ୍ଚାୟତରେ ପୋଖରୀ ନିଲାମଠାରୁ ଆରମ୍ଭ କରି ମନରେଗା ଯୋଜନାର କାର୍ଯ୍ୟ ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରରେ ବ୍ୟାପକ ଅନିୟମିତତା ଓ ଦୁର୍ନୀତି ହୋଇଥିବା ନେଇ ଅଭିଯୋଗ ଉଠିଛି। ଏନେଇ ପଞ୍ଚାୟତ ଅନ୍ତର୍ଗତ ମହେଶ୍ୱର ଗ୍ରାମର ଅନେକ ଗ୍ରାମବାସୀ ସିନାପାଲି ବିଡିଓ କାର୍ମି ଓରାମଙ୍କ ନିକଟରେ ଲିଖିତ ଅଭିଯୋଗ କରି ଘଟଣାର ନିରପେକ୍ଷ ତଦନ୍ତ ଦାବି କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ରାଣିମୁଣ୍ଡା ପଞ୍ଚାୟତରେ କେତେକ କାର୍ଯ୍ୟରେ ମନମୁଖି ନିଷ୍ପତ୍ତି ଓ ଅନିୟମିତତା ହେଉଥିବାରୁ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ବିଶେଷକରି ପଞ୍ଚାୟତ ଅଧୀନରେ ଥିବା ସରକାରୀ ପୋଖରୀକୁ ନିଲାମ କରିବା ପୂର୍ବରୁ କୌଣସି ସାର୍ବଜନୀନ ନୋଟିସ ଜାରି କରାଯାଇନଥିବା ଏବଂ ଡାକବାଜି ଯନ୍ତ୍ର ମାଧ୍ୟମରେ ପ୍ରଚାର କରାଯାଇନଥିବା ଅଭିଯୋଗ ହୋଇଛି। ଏପରିକି ଗ୍ରାମସଭାରେ ଆଲୋଚନା କିମ୍ବା ଅନୁମୋଦନ ନକରି ପୋଖରୀ ନିଲାମ କରାଯାଇଥିବା ଗ୍ରାମବାସୀ ଦର୍ଶାଇଛନ୍ତି। ଏହାଦ୍ୱାରା ପଞ୍ଚାୟତର ରାଜସ୍ୱ କ୍ଷତି ହୋଇଥିବା ନେଇ ମଧ୍ୟ ସନ୍ଦେହ ପ୍ରକାଶ କରିଛନ୍ତି। ସେହିପରି ମନରେଗା ଯୋଜନାରେ ମଧ୍ୟ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ଆଣିଛନ୍ତି ଗ୍ରାମବାସୀ। ପ୍ରକୃତ ଶ୍ରମିକଙ୍କୁ କାମ ଯୋଗାଇ ନଦେଇ ମେସିନ୍ ଦ୍ୱାରା କାର୍ଯ୍ୟ କରାଯାଉଥିବା ବେଳେ ଜାଲ୍ ମାଷ୍ଟର ରୋଲ୍ ପ୍ରସ୍ତୁତ କରି କାମ କରିନଥିବା ଲୋକଙ୍କ ନାମରେ ଅର୍ଥ ଉଠାଣ ହେଉଥିବା ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି। ଏହାଦ୍ୱାରା ଯୋଜନାର ମୂଳ ଉଦ୍ଦେଶ୍ୟ ବାଧାପ୍ରାପ୍ତ ହେବା ସହ ପ୍ରକୃତ ଶ୍ରମିକମାନେ ସେମାନଙ୍କ ହକ୍‌ରୁ ବଞ୍ଚିତ ହେଉଥିବା ଗ୍ରାମବାସୀ କହିଛନ୍ତି। ଅନ୍ୟପକ୍ଷରେ ପଞ୍ଚାୟତରେ ଗ୍ରାମସଭା କିମ୍ବା ପଞ୍ଚାୟତ ବୈଠକରେ ଆଲୋଚନା ଓ ଅନୁମୋଦନ ନକରି ସରପଞ୍ଚ ନିଜ ମନମୁତାବକ ବିଭିନ୍ନ ନିଷ୍ପତ୍ତି ନେଉଥିବା ଅଭିଯୋଗ ହୋଇଛି। ଗଣତାନ୍ତ୍ରିକ ପ୍ରକ୍ରିୟା ଓ ଗ୍ରାମସଭାର ନିୟମକୁ ଅଣଦେଖା କରାଯାଉଥିବା ନେଇ ମଧ୍ୟ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହି ସମସ୍ତ ଅଭିଯୋଗକୁ ଗୁରୁତ୍ୱର ସହ ବିଚାର କରି ଏକ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ ଗଠନ କରି ଘଟଣାସ୍ଥଳରେ ତଦନ୍ତ କରିବାକୁ ବିଡିଓଙ୍କୁ ନିବେଦନ କରାଯାଇଛି। ଏଥିସହିତ ନିୟମ ଉଲ୍ଲଂଘନ କରି ହୋଇଥିବା ପୋଖରୀ ନିଲାମକୁ ରଦ୍ଦ କରିବା ସହ ମନରେଗା ଯୋଜନାରେ ହୋଇଥିବା କଥିତ ଅନିୟମିତତାର ତଦନ୍ତ କରି ଦୋଷୀଙ୍କ ବିରୋଧରେ ଆଇନାନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି। ଏହି ଅଭିଯୋଗପତ୍ରରେ ହୃଦୟା ମାଝୀ, ଲକ୍ଷ୍ମୀ ହଂସ, ଗୋଲାପୀ ଜଗତ, ମାଳତୀ ଜଗତ, ଦିନେଶ ସୁନାନୀ, ଦିଲେଶ୍ୱର ହାତୀ, କେତନ ଜାଲ, ଭୂପତି ମାଝୀ, ମଦନ ଲାଲ ତାଣ୍ଡି, ଚକ୍ରହଂସଙ୍କ ସମେତ ଅନେକ ଗ୍ରାମବାସୀ ଦସ୍ତଖତ କରିଛନ୍ତି। ଅନ୍ୟପଟେ ଏନେଇ ରାଣିମୁଣ୍ଡା ସରପଞ୍ଚଙ୍କ ପ୍ରତିକ୍ରିୟା ନେବାରୁ ସେ ଗ୍ରାମବାସୀଙ୍କ ଆଣିଥିବା ସମସ୍ତ ଅଭିଯୋଗକୁ ମିଥ୍ୟା ବୋଲି କହିବା ସହ ସମସ୍ତ କାର୍ଯ୍ୟ ନିୟମ ଅନୁଯାୟୀ କରାଯାଇଥିବା ପ୍ରକାଶ କରିଛନ୍ତି। ତେବେ ଅଭିଯୋଗ ଓ ପ୍ରତିଅଭିଯୋଗ ମଧ୍ୟରେ ଏହି ଘଟଣାର ସତ୍ୟାସତ୍ୟ ତଦନ୍ତ ପରେ ହିଁ ସ୍ପଷ୍ଟ ହେବ। ଆଗାମୀ ଦିନରେ ପ୍ରଶାସନ ପକ୍ଷରୁ ଉଚିତ୍ ପଦକ୍ଷେପ ଗ୍ରହଣ କରାନଗଲେ ଗ୍ରାମବାସୀ ନୂଆପଡ଼ା ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେବା ସହ ଉଚ୍ଚସ୍ତରୀୟ ତଦନ୍ତ ଦାବି କରିବେ ବୋଲି ଚେତାବନୀ ଦେଇଛନ୍ତି।



ଆଜିର ପ୍ରମୁଖ

ରଣକୋଠାର କାଳିମାତା ପୂଜା କମିଟି ପକ୍ଷରୁ ଜାତୀୟସ୍ତରର ଭଲିବଲ୍ ପ୍ରତିଯୋଗିତା ବିଧାୟକଙ୍କ ଦ୍ବାରା ଉଦ୍ଘାଟିତ



ଭୋଗରାଇ:୧୩/୧୧(ଆଦ୍ଧାଶା):ଭଲିବଲ୍ ବାଲେଶ୍ୱର ଜିଲ୍ଲା ଭୋଗରାଇର ଜାତୀୟ ଖେଳ କହିଲେ ଅତ୍ୟୁକ୍ତି ହେବନାହିଁ ଗୁରୁବାର ସନ୍ଧ୍ୟାରେ ରଣକୋଠାର କାଳିମାତା ପୂଜା କମିଟି ପକ୍ଷରୁ ଆୟୋଜିତ ଜାତୀୟସ୍ତରର ଭଲିବଲ୍ ପ୍ରତିଯୋଗିତାକୁ ବିଧାୟକ ଗୈତମବୁଦ୍ଧ ଦାସ ଉଦଘାଟନ କରିଛନ୍ତି । ତାଙ୍କ ସହିତ ପ୍ରାକ୍ତନ ପଞ୍ଚାୟତ ସମିତି ଅଧକ୍ଷ ଗଣପତି ଗିରି, ଜିଲ୍ଲାପରିଷଦ ପ୍ରତିମା ଚାନ୍ଦ, ସମାଜସେବୀ ଶ୍ରୀହରୀ ଜେନା, ଗୁଣାକର ମାଝି, ଚନ୍ଦନେଶ୍ୱର ଫାଣ୍ଡି ଅଧିକାରୀ ପ୍ରକାଶ ଚନ୍ଦ୍ର ନାୟକ, ଇଞ୍ଜିନିଅର ବେନୁ ଚରଣ ବେହେରା, ସୁଧୀର ଦେ ଯୋଗଦେଇଥିଲେ । ଗୁରୁବାର ଆରମ୍ଭ ହୋଇଥିବା ପ୍ରତିଯୋଗିତାର ପ୍ରଥମ ସେଟରେ ଭଦ୍ରଖର ସୂର୍ଯ୍ୟସିଖା ଓ ଓଡିଶା ସ୍ପୋର୍ଟସ ହଷ୍ଟେଲ ଭୁବନେଶ୍ୱର ମଧ୍ୟରେ ହୋଇଥିବା ବେଳେ , ୨ୟ ସେଟରେ ଇଷ୍ଟର୍ଣ୍ଣ ରେଲୱେ କଲିକତା ଓ ଆଜାମଗଡ ସ୍ମାଶାର ଉତ୍ତରପ୍ରଦେଶ ମଧ୍ୟରେ ମ୍ଯାଚ ହୋଇଥିଲା।ଜାତୀୟ ସ୍ତରର ରେଫାରୀ ସୁଜୟ କୁମାର ନାୟକ, ଦୁର୍ଗାମାଧବ ନାୟକ, ସଂଜୟ ବଳ, ପ୍ରୀତିରଞ୍ଜନ ଘଡାଇ ଖେଳ ପରିଚାଳନା କରିଥିଲେ। ଆସନ୍ତା କାଲି ସେମିଫାଇନାଲ ହେବା ସହ ସେଥିରୁ ଦୁଇ ବିଜେତା ଦଳ ମଧ୍ୟରେ ଫାଇନାଲ ମ୍ଯାଚ ହେବ ବୋଲି ସୂଚନା ମିଳିଛି । ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନାରେ ରଣକୋଠା ଡାକବଙ୍ଗଳା ପରିସରରେ ଥିବା ଜଳସମ୍ପଦ ବିଭାଗ ଓ ପୂଜା କମିଟିର ସଭାପତି ହେମନ୍ତ ସାମଲ, ସମ୍ପାଦକ ହରିହର ଜେନା, କୋଷାଧକ୍ଷ ବୈକୁଣ୍ଠ ନାଥ ପାତ୍ର, ସ୍ଥାନୀୟ ଅଧିବାସୀ କାଳିଚରଣ ପାତ୍ର, ଶଶିକାନ୍ତ ଦେ, ବିକାଶ ଚାନ୍ଦ, ସଞ୍ଜିବ ଚାନ୍ଦ, ଶାଶ୍ୱତ ଜେନା, ଜଗନ୍ନାଥ ପାତ୍ର, ନନୀଗୋପାଳ ପାତ୍ର ପ୍ରମୁଖ ସହଯୋଗ କରିଥିଲେ ।

ଉପକୂଳବର୍ତ୍ତୀ ଅଞ୍ଚଳରେ ଲବଣକ୍ଷାର ଓ ଦୂଷିତ ପାନୀୟ ଜଳ ସମସ୍ୟା

ବାଲିଆପାଳ/ବାଲେଶ୍ୱର:ବଙ୍ଗୋପସାଗର ଏବଂ ସୁବର୍ଣ୍ଣରେଖା ନଦୀ ଉପକୂଳବର୍ତ୍ତୀ ଅଞ୍ଚଳ ଭାବେ ପରିଚିତ ବାଲେଶ୍ୱର ଜିଲ୍ଲାର ଭୋଗ୍ରାୟ, ବାଲିଆପାଳ ଏବଂ ବସ୍ତା ବ୍ଲକର ବିଭିନ୍ନ ପଞ୍ଚାୟତରେ ସାମ୍ପ୍ରତିକ ସମୟରେ ପାନୀୟ ଜଳ ସମସ୍ୟା ଅତ୍ୟନ୍ତ ଜଟିଳ ରୂପ ଧାରଣ କରିଛି। ସମୁଦ୍ରକୂଳବର୍ତ୍ତୀ ଅଞ୍ଚଳ ହୋଇଥିବାରୁ ଏବଂ ଅତ୍ୟଧିକ ଭୂତଳ ଜଳ ନିଷ୍କାସନ ଯୋଗୁଁ ନଳକୂଅ ଓ କୂଅଗୁଡ଼ିକରୁ ବାହାରୁଥିବା ପାଣିରେ କ୍ରମଶଃ ଲବଣାକ୍ତ ତଥା ଲବଣକ୍ଷାର ପାଣି ମିଶିବାରେ ଲାଗିଛି। ଫଳରେ ସ୍ଥାନୀୟ ଜନସାଧାରଣ ଶୁଦ୍ଧ ପାନୀୟ ଜଳ ପାଇଁ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ପ୍ରାପ୍ତ ସୂଚନା ମୁତାବକ, ଏହି ତିନୋଟି ବ୍ଲକର ଅଧିକାଂଶ ଗ୍ରାମରେ ସରକାରୀ ଓ ବେସରକାରୀ ସ୍ତରରେ ଖୋଳାଯାଇଥିବା ନଳକୂଅଗୁଡ଼ିକର ପାଣି ଏତେ ପରିମାଣରେ ଲୁଣିଆ ଏବଂ ଖରାପିଆ ହୋଇଯାଇଛି ଯେ, ତାହା ପାନ କରିବା କିମ୍ବା ରନ୍ଧାକାର୍ଯ୍ୟରେ ବ୍ୟବହାର କରିବା ସମ୍ପୂର୍ଣ୍ଣ ଅସମ୍ଭବ ହୋଇପଡ଼ିଛି। ପାଣିର ରଙ୍ଗ ମଧ୍ୟ ପରିବର୍ତ୍ତନ ହୋଇଯାଉଛି। ବାଧ୍ୟ ହୋଇ ଗ୍ରାମବାସୀମାନଙ୍କୁ ପ୍ରତିଦିନ ମାଇଲ୍ ମାଇଲ୍ ଦୂରରୁ ସାଇକେଲ୍ କିମ୍ବା ମୁଣ୍ଡରେ ବୋହି ପାନୀୟ ଜଳ ସଂଗ୍ରହ କରିବାକୁ ପଡୁଛି। ଗ୍ରୀଷ୍ମଋତୁ ପୂର୍ବରୁ ଏପରି ସ୍ଥିତି ଉପୁଜିଥିବାରୁ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଏହି ଲବଣାକ୍ତ ଓ ଦୂଷିତ ଜଳ ନିୟମିତ ପାନ କରିବା ଦ୍ୱାରା ସ୍ଥାନୀୟ ଲୋକଙ୍କ ଶରୀରରେ ଚର୍ମରୋଗ, ପେଟରୋଗ, କିଡ୍‌ନୀ ଜନିତ ସମସ୍ୟା ଏବଂ ଅନ୍ୟାନ୍ୟ ଜଳବାହିତ ରୋଗ ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ଡାକ୍ତରମାନେ ମତ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ଉପକୂଳବର୍ତ୍ତୀ ଅଞ୍ଚଳରେ ଶୁଦ୍ଧ ପାନୀୟ ଜଳ ଯୋଗାଇବା ପାଇଁ କୋଟି କୋଟି ଟଙ୍କା ବ୍ୟୟରେ ମେଗା ପାନୀୟ ଜଳ ପ୍ରକଳ୍ପ ଏବଂ ପାଇପଲାଇନ୍ ଯୋଜନା କରାଯାଉଥିଲେ ମଧ୍ୟ, ଅନେକ ଦୁର୍ଗମ ଗାଁରେ ଏହାର କାର୍ଯ୍ୟ ଅଧାପନ୍ତରିଆ ଭାବେ ପଡ଼ିରହିଛି। କେତେକ ସ୍ଥାନରେ ପ୍ରକଳ୍ପ ହୋଇଥିଲେ ମଧ୍ୟ ନିୟମିତ ବିଦ୍ୟୁତ୍ ସଂଯୋଗ ଏବଂ ରକ୍ଷଣାବେକ୍ଷଣ ଅଭାବରୁ ତାହା କାର୍ଯ୍ୟକ୍ଷମ ହୋଇପାରୁ ନାହିଁ। ସ୍ଥାନୀୟ ଜନପ୍ରତିନିଧି, ବୁଦ୍ଧିଜୀବୀ ଏବଂ ବିଭିନ୍ନ ସାମାଜିକ ଅନୁଷ୍ଠାନ ପକ୍ଷରୁ ପ୍ରଶାସନ ଓ ଗ୍ରାମ୍ୟ ଜଳଯୋଗାଣ ବିଭାଗକୁ ବାରମ୍ବାର ଅବଗତ କରାଯାଇଥିଲେ ମଧ୍ୟ କୌଣସି ସ୍ଥାୟୀ ପଦକ୍ଷେପ ନିଆଯାଉ ନାହିଁ। ଯଦି ପ୍ରଶାସନ ଏବଂ ପାନୀୟ ଜଳ ବିଭାଗ ପକ୍ଷରୁ ଶୀଘ୍ର ଭୋଗ୍ରାୟ, ବାଲିଆପାଳ ଓ ବସ୍ତା ଅଞ୍ଚଳରେ ଲବଣମୁକ୍ତ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ତୁରନ୍ତ ସ୍ୱତନ୍ତ୍ର ପ୍ଲାଣ୍ଟ ସ୍ଥାପନ କରା ନଯାଏ ଏବଂ ଅଧାପନ୍ତରିଆ ପ୍ରକଳ୍ପଗୁଡ଼ିକୁ ଶେଷ କରା ନଯାଏ, ତେବେ ଆଗାମୀ ଦିନରେ ସାଧାରଣ ଜନତାଙ୍କୁ ସାଙ୍ଗରେ ନେଇ ବ୍ଲକ କାର୍ଯ୍ୟାଳୟ ଓ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବ୍ୟାପକ ଆନ୍ଦୋଳନ ଓ ରାଜରାଜିକୁ ଓହ୍ଲାଇ ପ୍ରତିବାଦ କରାଯିବ ବୋଲି କଡ଼ା ଚେତାବନୀ ଦିଆଯାଇଛି।

ସୋରୋ ଓ ଖଇରା ଅଞ୍ଚଳରେ ଶହ ଶହ ନଳକୂଅ ଅଚଳ

ବାଲେଶ୍ୱର: ବାଲେଶ୍ୱର ଜିଲ୍ଲାର ଏକ ପ୍ରମୁଖ ବାଣିଜ୍ୟିକ ତଥା ଜନବହୁଳ ଅଞ୍ଚଳ ଭାବେ ପରିଚିତ ସୋରୋ ଏବଂ ଖଇରା ବ୍ଲକର ବିଭିନ୍ନ ପଞ୍ଚାୟତ ଓ ଗ୍ରାମାଞ୍ଚଳରେ ସାମ୍ପ୍ରତିକ ସମୟରେ ପାନୀୟ ଜଳ ସମସ୍ୟା ଜଟିଳ ରୂପ ଧାରଣ କରିଛି। ଗ୍ରାମାଞ୍ଚଳର ଲୋକଙ୍କ ପାନୀୟ ଜଳ ଆବଶ୍ୟକତା ପୂରଣ କରିବା ପାଇଁ ସରକାରୀ ସ୍ତରରେ ଖୋଳାଯାଇଥିବା ଶହ ଶହ ନଳକୂଅ ରକ୍ଷଣାବେକ୍ଷଣ ଏବଂ ମରାମତି ଅଭାବରୁ ମାସ ମାସ ଧରି ଅଚଳ ହୋଇପଡ଼ିରହିଛି। ଫଳରେ ଗ୍ରାମାଞ୍ଚଳରେ ଭୟଙ୍କର ଜଳ ସଙ୍କଟ ଦେଖାଦେଇଥିବାବେଳେ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ପ୍ରଶାସନ ଓ ବିଭାଗୀୟ କର୍ତ୍ତୃପକ୍ଷଙ୍କ ବିରୋଧରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପ୍ରାପ୍ତ ସୂଚନା ମୁତାବକ, ସୋରୋ ଏବଂ ଖଇରା ବ୍ଲକର ବିଭିନ୍ନ ଅଗ୍ରପଛ ପଞ୍ଚାୟତ ତଥା ଗ୍ରାମରେ ବସୁଧା ଏବଂ ଜଳ ଜୀବନ ମିଶନର ପାଇପଲାଇନ୍ ସଂଯୋଗ ସମ୍ପୂର୍ଣ୍ଣ ଭାବେ ପହଞ୍ଚିପାରି ନଥିବା ଅନେକ ଦୁର୍ଗମ ସ୍ଥାନରେ ନଳକୂଅ ହିଁ ପାନୀୟ ଜଳର ଏକମାତ୍ର ଭରସା ଥିଲା। କିନ୍ତୁ ଗତ କିଛି ମାସ ହେଲା ବ୍ଲକର ବିଭିନ୍ନ ଗ୍ରାମରେ ଖୋଳାଯାଇଥିବା ଗଭୀର ଓ ଅଗଭୀର ନଳକୂଅଗୁଡ଼ିକରୁ ପାଣି ବାହାରିବା ବନ୍ଦ ହୋଇଯାଇଛି। କେତେକ ସ୍ଥାନରେ ପାଇପ୍ ଖରାପ ହୋଇଯାଇଥିବାବେଳେ ଆଉ କେତେକ ସ୍ଥାନରେ ହ୍ୟାଣ୍ଡପମ୍ପ ର ଉପର ଓ ଭିତର ଅଂଶ ଭାଙ୍ଗିଯାଇ ନଷ୍ଟ ହୋଇଯାଇଛି। ଭୂତଳ ଜଳସ୍ତର ହ୍ରାସ ପାଇବା ଏବଂ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ (RWSS) ପକ୍ଷରୁ ସମୟୋଚିତ ମରାମତି କରା ନଯିବା ଯୋଗୁଁ ଏପରି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ଅଭିଯୋଗ ହୋଇଛି। ଗ୍ରାମାଞ୍ଚଳରେ ନଳକୂଅଗୁଡ଼ିକ ଅଚଳ ହୋଇ ପଡ଼ିରହିଥିବାରୁ ସାଧାରଣ ଲୋକେ, ବିଶେଷକରି ମହିଳା ଓ ବୃଦ୍ଧବୃଦ୍ଧାମାନେ ପାନୀୟ ଜଳ ସଂଗ୍ରହ ପାଇଁ ଦୂରଦୂରାନ୍ତରକୁ ଯିବାକୁ ବାଧ୍ୟ ହେଉଛନ୍ତି। କେତେକ ସ୍ଥାନରେ ଲୋକେ ବାଧ୍ୟ ହୋଇ ଦୂଷିତ ପୋଖରୀ ପାଣି କିମ୍ବା ନଦୀର ମଇଳା ପାଣି ବ୍ୟବହାର କରୁଛନ୍ତି, ଯାହାଫଳରେ ଗ୍ରାମାଞ୍ଚଳରେ ଝାଡ଼ାବାନ୍ତି, ପେଟରୋଗ, ଜଳବାହିତ ସଂକ୍ରମଣ ଏବଂ ଚର୍ମରୋଗ ଦ୍ରୁତ ଗତିରେ ବ୍ୟାପିବାର ଆଶଙ୍କା ଦେଖାଦେଇଛି। ସ୍ଥାନୀୟ ଜନପ୍ରତିନିଧି ଏବଂ ସାମାଜିକ କର୍ମୀମାନେ ବାରମ୍ବାର ବିଭାଗୀୟ ଯନ୍ତ୍ରୀ ଓ କର୍ତ୍ତୃପକ୍ଷଙ୍କୁ ଅଚଳ ନଳକୂଅଗୁଡ଼ିକର ତାଲିକା ପ୍ରଦାନ କରି ମରାମତି ପାଇଁ ଦାବି କରିଥିଲେ ମଧ୍ୟ କୌଣସି ଠୋସ୍ ପଦକ୍ଷେପ ନିଆଯାଉ ନାହିଁ ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ସୋରୋ ଏବଂ ଖଇରା ଅଞ୍ଚଳର ବୁଦ୍ଧିଜୀବୀ ଓ ଜନସାଧାରଣ ଦାବି କରିଛନ୍ତି। ଯଦି ପ୍ରଶାସନ ଏବଂ ଜଳଯୋଗାଣ ବିଭାଗ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ଏକ ସ୍ୱତନ୍ତ୍ର ମରାମତି ଦଳ ଗଠନ କରାଯାଇ ସମସ୍ତ ଅଚଳ ନଳକୂଅକୁ ସଚଳ କରା ନଯାଏ, ତେବେ ଆଗାମୀ ଦିନରେ ଜନସାଧାରଣଙ୍କୁ ସାଙ୍ଗରେ ନେଇ ସୋରୋ ଓ ଖଇରା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବ୍ୟାପକ ଆନ୍ଦୋଳନ ଓ ଧାରଣା ଦିଆଯିବ ବୋଲି କଡ଼ା ଚେତାବନୀ ଦିଆଯାଇଛି।

ଫକୀର ମୋହନ ବିଶ୍ୱବିଦ୍ୟାଳୟରେ 'ମନ୍ଥନ' ଇଣ୍ଟ୍ରାମ୍ୟୁରାଲ୍ ଟକ୍ ଅନୁଷ୍ଠିତ



ବାଲେଶ୍ୱର:(ଆଦ୍ୟାଶା ଲାଇଭ୍):ଉଚ୍ଚଶିକ୍ଷା, ଗବେଷଣା ଏବଂ ବୌଦ୍ଧିକ ଚର୍ଚ୍ଚାକୁ ଅଧିକ ସୁଦୃଢ଼ କରିବା ତଥା ଶିକ୍ଷାନୁଷ୍ଠାନରେ ଏକ ସୃଜନଶୀଳ ଶୈକ୍ଷିକ ପରିବେଶ ସୃଷ୍ଟି କରିବା ଲକ୍ଷ୍ୟରେ ବାଲେଶ୍ୱରର ପ୍ରମୁଖ ଶିକ୍ଷାନୁଷ୍ଠାନ ଫକୀର ମୋହନ ବିଶ୍ୱବିଦ୍ୟାଳୟ ପକ୍ଷରୁ ନିୟମିତ ଭାବେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। ଏହି କ୍ରମରେ ବିଶ୍ୱବିଦ୍ୟାଳୟ ପରିସରରେ 'ମନ୍ଥନ' କାର୍ଯ୍ୟକ୍ରମ ଅନ୍ତର୍ଗତ ଏକ ସ୍ୱତନ୍ତ୍ର 'ଇଣ୍ଟ୍ରାମ୍ୟୁରାଲ୍ ଟକ୍' ଅତ୍ୟନ୍ତ ଉତ୍ସାହଜନକ ପରିବେଶରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଶିକ୍ଷାବିତ୍ ତଥା ପ୍ରଫେସର ଅଶାନ୍ତ ରଞ୍ଜନ ରାଉତରାୟ ମୁଖ୍ୟ ଅତିଥି ବକ୍ତା ଭାବେ ଯୋଗଦେଇ ନିଜର ବହୁମୂଲ୍ୟ ବକ୍ତବ୍ୟ ଉପସ୍ଥାପନ କରିଛନ୍ତି।ବିଷୟବସ୍ତୁ ଓ ଗବେଷଣାମୂଳକ ଚିନ୍ତାଧାରା କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରଫେସର ଅଶାନ୍ତ ରଞ୍ଜନ ରାଉତରାୟ ନିଜର ଦୀର୍ଘଦିନର ଶିକ୍ଷାଗତ ଜ୍ଞାନ, ବ୍ୟବହାରିକ ଅଭୁଲା ଅନୁଭୂତି ଏବଂ ଗବେଷଣାମୂଳକ ଚିନ୍ତାଧାରାକୁ ଖୁବ୍ ସୁନ୍ଦର ଭାବେ ଛାତ୍ରଛାତ୍ରୀ ଏବଂ ଗବେଷକମାନଙ୍କ ସମ୍ମୁଖରେ ଉପସ୍ଥାନ କରିଥିଲେ। ଆଜିର ପ୍ରତିଯୋଗିତାମୂଳକ ବିଶ୍ୱରେ କେବଳ ପୁସ୍ତକଗତ ବିଦ୍ୟା ନୁହେଁ, ବରଂ ବୈଜ୍ଞାନିକ ଓ ସମୋଚନାତ୍ମକ ଚିନ୍ତାଧାରା କିପରି ଜଣେ ଛାତ୍ରଙ୍କ ଭବିଷ୍ୟତ ଗଢ଼ିବାରେ ସହାୟକ ହୋଇଥାଏ, ସେ ସମ୍ପର୍କରେ ସେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ତାଙ୍କର ପ୍ରେରଣାଦାୟୀ ବକ୍ତବ୍ୟ ଉପସ୍ଥିତ ସମସ୍ତ ଯୁବ ପ୍ରତିଭାମାନଙ୍କୁ ନୂତନ ଦିଗ୍‌ଦର୍ଶନ ପ୍ରଦାନ କରିଥିଲା।ଜ୍ଞାନ ବିନିମୟ ଓ ବୌଦ୍ଧିକ ଚର୍ଚ୍ଚାର ଅନନ୍ୟ ମଞ୍ଚ ଫକୀର ମୋହନ ବିଶ୍ୱବିଦ୍ୟାଳୟରେ ଆୟୋଜିତ ଏହି ଇଣ୍ଟ୍ରାମ୍ୟୁରାଲ୍ ଟକ୍ ମାଧ୍ୟମରେ ଅଧ୍ୟାପକ, ଗବେଷକ ଏବଂ ବିଭିନ୍ନ ବିଭାଗର ଛାତ୍ରଛାତ୍ରୀମାନେ ପରସ୍ପର ମଧ୍ୟରେ ଜ୍ଞାନ ଆହରଣ କରିବାର ଏକ ସୁବର୍ଣ୍ଣ ସୁଯୋଗ ପାଇଥିଲେ। ବକ୍ତବ୍ୟ ପରେ ଅନୁଷ୍ଠିତ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନେ ବିଭିନ୍ନ ପ୍ରଶ୍ନ ପଚାରି ନିଜର ସନ୍ଦେହ ଦୂର କରିଥିଲେ। ବିଶ୍ୱବିଦ୍ୟାଳୟରେ ଏଭଳି ଆଲୋଚନାଚକ୍ର ଓ ବୌଦ୍ଧିକ ଚର୍ଚ୍ଚା ଜାରି ରହିଲେ ଛାତ୍ରଛାତ୍ରୀଙ୍କ ମାନସିକ ବିକାଶ ସହ ସେମାନଙ୍କର ଗବେଷଣା ଦକ୍ଷତା ଆହୁରି ପାଣିତଷା ହୋଇପାରିବ ବୋଲି ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରିଛନ୍ତି।'ମନ୍ଥନ' କାର୍ଯ୍ୟକ୍ରମର ସଫଳତା ବିଶ୍ୱବିଦ୍ୟାଳୟରେ ଶିକ୍ଷାଗତ ଗବେଷଣା, ସୃଜନଶୀଳତା ଏବଂ ଗୁଣାତ୍ମକ ଜ୍ଞାନ ବିନିମୟକୁ ଆହୁରି ବ୍ୟାପକ କରିବା ଦିଗରେ 'ମନ୍ଥନ' କାର୍ଯ୍ୟକ୍ରମ ଏକ ଉଲ୍ଲେଖନୀୟ ତଥା ପ୍ରଶଂସନୀୟ ପ୍ରୟାସ ଭାବେ ପରିଗଣିତ ହୋଇଛି। ଏହି କାର୍ଯ୍ୟକ୍ରମ କେବଳ ଶ୍ରେଣୀଗୃହର ଚାରି କାନ୍ଥ ଭିତରେ ସୀମା ନ ରହି, ଛାତ୍ରସମାଜକୁ ବାସ୍ତବ ଜଗତର ଚ୍ୟାଲେଞ୍ଜ ଏବଂ ସମାଧାନ ସୂତ୍ର ସହ ପରିଚିତ କରାଇବାରେ ସଫଳ ହେଉଛି। କାର୍ଯ୍ୟକ୍ରମର ସଫଳତା ପାଇଁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ, ବିଭାଗୀୟ ମୁଖ୍ୟ ଏବଂ ଆୟୋଜକମାନଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

ଜିଲ୍ଲାରୁ ସିଧା ରିପୋର୍ଟ

ବିର୍ଷାମୁଣ୍ଡାଙ୍କ ଜନ୍ମବାର୍ଷିକୀରେ ଫୁଲବଣୀ ନାଇକାଣୀ ପୀଠ କଲ୍ୟାଣମଣ୍ଡପ ନକଟରେ ମେଗା ସ୍ୱାସ୍ଥ୍ୟ ଶିବିର

ଭୋଗରାଇ:(ଆଦ୍ୟାଶା ଲାଇଭ୍):ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଅନ୍ତର୍ଗତ ଟୁକୁରୀହାଜିରା ପଞ୍ଚାୟତର ଫୁଲବଣୀସ୍ଥିତ ପ୍ରସିଦ୍ଧ ମା' ନାଇକାଣୀ ପୀଠର କଲ୍ୟାଣ ମଣ୍ଡପ ନିକଟରେ ଭଗବାନ ବିର୍ଷା ମୁଣ୍ଡାଙ୍କ ଜନ୍ମଜୟନ୍ତୀ ଉପଲକ୍ଷେ ଏକ ଭବ୍ୟ ମେଗା ଆୟୁର୍ବେଦ ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ପୁରୀସ୍ଥିତ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ଆନୁକୂଲ୍ୟରେ ଏବଂ ସ୍ଥାନୀୟ ଅଞ୍ଚଳର ସହଯୋଗରେ ଜନଜାତି ତଥା ମତ୍ସ୍ୟଜିବୀ ସମ୍ପ୍ରଦାୟର ଲୋକଙ୍କୁ ସେମାନଙ୍କ ଦ୍ୱାର ଦେଶରେ ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇଦେବା ଉଦ୍ଦେଶ୍ୟରେ ଏହି ମହତ୍ତ୍ୱପୂର୍ଣ୍ଣ ଶିବିର ଆୟୋଜିତ ହୋଇଥିଲା।ଜିଲ୍ଲା ପରିଷଦଙ୍କ ଦ୍ୱାରା ଶିବିର ଉଦ୍ଘାଟନ ଓ ଅତିଥିଙ୍କ ଯୋଗଦାନ ବୁଧବାର ଦିନ ଅନୁଷ୍ଠିତ ଏହି ଉଦ୍ଘାଟନୀ ଉତ୍ସବକୁ ଜିଲ୍ଲା ପରିଷଦ ପ୍ରତିମା ଚାନ୍ଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ପ୍ରଦୀପ ପ୍ରଜ୍ୱଳନପୂର୍ବକ ଶିବିରକୁ ଉଦ୍ଘାଟନ କରିଥିଲେ। ବରିଷ୍ଠ ବୈଜ୍ଞାନିକ ଡ. ରାଜେଶ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ଉପେନ୍ଦ୍ର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆୟୁର୍ବେଦିକ ଚିକିତ୍ସା ବ୍ୟବସ୍ଥାର ପ୍ରସାର ଓ ଜନସାଧାରଣଙ୍କ ସଚେତନତା ଉପରେ ଗୁରୁତ୍ୱାରୋପ କରିଥିଲେ।ବିଶେଷଜ୍ଞ ଡାକ୍ତରୀ ଦଳଙ୍କ ଦ୍ୱାରା ସ୍ୱାସ୍ଥ୍ୟ ପରୀକ୍ଷା ଓ ପରାମର୍ଶ ଏହି ମେଗା ଶିବିରରେ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ଏକ ପ୍ରତିଭାବାନ ଓ ଅଭିଜ୍ଞ ଡାକ୍ତରୀ ଦଳ ଯୋଗଦେଇ ବିଭିନ୍ନ ରୋଗରେ ଆକ୍ରାନ୍ତ ରୋଗୀମାନଙ୍କୁ ପରୀକ୍ଷା କରିଥିଲେ। ଶିବିରରେ: ପଞ୍ଚକର୍ମ ବିଭାଗୀୟ ବରିଷ୍ଠ ଡା. ଜିତେନ୍ଦ୍ର ସାମଲ ଶିଶୁରୋଗ ବିଶେଷଜ୍ଞ ଡା. ପ୍ରିୟଙ୍କା ପ୍ରିୟଦର୍ଶିନୀ ମେହେର ଶଲ୍ୟ ବିଭାଗୀୟ ଡା. ସନ୍ଧ୍ୟାରାଣୀ ବେହେରା ଭେଷଜ ତଥା ଚର୍ମରୋଗ ବିଶେଷଜ୍ଞ ଡା. ସୁନନ୍ଦିତା ପ୍ରଧାନ ଭେଷଜ ଡା. ଅର୍ଚ୍ଚନା ନନ୍ଦି ପ୍ରସୂତି ଓ ସ୍ତ୍ରୀରୋଗ ବିଶେଷଜ୍ଞ ଡା. ଜଗଜ୍ୟୋତି ରାୟ ପଞ୍ଚକର୍ମ ବିଭାଗର ଡା. ଗୁରୁଦୀଶ କୁମାର ଅଗ୍ରୱାଲା ପ୍ରମୁଖ ଯୋଗଦେଇ ନିଜର ବକ୍ତବ୍ୟ ମାଧ୍ୟମରେ ଆୟୁର୍ବେଦ ଚିକିତ୍ସାର ବିଶେଷତ୍ୱ ବର୍ଣ୍ଣନା କରିବା ସହ ରୋଗୀମାନଙ୍କୁ ସ୍ୱାସ୍ଥ୍ୟଗତ ପରାମର୍ଶ ଦେଇଥିଲେ।୩୫୦ରୁ ଊର୍ଦ୍ଧ୍ୱ ରୋଗୀଙ୍କୁ ମାଗଣା ଔଷଧ ପ୍ରଦାନ ଏହି ସ୍ୱାସ୍ଥ୍ୟ ଶିବିରରେ ଭୋଗରାଇ ଅଞ୍ଚଳର ବିଭିନ୍ନ ଗ୍ରାମରୁ ଆସିଥିବା ୩୫୦ରୁ ଊର୍ଦ୍ଧ୍ୱ ଜନଜାତି ତଥା ମତ୍ସ୍ୟଜିବୀ ସମ୍ପ୍ରଦାୟର ଲୋକେ ନିଜର ବିଭିନ୍ନ ସ୍ୱାସ୍ଥ୍ୟସମସ୍ୟା ଦେଖାଇ ଡାକ୍ତରୀ ପରାମର୍ଶ ଗ୍ରହଣ କରିଥିଲେ। ପରୀକ୍ଷା ପରେ ଲୋକଙ୍କୁ ଆବଶ୍ୟକୀୟ ମାଗଣା ଆୟୁର୍ବେଦିକ ଔଷଧ ଯୋଗାଇ ଦିଆଯାଇଥିଲା। ଗ୍ରାମାଞ୍ଚଳର ଅବହେଳିତ ଓ ଶ୍ରମଜୀବୀ ଜନସାଧାରଣଙ୍କ ନିକଟରେ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ଦିଗରେ ଏହି ଶିବିର ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ହୋଇଥିବାରୁ ସ୍ଥାନୀୟ ଅଞ୍ଚଳରେ ବେଶ୍ ପ୍ରଶଂସା କରାଯାଇଛି।



ବାଲେଶ୍ୱର ପୌରପାଳିକା ପକ୍ଷରୁ ସ୍ୱଚ୍ଛତା ଓ ପାନୀୟ ଜଳ ପ୍ରକଳ୍ପର ସମୀକ୍ଷା

ବାଲେଶ୍ୱର:ବାଲେଶ୍ୱର ସହରର ସ୍ୱଚ୍ଛତା ପରିଚାଳନା, ଡ୍ରେନେଜ୍ ବ୍ୟବସ୍ଥା ଏବଂ ପ୍ରତ୍ୟେକ ଘରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପ୍ରକଳ୍ପର ଅଗ୍ରଗତି ନେଇ ଆଜି ବାଲେଶ୍ୱର ପୌରପାଳିକା ସମ୍ମିଳନୀ କକ୍ଷରେ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ପୌରାଧକ୍ଷ, କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ବିଭିନ୍ନ ୱାର୍ଡର କାଉନସିଲରମାନଙ୍କୁ ନେଇ ଅନୁଷ୍ଠିତ ଏହି ବୈଠକରେ ସହରର ଉନ୍ନୟନମୂଳକ କାମଗୁଡ଼ିକୁ ତ୍ୱରାନ୍ୱିତ କରିବା ପାଇଁ ବଡ଼ଧରଣର ନିଷ୍ପତ୍ତି ନିଆଯାଇଛି।ବିଶୁଦ୍ଧ ପାନୀୟ ଜଳ ପ୍ରକଳ୍ପର ସମୀକ୍ଷା ଓ ମନ୍ଥର କାମକୁ ନେଇ ଚେତାବନୀ:ବାଲେଶ୍ୱର ସହରର ବିଭିନ୍ନ ୱାର୍ଡରେ ଚାଲିଥିବା ମେଗା ପାନୀୟ ଜଳ ପ୍ରକଳ୍ପ ଏବଂ ପାଇପଲାଇନ୍ ସଂଯୋଗ କାର୍ଯ୍ୟର ସମୀକ୍ଷା କରାଯାଇଛି। ଅନେକାଂଶରେ ପାଇପ୍ ବିଛା କାମ ପରେ ରାସ୍ତା ଖରାପ ଅବସ୍ଥାରେ ପଡ଼ିରହିଥିବା ଏବଂ କେତେକ ୱାର୍ଡରେ ପର୍ଯ୍ୟାପ୍ତ ପାଣି ପହଞ୍ଚି ପାରୁନଥିବା ଅଭିଯୋଗକୁ ବୈଠକରେ ଗୁରୁତ୍ୱର ସହ ନିଆଯାଇଛି। ଠିକାଦାର ଓ ସମ୍ପୃକ୍ତ ବିଭାଗୀୟ ଯନ୍ତ୍ରୀମାନଙ୍କୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ପାନୀୟ ଜଳ ପ୍ରକଳ୍ପର ସମସ୍ତ କାମ ଶେଷ କରିବାକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ଯେଉଁ ୱାର୍ଡଗୁଡ଼ିକରେ ଜଳସଙ୍କଟ ରହିଛି, ସେଠାରେ ଟ୍ୟାଙ୍କର ମାଧ୍ୟମରେ ପାଣି ଯୋଗାଇବାକୁ କୁହାଯାଇଛି। ସ୍ୱଚ୍ଛତା ଅଭିଯାନ ଓ ରାତ୍ରିକାଳୀନ ସଫେଇ କାର୍ଯ୍ୟ:ସହରକୁ ପରିଷ୍କାର ଓ ଆବର୍ଜନାମୁକ୍ତ ରଖିବା ପାଇଁ ପୌରପାଳିକା ପକ୍ଷରୁ ଚାଲିଥିବା ସ୍ୱଚ୍ଛତା ଅଭିଯାନକୁ ଆହୁରି ବ୍ୟାପକ କରାଯିବ ବୋଲି ବୈଠକରେ ସ୍ଥିର ହୋଇଛି। ବଜାର ଅଞ୍ଚଳ ଏବଂ ପ୍ରମୁଖ ରାସ୍ତାକଡ଼ରେ ଆବର୍ଜନା ଜମା ହେବାକୁ ରୋକିବା ପାଇଁ ରାତ୍ରିକାଳୀନ ସଫେଇ ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଘରୋଇ ଆବର୍ଜନା ସଂଗ୍ରହ ଗାଡ଼ିଗୁଡ଼ିକ ନିୟମିତ ଭାବେ ପ୍ରତି ଘରକୁ ଯିବା ଏବଂ ସେଗୁଡ଼ିକୁ ପୃଥକ୍ କରି ସଂଗ୍ରହ କରିବା (ଓଦା ଓ ଶୁଖିଲା ଆବର୍ଜନା) ଉପରେ ଗୁରୁତ୍ୱ ଦିଆଯାଇଛି। ଯେଉଁ ବ୍ୟବସାୟିକ ପ୍ରତିଷ୍ଠାନ କିମ୍ବା ଦୋକାନୀ ବାହାରେ ଅଳିଆ ପକାଉଛନ୍ତି, ସେମାନଙ୍କ ଠାରୁ କଡ଼ା ଜରିମାନା ଆଦାୟ କରିବାକୁ ସ୍ୱଚ୍ଛତା ସ୍କ୍ୱାଡ୍‌କୁ ନିର୍ଦ୍ଦେଶ ଦିଆଯାଇଛି।୩. ଡ୍ରେନେଜ୍ ସଫେଇ ଓ ଜଳବନ୍ଦୀ ସମସ୍ୟାର ସମାଧାନ:ବାଲେଶ୍ୱର ସହରର ବିଭିନ୍ନ ଅଞ୍ଚଳରେ ଥିବା ବଡ଼ ଓ ସାନ ଡ୍ରେନ୍‌ଗୁଡ଼ିକରେ ପ୍ଲାଷ୍ଟିକ୍ ଏବଂ ଆବର୍ଜନା ଜମିର ଜଳ ନିଷ୍କାସନ ବାଧାପ୍ରାପ୍ତ ହେଉଥିବା ସମସ୍ୟାକୁ ନେଇ କାଉନସିଲରମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଏହାର ସମାଧାନ ପାଇଁ ତୁରନ୍ତ ମେସିନ୍ ଏବଂ ଶ୍ରମିକ ନିୟୋଜିତ କରି ଡ୍ରେନ୍ ସଫେଇ କାର୍ଯ୍ୟ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆଗାମୀ ଦିନରେ ବର୍ଷା କିମ୍ବା ଅନ୍ୟ କୌଣସି କାରଣରୁ ସହରରେ ଯେପରି ଜଳବନ୍ଦୀ ସମସ୍ୟା ନହଏ, ସେଥିପାଇଁ ପୂର୍ବ ପ୍ରସ୍ତୁତି କରାଯାଉଛି। ପୌରପାଳିକାର ଏହି ସମୀକ୍ଷା ବୈଠକ ପରେ ସହରର ବିକାଶମୂଳକ କାମଗୁଡ଼ିକ ଗତିଶୀଳ ହେବ ଏବଂ ସାଧାରଣ ଲୋକେ ମୌଳିକ ସୁବିଧା ପାଇପାରିବେ ବୋଲି ଆଶା କରାଯାଉଛି।

ସୀମାନ୍ତ ବିବାଦ ଓ ଆଇନଶୃଙ୍ଖଳା ପ୍ରସଙ୍ଗ ସ୍ଥାନୀୟ ପ୍ରଶାସନର ଚିନ୍ତା ବଢ଼ିଲା

ବାଲେଶ୍ୱର: ବାଲେଶ୍ୱର ଜିଲ୍ଲାର ଉପକୂଳବର୍ତ୍ତୀ ତଥା ପଡ଼ୋଶୀ ପଶ୍ଚିମବଙ୍ଗ ସୀମାକୁ ଲାଗି ରହିଥିବା ଜଳେଶ୍ୱର ଏବଂ ଭୋଗ୍ରାୟ ନିର୍ବାଚନମଣ୍ଡଳୀରେ ସୀମାନ୍ତ ବିବାଦ, ବେଆଇନ କାର୍ଲ୍ୟକଳାପ ଏବଂ ଦିନକୁ ଦିନ ବିଗୁଡ଼ିଥିବା ଆଇନଶୃଙ୍ଖଳା ପରିସ୍ଥିତି ସ୍ଥାନୀୟ ରାଜନୀତି ଓ ପ୍ରଶାସନ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ହୋଇପଡ଼ିଛି।ପଡ଼ୋଶୀ ରାଜ୍ୟ ସୀମାନ୍ତରେ ଅସାମାଜିକ କାର୍ଯ୍ୟକଳାପ ଓ ଚୋରାଚାଲାଣ: ଜଳେଶ୍ୱର ଓ ଭୋଗ୍ରାୟ ଅଞ୍ଚଳର ବହୁ ପଞ୍ଚାୟତ ପଶ୍ଚିମବଙ୍ଗ ସୀମାକୁ ଲାଗି ରହିଥିବାରୁ ଏହା ଅପରାଧିକ କାର୍ଯ୍ୟକଳାପର କରିଡ଼ର ପାଲଟିଥିବା ଅଭିଯୋଗ ହେଉଛି। ସୀମାନ୍ତ ଅଞ୍ଚଳ ଦେଇ ବେଆଇନ ମାଦକଦ୍ରବ୍ୟ (ବ୍ରାଉନସୁଗାର, କାଶ୍ମୀରି ଗଞ୍ଜେଇ), କଫ୍ ସିରପ୍ ଏବଂ ଗୋ-ଚାଲାଣ ଦିନକୁ ଦିନ ବୃଦ୍ଧି ପାଉଛି। ପୋଲିସ ପ୍ରଶାସନ ପକ୍ଷରୁ ସମୟେ ସମୟେ ଚଢ଼ଉ କରାଯାଉଥିଲେ ମଧ୍ୟ ଅନ୍ତଃରାଜ୍ୟ ଅପରାଧୀମାନେ ସହଜରେ ସୀମା ପାର ହୋଇଯାଉଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ଭୂମି ଏବଂ ସୀମାଗତ ବିବାଦ: ଓଡ଼ିଶା-ପଶ୍ଚିମବଙ୍ଗ ସୀମାବର୍ତ୍ତୀ କେତେକ ଗ୍ରାମରେ ଜମିଜମା ଏବଂ ସୀମା ନିର୍ଦ୍ଧାରଣକୁ ନେଇ ପ୍ରାୟତଃ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଉଛି। ପଡ଼ୋଶୀ ରାଜ୍ୟର କେତେକ ବ୍ୟକ୍ତି ଓଡ଼ିଶା ସୀମା ଭିତରକୁ ପ୍ରବେଶ କରି ଜମି ଦଖଲ କରୁଥିବା ଏବଂ ସ୍ଥାନୀୟ ଲୋକଙ୍କୁ ହଇରାଣ କରୁଥିବା ନେଇ ଅଭିଯୋଗ ହୋଇଆସୁଛି। ଏହି ସମ୍ବେଦନଶୀଳ ପ୍ରସଙ୍ଗରେ ରାଜସ୍ୱ ଏବଂ ପୋଲିସ ପ୍ରଶାସନ ମିଳିତ ଭାବେ କୌଣସି ସ୍ଥାୟୀ ସମାଧାନ କରୁନଥିବା ସ୍ଥାନୀୟ ଜନପ୍ରତିନିଧିମାନେ ଅଭିଯୋଗ କରିଛନ୍ତି। ରାଜନୈତିକ ବୟାନବାଜି ଓ ପ୍ରଶାସନିକ କାର୍ଯ୍ୟାନୁଷ୍ଠାନର ଦାବି: ଜଳେଶ୍ୱର ଓ ଭୋଗ୍ରାୟ ଅଞ୍ଚଳରେ ଘଟୁଥିବା ବିଭିନ୍ନ ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ଶାସକ ଏବଂ ବିରୋଧୀ ଦଳ ମଧ୍ୟରେ ପ୍ରାୟତଃ ବାକ୍‌ଯୁଦ୍ଧ ଜାରି ରହିଛି। ବିରୋଧୀ ଦଳଗୁଡ଼ିକ ଅଭିଯୋଗ କରିଛନ୍ତି ଯେ, ଶାସକ ଦଳର କେତେକ ପ୍ରଭାବଶାଳୀ ବ୍ୟକ୍ତିଙ୍କୁ ସୁରକ୍ଷା ଯୋଗୁଁ ସୀମାନ୍ତରେ ଅପରାଧ ବଢ଼ୁଛି। ଅନ୍ୟପଟେ, ପୋଲିସ ପ୍ରଶାସନ ପକ୍ଷରୁ ସୀମାବର୍ତ୍ତୀ ଥାନାଗୁଡ଼ିକୁ ଅଧିକ ସତର୍କ ରହିବାକୁ ଏବଂ ପାଟ୍ରୋଲିଂ କଡ଼ାକଡ଼ି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆଗାମୀ ଦିନରେ ଏହି ସୀମାନ୍ତ ବିବାଦ ଓ ଆଇନଶୃଙ୍ଖଳା ପ୍ରସଙ୍ଗ ଜିଲ୍ଲା ରାଜନୀତିକୁ ଅଧିକ ପ୍ରଭାବିତ କରିବ ବୋଲି ଆଶା କରାଯାଉଛି।

ମାଟିର ଖବର

ଭୋଗରାଇରେ ୪.୭୮ କୋଟି ଟଙ୍କା ବ୍ୟୟରେ ୩.୫ କିମି ରାସ୍ତାର ଶିଳାନ୍ୟାସ



ବାଲେଶ୍ୱର ଜିଲ୍ଲା ଭୋଗରାଇ ନିର୍ବାଚନ ମଣ୍ଡଳୀରେ ଭିତ୍ତିଭୂମିର ବିକାଶ ଏବଂ ଯାତାୟାତ ବ୍ୟବସ୍ଥାକୁ ସୁଦୃଢ଼ କରିବା ଦିଗରେ ଆଜି ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ଆଖିଦୃଶିଆ ପଦକ୍ଷେପ ନିଆଯାଇଛି। ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାସଙ୍କ ସକ୍ରିୟ ଉଦ୍ୟମ ଓ ଅକ୍ଳାନ୍ତ ପ୍ରଚେଷ୍ଟାରେ ଅଞ୍ଚଳର ତିନୋଟି ପ୍ରମୁଖ ଜନବହୁଳ ପଞ୍ଚାୟତ ସୁଲତାନପୁର, ଗୋପୀନାଥପୁର ଏବଂ ପସରବିନ୍ଧାବାସୀଙ୍କ ଦୀର୍ଘଦିନର ମୌଳିକ ସମସ୍ୟା ତଥା ବହୁ ପ୍ରତୀକ୍ଷିତ ଆଶା ପୂରଣ ହେବାକୁ ଯାଉଛି। ଏହି ତିନୋଟି ପଞ୍ଚାୟତକୁ ପରସ୍ପର ସହିତ ସଂଯୋଗ କରୁଥିବା ଗ୍ରାମ୍ୟ ରାସ୍ତାକୁ ଏକ ପ୍ରଶସ୍ତ, ମଜବୁତ ଓ ସ୍ଥାୟୀ କଂକ୍ରିଟ୍ ରାସ୍ତାରେ ପରିଣତ କରିବା ନିମନ୍ତେ ଆଜି ଆନୁଷ୍ଠାନିକ ଭାବେ ଶିଳାନ୍ୟାସ କରାଯାଇଛି, ଯାହାକି ସ୍ଥାନୀୟ ଅଞ୍ଚଳରେ ବିକାଶର ଏକ ନୂତନ ଦ୍ୱାର ଫିଟାଇଛି।ରାଜ୍ୟ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ହାତକୁ ନିଆଯାଇଥିବା ଏହି ଗୁରୁତ୍ୱପୂର୍ଣ୍ଣ ସଡ଼କ ପ୍ରକଳ୍ପ ପାଇଁ ମୋଟ ୪ କୋଟି ୭୮ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଥିବା ବେଳେ ପ୍ରକଳ୍ପର ରୂପରେଖ ଅନୁଯାୟୀ ପ୍ରାୟ ୩.୫ କିଲୋମିଟର ଦୀର୍ଘ ଏହି ରାସ୍ତା ଅତ୍ୟନ୍ତ ଉନ୍ନତମାନର କଂକ୍ରିଟ୍ ଢାଞ୍ଚାରେ ନିର୍ମାଣ କରାଯିବ, ଯାହାଫଳରେ ନିର୍ମାଣ କାର୍ଯ୍ୟର ଗୁଣବତ୍ତା ଦୀର୍ଘସ୍ଥାୟୀ ହୋଇପାରିବ। ନିର୍ଦ୍ଧାରିତ ସମୟସୀମା ମଧ୍ୟରେ, ଅର୍ଥାତ୍ ଆସନ୍ତା ଚାରି ମାସ ଭିତରେ ଏହି ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ବିଭାଗ ଓ ପ୍ରଶାସନ ପକ୍ଷରୁ କଡ଼ା ଲକ୍ଷ୍ୟ ରଖାଯାଇଛି, ଯାହା କାର୍ଯ୍ୟର ଦ୍ରୁତ ରୂପାୟନକୁ ସୂଚାଉଛି। ଏହି ତିନୋଟି ପଞ୍ଚାୟତର ହଜାର ହଜାର ସ୍ଥାନୀୟ ବାସିନ୍ଦା ବର୍ଷ ବର୍ଷ ହେବ ରାସ୍ତାର ଦୁର୍ଦ୍ଦଶା ଓ ଅବହେଳିତ ଅବସ୍ଥା ଯୋଗୁଁ ଯାତାୟାତରେ ଅନେକ ଅସୁବିଧାର ସମ୍ମୁଖୀନ ହେଉଥିଲେ। ବିଶେଷକରି ବର୍ଷାଋତୁରେ ପଙ୍କୋଦ୍ଧାର, ଗାତ ଓ କାଦୁଅ ଭରା ପଥରେ ଯାନବାହନ ଚଳାଚଳ ଏକପ୍ରକାର ଠପ୍ ହୋଇଯାଉଥିବା ବେଳେ ଏହି ନୂତନ କଂକ୍ରିଟ୍ ରାସ୍ତା ନିର୍ମାଣ ହେବା ଦ୍ୱାରା ଦୈନନ୍ଦିନ ଯାତାୟାତ ଅତ୍ୟନ୍ତ ସୁବିଧାଜନକ ଓ ସୁରକ୍ଷିତ ହୋଇପାରିବ। ଏହି ରାସ୍ତା କାର୍ଯ୍ୟକାରୀ ହେବା ଦ୍ୱାରା ଛାତ୍ରଛାତ୍ରୀମାନଙ୍କର ବିଦ୍ୟାଳୟ ଓ କଲେଜ ଯିବାଆସିବା ସହ ଅଞ୍ଚଳର ରୋଗୀମାନଙ୍କୁ ଜରୁରୀକାଳୀନ ପରିସ୍ଥିତିରେ ଡାକ୍ତରଖାନାକୁ ସ୍ଥାନାନ୍ତର କରିବା ଅତ୍ୟନ୍ତ ସହଜ ହୋଇପାରିବ। ଏଥିସହିତ କୃଷିଜାତ ଦ୍ରବ୍ୟ ପରିବହନ, ସ୍ଥାନୀୟ ବାଣିଜ୍ୟିକ କାରବାର ଓ ବ୍ୟବସାୟିକ ପ୍ରସାର ବୃଦ୍ଧି ପାଇବା ଦ୍ୱାରା ଅଞ୍ଚଳର ସାମଗ୍ରିକ ଗ୍ରାମ୍ୟ ଅର୍ଥନୀତିର ମେରୁଦଣ୍ଡ ଅଧିକ ଦୃଢ଼ ହେବ।ବିଧାୟକ ଶ୍ରୀ ଦାସଙ୍କ ଏପରି ନିରନ୍ତର ପ୍ରଚେଷ୍ଟା, ଦୂରଦୃଷ୍ଟି ଓ ଇଚ୍ଛାଶକ୍ତି ବଳରେ ଏହି ଅଞ୍ଚଳର ବହୁପ୍ରତୀକ୍ଷିତ ସମସ୍ୟାର ସମାଧାନ ହେବାକୁ ଯାଉଥିବାରୁ ସୁଲତାନପୁର, ଗୋପୀନାଥପୁର ଓ ପସରବିନ୍ଧା ଅଞ୍ଚଳର ଜନସାଧାରଣ, ବୁଦ୍ଧିଜୀବୀ, ଯୁବକସଂଘ ଏବଂ ସମସ୍ତ ବର୍ଗର ଲୋକଙ୍କ ମଧ୍ୟରେ ଅପାର ଆନନ୍ଦ, ଉତ୍ସାହ ଓ ପ୍ରଶଂସାର ଲହରୀ ଖେଳିଯାଇଛି। ସ୍ଥାନୀୟ ଜନସାଧାରଣ ଏହି ଜନକଲ୍ୟାଣକାରୀ ଓ ଯୁଗାନ୍ତକାରୀ ପଦକ୍ଷେପ ପାଇଁ ମାନ୍ୟବର ବିଧାୟକ ଗୌତମ ବୁଦ୍ଧ ଦାସ ଏବଂ ସଂପୃକ୍ତ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ କୃତଜ୍ଞତା ଜଣାଇବା ସହ ଆଗାମୀ ଦିନରେ ଭୋଗରାଇ ନିର୍ବାଚନ ମଣ୍ଡଳୀରେ ଏଭଳି ବିକାଶର ଧାରା ଅଧିକ ଜୋରଦାର ହେବ ବୋଲି ଆଶାପ୍ରକାଶ କରିଛନ୍ତି।

ଜନମତ

ବିଜେଡିର ସଂଗଠନ ପୁନଃଗଠନ ଓ ସମୀକ୍ଷା ବୈଠକ ଜୋରଦାର

ବାଲେଶ୍ୱର: ରାଜ୍ୟରେ ରାଜନୈତିକ ସମୀକରଣ ବଦଳିବା ଏବଂ ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ତଥା ପୌର ପରିଷଦ ନିର୍ବାଚନକୁ ଦୃଷ୍ଟିରେ ରଖି ବାଲେଶ୍ୱର ଜିଲ୍ଲାରେ ମଧ୍ୟ ବିଜୁ ଜନତା ଦଳ (ବିଜେଡି) ପକ୍ଷରୁ ସଂଗଠନକୁ ନୂତନ ରୂପ ଦେବା ପାଇଁ ପ୍ରକ୍ରିୟା ଜୋରଦାର କରାଯାଇଛି। ଗତ ନିର୍ବାଚନର ପରାଜୟରୁ ଆତ୍ମସମୀକ୍ଷା କରି ଦଳ ପକ୍ଷରୁ ଜିଲ୍ଲାର ପ୍ରତ୍ୟେକ ବ୍ଲକ, ପଞ୍ଚାୟତ ଏବଂ ସହରାଞ୍ଚଳରେ ସମୀକ୍ଷା ବୈଠକ ଏବଂ ପୁନଃସଂଗଠନ କାମକୁ ବ୍ୟାପକ କରାଯାଇଛି। ଜିଲ୍ଲା ବିଜେଡି ନେତୃତ୍ୱଙ୍କ ସୂଚନା ଅନୁଯାୟୀ, ଦଳର ସଭାପତି ଓ ବରିଷ୍ଠ ନେତାମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବାଲେଶ୍ୱର ସଦର, ଜଳେଶ୍ୱର, ଭୋଗ୍ରାୟ, ବାଲିଆପାଳ, ସୋର, ସିମୁଳିଆ, ନୀଳଗିରି ଏବଂ ବସ୍ତା ଆଦି ସମସ୍ତ ବ୍ଲକରେ ସ୍ୱତନ୍ତ୍ର ସଂଗଠନ ବୈଠକ ଅନୁଷ୍ଠିତ ହେଉଛି। ବୁଥ୍ ସ୍ତରରୁ ଆରମ୍ଭ କରି ଜିଲ୍ଲା ପର୍ଯ୍ୟନ୍ତ କର୍ମୀମାନଙ୍କୁ ଏକାଠି କରି ଦଳୀୟ ସଂଗଠନକୁ କିପରି ଅଧିକ ସୁଦୃଢ଼ କରାଯିବ, ସେନେଇ ବିସ୍ତୃତ ଆଲୋଚନା କରାଯାଉଛି। ଗତ ଦିନରେ ହୋଇଥିବା ଭୁଲ୍‌ଗୁଡ଼ିକରୁ ଶିକ୍ଷା ନେଇ ଅସନ୍ତୁଷ୍ଟ କର୍ମୀମାନଙ୍କୁ ମନାଇ ପୁଣି ଥରେ ଦଳର ମୁଖ୍ୟ ସ୍ରୋତକୁ ଫେରାଇ ଆଣିବା ପାଇଁ ବରିଷ୍ଠ ନେତାମାନେ ଗ୍ରାମାଞ୍ଚଳ ଗସ୍ତ କରୁଛନ୍ତି। ବିଶେଷ କରି ଯୁବ ଓ ଛାତ୍ର ସଙ୍ଗଠନକୁ ଅଧିକ ସକ୍ରିୟ କରିବା ପାଇଁ ବିଜେଡି ପକ୍ଷରୁ ସ୍ୱତନ୍ତ୍ର ଗୁରୁତ୍ୱ ଦିଆଯାଇଛି। କଲେଜ କ୍ୟାମ୍ପସଠାରୁ ଆରମ୍ଭ କରି ଗ୍ରାମାଞ୍ଚଳର ଯୁବବର୍ଗଙ୍କୁ ଦଳ ସାଙ୍ଗରେ ଯୋଡ଼ିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (SHG) ଏବଂ ସାଧାରଣ ଜନତାଙ୍କ ସହ ନିରନ୍ତର ସମ୍ପର୍କ ବଜାୟ ରଖିବାକୁ ଦଳୀୟ କର୍ମୀମାନଙ୍କୁ ପରାମର୍ଶ ଦିଆଯାଇଛି। ଅନ୍ୟପଟେ, ଶାସକ ଦଳର ବିଭିନ୍ନ ନୀତି ଏବଂ ପ୍ରଶାସନିକ ଅବହେଳାକୁ ପ୍ରସଙ୍ଗ କରି ବିଜେଡି ଜନସାଧାରଣଙ୍କ ନିକଟକୁ ଯାଉଛି। ବାଲେଶ୍ୱର ଜିଲ୍ଲାରେ ବେକାରୀ ସମସ୍ୟା, ଦାଦନ ଶ୍ରମିକ ଚାଲାଣ ବୃଦ୍ଧି, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତର ଅଭାବ, ମଣ୍ଡିରେ ଧାନ କ୍ରୟ ଅବ୍ୟବସ୍ଥା ଏବଂ ନଦୀବନ୍ଧ ମରାମତିରେ ଦୁର୍ନୀତି ଭଳି ପ୍ରସଙ୍ଗଗୁଡ଼ିକୁ ଆଧାର କରି ଆଗାମୀ ଦିନରେ ଜୋରଦାର ଆନ୍ଦୋଳନ କରାଯିବ ବୋଲି ଦଳ ଚେତାବନୀ ଦେଇଛି। ଆଗାମୀ ସ୍ଥାନୀୟ ନିର୍ବାଚନରେ ଜନସାଧାରଣଙ୍କ ସମର୍ଥନ ପୁଣି ଥରେ ହାସଲ କରିବା ପାଇଁ ଦଳ ସ୍ୱଚ୍ଛ, କର୍ମୀପ୍ରିୟ ଏବଂ ଲୋକପ୍ରିୟ ଚେହେରାମାନଙ୍କୁ ପ୍ରାର୍ଥୀ ଭାବେ ଚୟନ କରିବାକୁ ରଣନୀତି ପ୍ରସ୍ତୁତ କରୁଛି। ବିଜେଡିର ଏହି କ୍ରମାଗତ ପୁନଃସଂଗଠନ ଏବଂ ସମୀକ୍ଷା ଅଭିଯାନ ବାଲେଶ୍ୱର ଜିଲ୍ଲାର ରାଜନୈତିକ ସମୀକରଣକୁ ଆଗାମୀ ଦିନରେ ଅଧିକ ସରଗରମ କରିବ ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଉଛନ୍ତି।

ବାଲେଶ୍ୱର ଜିଲ୍ଲାରେ ରାଜନୈତିକ କାର୍ଯ୍ୟତଳ

ବାଲେଶ୍ୱର:ରାଜ୍ୟର ଅନ୍ୟତମ ପ୍ରମୁଖ ତଥା ସମ୍ବେଦନଶୀଳ ଜିଲ୍ଲା ଭାବେ ପରିଚିତ ବାଲେଶ୍ୱରରେ ଆଗାମୀ ଦିନର ରାଜନୈତିକ ରଣନୀତି ଏବଂ ସାଙ୍ଗଠନିକ କଳକବ୍ଜାକୁ ଦୃଷ୍ଟିରେ ରଖି ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ପ୍ରସ୍ତୁତି ବ୍ୟାପକ ସ୍ତରରେ ଜୋରଦାର କରାଯାଇଛି। ବିଶେଷ କରି ଶାସକ ଦଳ ସମେତ ମୁଖ୍ୟ ବିରୋଧୀ ଦଳଗୁଡ଼ିକ ଜିଲ୍ଲାର ପ୍ରତିଟି ବ୍ଲକ୍, ପଞ୍ଚାୟତ ଏବଂ ସହରାଞ୍ଚଳ ୱାର୍ଡ ସ୍ତରରେ ନିଜର ଦଳୀୟ ସଂଗଠନକୁ ଅଧିକ ସୁଦୃଢ଼ ଓ କ୍ରିୟାଶୀଳ କରିବା ପାଇଁ ଏକାଧିକ ଗୁରୁତ୍ୱପୂର୍ଣ୍ଣ ବୈଠକ, କର୍ମଶାଳା ଏବଂ ମିଶ୍ରଣ ପର୍ବ ଆୟୋଜନ କରୁଛନ୍ତି। ତୃଣମୂଳ ସ୍ତରରେ ଦଳୀୟ ଅନ୍ତର୍‌କନ୍ଦଳ ଦୂର କରିବା, ଅସନ୍ତୁଷ୍ଟ ନେତାମାନଙ୍କୁ ମନାଇବା ଏବଂ ନୂତନ ଯୁବକମାନଙ୍କୁ ଦଳରେ ସାମିଲ କରିବା ପାଇଁ ସ୍ଥାନୀୟ ନେତୃବୃନ୍ଦ ବିଶେଷ ଗୁରୁତ୍ୱ ଦେଉଥିବା ଦେଖିବାକୁ ମିଳୁଛି।ବିଭିନ୍ନ ନିର୍ବାଚନମଣ୍ଡଳୀରେ ତୀବ୍ର ହେଉଛି ରାଜନୈତିକ ଗତିବିଧି:ପ୍ରାପ୍ତ ସୂଚନା ଅନୁଯାୟୀ, ଜିଲ୍ଲାର ସଦର ନିର୍ବାଚନମଣ୍ଡଳୀ ସମେତ ଭୋଗରାଇ, ଜଳେଶ୍ୱର, ବାଲିଆପାଳ, ସୋର, ସିମୁଳିଆ ଏବଂ ନୀଳଗିରି ଅଞ୍ଚଳରେ ରାଜନୈତିକ ଦଳମାନଙ୍କର ଗତିବିଧି ଅତ୍ୟନ୍ତ ତୀବ୍ର ହୋଇଛି। ପ୍ରତ୍ୟେକ ଦଳ ପକ୍ଷରୁ ସ୍ଥାନୀୟ ଜନସମସ୍ୟା, ଯଥା- କୃଷି ଓ ଜଳସେଚନର ଅଭାବ, ବେକାରୀ ସମସ୍ୟା, ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଏବଂ ଗ୍ରାମ୍ୟ ଭିତ୍ତିଭୂମିର ବିକାଶକୁ ମୁଖ୍ୟ ପ୍ରସଙ୍ଗ କରି ଜନସାଧାରଣଙ୍କ ନିକଟତର ହେବାକୁ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରାଯାଉଛି। ଘରୋଇ ତଥା ସାର୍ବଜନୀନ ସଭା ସମିତି ଜରିଆରେ ସାଧାରଣ ଲୋକଙ୍କ ନିକଟରେ ପହଞ୍ଚିବା ପାଇଁ ଦଳୀୟ କର୍ମୀମାନେ ଅଣ୍ଟା ଭିଡ଼ିଛନ୍ତି।ଦୁର୍ବଳ ସ୍ଥାନ ସୁଧାରିବାକୁ ଆଭ୍ୟନ୍ତରୀଣ ସମୀକ୍ଷା:ରାଜନୈତିକ ବିଶ୍ଳେଷକଙ୍କ ମତରେ, ବିଗତ ଦିନର ନିର୍ବାଚନୀ ଫଳାଫଳ ଏବଂ ଭୋଟ୍ ହାରକୁ ଆଖି ଆଗରେ ରଖି ସମସ୍ତ ଦଳ ଏବେଠାରୁ ନିଜର ଦୁର୍ବଳ ସ୍ଥାନଗୁଡ଼ିକୁ ସୁଧାରିବା ପାଇଁ ଆଭ୍ୟନ୍ତରୀଣ ସମୀକ୍ଷା ଜାରି ରଖିଛନ୍ତି। ଅନ୍ୟପକ୍ଷରେ, ବିରୋଧୀ ଦଳଗୁଡ଼ିକ ପକ୍ଷରୁ ସରକାରୀ ଜନକଲ୍ୟାଣକାରୀ ଯୋଜନାରେ ଅନିୟମିତତା, ଦୁର୍ନୀତି ଏବଂ ସ୍ଥାନୀୟ ପ୍ରଶାସନିକ କାର୍ଯ୍ୟକାରିତାକୁ ନେଇ କ୍ରମାଗତ ପ୍ରଶ୍ନ ଉଠାଯାଉଛି। ଜିଲ୍ଲାରେ ବିଭିନ୍ନ ଜନସମସ୍ୟାକୁ ଆୟୁଧ କରି ରାଜରାସ୍ତାକୁ ଓହ୍ଲାଇବା ଏବଂ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ମଧ୍ୟ ବିରୋଧୀ ଶିବିର ପକ୍ଷରୁ ଜୋରଦାର ପ୍ରସ୍ତୁତି ଚାଲିଛି।ସୋସିଆଲ ମିଡିଆ ଓ ତୃଣମୂଳ ପ୍ରଚାର ଅଭିଯାନ:କେବଳ ପାରମ୍ପରିକ ସଭାସମିତି ନୁହେଁ, ବରଂ ଆଧୁନିକ ଟେକ୍ନୋଲୋଜି ଓ ସୋସିଆଲ ମିଡିଆର ବ୍ୟାପକ ବ୍ୟବହାର ମାଧ୍ୟମରେ ନିଜର ଦଳୀୟ ନୀତିଆଦର୍ଶ ଓ ସଫଳତାକୁ ଲୋକଲୋଚନକୁ ଆଣିବା ପାଇଁ ଆଇଟି ସେଲ୍‌ଗୁଡ଼ିକ ମଧ୍ୟ ସକ୍ରିୟ ହୋଇଉଠିଛନ୍ତି। ବାଲେଶ୍ୱରର ବିଭିନ୍ନ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳରେ ଏବେଠାରୁ ଦଳୀୟ ପତାକା ଉତ୍ତୋଳନ, ଯୁବ ସମ୍ମିଳନୀ, ମହିଳା ସମାବେଶ ଏବଂ ସୋସିଆଲ ମିଡିଆ ଜରିଆରେ ପ୍ରଚାର ଅଭିଯାନକୁ ଅଧିକ ବ୍ୟାପକ କରାଯାଉଛି।ଏହି ବର୍ଦ୍ଧିତ ସାଙ୍ଗଠନିକ ତତ୍ପରତା ଆଗାମୀ ଦିନରେ ବାଲେଶ୍ୱର ଜିଲ୍ଲାର ରାଜନୈତିକ ବାତାବରଣକୁ ଆହୁରି ଅଧିକ ସରଗରମ କରିବ ଏବଂ ଆଗାମୀ ଦିନର ପ୍ରତିଦ୍ୱନ୍ଦ୍ୱିତାକୁ ଅତ୍ୟନ୍ତ କଡ଼ାକଡ଼ି କରିବ ବୋଲି ସାଧାରଣରେ ବେଶ୍ ଆଲୋଚନା ହେଉଛି।

ମଧୁବାବୁ ପେନସନ ଯୋଜନାରେ କୋଟା ଉଚ୍ଛେଦ

ବାଲେଶ୍ୱର:ରାଜ୍ୟ ସରକାରଙ୍କ ପକ୍ଷରୁ ମଧୁବାବୁ ପେନସନ ଯୋଜନାରେ ଥିବା ଦୀର୍ଘଦିନର 'କୋଟା ବ୍ୟବସ୍ଥା'କୁ ସମ୍ପୂର୍ଣ୍ଣ ଉଚ୍ଛେଦ କରାଯିବା ଏବଂ ରାଜ୍ୟର ଅତିରିକ୍ତ ୫ ଲକ୍ଷରୁ ଅଧିକ ଯୋଗ୍ୟ ହିତାଧିକାରୀଙ୍କୁ ଏହି ଯୋଜନାରେ ସାମିଲ କରାଯିବା ପରେ ବାଲେଶ୍ୱର ଜିଲ୍ଲାବ୍ୟାପୀ ଏକ ପ୍ରକାର ଉତ୍ସବର ବାତାବରଣ ଦେଖିବାକୁ ମିଳିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଏହି ଐତିହାସିକ ଓ ଜନକଲ୍ୟାଣକାରୀ ନିଷ୍ପତ୍ତିକୁ ସ୍ୱାଗତ କରି ଆଜି ବାଲେଶ୍ୱର ସଦର, ରେମୁଣା, ନୀଳଗିରି, ସୋର, ଜଳେଶ୍ୱର, ଭୋଗରାଇ, ବାଲିଆପାଳ, ବସ୍ତା ଏବଂ ସିମୁଳିଆ ସମେତ ଜିଲ୍ଲାର ପ୍ରତ୍ୟେକ ବ୍ଲକ ଓ ପୌରାଞ୍ଚଳରେ ଭାରତୀୟ ଜନତା ପାର୍ଟି (ବିଜେପି) ପକ୍ଷରୁ ଭବ୍ୟ କୃତଜ୍ଞତା ସଭା ଏବଂ ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂର୍ବରୁ ଏହି ଯୋଜନାରେ କୋଟା ସୀମା ରହିଥିବାରୁ ହଜାର ହଜାର ଯୋଗ୍ୟ ବୃଦ୍ଧବୃଦ୍ଧା, ବିଧବା ଏବଂ ଦିବ୍ୟାଙ୍ଗ ବ୍ୟକ୍ତି ବର୍ଷ ବର୍ଷ ଧରି ଭତ୍ତା ପାଇବାରୁ ବଞ୍ଚିତ ହେଉଥିଲେ ଏବଂ ଜଣେ ହିତାଧିକାରୀଙ୍କ ମୃତ୍ୟୁ ପରେ ହିଁ ଅନ୍ୟ ଜଣଙ୍କୁ ସୁଯୋଗ ମିଳୁଥିଲା, କିନ୍ତୁ ବର୍ତ୍ତମାନର ସରକାର ଏହି ପ୍ରଥା ହଟାଇ ସମସ୍ତ ଯୋଗ୍ୟ ବ୍ୟକ୍ତିଙ୍କୁ ସାମିଲ କରିବା ପାଇଁ ଏକୀକୃତ ପେନସନ ପରିଚାଳନା ପୋର୍ଟାଲ୍ ଆରମ୍ଭ କରିଛନ୍ତି ଯାହାକୁ ନେଇ ସାଧାରଣରେ ପ୍ରଶଂସାର ସୁଅ ଛୁଟିଛି। ଆଜିର ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲାର ସାଂସଦ, ବିଧାୟକ, ବିଜେପିର ଜିଲ୍ଲା ସଭାପତି ଏବଂ ବରିଷ୍ଠ ନେତୃବୃନ୍ଦ ଯୋଗଦେଇ ନୂତନ ହିତାଧିକାରୀମାନଙ୍କୁ ଦୁଇ ମାସର ଏକକାଳୀନ ଭତ୍ତା ପ୍ରଦାନ କରିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ବକ୍ତାମାନେ କହିଛନ୍ତି ଯେ ଡିସେମ୍ବର ମାସଠାରୁ ପ୍ରତି ମାସର ୧୫ ତାରିଖରେ ନିୟମିତ ଭାବେ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ଭତ୍ତା ଟଙ୍କା ପହଞ୍ଚିବ ଏବଂ ୮୦ ବର୍ଷ ବୟସ ପୂରଣ ହେବା ମାତ୍ରେ କୌଣସି ଆବେଦନ ବିନା ସ୍ୱୟଂଚାଳିତ ଭାବେ ବର୍ଦ୍ଧିତ ଭତ୍ତା ମିଳିବ। ଅନ୍ୟପଟେ ରାଜନୈତିକ ବିଶ୍ଳେଷକମାନଙ୍କ ମତରେ ଆଗାମୀ ସ୍ଥାନୀୟ ନିର୍ବାଚନ ପୂର୍ବରୁ ଶାସକ ଦଳର ଏହି ପଦକ୍ଷେପ ତୃଣମୂଳ ସ୍ତରରେ ଦଳର ସ୍ଥିତିକୁ ଅଧିକ ମଜବୁତ କରିବ ଏବଂ ଗ୍ରାମାଞ୍ଚଳର ଭୋଟରଙ୍କୁ ବହୁ ପରିମାଣରେ ପ୍ରଭାବିତ କରିବ।

ଆଦ୍ୟାଶା ADYASHA
ରାଜ୍ୟ
PRGI No. ORORI/25/A0506
Daily Edition
adyashgroup.com
BHUBANESWAR | Vol. 02 | Issue 12
ଶନିବାର, ୧୪ ନଭେମ୍ବର ୨୦୨୬

ଆଜିର ପ୍ରମୁଖ

ରାଜଗାଙ୍ଗପୁର ଲିପଲୋଇ ସ୍ଥିତ ସ୍ୱର୍ଗଦ୍ୱାର ମାନ୍ୟବର ବିଧାୟକ ଙ୍କ ଦ୍ୱାରା ଉଦଘାଟିତ।



ରାଜଗାଙ୍ଗପୁର:ପୈରପରିଷଦ ଅନ୍ତର୍ଗତ ଲିପଲୋଇ ନଦୀ କୂଳରେ ସହର ବାସୀଙ୍କ ବର୍ଷ ବର୍ଷ ଧରି ଆବେଗ ଆଶା ଆକାଂକ୍ଷା ସହ ଜଡ଼ିତ ଥିବା ତଥା ତିରିଶ ଲକ୍ଷ ଟଙ୍କା ର ନୂତନ ସ୍ୱର୍ଗ ଦ୍ୱାର ନିର୍ମାଣ ପାଇଁ ରାଜଗାଙ୍ଗପୁର ମାନ୍ୟବର ବିଧାୟକ ଡଃ ସିଏସ ରାଜନ୍ ଏକ୍କା ପୂର୍ବତନ ତହସିଲଦାର ଜଗବନ୍ଧୁ ମଲିକ୍ ପୈରପରିଷଦ କାର୍ଯ୍ୟ ନିର୍ବାହି ଅଧିକାରୀ ଗୋବିନ୍ଦ ଦଣ୍ଡସେନା ତଥା ଲିପଲୋଇ ମଶାଣି ସଭାପତି ସିଞ୍ଜିବ ବେହୁରା ଟାଉନ କଂଗ୍ରେସ ସଭାପତି ଦେବରଞ୍ଜନ ବିନୋଦ ବ୍ଲକ୍ ପ୍ରତିନିଧି ଅରୁଣ ସାମଲ ଶିଳ୍ପପତି ପବନ ଗଡୋଦିଆ ରାଜେନ୍ଦ୍ର ଲେଙ୍କା ପୂର୍ବତନ ନଗରପାଳ ଶସି ରେଖା ସାମଲ ଓ କମିଟି ର ବହୁ ସଦସ୍ୟ ଙ୍କ ପ୍ରତ୍ୟେକ୍ଷ ପରୋକ୍ଷ ପ୍ରଚେଷ୍ଟାରେ ରାଜଗାଙ୍ଗପୁର ସହର ର ଜନସାଧାରଣଙ୍କ ବହୁ ଦିନର ଆଶା ପୁରଣ କରିପାରିଛନ୍ତି। ଏହି ଅବସରରେ ଲିପଲୋଇ ନଦୀ କୂଳରେ ସାଧାରଣ ସଭାରେ ମାନ୍ୟବର ବିଧାୟକ ଡଃ ସିଏସ ରାଜନ୍ ଏକ୍କା ତହସିଲଦାର ଜ୍ୟତି ରଞ୍ଜନ ପ୍ରଧାନ ବିଡ଼ିଓ ଅକ୍ଷୟ କୁମାର ବାଗ କାର୍ଯ୍ୟ ନିର୍ବାହି ଅଧିକାରୀ ଗୋବିନ୍ଦ ଦଣ୍ଡସେନା ଏସଡିପିଓ ବିଭୁତି ଭୁଷଣ ଭୋଇ ଥାନା ଅଧିକାରୀ ବିଜୟ କିଶୋର ଦାଶ ଓ ଅନ୍ୟାନ୍ୟ ଅତିଥି ଙ୍କ କର କମଳ ରେ ଭିତ୍ତି ପ୍ରସ୍ତର ଶୁଭ ଉଦ୍ଘାଟନ କରାଯାଇ ସହର ର ସର୍ବାଙ୍ଗିନ ବିକାଶ ଉନ୍ନତି ପାଇଁ ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ରାଜନୈତିକ ସ୍ୱାର୍ଥର ଉପରେ ରହି ସମସ୍ତେ ଏକାଠି ହୋଇ ସହର କୁ ବିକଶିତ କରିବାକୁ ନିଜର ମତାମତ ଉପସ୍ଥାପନ କରିଥିଲେ। ଏଥିରେ କାଉନସିଲର ସୁସ୍ମିତା ତିଡୁ ସୁମିତ୍ରା ବାର୍ଲା ଗାନଦ୍ରି ମିଞ୍ଜ ଅମରେଶ ପଣ୍ଡା ଏମଡି ଇରଫାନ ସୁଧାଂଶୁ ସାହୁ ବସନ୍ତ ଟପୋ ରାଜୁ ମାହାନ୍ତି ସୁରେଶ ବରୁଆ ଜାଫର ମୋବିନ ଓ ବହୁ ମାନ୍ୟବର ବ୍ୟକ୍ତି ସମାଜସେବୀ ସାଧାରଣ ନାଗରିକ ଉପସ୍ଥିତିରେ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରାଜଗାଙ୍ଗପୁର ରୁ ଦେବବ୍ରତ ମିତ୍ର ଙ୍କ ରିପୋର୍ଟ।

ପାଣିଜରା ଅଞ୍ଚଳରେ ଜଳସେଚନ ସମସ୍ୟା

କଳାହାଣ୍ଡି ଜିଲ୍ଲାର କୃଷି ପ୍ରଧାନ ପାଣିଜରା ଏବଂ ଏହାର ଆଖପାଖ ପଞ୍ଚାୟତଗୁଡ଼ିକରେ ଜଳସେଚନ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଥିବା ଅଭିଯୋଗ ହୋଇଛି। କେନାଲଗୁଡ଼ିକର ଦୀର୍ଘଦିନରୁ କୌଣସି ରକ୍ଷଣାବେକ୍ଷଣ, ସଫେଇ କିମ୍ବା ମରାମତି କରାଯାଇ ନଥିବାରୁ ମୁଖ୍ୟ କେନାଲରୁ ଶାଖା କେନାଲଗୁଡ଼ିକ ମାଧ୍ୟମରେ ଚାଷଜମିକୁ ଜଳ ପହଞ୍ଚି ପାରୁନାହିଁ। ଫଳରେ ଅଞ୍ଚଳର ଶହ ଶହ ଏକର ଚାଷଜମି ପାଣି ଅଭାବରୁ ଶୁଖିଲା ପଡ଼ି ରହିଥିବାବେଳେ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସମସ୍ୟାର ପ୍ରମୁଖ କାରଣ ଓ କ୍ଷତିଗ୍ରସ୍ତ ଅଞ୍ଚଳ: ପୋତି ହୋଇଗଲାଣି କେନାଲ: ବର୍ଷ ବର୍ଷ ଧରି କେନାଲର ପଙ୍କୋଦ୍ଧାର ଏବଂ ସଫେଇ ନହେବା କାରଣରୁ ବିଭିନ୍ନ ସ୍ଥାନରେ ମାଟି ପଡ଼ି କେନାଲର ଗଭୀରତା କମିଯାଇଛି। କେତେକ ସ୍ଥାନରେ କେନାଲ ପାର୍ଶ୍ୱ ଭାଙ୍ଗି ଯାଇଥିବାରୁ ଜଳ ପ୍ରବାହ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହେଉଛି। ଶେଷ ମୁଣ୍ଡର ଚାଷୀ ସର୍ବାଧିକ ପ୍ରଭାବିତ: ଜଳସେଚନ ପ୍ରକଳ୍ପର ଶେଷ ମୁଣ୍ଡରେ ଅବସ୍ଥିତ ଚାଷୀମାନେ ପାଣି ପାଉ ନଥିବାରୁ ସେମାନଙ୍କୁ ଆକାଶ ମୁହାଁ ହୋଇ ବର୍ଷା ଉପରେ ନିର୍ଭର କରିବାକୁ ପଡୁଛି। ଠିକ୍ ସମୟରେ ଜଳସେଚନ ନ ମିଳିଲେ ଧାନ ତଳି ପକାଇବା ଏବଂ ରୁଆ କାମ ପଛେଇଯିବା ଆଶଙ୍କା ସୃଷ୍ଟି ହୋଇଛି। ବିଭାଗୀୟ ଦୃଷ୍ଟି ଆକର୍ଷଣ ଓ ଚେତାବନୀ: ଏହି ଗୁରୁତର ସମସ୍ୟା ସମ୍ପର୍କରେ ସ୍ଥାନୀୟ ଚାଷୀ ଏବଂ କୃଷକ ପ୍ରତିନିଧିମାନେ ବାରମ୍ବାର ଜଳସେଚନ ବିଭାଗ ଓ ସ୍ଥାନୀୟ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଯଦି ଆଗାମୀ କିଛି ଦିନ ଭିତରେ କେନାଲଗୁଡ଼ିକର ମରାମତି ଓ ସଫେଇ କାମ ଆରମ୍ଭ ନହୁଏ, ତେବେ ବାଧ ହୋଇ ଚାଷୀମାନେ ରାଜରାସ୍ତାକୁ ଓହ୍ଲାଇବା ସହ ବିଭାଗୀୟ କାର୍ଯ୍ୟାଳୟ ଘେରାଉ କରିବେ ବୋଲି ଚେତାବନୀ ଦେଇଛନ୍ତି। ପ୍ରଶାସନ ଏହି ବିଷୟରେ ଦୃଷ୍ଟି ଦେଇ ତୁରନ୍ତ ପଦକ୍ଷେପ ଗ୍ରହଣ କଲେ ହିଁ ପାଣିଜରା ଅଞ୍ଚଳର ଚାଷୀମାନେ ଆଗାମୀ ଦିନରେ ଭଲ ଫସଲ ଅମଳ କରିପାରିବେ ବୋଲି ଆଶା କରାଯାଉଛି।

ଧାନ କ୍ରୟ ଓ ମଣ୍ଡି ବ୍ୟବସ୍ଥା ନେଇ ପ୍ରଶାସନିକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

କଳାହାଣ୍ଡି ଜିଲ୍ଲାରେ ଆଗାମୀ ଖରିଫ ଋତୁ ପାଇଁ ଧାନ ସଂଗ୍ରହ ଓ ମଣ୍ଡି ପରିଚାଳନା ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ସ୍ୱଚ୍ଛ, ଦୋଷମୁକ୍ତ ଏବଂ ତ୍ରୁଟିଶୂନ୍ୟ କରିବା କ୍ଷେତ୍ରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ରାଜ୍ୟ ସରକାରଙ୍କ ନୂତନ ନୀତି ଅନୁଯାୟୀ କ୍ୱିଣ୍ଟାଲ ପ୍ରତି ୩,୧୦୦ ଟଙ୍କା ଧାର୍ଯ୍ୟ କରାଯାଇଥିବାରୁ ଚାଷୀମାନଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଛି। ସ୍ଥାନୀୟ ପ୍ରଶାସନିକ ସଭାଗୃହରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲାର ବିଭିନ୍ନ ବ୍ଲକର ପାଣିଜରା ସମେତ ସମସ୍ତ ମଣ୍ଡି ଅଞ୍ଚଳର ଧାନ କ୍ରୟ ବ୍ୟବସ୍ଥା, ଟୋକନ୍ ବ୍ୟବସ୍ଥା, ଏବଂ ପରିବହନ ସମସ୍ୟା ନେଇ ବିସ୍ତୃତ ଆଲୋଚନା କରାଯାଇଛି। ବୈଠକର ପ୍ରମୁଖ ନିଷ୍ପତ୍ତି ଓ ଆଲୋଚ୍ୟ ବିଷୟ: ୧. ସ୍ୱଚ୍ଛତା ଓ ଡିଜିଟାଲ୍ ଯାଞ୍ଚ: ଧାନ କ୍ରୟ ପ୍ରକ୍ରିୟାରେ ସ୍ୱଚ୍ଛତା ବଜାୟ ରଖିବା ପାଇଁ ଭୂଲେଖ ତଥ୍ୟ, ଆଧାର e-KYC ଏବଂ ଡିଜିଟାଲ୍ କ୍ରପ୍ ସର୍ଭେକୁ କଡ଼ାକଡ଼ି ଭାବେ ଲାଗୁ କରାଯିବ। କେବଳ ପ୍ରକୃତ ଚାଷୀମାନେ ଯେପରି ସେମାନଙ୍କର ଉତ୍ପାଦିତ ଧାନ ସୁବିଧାରେ ବିକ୍ରି କରିପାରିବେ, ସେଥିପାଇଁ ପ୍ରଶାସନ ପକ୍ଷରୁ କଡ଼ା ନଜର ରଖାଯାଇଛି। ୨୪ ରୁ ୪୮ ଘଣ୍ଟା ମଧ୍ୟରେ ପ୍ରାପ୍ୟ ପ୍ରଦାନ: ଚାଷୀମାନେ ମଣ୍ଡିରେ ଧାନ ବିକ୍ରି କରିବାର ୨୪ ରୁ 48 ଘଣ୍ଟା ଭିତରେ ସେମାନଙ୍କର ପ୍ରାପ୍ୟ ଅର୍ଥ ସିଧାସଳଖ ଆଧାର ସଂଯୁକ୍ତ ବ୍ୟାଙ୍କ ଆକାଉଣ୍ଟକୁ (DBT ଜରିଆରେ) ପଠାଯିବ ବେଳେ ବୈଠକରେ ସ୍ପଷ୍ଟ କରାଯାଇଛି। ଭାଗଚାଷୀଙ୍କ ପାଇଁ ସୁବିଧା: ଜମି ମାଲିକଙ୍କ ଡିଜିଟାଲ୍ ସମ୍ମତି ଏବଂ ବାୟୋମେଟ୍ରିକ୍ ପ୍ରମାଣିକରଣ ମାଧ୍ୟମରେ ପ୍ରକୃତ ଭାଗଚାଷୀମାନେ ମଧ୍ୟ ପଞ୍ଜୀକୃତ ହୋଇ ମଣ୍ଡିରେ ଧାନ ବିକ୍ରି କରିବାର ସୁଯୋଗ ପାଇବେ। ମଣ୍ଡିରେ ମୌଳିକ ସୁବିଧା ଏବଂ ଦଲାଲ୍ ରାଜ୍ ଉପରେ କଟକଣା: ପାଣିଜରା ଓ ଆଖପାଖ ଅଞ୍ଚଳର ମଣ୍ଡିଗୁଡ଼ିକରେ ପାନୀୟ ଜଳ, ଆଲୋକ ବ୍ୟବସ୍ଥା ଏବଂ ବସ୍ତା ସଂରକ୍ଷଣର ସମୋଚିତ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବାହାର ଜିଲ୍ଲା କିମ୍ବା ରାଜ୍ୟରୁ ବେଆଇନ ଭାବେ ଆସୁଥିବା ଧାନ ଚାଲାଣକୁ ରୋକିବା ପାଇଁ ସୀମାନ୍ତ ଅଞ୍ଚଳରେ ଚେକପୋଷ୍ଟ ଏବଂ ସିସିଟିଭି ନଜର ରଖାଯିବା ସହ ଜିଲ୍ଲାସ୍ତରୀୟ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି। ଏହି ବୈଠକରେ ସ୍ଥାନୀୟ ସମବାୟ ସମିତିର କର୍ମକର୍ତ୍ତା, ମ୍ୟାନେଜର, କୃଷକ ପ୍ରତିନିଧି ଏବଂ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ଧାନ ସଂଗ୍ରହକୁ ସଫଳ କରିବା ପାଇଁ ସହଯୋଗର ହାତ ବଢ଼ାଇବାକୁ ଆହ୍ୱାନ ଦେଇଛନ୍ତି।

ଅନୁଗୋଳ ଜିଲ୍ଲାରେ CTMS ଯୋଜନା



ଅନୁଗୋଳ:(ଆଦ୍ୟାଶା):ରାଜ୍ୟର ମହାନ କଳା, ସଂସ୍କୃତି ଏବଂ ପରମ୍ପରାକୁ ସୁରକ୍ଷା ଦେବା ସହିତ ଲୋକକଳାକାରମାନଙ୍କୁ ଆର୍ଥିକ ଭାବେ ସ୍ୱାବଲମ୍ବୀ କରିବା ଏବଂ ସେମାନଙ୍କୁ ନିୟମିତ ଶ୍ରମ ଦିବସ ବା କାମ ଯୋଗାଇଦେବା ଲକ୍ଷ୍ୟରେ ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଏକ ଅଭିନବ ଯୋଜନା ପ୍ରଣୟନ କରାଯାଇଛି। 'କଲଚରାଲ ଟ୍ରୁପ୍ସ ମ୍ୟାନେଜମେଣ୍ଟ ସିଷ୍ଟମ୍' (CTMS) ନାମକ ଏହି ଯୋଜନା ମାଧ୍ୟମରେ କଳାକାରମାନେ ସମ୍ମାନଜନକ ଭାବେ ଜୀବିକାନିର୍ବାହ କରିପାରିବେ। ଏହି ପରିପ୍ରେକ୍ଷୀରେ ଅନୁଗୋଳ ଜିଲ୍ଲାରେ ସାଂସ୍କୃତିକ ଦଳଗୁଡ଼ିକର ଦକ୍ଷତା ପରୀକ୍ଷଣ ଓ ଚୟନ ପ୍ରକ୍ରିୟା ବେଶ୍ ଉତ୍ସାହଜନକ ଭାବେ ଜାରି ରହିଛି।ପ୍ରକଳ୍ପର ଆର୍ଥିକ ଓ ବୈଷୟିକ ରୂପରେଖ:ସରକାରଙ୍କ ଏହି ସ୍ୱତନ୍ତ୍ର CTMS ଯୋଜନା ଅଧୀନରେ ୧୦ ଜଣିଆ କଳାକାରଙ୍କୁ ନେଇ ଗଠିତ ଗୋଟିଏ ଲୋକକଳା ଦଳ ବର୍ଷକୁ ବିଭିନ୍ନ ସରକାରୀ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଜରିଆରେ ୬ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ପର୍ଯ୍ୟନ୍ତ ରୋଜଗାର କରିବାର ସୁଯୋଗ ପାଇପାରିବେ। ଲୋକକଳା ଓ ଲୋକସଂସ୍କୃତିର ପ୍ରଚାର ପ୍ରସାର ସାଙ୍ଗକୁ କଳାକାରମାନଙ୍କ ଆର୍ଥିକ ଅବସ୍ଥାକୁ ସୁଦୃଢ଼ କରିବା ଦିଗରେ ଏହା ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି ବୁଦ୍ଧିଜୀବୀ ଓ କଳାପ୍ରେମୀମାନେ ମତ ପ୍ରକାଶ କରିଛନ୍ତି।ଚୟନ ପ୍ରକ୍ରିୟାର ଦ୍ୱିତୀୟ ଦିବସ ଓ ପରିଚାଳନା:ଏହି ଯୋଜନା ପାଇଁ ଆବେଦନ କରିଥିବା ସାଂସ୍କୃତିକ ଦଳମାନଙ୍କର ଚୟନ ପ୍ରକ୍ରିୟା ଗତ ନଭେମ୍ବର ୧୧ ତାରିଖରୁ ଆରମ୍ଭ ହୋଇଥିବାବେଳେ ୧୨ ତାରିଖ ଦ୍ୱିତୀୟ ଦିବସରେ ୫୪ଟି ଲୋକକଳା ଦଳ ଅଂଶଗ୍ରହଣ କରି ନିଜର କଳା ନିପୁଣତା ପ୍ରଦର୍ଶନ କରିଛନ୍ତି। ଅନୁଗୋଳ ଜିଲ୍ଲା ସଂସ୍କୃତି ଅଧିକାରୀ ଦୁଃଶାସନ ନାଏକଙ୍କ ସିଧାସଳଖ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅତ୍ୟନ୍ତ ଶୃଙ୍ଖଳିତ ଭାବେ ଚାଲିଛି। ବିଭିନ୍ନ ଲୋକକଳା କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ଅଭିଜ୍ଞ ବିଚାରକ ମଣ୍ଡଳୀ କଳାକାରମାନଙ୍କ ଦକ୍ଷତା ଓ ପ୍ରତିଭା ପରୀକ୍ଷଣ କରୁଛନ୍ତି।ନେତୃବୃନ୍ଦଙ୍କ ସହଯୋଗ ଓ ଆଗାମୀ କାର୍ଯ୍ୟସୂଚୀ:ଦ୍ୱିତୀୟ ଦିବସର ଏହି ଚୟନ ପ୍ରକ୍ରିୟାରେ ଅନୁଗୋଳର ସୁରେଶ ସାହୁ ଏବଂ ଜିଲ୍ଲା କଳାକାର ସାମୁଖ୍ୟ, ଅନୁଗୋଳର ସଭାପତି ଡଃ ନବଘନ ସାମଲ ପ୍ରମୁଖ ଉପସ୍ଥିତ ରହି ଶାନ୍ତି ଶୃଙ୍ଖଳା ରକ୍ଷା କରିବା ସହ ସମଗ୍ର ପରିଚାଳନା ପ୍ରକ୍ରିୟାରେ ସକ୍ରିୟ ସହଯୋଗ ପ୍ରଦାନ କରିଥିଲେ। ବିଭିନ୍ନ ଦଳର ଦଳପତିମାନେ ମଧ୍ୟ ଶୃଙ୍ଖଳା ରକ୍ଷାରେ ସହଯୋଗର ହାତ ବଢ଼ାଇଥିଲେ। ପ୍ରାପ୍ତ ସୂଚନା ଅନୁଯାୟୀ, ଏହି ଚୟନ ପ୍ରକ୍ରିୟା ଆସନ୍ତା ନଭେମ୍ବର ୧୫ ତାରିଖ ପର୍ଯ୍ୟନ୍ତ ଜାରି ରହିବ ଏବଂ ମୋଟ ୨୨୪ଟି ଦଳ ଏଥିରେ ଅଂଶଗ୍ରହଣ କରି ନିଜର କଳା ପ୍ରଦର୍ଶନ କରିବେ।

ଜିଲ୍ଲାରୁ ସିଧା ରିପୋର୍ଟ

ଅଶୋକ ପଟ୍ଟନାୟକଙ୍କୁ 'ବନମାଳୀ ପଣ୍ଡା ସ୍ମୃତି ସମ୍ମାନ'



ଭବାନୀପାଟଣା:(ରିପୋର୍ଟ: ରଥୁରାମ ବାଗ):କଳାହାଣ୍ଡି ଜିଲ୍ଲା ସଦର ମହକୁମା ଭବାନୀପାଟଣାସ୍ଥିତ ପ୍ରଗତି ଶିକ୍ଷାନୁଷ୍ଠାନ ପକ୍ଷରୁ ଅନୁଷ୍ଠାନର ପ୍ରତିଷ୍ଠାତା ତଥା ଶିକ୍ଷାବିତ୍ ସ୍ୱର୍ଗତ ବନମାଳୀ ପଣ୍ଡାଙ୍କ ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ଅବସରରେ ଦିନବ୍ୟାପୀ କାର୍ଯ୍ୟକ୍ରମ ସହିତ ଭବ୍ୟ 'ପ୍ରଗତି ପଥ ମହୋତ୍ସବ-୨୦୨୬' ଅତ୍ୟନ୍ତ ଉତ୍ସାହ ଓ ଉଦ୍ଦୀପନାମୟ ପରିବେଶରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷା, ସଂସ୍କୃତି ଏବଂ ସମାଜସେବାର ସଙ୍ଗମସ୍ଥଳୀ ପାଲଟିଥିବା ଏହି ମହୋତ୍ସବରେ ଯୋଗଦେଇ ଅତିଥିମାନେ ସ୍ୱର୍ଗତ ପଣ୍ଡାଙ୍କ ସ୍ମୃତିଚାରଣ କରିବା ସହ ଅଞ୍ଚଳରେ ଶିକ୍ଷାର ପ୍ରସାର ଦିଗରେ ତାଙ୍କ ଅବଦାନକୁ ଭୂୟସୀ ପ୍ରଶଂସା କରିଥିଲେ।ମୁଖ୍ୟ ଅତିଥିଙ୍କ ଯୋଗଦାନ ଓ ଉଦ୍‌ଘାଟନୀ କାର୍ଯ୍ୟକ୍ରମ:ଏହି ବର୍ଷାଧିକ ମହୋତ୍ସବକୁ ରାଜ୍ୟର ମାନ୍ୟବର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ଦିବସର ପ୍ରାରମ୍ଭରେ ଏକ ସ୍ୱତନ୍ତ୍ର ଯୋଗ ଅଧିବେଶନ ଆୟୋଜିତ ହୋଇଥିଲା, ଯେଉଁଥିରେ ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ମହାଲିଙ୍ଗ ସକ୍ରିୟ ଭାବେ ଅଂଶଗ୍ରହଣ କରି ଛାତ୍ରଛାତ୍ରୀ ଓ ଉପସ୍ଥିତ ଜନସାଧାରଣଙ୍କୁ ସୁସ୍ଥ ଜୀବନଶୈଳୀ ଓ ନିୟମିତ ଯୋଗାଭ୍ୟାସ ସମ୍ପର୍କରେ ପ୍ରେରଣାଦାୟୀ ବାର୍ତ୍ତା ଦେଇଥିଲେ।ଏହି କାର୍ଯ୍ୟକ୍ରମରେ କଳାହାଣ୍ଡି ଜିଲ୍ଲାପାଳ ସଚିନ ପାୱାର ଏବଂ ବିଶିଷ୍ଟ ସଂସ୍କୃତି ସଂଗଠକ ଜୟନ୍ତ କୁମାର ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅନୁଷ୍ଠାନର କାର୍ଯ୍ୟକ୍ରମକୁ ସାଧୁବାଦ ଜଣାଇଥିଲେ।ସ୍ମୃତିସଭା ଓ ଜୀବନାଦର୍ଶ ଆଲେଚନା:ମହୋତ୍ସବ ଅବସରରେ ଆୟୋଜିତ ସ୍ମୃତିସଭାରେ ମଞ୍ଚାସୀନ ଅତିଥିମାନେ ସ୍ୱର୍ଗତ ବନମାଳୀ ପଣ୍ଡାଙ୍କ ସ୍ମୃତିଚାରଣ କରି କହିଥିଲେ ଯେ, ସେ କେବଳ ଜଣେ ଶିକ୍ଷାବିତ୍ ନଥିଲେ, ବରଂ ସମାଜରୁ ଅଜ୍ଞାନତା ଦୂର କରିବା ଏବଂ ଗଣମାଧ୍ୟମ ତଥା ଶିକ୍ଷା କ୍ଷେତ୍ରରେ ଏକ ନୂତନ ଦିଗଦର୍ଶନ ଦେବାରେ ତାଙ୍କର ଭୂମିକା ଥିଲା ଅତୁଳନୀୟ। ତାଙ୍କର ସରଳ ଜୀବନାଦର୍ଶ, କର୍ତ୍ତବ୍ୟନିଷ୍ଠା ଏବଂ ନୀତିବାଦୀ ଚିନ୍ତାଧାରା ଆଜିର ଯୁବପିଢ଼ି ପାଇଁ ଏକ ପ୍ରେରଣାର ସ୍ରୋତ ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ।'ବନମାଳୀ ପଣ୍ଡା ସ୍ମୃତି ସମ୍ମାନ' ପ୍ରଦାନ:ମହୋତ୍ସବର ସବୁଠାରୁ ଆକର୍ଷଣୀୟ ପର୍ଯ୍ୟାୟରେ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଓ ନିଃସ୍ୱାର୍ଥପର ସେବା ପାଇଁ ସୁନାମଧନ୍ୟ ଅନୁଷ୍ଠାନ 'କର୍ତ୍ତବ୍ୟ'ର ମୁଖ୍ୟ ନିର୍ବାହୀ ଅଶୋକ ପଟ୍ଟନାୟକଙ୍କୁ ସମ୍ମାନଜନକ 'ବନମାଳୀ ପଣ୍ଡା ସ୍ମୃତି ସମ୍ମାନ' ପ୍ରଦାନ କରାଯାଇଥିଲା। ଅତିଥିମାନଙ୍କ କରକମଳରେ ଏହି ପ୍ରତିଷ୍ଠିତ ସମ୍ମାନ ଗ୍ରହଣ କରିବା ସମୟରେ ଉପସ୍ଥିତ ସମସ୍ତ ବୁଦ୍ଧିଜୀବୀ, ଶିକ୍ଷକ, ଛାତ୍ରଛାତ୍ରୀ ଏବଂ କର୍ତ୍ତବ୍ୟ ଅନୁଷ୍ଠାନର କର୍ମକର୍ତ୍ତାମାନେ ଶ୍ରୀ ପଟ୍ଟନାୟକଙ୍କୁ ସ୍ୱାଗତ ଜଣାଇଥିଲେ।ପ୍ରଗତି ଶିକ୍ଷାନୁଷ୍ଠାନର ଏଭଳି ପ୍ରୟାସ ସ୍ଥାନୀୟ ଅଞ୍ଚଳରେ ଶିକ୍ଷା, ସଂସ୍କୃତି ଏବଂ ସମାଜସେବାର ବାତାବରଣକୁ ଆହୁରି ସୁଦୃଢ଼ କରିବ ବୋଲି ସର୍ବତ୍ର ଆଲୋଚନା ହେଉଛି।

କଳାହାଣ୍ଡି ଜିଲ୍ଲା ସ୍ଥାପନ ଦିବସ

ଭବାନୀପାଟଣା: କଳାହାଣ୍ଡି ଜିଲ୍ଲାର ପ୍ରତିଷ୍ଠା ଦିବସ ଅବସରରେ ଜିଲ୍ଲାର ସମୃଦ୍ଧ ଇତିହାସ, ସାଂସ୍କୃତିକ ପରମ୍ପରା ଏବଂ ଆଗାମୀ ଦିନର ବିକାଶର ରୋଡମ୍ୟାପ୍‌କୁ ନେଇ ବିଭିନ୍ନ ରାଜନୈତିକ ଦଳର ନେତା ଓ ବୁଦ୍ଧିଜୀବୀମାନେ ଗଣମାଧ୍ୟମରେ ନିଜର ଗୁରୁତ୍ୱପୂର୍ଣ୍ଣ ମତ ରଖିଛନ୍ତି। କଳାହାଣ୍ଡିର ପ୍ରାଚୀନ ଇତିହାସ, ଅସୁରଗଡ଼ର ସଭ୍ୟତା, କଳା, ସାହିତ୍ୟ ଓ କୃଷିକ୍ଷେତ୍ରରେ ଜିଲ୍ଲାର ଅବଦାନକୁ ସ୍ମରଣ କରିବା ସାଙ୍ଗକୁ ଆଗାମୀ ଦିନରେ ଏହାକୁ ଏକ ଅଗ୍ରଣୀ ଜିଲ୍ଲାରେ ପରିଣତ କରିବା ପାଇଁ କିଭଳି ପଦକ୍ଷେପ ନିଆଯିବା ଆବଶ୍ୟକ, ସେନେଇ ଶାସକ ଓ ବିରୋଧୀ ଶିବିର ପକ୍ଷରୁ ଚର୍ଚ୍ଚା ଜୋର ଧରିଛି। ଶାସକ ଦଳର ନେତାମାନେ ମତ ପ୍ରକାଶ କରିଛନ୍ତି ଯେ ରାଜ୍ୟ ସରକାରଙ୍କ ଦୂରଦୃଷ୍ଟିସମ୍ପନ୍ନ ଯୋଜନା ଯୋଗୁଁ ଆଜି କଳାହାଣ୍ଡି ଶିକ୍ଷା, ସ୍ୱାସ୍ଥ୍ୟ, ଜଳସେଚନ ଏବଂ ଯୋଗାଯୋଗ କ୍ଷେତ୍ରରେ ଅଭୂତପୂର୍ବ ଅଗ୍ରଗତି ହାସଲ କରିଛି। ବିଶେଷ କରି ଇନ୍ଦ୍ରାବତୀ ଜଳସେଚନ ପ୍ରକଳ୍ପ, ଧାନ ଉତ୍ପାଦନରେ ରାଜ୍ୟରେ ଶୀର୍ଷ ସ୍ଥାନ ଏବଂ ସହରାଞ୍ଚଳର ଉନ୍ନୟନ ମୂଳକ କାର୍ଯ୍ୟ ଜିଲ୍ଲାର ଗୌରବକୁ ଆହୁରି ବଢ଼ାଇଛି। ଅନ୍ୟପକ୍ଷରେ, ବିରୋଧୀ ଦଳର ନେତାମାନେ କହିଛନ୍ତି ଯେ କଳାହାଣ୍ଡିର ଗୌରବମୟ ଇତିହାସ ରହିଥିଲେ ମଧ୍ୟ ଦୀର୍ଘଦିନର ବେକାରୀ, ଦାଦନ ଶ୍ରମିକ ସମସ୍ୟା, ଶିଳ୍ପାୟନର ଅଭାବ ଏବଂ ଗ୍ରାମାଞ୍ଚଳରେ ମୌଳିକ ସୁବିଧାର ନିଅଣ୍ଟିଆ ସ୍ଥିତି ଏବେ ବି ଚିନ୍ତାଜନକ ରହିଛି। ଜିଲ୍ଲାର ସୁବର୍ଣ୍ଣ ଯୁଗ ଫେରାଇ ଆଣିବାକୁ ହେଲେ କେବଳ ରାଜନୈତିକ ପ୍ରଚାର ନୁହେଁ, ବରଂ ବୃହତ ଶିଳ୍ପ ପ୍ରତିଷ୍ଠା ଏବଂ ଯୁବପିଢ଼ିଙ୍କ ପାଇଁ ସ୍ଥାୟୀ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ଏକ ନିର୍ଦ୍ଦିଷ୍ଟ ରୋଡମ୍ୟାପ୍ ପ୍ରସ୍ତୁତ କରି କାର୍ଯ୍ୟକାରୀ କରିବାକୁ ପଡ଼ିବ। ଜିଲ୍ଲା ସ୍ଥାପନ ଦିବସର ଏହି ପବିତ୍ର ଅବସରରେ ଦଳମତ ନିର୍ବିଶେଷରେ ସମସ୍ତେ କଳାହାଣ୍ଡିର ସର୍ବାଙ୍ଗୀନ ବିକାଶ ପାଇଁ ଏକାଠି ହୋଇ କାମ କରିବାକୁ ଜନସାଧାରଣଙ୍କ ପକ୍ଷରୁ ମଧ୍ୟ ଆହ୍ୱାନ ଦିଆଯାଇଛି, ଯାହାକି ଆଗାମୀ ଦିନର ରାଜନୈତିକ ଓ ସାମାଜିକ ପରିବେଶକୁ ପ୍ରଭାବିତ କରିବ।

ଗୋଳମୁଣ୍ଡା ବ୍ଲକରେ ବ୍ୟାପକ ଅନିୟମିତତା ଅଭିଯୋଗ

ଗୋଳମୁଣ୍ଡା:କଳାହାଣ୍ଡି ଜିଲ୍ଲା ଗୋଳମୁଣ୍ଡା ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପ୍ରମୁଖ ଗ୍ରାମାଞ୍ଚଳ ବିକାଶ ଯୋଜନା ଯଥା ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ପିଏମ୍‌ଏୱାଇ) ଏବଂ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ମନରେଗା) କାର୍ଯ୍ୟରେ ବ୍ୟାପକ ଅନିୟମିତତା ଏବଂ ଦୁର୍ନୀତି ହୋଇଥିବା ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହି ପ୍ରସଙ୍ଗକୁ ନେଇ ଏବେ ଶାସକ ଓ ବିରୋଧୀ ରାଜନୈତିକ ଦଳଗୁଡ଼ିକ ମଧ୍ୟରେ ରାଜନୀତି ସରଗରମ ହୋଇଉଠିଥିବାବେଳେ ବିଭିନ୍ନ ଦଳର ନେତୃବୃନ୍ଦ ଜିଲ୍ଲାପାଳ ଏବଂ ବ୍ଲକ ପ୍ରଶାସନକୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରାପ୍ତ ସୂଚନା ମୁତାବକ, ଗୋଳମୁଣ୍ଡା ବ୍ଲକର ବିଭିନ୍ନ ପଞ୍ଚାୟତରେ ପ୍ରକୃତ ଆବଶ୍ୟକତା ଥାଉଥାଉ ପ୍ରକୃତ ଓ ଗରୀବ ହିତାଧିକାରୀଙ୍କୁ ପାସମାର୍କ ମିଳୁନଥିବାବେଳେ କିଛି ପ୍ରଭାବଶାଳୀ ବ୍ୟକ୍ତି ଓ ସମ୍ପନ୍ନ ପରିବାରର ଲୋକେ ଆବାସ ଯୋଜନାରେ ଘର ପାଇଥିବା ନେଇ ବ୍ୟାପକ ଅଭିଯୋଗ ହୋଇଆସୁଛି। କେତେକ ସ୍ଥାନରେ ଘର ନିର୍ମାଣ ନାଁରେ କେବଳ ପ୍ରଥମ କିସ୍ତି ଟଙ୍କା ଉଠାଇ ନିଆଯାଇଥିଲେ ହେଁ କାମ ଅଧାପନ୍ତରିଆ ଅବସ୍ଥାରେ ପଡ଼ିରହିଛି କିମ୍ବା ଆଦୌ କାମ ଆରମ୍ଭ ହୋଇନଥିବା ଦେଖିବାକୁ ମିଳିଛି। ସେହିପରି ମନରେଗା ଯୋଜନାରେ ବ୍ୟାପକ ମେସିନ୍ ବ୍ୟବହାର, ଜାଲ୍ ମଜୁରିଆ ତାଲିକା ଏବଂ କାମ ନକରି ଲକ୍ଷାଧିକ ଟଙ୍କା ହେରଫେର କରାଯାଇଥିବା ନେଇ ବିରୋଧୀ ଦଳର ନେତାମାନେ ଗୁରୁତର ଅଭିଯୋଗ ଆଣିଛନ୍ତି। ଗ୍ରାମାଞ୍ଚଳର ଶ୍ରମିକମାନେ କାମ ନପାଇ ଦାଦନ ଖଟିବାକୁ ବାଧ ହେଉଥିବାବେଳେ କାଗଜପତ୍ରରେ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ଦର୍ଶାଯିବା ଏକ ବଡ଼ ଧରଣର ଦୁର୍ନୀତିର ସୂଚନା ଦେଉଛି ବୋଲି ସାଧାରଣରେ ଆଲୋଚନା ହେଉଛି। ଏହି ସମସ୍ତ ଦୁର୍ନୀତି ଓ ଅନିୟମିତତାର ନିରପେକ୍ଷ ତଦନ୍ତ କରାଯାଇ ସମ୍ପୃକ୍ତ ଦୋଷୀ ଅଧିକାରୀ ଏବଂ କର୍ମଚାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକଲେ ଆଗାମୀ ଦିନରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିଶାଳ ଗଣଧାରଣା ଏବଂ ଆନ୍ଦୋଳନ କରାଯିବ ବୋଲି ବିଭିନ୍ନ ରାଜନୈତିକ ଦଳ ଏବଂ ସାମଜିକ କର୍ମୀମାନେ ଚେତାବନୀ ଦେଇଛନ୍ତି।

ମାଟିର ଖବର

ମାଣ୍ଡିଆ ଚାଷ ନାଁରେ ଅନିୟମିତତା ତଦନ୍ତ କଲେ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ।



କୋକସରା:(ରିପୋର୍ଟ: ରଥୁରାମ ବାଗ):କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକରେ ରାଜ୍ୟ ସରକାରଙ୍କ 'ମିଲେଟ ମିଶନ' ଯୋଜନାକୁ ନେଇ ଏକ ବଡ଼ଧରଣର ଦୁର୍ନୀତି ଓ ଅନିୟମିତତାର ଅଭିଯୋଗ ସାମ୍ନାକୁ ଆସିଛି। ମାଣ୍ଡିଆ ଚାଷକୁ ପ୍ରୋତ୍ସାହନ ଦେବା ଏବଂ ଚାଷୀଙ୍କୁ ସହାୟତା ପ୍ରଦାନ ନାଁରେ ହେଉଥିବା ଅର୍ଥ ହେରଫେର ଏବଂ ଜାଲିଆତିକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏହି ଗୁରୁତର ଅଭିଯୋଗକୁ ଗ୍ରହଣ କରି ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ ଏବଂ ବିଭାଗୀୟ ଅଧିକାରୀମାନେ ପ୍ରତ୍ୟକ୍ଷ ଭାବେ କ୍ଷେତ୍ରସ୍ତରୀୟ ତଦନ୍ତ ଜାରି ରଖିଛନ୍ତି। ଗ୍ରାମ ଗସ୍ତ ଓ ଚାଷୀଙ୍କ ସହ ଆଲୋଚନା:ପ୍ରାପ୍ତ ସୂଚନା ଅନୁଯାୟୀ, କୋକସରା ବ୍ଲକର ବିଭିନ୍ନ ପଞ୍ଚାୟତରେ ମିଲେଟ ମିଶନ ଅଧୀନରେ ମାଣ୍ଡିଆ ଚାଷ କାର୍ଯ୍ୟ ପରିଚାଳନା ଦାୟିତ୍ୱ ଏକ ସ୍ୱେଚ୍ଛାସେବୀ ତଥା କାର୍ଯ୍ୟନିର୍ବାହୀ ସଂସ୍ଥାକୁ ପ୍ରଦାନ କରାଯାଇଥିଲା। ତେବେ ଉକ୍ତ ସଂସ୍ଥା ପକ୍ଷରୁ ପ୍ରକୃତ ଚାଷୀଙ୍କୁ ଅଣଦେଖା କରାଯାଇ ସେମାନଙ୍କ ନାମରେ ଜାଲିଆତି କରି ବ୍ୟାପକ ଅର୍ଥ ହେରଫେର କରାଯାଉଥିବା ନେଇ ଦୀର୍ଘଦିନ ଧରି ଅଭିଯୋଗ ହୋଇଆସୁଥିଲା।ଏହି ଅଭିଯୋଗର ସତ୍ୟତା ଅନୁସନ୍ଧାନ ପାଇଁ ବିଧାୟକ ଶ୍ରୀ ପଟ୍ଟଯୋଶୀ ବିଭାଗୀୟ ଅଧିକାରୀମାନଙ୍କୁ ସାଙ୍ଗରେ ଧରି ବ୍ଲକର ବାଞ୍ଜିକୋଟ, ଚୋରଣୀଦୁଆର ଓ ଧୋବେନପଡ଼ା ଆଦି ଗ୍ରାମ ଗସ୍ତ କରିଥିଲେ। ସେଠାରେ ସେମାନେ କ୍ଷେତ୍ରକୁ ଯାଇ ମାଣ୍ଡିଆ ଚାଷ ଜମିଗୁଡ଼ିକୁ ପରିଦର୍ଶନ କରିବା ସହ ସିଧାସଳଖ ଚାଷୀମାନଙ୍କୁ ଭେଟି ଚାଷର ବାସ୍ତବ ସ୍ଥିତି, ସରକାରୀ ସହାୟତା ଏବଂ ସେମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ତଦନ୍ତ ସମୟରେ ମାଣ୍ଡିଆ ଚାଷକୁ ନେଇ ବହୁବିଧ ଅନିୟମିତତା ପଦାକୁ ଆସିଥିବା ଜଣାପଡ଼ିଛି।ବିଧାୟକଙ୍କ କଡ଼ା ନିର୍ଦ୍ଦେଶ ଓ କାର୍ଯ୍ୟାନୁଷ୍ଠାନ ଚେତାବନୀ:କ୍ଷେତ୍ରସ୍ତରୀୟ ତଦନ୍ତ ପରେ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେ କହିଛନ୍ତି ଯେ, ସମସ୍ତ ଚାଷୀଙ୍କ ପ୍ରକୃତ ନାମ, ଚାଷ ହୋଇଥିବା ଜମିର ପ୍ରକୃତ ପରିମାଣ ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ତଥ୍ୟ ସଂଗ୍ରହ କରାଯାଇ ଏକ ସମ୍ପୂର୍ଣ୍ଣ ରିପୋର୍ଟ ଶୀଘ୍ର ଦାଖଲ କରାଯାଉ।ଏଥିସହ ଚାଷୀଙ୍କ ନାମରେ ହୋଇଥିବା ଜାଲିଆତି ଏବଂ ଅର୍ଥ ହେରଫେର ଅଭିଯୋଗର ସ୍ୱଚ୍ଛ ଓ ନିରପେକ୍ଷ ଯାଞ୍ଚ କରିବାକୁ ସେ କହିଛନ୍ତି। ଯଦି ତଦନ୍ତରେ ଅଭିଯୋଗ ସତ୍ୟ ବୋଲି ପ୍ରମାଣିତ ହୁଏ, ତେବେ ତୁରନ୍ତ ସମ୍ପୃକ୍ତ କାର୍ଯ୍ୟନିର୍ବାହୀ ସଂସ୍ଥାକୁ କଳା ତାଲିକାଭୁକ୍ତ କରାଯିବା ସହ ଦୋଷୀଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ଜନମତ

ଧର୍ମଗଡ଼ରେ କୃଷି ଓ ଜଳସେଚନ ପ୍ରସଙ୍ଗ

ଧର୍ମଗଡ଼:କଳାହାଣ୍ଡି ଜିଲ୍ଲାର ପ୍ରମୁଖ କୃଷି ଭୂମି ତଥା ଧାନବାଟୀ ଭାବେ ପରିଚିତ ଧର୍ମଗଡ଼ ଅଞ୍ଚଳରେ ଚଳିତ ଧାନ ସଂଗ୍ରହ ଋତୁରେ ଧାନ କ୍ରୟ କେନ୍ଦ୍ର (ମଣ୍ଡି) ଗୁଡ଼ିକରେ ଦେଖାଦେଇଥିବା ବିଭିନ୍ନ ଅବ୍ୟବସ୍ଥା ଏବଂ ଚାଷ ଜମିକୁ ଆବଶ୍ୟକ ଜଳସେଚନ ସୁବିଧା ମିଳିନଥିବା ପ୍ରସଙ୍ଗକୁ ନେଇ କୃଷକ ସଂଗଠନ ଏବଂ ସ୍ଥାନୀୟ ଜନପ୍ରତିନିଧିମାନଙ୍କ ମଧ୍ୟରେ ଏକ ଜରୁରୀକାଳୀନ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଧର୍ମଗଡ଼ ଉପଖଣ୍ଡ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତରୁ ଆସିଥିବା ଶତାଧିକ ଚାଷୀ ଓ କୃଷକ ନେତା ଏହି ବୈଠକରେ ଯୋଗଦେଇ ନିଜର ଦୁଃଖସୁଖ ବାଣ୍ଟିବା ସହ ପ୍ରଶାସନ ଓ ମିଲର୍ସଙ୍କ ମିଳିତ ଚକ୍ରାନ୍ତ ଯୋଗୁଁ ଚାଷୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି। ବିଶେଷ କରି ମଣ୍ଡିରେ ଧାନ ତଉଲରେ ଓଜନ କମ କରିବା, ବସ୍ତା ପିଛା ଅଧିକ ଧାନ କାଟିବା (କଟନୀ ଛଟନୀ) ଏବଂ ଟୋକନ୍ ପାଇବା ପରେ ମଧ୍ୟ ସମୟ ମଧ୍ୟରେ ଧାନ ବିକ୍ରି ନହୋଇ ଦିନ ଦିନ ଧରି ମଣ୍ଡିରେ ପଡ଼ିରହିବା ଯାହାକି ଚାଷୀଙ୍କୁ ଚିନ୍ତାରେ ପକାଇଛି, ସେନେଇ ବୈଠକରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଏହାବ୍ୟତୀତ ଇନ୍ଦ୍ରାବତୀ ଜଳସେଚନ ପ୍ରକଳ୍ପର ଶେଷ ପ୍ରାନ୍ତକୁ ପାଣି ପହଞ୍ଚୁ ନଥିବାରୁ ଏବଂ କେନାଲ ଗୁଡ଼ିକର ମରାମତି ଅଭାବରୁ ରବି ଫସଲ ଚାଷ ବାଧାପ୍ରାପ୍ତ ହେଉଥିବା ପ୍ରସଙ୍ଗକୁ ନେଇ ମଧ୍ୟ ଗଭୀର ଚିନ୍ତା ବ୍ୟକ୍ତ କରାଯାଇଥିଲା। ଉପସ୍ଥିତ ଜନପ୍ରତିନିଧି ଓ ସ୍ଥାନୀୟ ବିଧାୟକ ତଥା ପ୍ରଶାସନିକ ଅଧିକାରୀମାନେ ଚାଷୀମାନଙ୍କ ସମସ୍ୟାକୁ ଗ୍ରହଣ କରି ଶୀଘ୍ର ସମାଧାନ କରାଯିବାର ପ୍ରତିଶ୍ରୁତି ଦେଇଛନ୍ତି। ଯଦି ଆଗାମୀ ଦିନରେ ମଣ୍ଡି ସମସ୍ୟା ଦୂର ନହୁଏ ଏବଂ ଜଳସେଚନ ବ୍ୟବସ୍ଥା ସୁଧୁରି ନାହିଁ, ତେବେ ଧର୍ମଗଡ଼ ଅଞ୍ଚଳର ଚାଷୀମାନେ ବାଧହୋଇ ରାଜରାସ୍ତାକୁ ଓହ୍ଲାଇବେ ଏବଂ ବୃହତ୍ ଆନ୍ଦୋଳନ ଗଢ଼ିତୋଳିବେ ବୋଲି ଚେତାବନୀ ଦେଇଛନ୍ତି।

ଭବାନୀପାଟଣା ସାଙ୍ଗଠନିକ କାର୍ଯ୍ୟକ୍ରମ

ଭବାନୀପାଟଣା:ରାଜ୍ୟର ଅନ୍ୟତମ ପ୍ରମୁଖ ତଥା ଐତିହାସିକ ଜିଲ୍ଲା କଳାହାଣ୍ଡିର ସଦର ମହକୁମା ଭବାନୀପାଟଣାରେ ଆଗାମୀ ଦିନର ରାଜନୈତିକ ରଣନୀତି, ସାଙ୍ଗଠନିକ ପୁନର୍ଗଠନ ଏବଂ ଦୃଢ଼ୀକରଣକୁ ନେଇ ରାଜନୈତିକ ପାଣିପାଗ ଅତ୍ୟନ୍ତ ସରଗରମ ହୋଇଉଠିଛି। ଜିଲ୍ଲାରେ ସମସ୍ତ ପ୍ରମୁଖ ରାଜନୈତିକ ଦଳ —ଯଥା ଭାରତୀୟ ଜନତା ପାର୍ଟି (ବିଜେପି), ବିଜେଡି ଏବଂ କଂଗ୍ରେସ ପକ୍ଷରୁ କର୍ମୀ ସମ୍ମିଳନୀ, ବୁଥ୍ ସ୍ତରୀୟ ସମୀକ୍ଷା ଏବଂ ପ୍ରସ୍ତୁତି ବୈଠକଗୁଡ଼ିକ ଅତ୍ୟନ୍ତ ବ୍ୟାପକ ଭାବେ ଜୋରଦାର କରାଯାଇଛି। ସହରର ବିଭିନ୍ନ ଭାଗରେ ପୃଥକ ପୃଥକ ଭାବରେ ବୈଠକମାନ ଅନୁଷ୍ଠିତ ହୋଇଥିବାବେଳେ ଦଳୀୟ ସଂଗଠନକୁ ତୃଣମୂଳ ସ୍ତରରୁ ଅର୍ଥାତ୍ ପଞ୍ଚାୟତ ଓ ୱାର୍ଡ ସ୍ତରରୁ କିପରି ଅଧିକ ମଜଭୁତ, ସଂହତ ଓ କ୍ରିୟାଶୀଳ କରାଯିବ, ସେନେଇ ବ୍ୟାପକ ଆଲୋଚନା ଓ ଗଭୀର ମନ୍ଥନ କରାଯାଉଛି।ଶାସକ ଓ ବିରୋଧୀ ଶିବିରର ଭିନ୍ନ ରଣନୀତି ଏବଂ ଆଭିମୁଖ୍ୟ:ବିଶେଷ କରି ଶାସକ ଦଳ ପକ୍ଷରୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା, ଗରୀବ କଲ୍ୟାଣ କାର୍ଯ୍ୟକ୍ରମ ଏବଂ ବିକାଶମୂଳକ ପଦକ୍ଷେପଗୁଡ଼ିକୁ ସାଧାରଣ ଜନତାଙ୍କ ନିକଟରେ ଲୋକାଭିମୁଖୀ କରିବା ଏବଂ ଦଳୀୟ କର୍ମୀମାନଙ୍କୁ ପରସ୍ପର ସହ ସଂଯୁକ୍ତ ରଖି ସକ୍ରିୟ ରଖିବା ପାଇଁ ଶୀର୍ଷ ନେତୃବୃନ୍ଦଙ୍କ ପକ୍ଷରୁ ସ୍ୱତନ୍ତ୍ର ଗୁରୁମନ୍ତ୍ର ଦିଆଯାଉଛି। ଅନ୍ୟପକ୍ଷରେ, ବିରୋଧୀ ଦଳଗୁଡ଼ିକ ପକ୍ଷରୁ ଦଳୀୟ ସାଙ୍ଗଠନିକ ପୁନର୍ଗଠନ ଏବଂ ପରିବର୍ତ୍ତନ ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯିବା ସହ ସାଧାରଣ ଜନସମସ୍ୟାକୁ ଆୟୁଧ କରି ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ଏକ ଦୃଢ଼ ଓ ଆକ୍ରମଣାତ୍ମକ ରଣନୀତି ପ୍ରସ୍ତୁତ କରାଯାଇଛି।ସ୍ଥାନୀୟ ଜନସମସ୍ୟା ଓ ଜନଜାଗରଣ ଅଭିଯାନ:ଭବାନୀପାଟଣା ସମେତ ସମଗ୍ର କଳାହାଣ୍ଡି ଜିଲ୍ଲାର ସ୍ଥାନୀୟ ଅଞ୍ଚଳର ପ୍ରମୁଖ ସମସ୍ୟା—ଯଥା ବେକାରୀ ସମସ୍ୟା, ଦିନକୁ ଦିନ ବୃଦ୍ଧି ପାଉଥିବା ଦରବୃଦ୍ଧି, କୃଷି ଓ ଜଳସେଚନର ଅଭାବ ଏବଂ ଜିଲ୍ଲାର ସାମଗ୍ରିକ ପଛୁଆପଣକୁ ମୁଖ୍ୟ ପ୍ରସଙ୍ଗ କରି ସରକାରଙ୍କ ବିରୋଧରେ ଜନଜାଗରଣ ସୃଷ୍ଟି କରିବା ପାଇଁ ଜିଲ୍ଲାର ବିଭିନ୍ନ ବ୍ଲକ୍, ତହସିଲ ଓ ପଞ୍ଚାୟତ ସ୍ତରରୁ ଆସିଥିବା ସ୍ଥାନୀୟ ନେତାମାନେ ଭବାନୀପାଟଣାରେ ଏକାଠି ହୋଇ ଘନଘନ ବୈଠକ କରୁଛନ୍ତି। ଜନସାଧାରଣଙ୍କ ମୌଳିକ ଅଧିକାର ଓ ସମସ୍ୟାର ସମାଧାନ ପାଇଁ ରାଜରାସ୍ତାକୁ ଓହ୍ଲାଇବାକୁ ରୂପରେଖ ପ୍ରସ୍ତୁତ ହେଉଛି।କର୍ମୀଙ୍କ ମନୋବଳ ବୃଦ୍ଧି ଓ ଆଗାମୀ ପ୍ରତିଦ୍ୱନ୍ଦ୍ୱିତା:ଜିଲ୍ଲାରେ ଦିନକୁ ଦିନ ରାଜନୈତିକ ତତ୍ପରତା, ଅସନ୍ତୋଷ ଓ ପ୍ରତିଯୋଗିତା ବୃଦ୍ଧି ପାଉଥିବାବେଳେ ପ୍ରତ୍ୟେକ ପ୍ରମୁଖ ଦଳ ଆଗାମୀ ଦିନର ନିର୍ବାଚନୀ ବୈତରଣୀ ପାର୍ ହେବା ଏବଂ ନିଜର ପ୍ରଭାବ ବିସ୍ତାର କରିବା ପାଇଁ ଏବେଠାରୁ ନିଜର ମୂଳଦୁଆକୁ ଅଧିକ ମଜଭୁତ କରିବାରେ ଲାଗିପଡ଼ିଛନ୍ତି। ଏହି ସମସ୍ତ ବୈଠକ ଓ କର୍ମୀ ସମ୍ମିଳନୀରେ ବିଭିନ୍ନ ଦଳର ବରିଷ୍ଠ ନେତା, ବିଧାୟକ ଏବଂ ପୂର୍ବତନ ପ୍ରତିନିଧିମାନେ ଯୋଗଦେଇ କର୍ମୀମାନଙ୍କ ମନୋବଳ ବୃଦ୍ଧି କରିବା ସହ ଆଗାମୀ ଦିନରେ ସମୂହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜୋରଦାର ଆହ୍ୱାନ ଦେଇଛନ୍ତି, ଯାହାକି ସ୍ଥାନୀୟ ରାଜନୀତିରେ ଏକ ନୂତନ ଚର୍ଚ୍ଚା ଏବଂ ଆଲୋଚନାର ବିଷୟ ପାଲଟିଛି।

ପ୍ରଶାସନର ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହୃତ, ପାଠ ପଢ଼ା ଆରମ୍ଭ

ନର୍ଲା:(ରିପୋର୍ଟ: ରଥୁରାମ ବାଗ):କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ଅଧିନସ୍ଥ ଘଣ୍ଟମାଳ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ସମସ୍ୟା ଏବଂ ପାଠପଢ଼ାରେ ଦେଖାଦେଇଥିବା ଦୀର୍ଘଦିନର ବ୍ୟାଘାତକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଚରମ ସୀମାରେ ପହଞ୍ଚିଥିଲା। ବିଦ୍ୟାଳୟରେ ଶିଶୁ ବାଟିକା ଆରମ୍ଭ କରି ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୪୦ରୁ ଊର୍ଦ୍ଧ୍ୱ କାଳଜୟୀ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବାବେଳେ, ଶିକ୍ଷକଙ୍କ ପ୍ରବଳ ଅଭାବ ଯୋଗୁଁ କୁନିକୁନି ପିଲାମାନଙ୍କ ଭବିଷ୍ୟତ ଅନ୍ଧକାର ଆଡ଼କୁ ଗତି କରୁଥିବା ଦର୍ଶାଇ ଅଭିଭାବକ ଓ ଛାତ୍ରଛାତ୍ରୀମାନେ ବାଧ ହୋଇ ରାଜରାସ୍ତାକୁ ଓହ୍ଲାଇଥିଲେ।ଶିକ୍ଷକ ଅଭାବ ଓ ପାଠପଢ଼ାରେ ବ୍ୟାଘାତ:ପ୍ରାପ୍ତ ସୂଚନା ଅନୁଯାୟୀ, ଉକ୍ତ ବିଦ୍ୟାଳୟରେ ମୋଟ ୫ ଜଣ ଶିକ୍ଷକ ରହିବା କଥା, କିନ୍ତୁ ବର୍ତ୍ତମାନର ବାସ୍ତବ ସ୍ଥିତି ଅତ୍ୟନ୍ତ ଚିନ୍ତାଜନକ ରହିଛି। ସେମାନଙ୍କ ମଧ୍ୟରୁ ଜଣେ ଶିକ୍ଷକ ଦୀର୍ଘଦିନ ଧରି ଅସୁସ୍ଥତା କିମ୍ବା ବ୍ୟକ୍ତିଗତ କାରଣରୁ ଛୁଟିରେ ଥିବାବେଳେ ଅନ୍ୟ ଜଣେ ଶିକ୍ଷକଙ୍କୁ ଡେପୁଟେସନରେ ଅନ୍ୟ ବିଦ୍ୟାଳୟକୁ ପଠାଯାଇଛି। ଫଳାଫଳ ସ୍ୱରୂପ ମାତ୍ର କେତେଜଣ ଶିକ୍ଷକଙ୍କ ଦ୍ୱାରା ଏତେଗୁଡ଼ିଏ ଶ୍ରେଣୀ ଏବଂ ବିଭିନ୍ନ ବିଷୟ ପରିଚାଳନା କରିବା ସମ୍ପୂର୍ଣ୍ଣ ଅସମ୍ଭବ ହୋଇପଡ଼ିଥିବାରୁ ବିଦ୍ୟାଳୟର ଶୈକ୍ଷିକ ପରିବେଶ ଓ ପାଠପଢ଼ା ସମ୍ପୂର୍ଣ୍ଣ ଭାବେ ଠପ୍ ହୋଇଯାଇଥିଲା। ଏହି ଜାଗ୍ରତ ସମସ୍ୟାର ସ୍ଥାୟୀ ସମାଧାନ ଦାବି କରି ଛାତ୍ରଛାତ୍ରୀ ଓ ଅଭିଭାବକମାନେ ମିଳିତ ଭାବେ ବିଦ୍ୟାଳୟର ମୁଖ୍ୟ ଫାଟକରେ ତାଲା ପକାଇ କ୍ରମାଗତ ଦୁଇ ଦିନ ଧରି ଜୋରଦାର ପ୍ରତିବାଦ ଓ ଆନ୍ଦୋଳନ ଜାରି ରଖିଥିଲେ। ପ୍ରଶାସନିକ ହସ୍ତକ୍ଷେପ ଓ ଆନ୍ଦୋଳନ ପ୍ରତ୍ୟାହାର:ଆନ୍ଦୋଳନର ତୀବ୍ରତା ଦିନକୁ ଦିନ ବୃଦ୍ଧି ପାଇବାରୁ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ନର୍ଲା ବିଡିଓ, ଗୋଷ୍ଠୀ ଶିକ୍ଷା ଅଧିକାରୀ (BEO) ମଧୁସ୍ମିତା ନାଏକ ଏବଂ ସମଗ୍ର ଶିକ୍ଷା ଅଭିଯାନର ଗୋଷ୍ଠୀ ସଂଯୋଜକ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନରତ ଛାତ୍ରଛାତ୍ରୀ, ଗ୍ରାମବାସୀ ଓ ଅଭିଭାବକମାନଙ୍କ ସହ ଆଲୋଚନା କରିଥିଲେ। ବିଦ୍ୟାଳୟରେ ଖୁବଶୀଘ୍ର ଆବଶ୍ୟକୀୟ ଶିକ୍ଷକ ନିୟୋଜନ କରାଯିବ ବୋଲି ପ୍ରଶାସନ ପକ୍ଷରୁ ଦୃଢ଼ ପ୍ରତିଶ୍ରୁତି ଦିଆଯାଇଥିଲା। ପ୍ରଶାସନିକ ସ୍ତରରୁ ସମାଧାନର ସ୍ପଷ୍ଟ ଆଶ୍ୱାସନା ମିଳିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା ଏବଂ ଅଭିଭାବକ ଓ ଛାତ୍ରଛାତ୍ରୀମାନେ ନିଜର ଆନ୍ଦୋଳନରୁ ଓହରିଥିଲେ। ଏହାପରେ ବିଦ୍ୟାଳୟର ତାଲା ଖୋଲାଯାଇ ପୁନର୍ବାର ସ୍ୱାଭାବିକ ଶୈକ୍ଷିକ ବାତାବରଣ ଫେରିଆସିଥିବା ଜଣାପଡ଼ିଛି।



ଆଦ୍ୟାଶା ADYASHA

ରାଜ୍ୟ

PRGI No. ORORI/25/A0506 | Daily Edition | adyashgroup.com

BHUBANESWAR | Vol. 02 | Issue 12 | ଶନିବାର, ୧୪ ନଭେମ୍ବର ୨୦୨୬ | ପୃଷ୍ଠା ୦୬ | Rs. 7

ଆଜିର ପ୍ରମୁଖ

କାର୍ତ୍ତିକ ପୂର୍ଣ୍ଣିମାରେ ମା' ବୁଢ଼ାକେନ୍ଦୁ ପୀଠର ବାର୍ଷିକ ଯାତ୍ରା,ପୋଲିସ୍,ପ୍ରଶାସନ ଏବଂ ମନ୍ଦିର ପରିଚାଳନା କମିଟିର ପ୍ରସ୍ତୁତି ବୈଠକ ଅନୁଷ୍ଠିତ



ବରଗଡ଼:୨/୧୧:(ଆଦ୍ୟାଶା)ବରଗଡ଼ ଜିଲ୍ଲାରେ ନବନିର୍ମିତ ବିପିସିଏଲ୍‌ର ଏକୀକୃତ ଜୈବ-ଇଥାନଲ୍ କାରଖାନାର ଉଦ୍‌ଘାଟନ ପାଇଁ କେନ୍ଦ୍ରୀୟ ଗୃହ ଓ ସମବାୟ ମନ୍ତ୍ରୀ ଅମିତ ଶାହଙ୍କୁ ନିମନ୍ତ୍ରଣ ଜଣାଇବା ସହ ବନ୍ଦ ପଡ଼ିଥିବା ବରଗଡ଼ ସମବାୟ ଚିନିକଳର ପୁନରୁଦ୍ଧାର ପାଇଁ ତାଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ। ଦିଲ୍ଲୀସ୍ଥିତ କର୍ତ୍ତବ୍ୟ ଭବନ-୩ କାର୍ଯ୍ୟାଳୟରେ ଶ୍ରୀ ଶାହଙ୍କୁ ସାକ୍ଷାତ୍ କରି ସାଂସଦ ଦୁଇଟି ପୃଥକ ଚିଠି ମାଧ୍ୟମରେ ଏହି ଦାବି ଉପସ୍ଥାପନ କରିଥିଲେ। ଏହାର ଗୁରୁତ୍ୱ ଉପଲବ୍ଧି କରି ବରଗଡ଼ ଚିନିକଳ ପୁନର୍ବାର ଖୋଲିବା ଦିଗରେ ପଦକ୍ଷେପ ନେବାକୁ ଶ୍ରୀ ଶାହ ପ୍ରତିଶ୍ରୁତି ଦେଇଥିବା ସାଂସଦ ସୂଚନା ଦେଇଛନ୍ତି। ସାଂସଦଙ୍କ ଚିଠି ଅନୁଯାୟୀ, ବିପିସିଏଲ୍ ପକ୍ଷରୁ ପ୍ରାୟ ୧,୭୭୫ କୋଟି ଟଙ୍କା ବ୍ୟୟରେ ବରଗଡ଼ରେ ସ୍ଥାପିତ ପୂର୍ବ ଭାରତର ପ୍ରଥମ ଦ୍ୱିତୀୟ ପିଢ଼ିର ଏକୀକୃତ ଜୈବ-ଇଥାନଲ୍ କାରଖାନା ପ୍ରଧାନମନ୍ତ୍ରୀ ଜୀ-ଭାନ୍ ଯୋଜନା ଅନ୍ତର୍ଗତ ପ୍ରତିଦିନ ୨୦୦ କିଲୋଲିଟର ଇନ୍ଧନ ଉତ୍ପାଦନ କରିବାର କ୍ଷମତା ରଖିଛି। ଧାନନଡ଼ା ଓ ଅନ୍ୟାନ୍ୟ କୃଷି ଅବଶେଷର ଉପଯୋଗ ଦ୍ୱାରା ଚାଷୀଙ୍କ ଆୟ ବୃଦ୍ଧି ସହ ପରିବେଶ ସୁରକ୍ଷା, ନିଯୁକ୍ତି ସୃଷ୍ଟି ଏବଂ ଗ୍ରାମୀଣ ଅର୍ଥନୀତିର ବିକାଶରେ ଏହି ପ୍ରକଳ୍ପ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ। ତେଣୁ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ଉଦ୍‌ଘାଟନ ପାଇଁ ଶ୍ରୀ ଶାହ ନିଜେ ବରଗଡ଼ ଆସିବାକୁ ସାଂସଦ ଅନୁରୋଧ କରିଛନ୍ତି। ଏହା ସହିତ ପ୍ରସିଦ୍ଧ ଗନ୍ଧମାର୍ଦ୍ଦନ ପର୍ବତର ଐତିହାସିକ, ଧାର୍ମିକ ଓ ପରିବେଶଗତ ମହତ୍ତ୍ୱ ସମ୍ପର୍କରେ ଶ୍ରୀ ଶାହଙ୍କୁ ଅବଗତ କରାଇବା ସହ ଏହାର ଗୁରୁତ୍ୱକୁ ପ୍ରତ୍ୟକ୍ଷ ଭାବେ ଅନୁଭବ କରିବା ପାଇଁ ଗନ୍ଧମାର୍ଦ୍ଦନ ପର୍ବତ ଓ ଶ୍ରୀଶ୍ରୀ ନୃସିଂହନାଥ ମନ୍ଦିର ପରିଦର୍ଶନରେ ଆସିବାକୁ ମଧ୍ୟ ସାଂସଦ ନିମନ୍ତ୍ରଣ ଜଣାଇଥିଲେ। ଏହି ଅବସରରେ ପଶ୍ଚିମ ଓଡ଼ିଶାର ସଂସ୍କୃତି ଓ ସମ୍ବଲପୁରୀ ବୁଣାକାରଙ୍କ କଳାର ପରିଚୟ ବହନ କରୁଥିବା ସମ୍ବଲପୁରୀ ବସ୍ତ୍ରରେ ନିର୍ମିତ ଏକ ଜ୍ୟାକେଟ୍ ଶ୍ରୀ ଶାହଙ୍କୁ ଉପହାର ଦେଇଥିଲେ। ଏହି ସାକ୍ଷାତ୍‌କାର ସମୟରେ ଓଡ଼ିଶାର ରାଜନୈତିକ ସ୍ଥିତି ସମ୍ପର୍କରେ ମଧ୍ୟ ଉଭୟଙ୍କ ମଧ୍ୟରେ ଦୀର୍ଘ ସମୟ ଆଲୋଚନା ହୋଇଥିଲା। ଅନ୍ୟପକ୍ଷରେ, ବରଗଡ଼ର ତୋରାଠାରେ ୧୦୪ ଏକର ଜମିରେ ଅବସ୍ଥିତ ଐତିହାସିକ ବରଗଡ଼ ସମବାୟ ଚିନିକଳର ପୁନରୁଦ୍ଧାର ପ୍ରସଙ୍ଗକୁ ସାଂସଦ ଗୁରୁତ୍ୱର ସହ ଉଠାଇଛନ୍ତି। ପରିଚାଳନାଗତ ଅବ୍ୟବସ୍ଥା ଓ ଆର୍ଥିକ ସମସ୍ୟା ଯୋଗୁଁ ୨୦୧୭ ଏପ୍ରିଲ୍ ମାସରୁ ଏହି କାରଖାନା ବନ୍ଦ ହୋଇପଡ଼ିଛି। ଏହାର ପୁନରୁଦ୍ଧାର ପାଇଁ ଇଣ୍ଡିଆନ୍ ପୋଟାଶ୍ ଲିମିଟେଡ୍ ୨୦୨୨ ନଭେମ୍ବର ୧୬ ତାରିଖରେ ଆଗ୍ରହ ପ୍ରକାଶ କରିଥିଲେ ମଧ୍ୟ ୨୦୨୩ ଅକ୍ଟୋବର ୧୬ ତାରିଖରେ ଏହି ପ୍ରକ୍ରିୟାକୁ ପରିସମାପ୍ତି ଘୋଷଣା କରାଯାଇଥିଲା। ଫଳରେ ଶତାଧିକ କର୍ମଚାରୀ ଓ ଆଖୁଚାଷୀଙ୍କ ଜୀବିକା ପ୍ରଭାବିତ ହେବା ସହ ଅଞ୍ଚଳରେ ଆଖୁଚାଷ ପ୍ରାୟତଃ ବନ୍ଦ ହୋଇଯାଇଛି। ଏହି ୧୦୪ ଏକର ଜମିରେ ଏକ ଆଧୁନିକ ଓ ସମନ୍ୱିତ ଚିନିକଳ ସ୍ଥାପନ ପାଇଁ ଇଣ୍ଡିଆନ୍ ପୋଟାଶ୍ ଲିମିଟେଡ୍ କିମ୍ବା ଅନ୍ୟ କୌଣସି ସକ୍ଷମ ସମବାୟ ସଂସ୍ଥାକୁ ଦାୟିତ୍ୱ ଦେବା ନିମନ୍ତେ ସମବାୟ ମନ୍ତ୍ରଣାଳୟ ମାଧ୍ୟମରେ ଆବଶ୍ୟକ ପଦକ୍ଷେପ ଗ୍ରହଣ ଓ ନିର୍ଦ୍ଦେଶ ଜାରି କରିବାକୁ ସାଂସଦ ଶ୍ରୀ ପୁରୋହିତ ଅନୁରୋଧ କରିଛନ୍ତି। ବରଗଡ଼ ଜିଲ୍ଲାର କୃଷିଭିତ୍ତିକ ଅର୍ଥନୀତିକୁ ନୂତନ ଦିଗ ଦେବା, ଚାଷୀଙ୍କ ଆୟ ବୃଦ୍ଧି, ଶିଳ୍ପାୟନକୁ ତ୍ୱରାନ୍ୱିତ କରିବା ଏବଂ ଯୁବପିଢ଼ିଙ୍କ ପାଇଁ ରୋଜଗାରର ସୁଯୋଗ ସୃଷ୍ଟି କରିବା ଦିଗରେ ବାୟୋ-ଇଥାନଲ୍ ପ୍ରକଳ୍ପ ଓ ଚିନିକଳର ପୁନରୁଦ୍ଧାର ଅତ୍ୟନ୍ତ ଗୁରୁତ୍ୱ ବହନ କରୁଛି ବୋଲି ସାଂସଦ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି।

ମଧୁବାବୁ ପେନ୍‌ସନ୍ ବଣ୍ଟନ ଓ ରାଜନୈତିକ ଶ୍ରେୟ ନେବା ଲଢ଼େଇ

ବରଗଡ଼:ପଶ୍ଚିମ ଓଡ଼ିଶାର ପ୍ରମୁଖ ଜିଲ୍ଲା ସଦର ମହକୁମା ବରଗଡ଼ରେ ସାମାଜିକ ସୁରକ୍ଷା ଯୋଜନା ତଥା ଅତି ଜନପ୍ରିୟ 'ମଧୁବାବୁ ପେନ୍‌ସନ୍ ଯୋଜନା'ର ବଣ୍ଟନ କାର୍ଯ୍ୟକ୍ରମ ଏବେ କେବଳ ଏକ ପ୍ରଶାସନିକ ପ୍ରକ୍ରିୟାରେ ସୀମିତ ନରହି ଏକ ପ୍ରମୁଖ ରାଜନୈତିକ ଆଖଡ଼ା ପାଲଟିଛି। ଏହି ଯୋଜନାର ଶ୍ରେୟ ନେବା ପାଇଁ ଶାସକ ଦଳ ଏବଂ ବିରୋଧୀ ଦଳଗୁଡ଼ିକ ମଧ୍ୟରେ ତୀବ୍ର ପ୍ରତିଯୋଗିତା ଏବଂ ମତଭେଦ ଦେଖାଦେଇଛି, ଯାହାକି ସ୍ଥାନୀୟ ରାଜନୈତିକ ବାତାବରଣକୁ ଅଧିକ ସରଗରମ କରିଛି। ପ୍ରାପ୍ତ ସୂଚନା ମୁତାବକ, ବରଗଡ଼ ସଦର ବ୍ଲକ ଏବଂ ପୌରାଞ୍ଚଳର ବିଭିନ୍ନ ପଞ୍ଚାୟତ ତଥା ୱାର୍ଡମାନଙ୍କରେ ପ୍ରତିମାସରେ ନିୟମିତ ଭାବେ ମଧୁବାବୁ ପେନ୍‌ସନ୍ ଏବଂ ଜାତୀୟ ସାମାଜିକ ସୁରକ୍ଷା ପେନ୍‌ସନ୍ ବଣ୍ଟନ କରାଯାଉଛି। ବାର୍ଦ୍ଧକ୍ୟ, ବିଧବା, ଭିନ୍ନକ୍ଷମ ଏବଂ ଅସହାୟ ଲୋକଙ୍କୁ ଆର୍ଥିକ ସହାୟତା ପ୍ରଦାନ କରୁଥିବା ଏହି ଯୋଜନାର ବଣ୍ଟନ ଶିବିରରେ ସ୍ଥାନୀୟ ଜନପ୍ରତିନିଧି, ସରପଞ୍ଚ, କାଉନସିଲର ଏବଂ ବିଭିନ୍ନ ଦଳୀୟ ନେତାମାନେ ଉପସ୍ଥିତ ରହୁଛନ୍ତି। ତେବେ ଏହି ବଣ୍ଟନ କାର୍ଯ୍ୟକ୍ରମକୁ କେନ୍ଦ୍ର କରି କେଉଁ ଦଳର ସରକାର ଏବଂ କେଉଁ ନେତାଙ୍କ ପ୍ରୟାସରେ ହିତାଧିକାରୀମାନେ ଅଧିକ ସୁବିଧା ପାଉଛନ୍ତି, ସେନେଇ ଖୋଲାଖୋଲି ଭାବେ ପ୍ରଚାର ପ୍ରସାର କରାଯାଉଛି। ଶାସକ ଦଳର ସ୍ଥାନୀୟ ନେତୃବୃନ୍ଦ ଏବଂ କର୍ମୀମାନେ ପେନ୍‌ସନ୍ ବଣ୍ଟନ କାର୍ଯ୍ୟକ୍ରମରେ ଯୋଗଦେଇ ରାଜ୍ୟ ସରକାରଙ୍କ ଜନକଲ୍ୟାଣକାରୀ ନୀତି ଏବଂ ସ୍ୱଚ୍ଛ ପ୍ରଶାସନିକ ବ୍ୟବସ୍ଥାର ପ୍ରଚାର କରୁଛନ୍ତି। ସେମାନଙ୍କ ଯୁକ୍ତି ରହିଛି ଯେ ବର୍ତ୍ତମାନର ସରକାର ଆସିବା ପରେ ପେନ୍‌ସନ୍ ଅର୍ଥର ପରିମାଣ ବୃଦ୍ଧି ପାଇଛି ଏବଂ ଯୋଗ୍ୟ ହିତାଧିକାରୀମାନଙ୍କୁ ବିନା ଦ୍ୱିଧାରେ ସିଧାସଳଖ ସହାୟତା ମିଳୁଛି, ଯାହାକି ଦଳୀୟ ଲୋକପ୍ରିୟତାକୁ ବୃଦ୍ଧି କରୁଛି। ଅନ୍ୟପକ୍ଷରେ, ବିରୋଧୀ ରାଜନୈତିକ ଦଳଗୁଡ଼ିକ ଶାସକ ଦଳର ଏହି କ୍ରେଡିଟ୍ ରାଜନୀତିକୁ କଡ଼ା ବିରୋଧ କରିଛନ୍ତି। ବିରୋଧୀ ନେତାମାନେ ଅଭିଯୋଗ କରିଛନ୍ତି ଯେ ମଧୁବାବୁ ପେନ୍‌ସନ୍ ଯୋଜନା ଏକ ଦୀର୍ଘକାଳୀନ ଏବଂ ସରକାରୀ ସାମାଜିକ ସୁରକ୍ଷା ବ୍ୟବସ୍ଥା ହୋଇଥିବାବେଳେ ଶାସକ ଦଳର ନେତାମାନେ ଏହାକୁ ନିଜସ୍ୱ ଦଳୀୟ ସଫଳତା ଭାବେ ଦେଖାଇ ରାଜନୈତିକ ଫାଇଦା ହାସଲ କରିବାକୁ ଚାହୁଁଛନ୍ତି। ବାସ୍ତବ କ୍ଷେତ୍ରରେ, ସଦର ଅଞ୍ଚଳର ଅନେକ ଗ୍ରାମରେ ବହୁ ପ୍ରକୃତ ଗରୀବ ଏବଂ ବୃଦ୍ଧଲୋକ ଏବେ ମଧ୍ୟ ପେନ୍‌ସନ୍‌ରୁ ବଞ୍ଚିତ ହୋଇରହିଛନ୍ତି ଏବଂ ନୂତନ ତାଲିକାରେ ଦଳୀୟ ଭେଦଭାବ କରାଯାଉଥିବା ନେଇ ମଧ୍ୟ ଅଭିଯୋଗ ହୋଇଛି। ପ୍ରଶାସନିକ ସ୍ତରରେ ସ୍ୱଚ୍ଛତା ରକ୍ଷା କରା ନଗଲେ ଏବଂ ପ୍ରକୃତ ହିତାଧିକାରୀଙ୍କୁ ବାଦ ଦିଆଗଲେ ଏହା ବିରୁଦ୍ଧରେ ଆନ୍ଦୋଳନ କରାଯିବ ବୋଲି ବିରୋଧୀ ଶିବିର ପକ୍ଷରୁ ଚେତାବନୀ ଦିଆଯାଇଛି। ଆଗାମୀ ସ୍ଥାନୀୟ ନିର୍ବାଚନକୁ ଆଖି ଆଗରେ ରଖି ବରଗଡ଼ ସଦର ଅଞ୍ଚଳରେ ଏହି ପେନ୍‌ସନ୍ ବଣ୍ଟନ ଓ ଶ୍ରେୟ ନେବା ଲଢ଼େଇ ଆଗାମୀ ଦିନରେ ଆହୁରି ତୀବ୍ରତର ହେବାର ସମ୍ଭାବନା ରହିଛି।

ବିଜେପୁର ମଧ୍ୟପଡ଼ା କଲ୍ୟାଣ ମଣ୍ଡପର ଉପର ମହଲା ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ

ବରପାଲି:୧୨/୧୧ (ସୁଦାମ ଦୀପ):ବରଗଡ଼ ଜିଲ୍ଲା ବିଜେପୁର ସହରର ମଧ୍ୟପଡ଼ା ଠାରେ ନିର୍ମାଣ ହେବାକୁ ଥିବା କଲ୍ୟାଣ ମଣ୍ଡପର ଉପର ମହଲା ପାଇଁ ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ବିଜେପୁର ବିଧାୟକ ସନତ କୁମାର ଗଡ଼ତିଆଙ୍କ କରକମଳରେ ଅନୁଷ୍ଠିତ ହୋଇଯାଇଛି।ଏହି ନିର୍ମାଣ କାର୍ଯ୍ୟ ଫଳରେ ଅଞ୍ଚଳବାସୀଙ୍କ ଦୀର୍ଘଦିନର ଏକ ଆବଶ୍ୟକତା ପୂରଣ ହେବା ସହ ସାମାଜିକ,ସାଂସ୍କୃତିକ ଓ ସାମୂହିକ କାର୍ଯ୍ୟକ୍ରମ ଆୟୋଜନ ପାଇଁ ଅଧିକ ସୁବିଧା ଉପଲବ୍ଧ ହୋଇପାରିବ।କାର୍ଯ୍ୟକ୍ରମର ପ୍ରାରମ୍ଭରେ ବିଧାୟକଙ୍କ ସମେତ ଉପସ୍ଥିତ ଅତିଥିମାନେ ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାସୁମନ ଜଣାଇଥିଲେ।ପରେ ବିଧିବିଧାନ ଅନୁଯାୟୀ ପୂଜାର୍ଚ୍ଚନା କରାଯାଇ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟ ସମ୍ପନ୍ନ ହୋଇଥିଲା।ଏହି ଅବସରରେ ବିଧାୟକ ସନତ କୁମାର ଗଡ଼ତିଆ ସୂଚନା ଦେଇଥିଲେ ଯେ ମଧ୍ୟପଡ଼ା କଲ୍ୟାଣ ମଣ୍ଡପର ଉପର ମହଲା ନିର୍ମାଣ ପାଇଁ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପାଣ୍ଠିରୁ ୪୨ ଲକ୍ଷ ୮୮ ହଜାର ଟଙ୍କା ଅନୁଦାନ ଯୋଗାଇ ଦିଆଯାଇଛି।ଏହି ଅନୁଦାନର ସଠିକ୍ ବିନିଯୋଗ ଦ୍ୱାରା ମଣ୍ଡପର ଭିତ୍ତିଭୂମି ଆହୁରି ସୁଦୃଢ଼ ହେବା ସହ ଜନସାଧାରଣଙ୍କୁ ବିଭିନ୍ନ ସାମାଜିକ ଓ ଶୁଭକାର୍ଯ୍ୟ ଆୟୋଜନରେ ସହାୟତା ମିଳିବ। ବିଧାୟକ ନିଜ ଅଭିଭାଷଣରେ ବିଜେପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ତିନୋଟି ବ୍ଲକ ଯଥା ବିଜେପୁର ବରପାଲି ଏବଂ ଗାଇସିଲେଟ ବ୍ଲକ ର ସମାନ ଓ ସନ୍ତୁଳିତ ଉନ୍ନତି ଉପରେ ଗୁରୁତ୍ୱାରୋପ କରିଥିଲେ।କୌଣସି ଅଞ୍ଚଳକୁ ଅବହେଳା ନକରି ସମସ୍ତ ଅଞ୍ଚଳରେ ଆବଶ୍ୟକତା ଅନୁଯାୟୀ ବିକାଶମୂଳକ କାର୍ଯ୍ୟ କରାଯିବା ଉଚିତ ବୋଲି ସେ ମତପ୍ରକାଶ କରିଥିଲେ।ଏହି ଅବସରରେ ସମାଜ ପକ୍ଷରୁ ବିଧାୟକ ସନତ କୁମାର ଗଡ଼ତିଆଙ୍କୁ ଉପଢ଼ୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।କାର୍ଯ୍ୟକ୍ରମରେ ବିଜେପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସରୋଜ ବିଶ୍ୱାଳ, ଶରତ ବିଶି, ବିଜେପି ରାଜ୍ୟ ପରିଷଦ ସଭ୍ୟ ଜନାର୍ଦ୍ଦନ ପାଣିଗ୍ରାହୀ,ମହେଶ ଦେବତା, ୱାର୍ଡ କାଉନସିଲର ସମାରି ମେହେର, ଶିବ ମେହେର, ଘୁଡ଼କୁ ମେହେରଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ସ୍ଥାନୀୟ ଅଞ୍ଚଳବାସୀ ଉପସ୍ଥିତ ଥିଲେ।କାର୍ଯ୍ୟକ୍ରମକୁ ଜିତେନ୍ଦ୍ରୀୟ ମେହେର ସୁଚାରୁ ରୂପେ ପରିଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ମଧ୍ୟପଡ଼ା କଲ୍ୟାଣ ମଣ୍ଡପର ଉନ୍ନତୀକରଣ ଦ୍ୱାରା ଆଗାମୀ ଦିନରେ ବିଜେପୁରବାସୀଙ୍କୁ ଅଧିକ ସୁବିଧା ମିଳିବା ସହ ଅଞ୍ଚଳର ସାମୂହିକ ଉନ୍ନତିରେ ଏହା ଏକ ନୂତନ ଅଧ୍ୟାୟ ଯୋଡ଼ିବ ବୋଲି ଉପସ୍ଥିତ ଲୋକେ ଆଶା ପ୍ରକାଶ କରିଥିଲେ।



ଆଗଲପୁର ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଶୁଭ ଉଦ୍‌ଘାଟନ



ବରପାଲି : ୧୨/୧୧(ସୁଦାମ ଦୀପ) ବରଗଡ଼ ଜିଲ୍ଲା ବରପାଲି ବ୍ଲକ ଅନ୍ତର୍ଗତ ଆଗଲପୁରଠାରେ ନବସ୍ଥାପିତ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଶୁଭ ଉଦ୍‌ଘାଟନ ଉତ୍ସାହ, ଉଦ୍ଦୀପନା ଓ ଆନନ୍ଦମୟ ପରିବେଶରେ ଅନୁଷ୍ଠିତ ହୋଇଯାଇଛି। ବରପାଲି ବ୍ଲକର ପ୍ରଥମ ପୂର୍ଣ୍ଣାଙ୍ଗ ସରକାରୀ ଅନୁଦାନପ୍ରାପ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଭାବେ ଏହି ଶିକ୍ଷାନୁଷ୍ଠାନର ଶୁଭାରମ୍ଭ ଅଞ୍ଚଳର ଶିକ୍ଷା କ୍ଷେତ୍ରରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି। ଏହାଦ୍ୱାରା ଆଗଲପୁର ସମେତ ଆଖପାଖ ଗ୍ରାମାଞ୍ଚଳର ଛାତ୍ରଛାତ୍ରୀମାନେ ନିଜ ଅଞ୍ଚଳରେ ଉଚ୍ଚ ମାଧ୍ୟମିକ ଶିକ୍ଷା ଲାଭ କରିବାର ସୁଯୋଗ ପାଇପାରିବେ।ଏହି ଉପଲକ୍ଷେ ବିଦ୍ୟାଳୟ ପରିସରରେ ଏକ ଭବ୍ୟ ଉଦ୍‌ଘାଟନୀ ସଭା ଆୟୋଜିତ ହୋଇଥିଲା। ସଭାରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଶୋକ ପଣ୍ଡା ସଭାପତିତ୍ୱ କରିଥିବାବେଳେ ବିଜେପୁର ବିଧାୟକ ସନତ କୁମାର ଗଡ଼ତିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ବିଦ୍ୟାଳୟର ଶୁଭ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ବରଗଡ଼ ଜିଲ୍ଲା ଶିକ୍ଷା ଅଧିକାରୀ ସରୋଜ ଭୁଏ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସୁକାନ୍ତ ପ୍ରଧାନ, ବରପାଲି ବ୍ଲକ ଶିକ୍ଷା ଅଧିକାରୀ ଆଲୋକ ପ୍ରଧାନ ଏବଂ ଆଗଲପୁର ସରପଞ୍ଚ ରିଙ୍କି ଭୋଇ ଯୋଗଦେଇଥିଲେ।କାର୍ଯ୍ୟକ୍ରମର ପ୍ରାରମ୍ଭରେ ଅତିଥିମାନଙ୍କ ଦ୍ୱାରା ଦୀପ ପ୍ରଜ୍ୱଳନ କରାଯାଇଥିବାବେଳେ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ ମାଧ୍ୟମରେ ସଭାକାର୍ଯ୍ୟର ଶୁଭାରମ୍ଭ ହୋଇଥିଲା। ପରେ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉପଢ଼ୌକନ ପ୍ରଦାନ କରି ସ୍ୱାଗତ କରାଯାଇଥିଲା। ନିଜ ଅଭିଭାଷଣରେ ମୁଖ୍ୟ ଅତିଥି ବିଧାୟକ ସନତ କୁମାର ଗଡ଼ତିଆ ଶିକ୍ଷାକୁ ସମାଜର ପ୍ରଗତି ଓ ବିକାଶର ମୂଳ ଆଧାର ଭାବେ ବର୍ଣ୍ଣନା କରିବା ସହ ଗ୍ରାମାଞ୍ଚଳରେ ଉଚ୍ଚଶିକ୍ଷାର ପ୍ରସାର ଉପରେ ଗୁରୁତ୍ୱ ଦେଇଥିଲେ। ଏହି ଶିକ୍ଷାନୁଷ୍ଠାନ ଆଗାମୀ ଦିନରେ ଅଞ୍ଚଳର ମେଧାବୀ ଛାତ୍ରଛାତ୍ରୀଙ୍କୁ ଉଚ୍ଚଶିକ୍ଷା ଦିଗରେ ଆଗେଇ ନେବା ସହ ସେମାନଙ୍କ ଭବିଷ୍ୟତ ଗଠନରେ ସହାୟକ ହେବ ବୋଲି ସେ ଆଶାବ୍ୟକ୍ତ କରିଥିଲେ।ସେହିପରି ଜିଲ୍ଲା ଶିକ୍ଷା ଅଧିକାରୀ ସରୋଜ ଭୁଏ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି, ଶୃଙ୍ଖଳା, ନିୟମିତ ଉପସ୍ଥାନ ଏବଂ ଶିକ୍ଷକ-ଅଭିଭାବକଙ୍କ ମଧ୍ୟରେ ସମନ୍ୱୟ ରହିବାର ଆବଶ୍ୟକତା ସମ୍ପର୍କରେ ମତ ରଖିଥିଲେ। ବ୍ଲକ ଶିକ୍ଷା ଅଧିକାରୀ ଆଲୋକ ପ୍ରଧାନ ଓ ପରିଚାଳନା କମିଟିର ସଭାପତି ସୁକାନ୍ତ ପ୍ରଧାନ ଏବଂ ସରପଞ୍ଚ ରିଙ୍କି ଭୋଇ ମଧ୍ୟ ବିଦ୍ୟାଳୟର ଉନ୍ନତି ଓ ଶିକ୍ଷାର ପ୍ରସାର ପାଇଁ ସ୍ଥାନୀୟ ଜନସାଧାରଣଙ୍କ ସକ୍ରିୟ ସହଯୋଗ କାମନା କରିଥିଲେ। ବର୍ତ୍ତମାନ ପରିପ୍ରେକ୍ଷୀରେ ଆଗଲପୁରଠାରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଆରମ୍ଭ ଏକ ଉଲ୍ଲେଖନୀୟ ପଦକ୍ଷେପ। ଏହା ଫଳରେ ଦୂରଦୂରାନ୍ତକୁ ଯାଇ ପାଠ ପଢ଼ିବାରେ ଛାତ୍ରଛାତ୍ରୀମାନେ ସମ୍ମୁଖୀନ ହେଉଥିବା ଅସୁବିଧା କମିବା ସହ ଅଭିଭାବକମାନଙ୍କ ମଧ୍ୟରେ ମଧ୍ୟ ଆଶା ଓ ଉତ୍ସାହ ସୃଷ୍ଟି ହୋଇଛି ବୋଲି ଛାତ୍ରୀ କାଜଲ ଅଗ୍ରୱାଲ କହିଥିଲେ । ଏହି ନୂତନ ଶିକ୍ଷାନୁଷ୍ଠାନ କେବଳ ଆଗଲପୁର ନୁହେଁ, ବରଂ ସମଗ୍ର ବରପାଲି ବ୍ଲକର ଶିକ୍ଷାଗତ ବିକାଶରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ଉପସ୍ଥିତ ଅତିଥି ଓ ଅଞ୍ଚଳବାସୀ ଆଶା ପ୍ରକାଶ କରିଥିଲେ।କାର୍ଯ୍ୟକ୍ରମକୁ ଶିକ୍ଷକ ତାପସ ପାଢ଼ୀ ପରିଚାଳନା କରିଥିବାବେଳେ ଶିକ୍ଷକ ଅଶୋକ ନାରଙ୍ଗ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଗ୍ରାମର ଗୌନ୍ତିଆ ନୃପରାଜ ବେହେରା, ଜିଲ୍ଲା ପରିଷଦ ସଭ୍ୟ ଅନନ୍ତ ସେଠ୍, ଗୋବିନ୍ଦ କୁଆଡ଼ି, ପବିତ୍ର ବାଗ, ରୁକୁଣି ରାଉତ, ପୂର୍ବତନ ଶିକ୍ଷକ ସଚ୍ଚିଦାନନ୍ଦ ସାହୁ, ଫଗୁନୁ ଚାଉଁର, ପ୍ରକାଶ ସାହୁ ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଅଞ୍ଚଳ ର ବଳରାମ ବିଶ୍ୱାଳ, ନୃପରାଜ ବେହେରା, ଶେଷ ବିଶ୍ୱାଳ, ସୁବିନ୍ଦ କୁଆଡ଼ି,ଲିଙ୍ଗରାଜ ବିଶ୍ୱାଳ, ଡୁଗୁରୁ ବେହେରା,ଗୋପାଳ ଭୋଇ, କେଶବ ରାଉତ, ରାଧେଶ୍ୟାମ ମିଶ୍ର ସହିତ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ରହି ଏହି ଶୁଭାରମ୍ଭ କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

ବରପାଲି କୃଷି ଭିତ୍ତିଭୂମି ଓ ସମବାୟ ସମିତି ଅବ୍ୟବସ୍ଥା

ବରପାଲି/ବରଗଡ଼:ପଶ୍ଚିମ ଓଡ଼ିଶାର ଏକ ପ୍ରମୁଖ କୃଷି କ୍ଷେତ୍ର ତଥା ଐତିହାସିକ ମାଟି ବରଗଡ଼ ଜିଲ୍ଲାର ବରପାଲି ଅଞ୍ଚଳରେ ସାମ୍ପ୍ରତିକ ସମୟରେ କୃଷି ଭିତ୍ତିଭୂମିର ବିକଳ ଚିତ୍ର ଏବଂ ସମବାୟ ସମିତିଗୁଡ଼ିକରେ ସାର, ବିହନ ଯୋଗାଣ ବ୍ୟବସ୍ଥାରେ ବ୍ୟାପକ ଅନିୟମିତତା ତଥା ଦୁର୍ନୀତି ଅଭିଯୋଗକୁ ନେଇ ରାଜନୈତିକ ଓ କୃଷକ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ସ୍ଥାନୀୟ କୃଷକ ଏବଂ ବିଭିନ୍ନ ଦଳୀୟ ନେତୃବୃନ୍ଦ ପ୍ରଶାସନର ଦୃଷ୍ଟି ଆକର୍ଷଣ କରି ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ ଏବଂ ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ପ୍ରାପ୍ତ ସୂଚନା ମୁତାବକ, ବରପାଲି ବ୍ଲକ ଏବଂ ଏହାର ଆଖପାଖ ପଞ୍ଚାୟତଗୁଡ଼ିକରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ସମବାୟ ସମିତି ଓ ପ୍ରାଥମିକ କୃଷି ସେବା ସମବାୟ ସମିତି (PACS) ମାଧ୍ୟମରେ ଚାଷୀମାନଙ୍କୁ ସମୟୋଚିତ ଭାବେ ରାସାୟନିକ ସାର (ଯଥା- ୟୁରିଆ, ଡିଏପି), ଉନ୍ନତମାନର ବିହନ ଏବଂ କୃଷି ଋଣ ଯୋଗାଇ ଦେବାର ସରକାରୀ ବ୍ୟବସ୍ଥା ରହିଛି। ମାତ୍ର ବାସ୍ତବ କ୍ଷେତ୍ରରେ କିଛି ଅସାଧୁ ଡିଲର, ଦଲାଲ୍ ଏବଂ ସମିତିର କିଛି ଅଧିକାରୀଙ୍କ ମଧୁଚନ୍ଦ୍ରିକା ଯୋଗୁଁ ପ୍ରକୃତ ଚାଷୀମାନେ ସମୟରେ ଆବଶ୍ୟକୀୟ ସାର ଓ ବିହନ ପାଇବାରୁ ବଞ୍ଚିତ ହେଉଛନ୍ତି। ସମିତିଗୁଡ଼ିକରେ କୃତ୍ରିମ ଅଭାବ ସୃଷ୍ଟି କରାଯାଇ କଳାବଜାରୀରେ ଦ୍ୱିଗୁଣିତ ଦରରେ ସାର ଓ ବିହନ ବିକ୍ରି କରାଯାଉଥିବା ନେଇ ଗୁରୁତର ଅଭିଯୋଗ ଆସିଛି। ଫଳରେ ଚାଷୀମାନଙ୍କୁ ଅଧିକ ମୂଲ୍ୟ ଦେଇ ଖୋଲାବଜାରରୁ କୃଷି ସାମଗ୍ରୀ କିଣିବାକୁ ପଡୁଛି, ଯାହାକି ସେମାନଙ୍କ ଆର୍ଥିକ ମେରୁଦଣ୍ଡକୁ ଦୋହଲାଇ ଦେଇଛି। ଏହି ଦୁର୍ଗତି ଓ ଅବ୍ୟବସ୍ଥାକୁ ନେଇ ସ୍ଥାନୀୟ କୃଷକ ସଂଗଠନ ଏବଂ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ ଜିଲ୍ଲାପାଳ ଏବଂ ସମବାୟ ବିଭାଗର ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ଫସଲ ବୁଣିବା ଏବଂ ସଂରକ୍ଷଣ ସମୟରେ ଚାଷୀମାନେ ସାର ଓ ବିହନ ପାଇଁ ଦିନ ଦିନ ଧରି ସମିତି ଆଗରେ ଲାଇନରେ ଠିଆ ହେଉଥିଲେ ମଧ୍ୟ ଷ୍ଟକ୍ ନାହିଁ କହି ସେମାନଙ୍କୁ ନିରାଶ କରାଯାଉଛି, କିନ୍ତୁ ସେହି ସାର କଳାବଜାରୀଙ୍କ ମାଧ୍ୟମରେ ଅନ୍ୟତ୍ର ଚାଲାଣ ହେଉଛି। ଏହି ଜ୍ୱଳନ୍ତ ସମସ୍ୟାର ସମାଧାନ କରା ନଗଲେ ଆଗାମୀ ଦିନରେ ବରପାଲି ଅଞ୍ଚଳର ସମସ୍ତ ସମବାୟ ସମିତି ଏବଂ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ହଜାର ହଜାର ଚାଷୀଙ୍କୁ ଏକାଠି କରି ବୃହତ ଆନ୍ଦୋଳନ ଓ ରାଜପଥ ଅବରୋଧ କରାଯିବ ବୋଲି ସ୍ଥାନୀୟ ନେତୃବୃନ୍ଦ ପ୍ରଶାସନକୁ କଡ଼ା ଚେତାବନୀ ଦେଇଛନ୍ତି।

ଧାନ ଖରିଦ୍ ଓ ଟୋକନ୍ ବ୍ୟବସ୍ଥାକୁ ନେଇ ବରଗଡ଼ରେ ଚାଷୀ ଅସନ୍ତୋଷ

ବରଗଡ଼:ପଶ୍ଚିମ ଓଡ଼ିଶାର 'ଧାନର ଭାଷା' ତଥା କୃଷି ପ୍ରଧାନ ଜିଲ୍ଲା ଭାବେ ପରିଚିତ ବରଗଡ଼ରେ ଆଗାମୀ ଧାନ ସଂଗ୍ରହ ଋତୁ ପୂର୍ବରୁ ଅନଲାଇନ୍ ଟୋକନ୍ ବ୍ୟବସ୍ଥା, ପଞ୍ଜୀକରଣ ଜଟିଳତା ଏବଂ ମଣ୍ଡିଗୁଡ଼ିକରେ ବ୍ୟାପକ ଅବ୍ୟବସ୍ଥାକୁ ନେଇ ଚାଷୀ କୁଳରେ ଗଭୀର ଅସନ୍ତୋଷ ଦେଖାଦେଇଛି। ଜିଲ୍ଲାର ଲକ୍ଷାଧିକ ଚାଷୀ ସେମାନଙ୍କ କଷ୍ଟଲବ୍ଧ ଫସଲକୁ ସମବାୟ ସମିତି ଏବଂ ମଣ୍ଡି ମାଧ୍ୟମରେ ସରକାରୀ ଦରରେ ବିକ୍ରି କରିବା ପାଇଁ ପ୍ରସ୍ତୁତ ହେଉଥିବାବେଳେ, ପ୍ରଶାସନିକ ସ୍ତରରେ କାର୍ଯ୍ୟକାରି ହେଉଥିବା ଅନଲାଇନ୍ ଟୋକନ୍ ବ୍ୟବସ୍ଥା ଏବଂ ମିଲର୍-ପ୍ରଶାସନିକ ମଧୁଚନ୍ଦ୍ରିକା ଚାଷୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ବିଭିନ୍ନ କୃଷକ ସଂଗଠନ ଏବଂ ସ୍ଥାନୀୟ ଚାଷୀମାନଙ୍କ ଅଭିଯୋଗ ଅନୁଯାୟୀ, ଅନଲାଇନ୍ ମାଧ୍ୟମରେ ଟୋକନ୍ ପ୍ରଦାନ ପ୍ରକ୍ରିୟାରେ ବାରମ୍ବାର ତ୍ରୁଟି ଦେଖାଦେଉଛି। ଅନେକ ପ୍ରକୃତ ଚାଷୀଙ୍କ ନାମ ପଞ୍ଜୀକରଣ ହୋଇନଥିବା କିମ୍ବା ସମୟାନୁସାରେ ଟୋକନ୍ ମିଳିବାରେ ଅହେତୁକ ବିଳମ୍ବ ହେଉଥିବାରୁ ସେମାନେ ନିର୍ଦ୍ଧାରିତ ସମୟରେ ମଣ୍ଡିକୁ ଧାନ ଆଣିବାରୁ ବଞ୍ଚିତ ହେଉଛନ୍ତି। ଏହାବ୍ୟତୀତ, ମଣ୍ଡିଗୁଡ଼ିକରେ ଧାନ ତଉଲ ସମୟରେ କଟ୍-ଛଟ୍ (ଓଜନରେ ହେରଫେର), ବସ୍ତାପ୍ରତି ଅଧିକ ଧାନ କାଟିବା ଅଭିଯୋଗ ଏବଂ ବର୍ଷା କିମ୍ବା ଖରାରୁ ଧାନ ସୁରକ୍ଷା ପାଇଁ ଆବଶ୍ୟକୀୟ ଛାତ ବା ଶେଡ୍, ପାନୀୟ ଜଳ ଏବଂ ଶୌଚାଳୟ ଭଳି ମୌଳିକ ସୁବିଧାର ଅଭାବ ରହିଥିବାରୁ ଚାଷୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମିଲରମାନଙ୍କ ମନମୁଖୀ କାର୍ଯ୍ୟକାରିତା ଏବଂ ସମବାୟ ସମିତିଗୁଡ଼ିକର ଉଦାସୀନତା ଯୋଗୁଁ ଦଲାଲ୍ ଓ ଫଡ଼ିଆମାନେ ଲାଭବାନ ହେଉଥିବାବେଳେ ପ୍ରକୃତ ଚାଷୀ ନିଜର ପ୍ରାପ୍ତ ଅଧିକାରରୁ ବଞ୍ଚିତ ହେଉଛନ୍ତି ବୋଲି ଗୁରୁତର ଅଭିଯୋଗ ହୋଇଛି। ଏହି ଜ୍ୱଳନ୍ତ ସମସ୍ୟାକୁ ନେଇ ଏବେ ବରଗଡ଼ ଜିଲ୍ଲାର ରାଜନୈତିକ ବାତାବରଣ ମଧ୍ୟ ସରଗରମ ହୋଇଉଠିଛି। ବିରୋଧୀ ଦଳଗୁଡ଼ିକ ଏହି ପ୍ରସଙ୍ଗକୁ ମୁଖ୍ୟ ଅସ୍ତ୍ର କରି ଶାସକ ଦଳ ଏବଂ ଜିଲ୍ଲା ପ୍ରଶାସନକୁ କାଠଗଡ଼ାରେ ଠିଆ କରିଛନ୍ତି। ବିରୋଧୀ ନେତାମାନେ କହିଛନ୍ତି ଯେ ସରକାରୀ ସ୍ତରରୁ ଚାଷୀଙ୍କ ସ୍ୱାର୍ଥର ବଡ଼ ବଡ଼ କଥା କୁହାଯାଉଥିଲେ ହେଁ ବାସ୍ତବ କ୍ଷେତ୍ରରେ ମଣ୍ଡି ବ୍ୟବସ୍ଥା ସମ୍ପୂର୍ଣ୍ଣ ବିଫଳ ହୋଇଛି। ଯଦି ସରକାର ଏବଂ ପ୍ରଶାସନ ପକ୍ଷରୁ ତୁରନ୍ତ ତ୍ରୁଟିପୂର୍ଣ୍ଣ ଟୋକନ୍ ବ୍ୟବସ୍ଥାରେ ସୁଧାର ଅଣା ନଯାଏ, ସମସ୍ତ ଚାଷୀଙ୍କୁ ଠିକ୍ ସମୟରେ ଟୋକନ୍ ପ୍ରଦାନ କରା ନଯାଏ ଏବଂ ମଣ୍ଡିଗୁଡ଼ିକରେ ସ୍ୱଚ୍ଛତା ଓ ସୁରକ୍ଷା ନିଶ୍ଚିତ କରା ନଯାଏ, ତେବେ ଆଗାମୀ ଦିନରେ ସମସ୍ତ କୃଷକ ସଂଗଠନକୁ ସାଙ୍ଗରେ ନେଇ ଜିଲ୍ଲାର ପ୍ରତିଟି ବ୍ଲକ ଏବଂ ଯୋଗାଣ କାର୍ଯ୍ୟାଳୟ ସମ୍ମୁଖରେ ବିରାଟ ଆନ୍ଦୋଳନ ଓ ରାଜପଥ ଅବରୋଧ କରାଯିବ ବୋଲି କଡ଼ା ଚେତାବନୀ ଦିଆଯାଇଛି।

ଭତ୍ତା ଅପେକ୍ଷାର ଅନ୍ତ, ବରଗଡ଼ ଜିଲ୍ଲାର ୧୫,୨୭୭ ନୂତନ ହିତାଧିକାରୀଙ୍କୁ ମିଳିଲା ପେନସନ



ବରଗଡ଼ : ୧୨/୧୧(ଆଦ୍ୟାଶା):ଭତ୍ତା ପାଇଁ ଆଉ ଅପେକ୍ଷା କରିବାକୁ ପଡ଼ିବନି। ମଧୁବାବୁ ପେନସନ ଯୋଜନାରେ ବରଗଡ଼ ଜିଲ୍ଲାର ୧୫ ହଜାର ୨୭୭ ଜଣ ନୂତନ ହିତାଧିକାରୀଙ୍କୁ ସାମିଲ କରାଯାଇ ଭତ୍ତା ପ୍ରଦାନ କରାଯାଇଛି। ବରଗଡ଼ସ୍ଥିତ ଯଦୁମଣି ଅଡିଟୋରିୟମ୍‌ରେ ଆୟୋଜିତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନୂତନ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରିଥିଲେ। ଏହି ଅବସରରେ ବରଗଡ଼ କର୍କଟ ଚିକିତ୍ସାଳୟରେ ୬୦ ଶଯ୍ୟା ବିଶିଷ୍ଟ ସହାୟକ ବିଶ୍ରାମଗୃହ ସମେତ ଡଭା, ତାଲପାଲି, ଭଟଲି ଓ ଅତାବିରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ପ୍ରକଳ୍ପର ଆଭାସୀ ମାଧ୍ୟମରେ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲାର ବିଧାୟକମାନଙ୍କ ସମେତ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ଓ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ସରକାରଙ୍କ ନୂତନ ବ୍ୟବସ୍ଥା ଅନୁସାରେ ଏଣିକି କୌଣସି ପ୍ରତୀକ୍ଷା ତାଲିକା କିମ୍ବା ନିର୍ଦ୍ଦିଷ୍ଟ ସୀମା ନଥାଇ ସମସ୍ତ ଯୋଗ୍ୟ ହିତାଧିକାରୀ ପେନସନ ପାଇଁ ଆବେଦନ କରିପାରିବେ। ଏଥିପାଇଁ UPMP ୱେବସାଇଟ୍, ମୋ ସେବା କେନ୍ଦ୍ର କିମ୍ବା CSC ମାଧ୍ୟମରେ ମାଗଣାରେ ଆବେଦନ କରିହେବ।

ମାଟିର ଖବର

ସାଉଥବଲଣ୍ଡାରେ ମା ଶ୍ୟାମାକାଳୀଙ୍କ ଭସାଣି ଉତ୍ସବ

ତାଳଚେର:୧୩/୧୧/୨୦୨୬:ଆଦ୍ୟାଶା:ତାଳଚେର ବ୍ଲକସ୍ଥିତ ଏମ୍‌ସିଏଲ୍ ଭୁବନେଶ୍ୱରୀ ଖୋଲା କୋଇଲା ଖଣି ପକ୍ଷରୁ ମା' ଶ୍ୟାମାକାଳୀଙ୍କ ଭସାଣି ଉତ୍ସବ ସମାରୋହରେ ପାଳିତ ହୋଇଯାଉଛି । ମାଆ ଶ୍ୟାମାକାଳୀଙ୍କ ମୃଣ୍ମୟୀ ପ୍ରତିମାକୁ ଏକ ଭବ୍ୟ ଶୋଭାଯାତ୍ରାରେ ଆଣି ସାଉଥବଲଣ୍ଡା ମାର୍କେଟ ସମେତ କଲୋନୀ ଅଂଚଳ ପରିକ୍ରମା କରାଯାଇଥିଲା । ଏହି ଉତ୍ସବରେ ପାରମ୍ପରିକ ଲୋକନୃତ୍ୟ, ସମ୍ବଲପୁରୀ ନୃତ୍ୟ ସହିତ ବ୍ୟାଣ୍ଡ ପାର୍ଟି, ଆଧୁନିକ ସଂଗୀତରେ ତାଳେ ତାଳେସମଗ୍ର ଅଂଚଳ ମୁଖରିତ ହୋଇଉଠିଥିଲା । ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ବ୍ୟାପକ ପୋଲିସ ବ୍ୟବସ୍ଥା କରାଯାଇଥିଲା । ବିଳମ୍ବିତ ସନ୍ଧ୍ୟା ସୁଦ୍ଧା ମା କାଳୀଙ୍କର ମୃଣ୍ମୟୀ ପ୍ରତିମାକୁ ଅସ୍ଥାୟୀ ଜଳାଶୟରେ ବିସର୍ଜନ କରାଯାଇଥିଲା । ଭୁବନେଶ୍ୱରୀ କୋଇଲାଖଣି ପୂଜା କମିଟିର ସଦସ୍ୟମାନେ ଉପସ୍ଥିତ ରହି ଏହି ଭସାଣୀ ଉତ୍ସବରେ ସକ୍ରିୟ ସହଯୋଗ କରିଥିଲେ । ଚଳିତ ବର୍ଷ ସାଉଥବଲଣ୍ଡା ଶିବ ମନ୍ଦିର ସମ୍ମୁଖ ପଡ଼ିଆରେ ଭୁବନେଶ୍ୱରୀ କୋଇଲା ଖଣି ପକ୍ଷରୁ ମାଆ ଶ୍ୟାମକାଳୀଙ୍କ ପୂଜା ପାଂଚ ଦିନ ଧରି ଅନୁଷ୍ଠିତ ହୋଇଥିଲା ।



ଆଦ୍ୟାଶା ADYASHA
ରାଜ୍ୟ
PRGI No. ORORI/25/A0506
Daily Edition
adyashgroup.com
BHUBANESWAR | Vol. 02 | Issue 12
ଶୁକ୍ରବାର, ୧୩ ନଭେମ୍ବର ୨୦୨୬
ପୃଷ୍ଠା ୦୯ Rs. 7

ଆଜିର ପ୍ରମୁଖ

୧୦ ଲକ୍ଷରେ ଫେସିଲିଟି ସେଣ୍ଟର, ତଥାପି ଅଧାପନ୍ତରିଆ: ପଞ୍ଚାୟତ ଗୃହ ଉପରେ ଟିଣ ଛପର, ବଦଳିଲେଣି ୪ ଯନ୍ତ୍ରୀ



ସଇଁତଲା:୧୩/୧୧ (ଆଦ୍ୟସା):ସରକାର ଗ୍ରାମାଞ୍ଚଳର ବିକାଶ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ପଞ୍ଚାୟତ ସ୍ତରରେ ଲୋକଙ୍କୁ ଉନ୍ନତ ସେବା ଯୋଗାଇଦେବାକୁ ଫେସିଲିଟି ସେଣ୍ଟର ନିର୍ମାଣ କରାଯାଉଛି। ହେଲେ ବଲାଙ୍ଗୀର ଜିଲ୍ଲା ସଇଁତଲା ବ୍ଲକ କୁମ୍ଭାରୀ ପଞ୍ଚାୟତରେ ଏହି ଯୋଜନାର ବାସ୍ତବ ଚିତ୍ର କିଛି ଅଲଗା। ଏଠାରେ ପ୍ରାୟ ୧୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ପଞ୍ଚାୟତ ଗୃହ ଉପରେ ନିର୍ମାଣ ହେଉଥିବା ଫେସିଲିଟି ସେଣ୍ଟର ଏଯାଏଁ ଅସମ୍ପୂର୍ଣ୍ଣ ଅବସ୍ଥାରେ ପଡିରହିଛି, ଯାହାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।ସୂଚନା ଅନୁସାରେ, କୁମ୍ଭାରୀ ପଞ୍ଚାୟତ ଗୃହର ଉପର ମହଲାରେ ଏହି ଫେସିଲିଟି ସେଣ୍ଟର ନିର୍ମାଣ ପାଇଁ ୧୦ ଲକ୍ଷ ଟଙ୍କାର ଅଟକଳ କରାଯାଇଥିଲା। ଏହି କେନ୍ଦ୍ର ନିର୍ମାଣ ହେଲେ ପଞ୍ଚାୟତର ବିଭିନ୍ନ କାର୍ଯ୍ୟ, ବୈଠକ ଓ ସରକାରୀ କାର୍ଯ୍ୟକ୍ରମରେ ସୁବିଧା ହେବ ବୋଲି ଆଶା କରାଯାଇଥିଲା। ମାତ୍ର ନିର୍ମାଣ ସ୍ଥଳକୁ ଗଲେ ଯେ କେହି ବି ଆଶ୍ଚର୍ଯ୍ୟ ହେବ। ଏତେ ଟଙ୍କା ଖର୍ଚ୍ଚ ହୋଇଥିଲେ ମଧ୍ୟ ପକ୍କା ଛାତ ନିର୍ମାଣ ହୋଇନାହିଁ। କେବଳ କିଛି ପିଲର ଉଠାଇ ଉପରେ ଟିଣ ଛପର ପକାଇ ଦିଆଯାଇଛି। ଝଡ ବର୍ଷାରେ ଏହି ଟିଣ ଛପର କେତେ ଦିନ ତିଷ୍ଠିବ ତାହାକୁ ନେଇ ପ୍ରଶ୍ନ ଉଠୁଛି। ସବୁଠାରୁ ବଡ କଥା ହେଲା, ନିର୍ମାଣ ସ୍ଥଳରେ କୌଣସି ସୂଚନା ଫଳକ ନାହିଁ। ଯୋଜନାର ନାମ କଣ, ଅଟକଳ ମୂଲ୍ୟ କେତେ, କାମ କେବେ ଆରମ୍ଭ ହେଲା ଓ କେବେ ଶେଷ ହେବ, ଠିକାଦାର କିଏ, ଯନ୍ତ୍ରୀ କିଏ - ଏ ସମ୍ପର୍କରେ କୌଣସି ସୂଚନା ନାହିଁ। ସରକାରୀ ନିୟମ ଅନୁସାରେ ପ୍ରତ୍ୟେକ କାମ ସ୍ଥଳରେ ସୂଚନା ଫଳକ ଲଗାଇବା ବାଧ୍ୟତାମୂଳକ। ହେଲେ ଏଠାରେ ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରାଯାଇଛି। ଏହା ପଛରେ କଣ ରହସ୍ୟ ଅଛି ବୋଲି ସାଧାରଣ ଲୋକେ ପ୍ରଶ୍ନ କରୁଛନ୍ତି।ଏହି କାର୍ଯ୍ୟ ଆରମ୍ଭ ହେବାଠାରୁ ଏଯାଏଁ ୪ ଜଣ ଯନ୍ତ୍ରୀ ବଦଳି ହୋଇସାରିଲେଣି। ବାରମ୍ବାର ଯନ୍ତ୍ରୀ ବଦଳି ଯୋଗୁଁ କାମର ତଦାରଖ ଠିକ୍ ଭାବେ ହୋଇପାରୁନାହିଁ। ବର୍ତ୍ତମାନ ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କୁ ପଚାରିବାରୁ ସେ କହିଛନ୍ତି, ତଳ ମହଲାରେ କଲମ ନଥିବାରୁ ଉପରେ ପକ୍କା ଛାତ ପକାଇବା ସମ୍ଭବ ନୁହେଁ। ତେଣୁ ଟିଣ ଛପର କରାଯାଇଛି। ଏଠାରେ ପ୍ରଶ୍ନ ଉଠୁଛି, ଯଦି ତଳ ମହଲାରେ କଲମ ନଥିଲା, ତେବେ ୧୦ ଲକ୍ଷ ଟଙ୍କାର ଅଟକଳ କିପରି ପ୍ରସ୍ତୁତ ହେଲା? ଅଟକଳ ପୂର୍ବରୁ ଯାଞ୍ଚ କରାଗଲା ନାହିଁ କି? ଏତେ ଟଙ୍କାରେ କେବଳ ଟିଣ ଛପର କିପରି ହେଲା? ବାକି ଅର୍ଥ କେଉଁଠି ଖର୍ଚ୍ଚ ହେଲା? ଏଭଳି ଅନେକ ପ୍ରଶ୍ନ ଏବେ ଘୁରି ବୁଲୁଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, ନିମ୍ନମାନର ସାମଗ୍ରୀ ବ୍ୟବହାର କରାଯାଇଛି। ପିଲରରେ ଫାଟ ଦେଖାଗଲାଣି। ଏହି ଅବସ୍ଥାରେ ଏହା କେତେ ଦିନ ଚାଲିବ? ସରକାରୀ ଅର୍ଥ ଏଭଳି ବର୍ବାଦ ହେବା ଅତ୍ୟନ୍ତ ଦୁଃଖର ବିଷୟ।ତେଣୁ ଏହି ନିର୍ମାଣ କାର୍ଯ୍ୟର ନିରପେକ୍ଷ ତଦନ୍ତ କରିବା, ଗୁଣବତ୍ତା ଯାଞ୍ଚ କରିବା ଏବଂ ଅସମ୍ପୂର୍ଣ୍ଣ କାମକୁ ଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ଜିଲ୍ଲା ପ୍ରଶାସନ ଓ ବିଡିଓଙ୍କୁ ଅଞ୍ଚଳବାସୀ ଦାବି କରିଛନ୍ତି।

ଦଙ୍ଗାପଟାରେ ଧୁମଧାମରେ ପାଳିତ ହେଲା ବାଲମେଳା ଓ ଶିଶୁ ଦିବସ

ଟିଟିଲାଗଡ଼:୧୩.୧୧.୨୬:(ଆଦ୍ୟାଶା):ଶିଶୁମାନଙ୍କ ମଧ୍ୟରେ ପ୍ରତିଭାର ର ବିକାଶ, ସୃଜନଶୀଳତା, ଆତ୍ମବିଶ୍ୱାସ ଓ ଶିଶୁ ଅଧିକାର ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆକ୍ସନଏଡ୍ ଇଣ୍ଡିଆ ଓ ଲୋକ ବିକାଶ ଅଭିଯାନ, ବଲାଙ୍ଗୀର ପକ୍ଷରୁ ଟିଟିଲାଗଡ଼ ବ୍ଲକ ଅନ୍ତର୍ଗତ ଦଙ୍ଗାପଟା ଗ୍ରାମରେ ବାଲମେଳା ତଥା ଶିଶୁ ଦିବସ ପାଳନ କରାଯାଇଥିଲା। ଏହି ବାଲମେଳାରେ ଟିଟିଲାଗଡ଼ ଓ ମୁରିବାହାଲ ବ୍ଲକର ୧୮ଟି ଗ୍ରାମରୁ ପ୍ରାୟ ୨୭୦ ଜଣ ଶିଶୁ ଉତ୍ସାହ ଓ ଉଦ୍ଦୀପନାର ସହ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ଶ୍ରୀ ନବୀନ କୁମାର ଜୈନ, ମହିଳା ଓ ଶିଶୁ ବିକାଶ ଅଧିକାରୀ ଶ୍ରୀମତୀ ସୁଷମା ପାଢ଼ୀ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ (ABEO) ଶ୍ରୀ ଅଶ୍ୱିନୀ ରଥ ଏବଂ ବିଭିନ୍ନ ବିଦ୍ୟାଳୟର ଶିକ୍ଷକମାନେ ଯୋଗଦେଇ ଶିଶୁମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ଶିଶୁମାନଙ୍କ ପାଇଁ ନୃତ୍ୟ, ସଙ୍ଗୀତ, ସାଧାରଣ ଜ୍ଞାନ କୁଇଜ୍, ଚିତ୍ରାଙ୍କନ ଓ ଦୌଡ଼ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଶିଶୁମାନେ ନିଜ ନିଜର କଳା, କୌଶଳ ଓ ପ୍ରତିଭା ପ୍ରଦର୍ଶନ କରିଥିଲେ। ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଟିଟିଲାଗଡ଼ ବ୍ଲକର ବେଲପଡ଼ା, ବାଞ୍ଜିପଦର, ତାରାସିଂହା, ମାଥାନପାଲି, ଦଙ୍ଗାପଟା, ଖଲିଆଖମାର ଓ କୁଟରାକେଣ୍ଡ ଏବଂ ମୁରିବାହାଲ ବ୍ଲକର ଟିଙ୍ଗେରମୁଣ୍ଡା, ଶିରୋଲ, କାନ୍ଦଖାଲ ଓ ମାଲିଶିରା ଆଦି ଗ୍ରାମର ବିଦ୍ୟାଳୟର ପ୍ରଥମରୁ ପଞ୍ଚମ ଶ୍ରେଣୀର ଛାତ୍ରଛାତ୍ରୀମାନେ ଏଥିରେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମକୁ ସଫଳ କରିବାରେ ଆକ୍ସନଏଡ୍ ଇଣ୍ଡିଆ ପକ୍ଷରୁ ଶ୍ରୀ ମୁରଲୀ ଚରଣ ଦାସ, ଶ୍ରୀ ଭୁବେନ୍ଦ୍ର ରଣା, ଶ୍ରୀ ସଞ୍ଜୀବ ରଣା, ଶ୍ରୀମତୀ ଜ୍ୟୋତିର୍ମୟୀ ଦହଲ, ଶ୍ରୀମତୀ ଜଳି ମହାନନ୍ଦ, ଶ୍ରୀ ପରମେଶ୍ୱର ରଣା, ଶ୍ରୀମତୀ ଶୁଚିସ୍ମିତା ଚନ୍ଦନ ଓ ଶ୍ରୀମତୀ ସେବତୀ ମହାନନ୍ଦ ସହଯୋଗ କରିଥିଲେ। ଶିଶୁମାନେ ଦେଶର ଭବିଷ୍ୟତ। ସେମାନଙ୍କୁ ଶିକ୍ଷା, ସୁରକ୍ଷା, ସମାନ ଅଧିକାର ଓ ନିଜ ପ୍ରତିଭା ପ୍ରକାଶ କରିବାର ସୁଯୋଗ ଦେବା ସମାଜର ସମସ୍ତଙ୍କ ଦାୟିତ୍ୱ। ଏଭଳି ବାଲମେଳା ଶିଶୁମାନଙ୍କ ମଧ୍ୟରେ ଖୁସି, ଏକତା, ସହଭାଗିତା ଓ ଆତ୍ମବିଶ୍ୱାସ ବୃଦ୍ଧି କରିବା ସହ ସେମାନଙ୍କ ପାଇଁ ଏକ ସୁନ୍ଦର ଓ ସୁରକ୍ଷିତ ଶୈଶବ ଗଠନରେ ସହାୟକ ହେବ ବୋଲି ଆୟୋଜକମାନେ ମତ ପ୍ରକାଶ କରିଥିଲେ।



ବ୍ଲକ ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଚାଷ ଓ କୁକୁଡ଼ା ପାଳନ ଉପରେ ଗୁରୁତ୍ୱ



ଟିଟିଲାଗଡ଼:୧୩।୧୧:ଆଦ୍ୟାଶା):କୃଷି ସହିତ ଗୋପାଳନ, ମତ୍ସ୍ୟଚାଷ ଓ କୁକୁଡ଼ା ପାଳନକୁ ଆପଣାଇ ଆତ୍ମନିର୍ଭର ହେବା ସହ ଆୟ ବୃଦ୍ଧି କରିବାକୁ ଚାଷୀଙ୍କୁ ପରାମର୍ଶ ଦିଆଯାଇଛି। ଏନେଇ ସ୍ଥାନୀୟ ମିଶନଶକ୍ତି ବଜାର ପଡ଼ିଆଠାରେ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ମେଳାରେ ମୁଖ୍ୟ ଅତିଥି ଭାବେ ଟିଟିଲାଗଡ଼ ବିଧାୟକ ନବୀନ କୁମାର ଜୈନ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଡିଓ ଚନ୍ଦ୍ରମଣି ନାଗ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡ. ଶାରଦା ପ୍ରସାଦ ସିଂ ବରିହା ଓ ଉପଖଣ୍ଡ ପ୍ରାଣୀ ଚିକିତ୍ସାଧିକାରୀ ଡ. ଶୁଭେନ୍ଦୁ ଶୁଦ୍ଧା ଷଡ଼ଙ୍ଗୀ ପ୍ରମୁଖ ଯୋଗଦେଇଥିଲେ। ଏଥିସହ ବ୍ଲକର ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟସଭ୍ୟା ଉପସ୍ଥିତ ଥିଲେ। ମେଳାରେ ଅତିଥିମାନେ କାମଧେନୁ ଯୋଜନା ଅଧୀନରେ ଗୋପାଳନ, ମଇଁଷି ପାଳନ ଓ ଅନ୍ୟାନ୍ୟ ପଶୁପାଳନ ପାଇଁ ଉପଲବ୍ଧ ସରକାରୀ ସହାୟତା ସମ୍ପର୍କରେ ଚାଷୀଙ୍କୁ ଅବଗତ କରାଇଥିଲେ। ସେହିପରି ମତ୍ସ୍ୟଚାଷର ବିକାଶ ପାଇଁ ପୋଖରୀ ଖନନ, ମାଛ ଯାଆଁଳ ଉତ୍ପାଦନ ଓ ବୈଜ୍ଞାନିକ ପଦ୍ଧତିରେ ମାଛଚାଷ କରି ଆୟ ବୃଦ୍ଧି କରିବାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଏଥିସହ କୁକୁଡ଼ା ପାଳନକୁ ମଧ୍ୟ ଜୀବିକାର ଏକ ଲାଭଜନକ ମାଧ୍ୟମ ଭାବେ ଗ୍ରହଣ କରିବାକୁ ଚାଷୀଙ୍କୁ ଉତ୍ସାହିତ କରାଯାଇଥିଲା। କୃଷି ସହିତ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ କ୍ଷେତ୍ରରେ ଉପଲବ୍ଧ ସୁଯୋଗର ସଦୁପଯୋଗ କରି ଚାଷୀମାନେ ନିଜର ଆର୍ଥିକ ସ୍ଥିତି ସୁଦୃଢ଼ କରିପାରିବେ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ଡ. ପ୍ରମୋଦ କୁମାର ଭୋଇ ସ୍ୱାଗତ ଭାଷଣ ଦେଇଥିବାବେଳେ ଉପଖଣ୍ଡ ପ୍ରାଣୀ ଚିକିତ୍ସାଧିକାରୀ ଡ. ଶୁଭେନ୍ଦୁ ଶୁଦ୍ଧା ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ। ମେଳାରେ ମତ୍ସ୍ୟଚାଷ, କୁକୁଡ଼ା ପାଳନ ଓ ପ୍ରାଣୀପାଳନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ଚାଷୀ ଓ ମହିଳା ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ଉତ୍ସାହିତ କରାଯାଇଥିଲା।

ବ୍ଲକ ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦମେଳା



ସଇଁତଲା - ବଲାଙ୍ଗୀର ଜିଲ୍ଲା ସଇଁତଲା ରେ ପାରମ୍ପରିକ ଚାଷ ସହ ମତ୍ସ୍ୟଚାଷ ଓ ପ୍ରାଣୀପାଳନକୁ ଆପଣାଇ ଆର୍ଥିକ ସ୍ୱାବଲମ୍ବୀ ହେବାକୁ ଚାଷୀଙ୍କୁ ଆହ୍ୱାନ ଦିଆଯାଇଛି। ସଇଁତଲା ରେଳ ଷ୍ଟେସନ ନିକଟସ୍ଥ ରାଜେନ୍ଦ୍ର ନାରାୟଣ ସିଂହଦେଓ ମିନି ଷ୍ଟାଡିୟମଠାରେ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଅନୁଷ୍ଠିତ ହୋଇ ଏହି ବାର୍ତ୍ତା ଦିଆଯାଇଛି।ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ଡ. ପ୍ରମୋଦ କୁମାର ଭୋଇଙ୍କ ତତ୍ତ୍ୱାବଧାନରେ ଆୟୋଜିତ ମେଳାରେ ଟିଟିଲାଗଡ଼ ବିଧାୟକ ନବୀନ କୁମାର ଜୈନ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ମୋନିକା ସିଂ ଭୋଇ, ବିଡିଓ ପୁରୁଷୋତ୍ତମ ମିର୍ଦ୍ଧା, ବ୍ଲକ ଉପାଧ୍ୟକ୍ଷ ଗୁଣସାଗର ମାଝୀ, ଜିଲ୍ଲା ପରିଷଦ ସଭ୍ୟ ପ୍ରମୋଦ ଭୋଇ, ସଭ୍ୟା ରୀତାରାଣୀ ହାତୀ, ବଲାଙ୍ଗୀର ସାଂସଦଙ୍କ ବ୍ଲକ ପ୍ରତିନିଧି ଅକ୍ଷୟ ରଣା, ଉପଖଣ୍ଡ ପ୍ରାଣୀ ଚିକିତ୍ସାଧିକାରୀ ଶୁଭେନ୍ଦୁ ସୁଦ୍ଧା ଷଡ଼ଙ୍ଗୀ ଓ ମତ୍ସ୍ୟ ଅଧିକାରୀ ଆଲୋକ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ମେଳାରେ କାମଧେନୁ ଯୋଜନା ସମେତ ପଶୁପାଳନ କ୍ଷେତ୍ରରେ ଉପଲବ୍ଧ ବିଭିନ୍ନ ସରକାରୀ ଯୋଜନା, ଆର୍ଥିକ ସହାୟତା ଓ ଅନ୍ୟାନ୍ୟ ସୁବିଧା ସମ୍ପର୍କରେ ଅତିଥିମାନେ ଚାଷୀଙ୍କୁ ଅବଗତ କରାଇଥିଲେ। ଗୋପାଳନ ଓ ମଇଁଷି ପାଳନ ଦ୍ୱାରା କ୍ଷୀର ଉତ୍ପାଦନ ବୃଦ୍ଧି ସହ ଚାଷୀଙ୍କ ଆୟ ବଢ଼ିପାରିବ ବୋଲି ମତ ପ୍ରକାଶ ପାଇଥିଲା। ସେହିପରି ପୋଖରୀ ଖନନ, ମାଛ ଯାଆଁଳ ଉତ୍ପାଦନ ଓ ଆଧୁନିକ ପଦ୍ଧତିରେ ମତ୍ସ୍ୟଚାଷ ମାଧ୍ୟମରେ ଅଧିକ ଲାଭବାନ ହେବା ଉପରେ ଗୁରୁତ୍ୱ ଦିଆଯାଇଥିଲା।ଗ୍ରାମାଞ୍ଚଳରେ କୁକୁଡ଼ା ପାଳନ ଆତ୍ମନିଯୁକ୍ତି ସୃଷ୍ଟି ସହ ଅତିରିକ୍ତ ରୋଜଗାରର ଏକ ପ୍ରମୁଖ ମାଧ୍ୟମ ହୋଇପାରିବ। ତେଣୁ କେବଳ ପାରମ୍ପରିକ ଚାଷ ଉପରେ ନିର୍ଭର ନକରି ମତ୍ସ୍ୟ ଓ ପ୍ରାଣୀ ସମ୍ପଦ କ୍ଷେତ୍ରରେ ରହିଥିବା ଅପାର ସମ୍ଭାବନାର ସଦୁପଯୋଗ କରିବାକୁ ଅତିଥିମାନେ ଚାଷୀଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ମତ୍ସ୍ୟଚାଷ, କୁକୁଡ଼ା ପାଳନ ଓ ପ୍ରାଣୀପାଳନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଥିବା ଚାଷୀ ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ ସହ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ବ୍ଲକର ୧୧୪ ଜଣ ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଇଥିଲା।କାର୍ଯ୍ୟକ୍ରମରେ ବ୍ଲକ ମତ୍ସ୍ୟ ଅଧିକାରୀ ଡ. ସୁଜିତ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ସ୍ଥାନୀୟ ସରପଞ୍ଚ ସୁବ୍ରତ ନାଗ, ଙ୍କ ସମେତ ବ୍ଲକର ସମସ୍ତ ସରପଞ୍ଚ ଓ ସମିତି ସଭ୍ୟସଭ୍ୟା ଯୋଗଦେଇଥିଲେ।

ଜିଲ୍ଲାରୁ ସିଧା ରିପୋର୍ଟ

ବାଣିଗୋଛା ପୋଲିସର ଚଢ଼ାଉ: ୨୫ ଲିଟର ଦେଶୀ ମଦ ଜବତ, ଜଣେଗିରଫ



ନୟାଗଡ/ବାଣିଗୋଛା: (ଆଦ୍ୟାଶା):୧୨/୧୧:ନୟାଗଡ଼ ଜିଲ୍ଲା ବାଣିଗୋଛା ଥାନା ଅଞ୍ଚଳରେ ବେଆଇନ ଦେଶୀ ମଦ କାରବାର ବିରୋଧରେ ପୋଲିସ ପକ୍ଷରୁ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ପୋଲିସର ଏକ ସ୍ୱତନ୍ତ୍ର ପାଟ୍ରୋଲିଂ ଟିମ୍ ଚଢ଼ାଉ କରି ୨୫ ଲିଟର ଦେଶୀ ରନ୍ଧା ମଦ ଜବତ କରିବା ସହ ଏହି ଘଟଣାରେ ସମ୍ପୃକ୍ତ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ମିଳିଥିବା ସୂଚନା ଅନୁଯାୟୀ, ଗତ ୧୧ ତାରିଖ ସନ୍ଧ୍ୟା ପ୍ରାୟ ୬ଟା ୩୦ ମିନିଟ୍ ସମୟରେ ବାଣିଗୋଛା ଥାନା ଅଧିକାରୀ ଶିବ ପ୍ରସାଦ ଭଦ୍ରଙ୍କ ନିର୍ଦ୍ଦେଶକ୍ରମେ ଏଏସ୍ଆଇ ଦଣ୍ଡପାଣି ଦାଶ ସନ୍ଧ୍ୟାକାଳୀନ ପାଟ୍ରୋଲିଂ କରୁଥିଲେ । ଏହି ସମୟରେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୋଲିସ ଟିମ୍ ବାଣିଗୋଛା ଥାନା ଅନ୍ତର୍ଗତ କ୍ଲୁରୁକୁମ୍ପା ପଞ୍ଚାୟତର ଗୁର୍ହା ଗ୍ରାମରେ ଅତର୍କିତ ଚଢ଼ାଉ କରିଥିଲା । ଚଢ଼ାଉ ସମୟରେ ଗ୍ରାମର ସ୍ୱର୍ଗତ ଗଣେଶ ବେହେରାଙ୍କ ପୁଅ ଗୁଣ୍ଡା ଓରଫ ନାରାୟଣ ବେହେରା (୩୬)ଙ୍କ ଘରୁ ବେଆଇନ ଭାବେ ଗଚ୍ଛିତ ଥିବା ୨୫ ଲିଟର ଦେଶୀ ରନ୍ଧା ମଦ ପୋଲିସ ଜବତ କରିଥିଲା । ଘଟଣାସ୍ଥଳରୁ ମଦ ଜବତ କରିବା ସହ ପୋଲିସ ଅଭିଯୁକ୍ତ ନାରାୟଣଙ୍କୁ କାବୁ କରି ଥାନାକୁ ଆଣିଥିଲା । ଏହି ଘଟଣାରେ ଏଏସ୍ଆଇ ଦଣ୍ଡପାଣି ଦାଶଙ୍କ ଅଭିଯୋଗ ଆଧାରରେ ବାଣିଗୋଛା ଥାନାରେ କେସ୍ ନମ୍ବର ୧୫୦/୨୦୨୬ ରୁଜୁ କରାଯାଇଛି । ଅଭିଯୁକ୍ତଙ୍କ ବିରୋଧରେ ଓଡ଼ିଶା ଅବକାରୀ ଆଇନର ଧାରା ୫୨(a)(i) ଅନୁଯାୟୀ ମାମଲା ରୁଜୁ କରାଯାଇ ଆଜି ତାଙ୍କୁ କୋର୍ଟ ଚାଲାଣ କରାଯାଇଛି । ବାଣିଗୋଛା ଥାନାର ଏସ୍ଆଇ (SI) ବୀରେନ୍ଦ୍ର କୁମାର ଦେହୁରୀ ଏହି ମାମଲାର ଅଧିକ ତଦନ୍ତ ଜାରି ରଖିଛନ୍ତି । (ନୟାଗଡ଼ ଜିଲ୍ଲା ପ୍ରତିନିଧି ଦୀପକ ନାୟକଙ୍କ ରିପୋର୍ଟ)

ଗୋବିନ୍ଦପୁର ମହାବିଦ୍ୟାଳୟରେ ନିଶାମୁକ୍ତ ଅଭିଯାନ କାର୍ଯ୍ୟକ୍ରମ



ବାରଙ୍ଗ(ଆଦ୍ୟାଶା)କଟକ ଜିଲ୍ଲା ଗୋବିନ୍ଦପୁର ମହାବିଦ୍ୟାଳୟ ପରିସରରେ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଭାରତ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଏକ ନିଶାମୁକ୍ତ ଯୁବ ସମାଜ ଗଠନ ପାଇଁ ନିଶାମୁକ୍ତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଯୁବପିଢ଼ିଙ୍କୁ ନିଶା ଦ୍ରବ୍ୟର କୁପ୍ରଭାବ ସମ୍ପର୍କରେ ସଚେତନ କରିବା। ଏଥିରେ କଲେଜର ଅଧ୍ୟକ୍ଷ,ଅଧ୍ୟାପକ ଏବଂ ଛାତ୍ରଛାତ୍ରୀ ମାନେ ଏଥିରେ ଅଂଶଗ୍ରହଣ କରି ନିଶାମୁକ୍ତ ସମାଜ ଗଠନ ପାଇଁ ଶପଥ ନେଇଥିଲେ।ମହାବିଦ୍ୟାଳୟର ପି.ଜି କାଉନସିଲ୍ ଅଧ୍ୟକ୍ଷ ଡ଼ ଗଗନ ବେଉରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରଫେସର କମଳା ପ୍ରସାଦ ମହାପାତ୍ର ଯୋଗଦେଇ ନିଜ ବକ୍ତବ୍ୟରେ ନିଶାପାନ ଯୁବପିଢ଼ିଙ୍କ ଭବିଷ୍ୟତକୁ ନଷ୍ଟ କରିଥାଏ,ତେଣୁ ଏହାଠାରୁ ଦୁରେଇ ରହି ପାଠପଢ଼ା ଏବଂ ନିଜ ଲକ୍ଷ୍ୟ ହାସଲ କରିବା ପାଇଁ ଛାତ୍ରଛାତ୍ରୀ ମାନଙ୍କୁ ବାର୍ତ୍ତା ଦେଇଥିଲେ।କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟାପକ ଶ୍ରୀଯୁକ୍ତ ନିମାଇଁ ଚରଣ ବିଶ୍ୱାଳ ସ୍ବେଚ୍ଛାସେବୀ ମାନଙ୍କୁ ନିଶାମୁକ୍ତ ଯୁବ ସମାଜ ଗଠନ ନିମନ୍ତେ ମାର୍ଗଦର୍ଶନ ଦେଇଥିଲେ।ସମ୍ମାନିତ ଅତିଥି ଭାବେ ଡ଼ ବେଣୁଧର ପାଢ଼ୀ,ଶ୍ରୀଯୁକ୍ତ ରଞ୍ଜନ ପ୍ରଧାନ,ଯୁକ୍ତ-୨ ଅଧ୍ୟକ୍ଷ ଶ୍ରୀଯୁକ୍ତ ଅମୀୟ କୁମାର ସାହୁ,ପ୍ରାକ୍ତନ ମହାବିଦ୍ୟାଳୟ ଅଧ୍ୟକ୍ଷ କୈଳାଶ ଚନ୍ଦ୍ର ଦାସ,ଅଧ୍ୟାପକ ପ୍ରେମଜିତ୍ ରାୟ,ପି.କେ ପଣ୍ଡା ପ୍ରମୁଖ ଯୋଗଦେଇ ସମାଜରେ ଯୁବଗୋଷ୍ଠୀ ଓ ଛାତ୍ରଛାତ୍ରୀ ନିଶା କବଳରୁ କିପରି ମୁକ୍ତି ପାଇବେ ସେ ବିଷୟରେ ସଚେତନ କରିଥିଲେ ଏବଂ ବିଭିନ୍ନ ବକ୍ତା ନିଶାର କରାଳ ଗ୍ରାସରୁ ବର୍ତ୍ତିବା ପାଇଁ ସଚେତନତା ଏବଂ ସୁସ୍ଥ ଜୀବନଶୈଳୀର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ପ୍ରତାପ ରଞ୍ଜନ ମହାପାତ୍ର ଓ ବିକ୍ରମ କୁମାର ମୁଦୁଲି ନିଶାମୁକ୍ତ ସମାଜ ଗଠନ ପାଇଁ ଛାତ୍ରଛାତ୍ରୀ ମାନଙ୍କ ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରକାଶ କରିଥିଲେ।କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଶୁଭଙ୍କର ମହାନ୍ତି,ବୈକୁଣ୍ଠ ପ୍ରଧାନ,ଅରୁଣ ତ୍ରିପାଠୀ,ରୁଦ୍ରପ୍ରସାଦ ଶତପଥି,ଚିନ୍ମୟ ବେହେରା ଏବଂ ଅଧ୍ୟାପିକା ଅର୍ଚ୍ଚନା ମହାନ୍ତି,ଅନସୂୟା ସ୍ୱାଇଁ,ଭବାନୀ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ।ଏହି କାର୍ଯ୍ୟକ୍ରମକୁ ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ପ୍ରତାପ ରଞ୍ଜନ ମହାପାତ୍ର ସଂଯୋଜନା କରିଥିବା ବେଳେ ଅଧ୍ୟାପକ ବିକ୍ରମ କୁମାର ମୁଦୁଲି ଧନ୍ୟବାଦ ଅର୍ପଣ କରିଥିଲେ।ଜାତୀୟ ସେବାର ସ୍ବେଚ୍ଛାସେବୀ ବର୍ଷା,ଆଶା,ରାଜ୍,ଡୋନା,ରୁଦ୍ର ପ୍ରମୁଖ ମୁଖ୍ୟ ସହଯୋଗ କରିଥିଲେ।

ବିଧାୟକ ଙ୍କ ଦ୍ଵାରା ନୂତନ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ବଡମ୍ବା

ବଡ଼ମ୍ବା:ଆଜି ବଡ଼ମ୍ବା ବ୍ଲକ ପରିସର ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରିଣୀ ଶ୍ରୀମତୀ ଅଭିଲିପ୍ସା ସ୍ୱାଇଁ ଙ୍କ ଦ୍ଵାରା ଆୟୋଜିତ ନୂତନ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ବିଧାୟକ ଶ୍ରୀଯୁକ୍ତ ବିଜୟକୁମାର ଦଳବେହେରା ଯୋଗଦାନ କରିକିଭଳି ଜନ ସାଧାରଣ ମାନେ ସରକାର ଙ୍କ ଯୋଜନା ପାଇବେ ତାଙ୍କ ବକ୍ତବ୍ୟାରେ କହୁଥିଲେ ପୂର୍ବ ସରକାର ସମୟରେ 29 ବର୍ଷ ଶାସନ କାଳରେ ବଡମ୍ବା ବ୍ଲକ ରେ 24000 ହଜାର ଭତା ଲୋକ ପାଇଥିବା ବେଳେ ନୂତନ ବିଜେପି ସରକାର ରେ ବଡମ୍ବା ର ନୂତନ ବିଧାୟକ ଙ୍କ କାଯ୍ୟକାଳ 29 ମାସେ ହୋଇଥିବା ବେଳେ 4500 ନୂତନ ହିତାଧିକାରୀ ଏହି ପେନସନ ଯୋଜନା'ରେ ନୂତନ ଭାବେ ଭତ୍ତା ସାମିଲ ହୋଇଛନ୍ତି ଏହି କାର୍ଯ୍ୟକ୍ରମ ରେ ବଡ଼ମ୍ବା ବ୍ଲକ ଅଧ୍ୟକ୍ଷ ଶ୍ରୀଯୁକ୍ତ ରଘୁପତି ମହାନ୍ତି ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶ୍ରୀଯୁକ୍ତ ବିଭୁଦତ୍ତ ପଟ୍ଟନାୟକ ସାଂସଦ ଙ୍କ ପ୍ରତିନିଧି ଶ୍ରୀଯୁକ୍ତ ଦୀପକ କୁମାର ସାହୁ 'ଆମ୍ବା' ଅଧ୍ୟକ୍ଷ ଶ୍ରୀଯୁକ୍ତ ମହେନ୍ଦ୍ର ପଢ଼ିହାରୀ ଜିଲ୍ଲାପରିଷଦ ଙ୍କ ପ୍ରତିନିଧି ଶ୍ରୀଯୁକ୍ତ ମଙ୍ଗୁଳି ଚରଣ ସାହୁ କୋଲେଶ୍ଵର ସରପଞ୍ଚ ଶ୍ରୀମତୀ ସନ୍ଧ୍ୟାରାଣୀ ହୋତା ସମିତି ସଭ୍ୟ ଶ୍ରୀଯୁକ୍ତ ଅକ୍ଷୟ କୁମାର ଦାସ ମଞ୍ଚ ପରିଚାଳନା କରୁଥିଲେ ସଞ୍ଜୟ କୁମାର ସାହୁ ବ୍ଲକ ପ୍ରଶାସନିକ ଅଧିକାରୀ ଓ କର୍ମ ଚାରି ସ୍ଥାନୀୟ ନେତୃବୃନ୍ଦ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସାଫଲ୍ୟମଣ୍ଡିତ କରିଥିଲ



ମାଟିର ଖବର

କରମତଲାରେ ଭକ୍ତିମୟ ପରିବେଶରେ ୩୬ତମ ଗିରି ଗୋବର୍ଦ୍ଧନ ପୂଜା ସମ୍ପନ୍ନ: ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ।

ସଇଁତଲା:୧୩/୧୧ (ଆଦ୍ୟସା)ସଇଁତଲା ବ୍ଲକ କରମତଲା ସ୍ଥିତ ପ୍ରସିଦ୍ଧ ଗିରି ଗୋବର୍ଦ୍ଧନ ମନ୍ଦିର ପ୍ରାଙ୍ଗଣରେ ବାରପାଲି ଯାଦବ ସମାଜ ଆନୁକୂଲ୍ୟରେ ୩୬ ତମ ଗିରି ଗୋବର୍ଦ୍ଧନ ପୂଜା ଭକ୍ତି ଓ ଉଲ୍ଲାସମୟ ପରିବେଶ ମଧ୍ୟରେ ଶୁକ୍ରବାର ସମ୍ପନ୍ନ ହୋଇଯାଇଛି। ପାଞ୍ଚ ଦିନ ଧରି ଚାଲିଥିବା ଏହି ଧାର୍ମିକ ମହୋତ୍ସବରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳିଥିଲା।ମହନ୍ତ ସଦାନନ୍ଦ ଦାସଙ୍କ ଅଧ୍ୟକ୍ଷତା ତଥା ମନ୍ଦିର ପରିଚାଳନା ସମିତି ସଭାପତି ମନୋହର ବାଗଙ୍କ ତତ୍ତ୍ୱାବଧାନରେ ଏହି ପୂଜା ଅନୁଷ୍ଠିତ ହୋଇଥିଲା। ଡିଙ୍ଗର ବାଗ, ପର୍ଶୁରାମ ବରଗର୍ତ୍ତୀ, ରାଜକିଶୋର ସିଂ ବୁଡ଼େକ ଯଜ୍ଞକର୍ତ୍ତା ଭାବେ ଦାୟିତ୍ୱ ନିର୍ବାହ କରିଥିବା ବେଳେ ଗୋବିନ୍ଦ ଶତପଥି, ଦୁର୍ଗାପ୍ରସାଦ ଶର୍ମା, ଡମ୍ବରୁ ଶତପଥି, ଭବାନୀ ପାଣିଗ୍ରାହୀ, ତ୍ରିନାଥ ଶତପଥି ପ୍ରମୁଖ ପୂଜକ ଭାବେ ପୂଜାର୍ଚ୍ଚନା କରିଥିଲେ।ଏହି ଅବସରରେ ଗୋ ପୂଜନ, ଘୃତ ଯଜ୍ଞ, ଅନ୍ନ ଯଜ୍ଞ, ୨୪ ପ୍ରହର ନାମଯଜ୍ଞ ପରି ବିଭିନ୍ନ ଧାର୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରତିଦିନ ସକାଳୁ ମନ୍ଦିରରେ ଭକ୍ତଙ୍କ ଗହଳି ଲାଗି ରହୁଥିଲା। ଗୋ ମାତାଙ୍କୁ ପୂଜା କରି ସମସ୍ତଙ୍କ ମଙ୍ଗଳ କାମନା କରାଯାଇଥିଲା। ଘୃତ ଯଜ୍ଞ ଓ ଅନ୍ନ ଯଜ୍ଞ ମାଧ୍ୟମରେ ବିଶ୍ୱ ଶାନ୍ତି ପାଇଁ ପ୍ରାର୍ଥନା କରାଯାଇଥିଲା।ଧାର୍ମିକ କାର୍ଯ୍ୟକ୍ରମ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଏହି ପୂଜାର ମୁଖ୍ୟ ଆକର୍ଷଣ ଥିଲା। କରମତଲା, ଝିମନପାଲି, ଡୁମେରମୁଣ୍ଡା, କୁମ୍ଭେକେଲା, ତେନ୍ତୁଳୀଖୁଣ୍ଟି, ଟିମାପାଲି, ଠେମରା, ଗୁରୁମୁନି, ନାରିକଟା, ଜଳିଆ, ବଗଲାବନ୍ଧ, ଭାଲୁକୁରି, ହଟକଟ, ଜାମପଡ଼ା, ଚାଉଳଶୁଖା ପ୍ରଭୃତି ଗ୍ରାମର ସଂକୀର୍ତ୍ତନ ଦଳ ସୁନ୍ଦର ନାମ ସଂକୀର୍ତ୍ତନ ପରିବେଷଣ କରି ଶ୍ରଦ୍ଧାଳୁଙ୍କୁ ଭକ୍ତି ରସରେ ବିଭୋର କରିଥିଲେ।ପ୍ରତି ରାତ୍ରରେ ଦଣ୍ଡ ନୃତ୍ୟ, ଅର୍କେଷ୍ଟ୍ରା ସମେତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ କଳାକାରଙ୍କ ଦ୍ୱାରା ପରିବେଷିତ ଦଣ୍ଡ ନୃତ୍ୟ ଦର୍ଶକଙ୍କୁ ବେଶ ମନୋରଞ୍ଜନ କରିଥିଲା।ବାରପାଲି ଯାଦବ ସମାଜର ଶତାଧିକ ସଦସ୍ୟ ସଦସ୍ୟା ଦିନ ରାତି ଏକ କରି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶୃଙ୍ଖଳିତ ଭାବେ ଭକ୍ତଙ୍କୁ ପ୍ରସାଦ ବଣ୍ଟନ, ବସିବା ବ୍ୟବସ୍ଥା ଓ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ଏହି ପୂଜା ୩୬ ବର୍ଷ ଧରି ନିରନ୍ତର ଭାବେ ଚାଲିଆସୁଥିବାରୁ ଏହା ଏବେ ଅଞ୍ଚଳର ଏକ ପରମ୍ପରାରେ ପରିଣତ ହୋଇଛି। ଗୋ ପୂଜା ମାଧ୍ୟମରେ ଗୋ ସୁରକ୍ଷା ଓ ପାଳନର ବାର୍ତ୍ତା ଦିଆଯାଉଛି।




ଜନମତ

ବଲାଙ୍ଗୀର ସହରର ପୋଖରୀ ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ ରାଜନୀତି

ବଲାଙ୍ଗୀର:ପଶ୍ଚିମ ଓଡ଼ିଶାର ସାଂସ୍କୃତିକ ଓ ପ୍ରଶାସନିକ ସଦର ମହକୁମା ବଲାଙ୍ଗୀର ସହରରେ ସାମ୍ପ୍ରତିକ ସମୟରେ ବିଭିନ୍ନ ପ୍ରାଚୀନ ପୋଖରୀଗୁଡ଼ିକର ପୁନରୁଦ୍ଧାର, ସୌନ୍ଦର୍ଯ୍ୟକରଣ ଏବଂ ମାଟି ଖନନ କାମକୁ କେନ୍ଦ୍ର କରି ରାଜନୈତିକ ବାତାବରଣ ସରଗରମ ହୋଇଉଠିଛି। ସହରର ଜଳଭଣ୍ଡାରଗୁଡ଼ିକୁ ରକ୍ଷା କରିବା ଏବଂ ଏହାର ଚତୁର୍ପାର୍ଶ୍ୱରେ ସୌନ୍ଦର୍ଯ୍ୟକରଣ କରିବା ଲକ୍ଷ୍ୟରେ ହେଉଥିବା ପ୍ରକଳ୍ପଗୁଡ଼ିକର ଶ୍ରେୟ (Credit) ନେବା ପାଇଁ ଶାସକ ଦଳ ଏବଂ ବିରୋଧୀ (ବିଜେଡି ଓ କଂଗ୍ରେସ) ଦଳର ନେତୃବୃନ୍ଦଙ୍କ ମଧ୍ୟରେ ତୀବ୍ର ମତଭେଦ ଏବଂ ମୁହାମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି। ପ୍ରାପ୍ତ ସୂଚନା ମୁତାବକ, ବଲାଙ୍ଗୀର ସହର ଭିତରେ ରହିଥିବା ଯଥା ରାଣୀପୋଖରୀ, ଗାନ୍ଧୀନଗର ପୋଖରୀ ଏବଂ ଅନ୍ୟାନ୍ୟ ପୁରାତନ ଜଳାଶୟଗୁଡ଼ିକ ଦୀର୍ଘ ଦିନ ହେଲା ଅବହେଳିତ ଅବସ୍ଥାରେ ପଡ଼ିରହିଥିଲା। ପୋଖରୀଗୁଡ଼ିକରେ ଜଳଜ ଆବର୍ଜନା ଜମିରହିବା ସହ ପାଣି ଦୂଷିତ ହୋଇଯାଇଥିଲା ଏବଂ ଚତୁର୍ପାର୍ଶ୍ୱରେ ଜବରଦଖଲ ବୃଦ୍ଧି ପାଇଥିଲା। ତେବେ ରାଜ୍ୟ ସରକାର ଏବଂ ପୌରାଞ୍ଚଳ ବିଭାଗ ପକ୍ଷରୁ ଏହି ପୋଖରୀଗୁଡ଼ିକର ପୁନରୁଦ୍ଧାର, ପାଚେରି ନିର୍ମାଣ, ପାଣି ସଫେଇ ଏବଂ ଆଖପାଖରେ ଆଲୋକୀକରଣ ଓ ପାର୍କ ନିର୍ମାଣ ପାଇଁ କୋଟି କୋଟି ଟଙ୍କାର ପାଣ୍ଠି ମଞ୍ଜୁର କରାଯାଇ କାମ ଆରମ୍ଭ କରାଯାଇଛି। କିନ୍ତୁ ଏହି କାମ ଆରମ୍ଭ ହେବା ମାତ୍ରେ କେଉଁ ଦଳ କିମ୍ବା କେଉଁ ଜନପ୍ରତିନିଧିଙ୍କ ପ୍ରୟାସରେ ଏହି ଅନୁଦାନ ଆସିଛି ଏବଂ କାର୍ଯ୍ୟକାରୀ ହେଉଛି, ସେନେଇ ଶାସକ ଦଳ ଏବଂ ବିରୋଧୀଙ୍କ ମଧ୍ୟରେ ଖୋଲାଖୋଲି ରାଜନୈତିକ ପ୍ରତିଯୋଗିତା ଦେଖାଦେଇଛି। ଶାସକ ଦଳର ସ୍ଥାନୀୟ ନେତା ଓ କର୍ମୀମାନେ ଦାବି କରୁଛନ୍ତି ଯେ ବର୍ତ୍ତମାନର ସରକାରୀ ନୀତି ଏବଂ ସେମାନଙ୍କର ନିରନ୍ତର ପ୍ରୟାସ ଯୋଗୁଁ ବଲାଙ୍ଗୀର ସହରର ସୌନ୍ଦର୍ଯ୍ୟ ବୃଦ୍ଧି ପାଉଛି ଏବଂ ପୋଖରୀଗୁଡ଼ିକର ସ୍ଥାୟୀ ବିକାଶ ସମ୍ଭବ ହେଉଛି। ଅନ୍ୟପକ୍ଷରେ, ବିରୋଧୀ ବିଜେଡି ଏବଂ କଂଗ୍ରେସ ଦଳର ନେତୃବୃନ୍ଦ ଏହି ଦାବିକୁ ତୀବ୍ର ବିରୋଧ କରି ଅଭିଯୋଗ ଆଣିଛନ୍ତି ଯେ ଏହି ପ୍ରକଳ୍ପଗୁଡ଼ିକ ପୂର୍ବ ସରକାରଙ୍କ ସମୟରେ ପ୍ରସ୍ତାବିତ ଏବଂ ମଞ୍ଜୁର ହୋଇଥିଲା, ମାତ୍ର ବର୍ତ୍ତମାନର ଶାସକ ଦଳ କେବଳ ଫଳକ ଲଗାଇ ଏହାର ଶ୍ରେୟ ନେବାକୁ ଚେଷ୍ଟା କରୁଛନ୍ତି। ଏହାବ୍ୟତୀତ, ମାଟି କାମ ଏବଂ ପୋଖରୀ ଖନନରେ ବ୍ୟାପକ ଅନିୟମିତତା ହେଉଥିବା ଏବଂ କାର୍ଯ୍ୟର ମାନ ନିମ୍ନମାନର ରହିଥିବା ନେଇ ମଧ୍ୟ ବିରୋଧୀମାନେ ଗୁରୁତର ଅଭିଯୋଗ କରିଛନ୍ତି। ସହରର ବୁଦ୍ଧିଜୀବୀ ଏବଂ ସାଧାରଣ ଜନତା ମତ ପ୍ରକାଶ କରିଛନ୍ତି ଯେ ପୋଖରୀଗୁଡ଼ିକର ପୁନରୁଦ୍ଧାର ହେବା ସହରବାସୀଙ୍କ ପାଇଁ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ, କିନ୍ତୁ ଏହାକୁ ନେଇ ଦଳଗତ ରାଜନୀତି ଏବଂ କ୍ରେଡିଟ୍ ଲଢ଼େଇ ବିକାଶ କାମକୁ ବାଧାପ୍ରାପ୍ତ କରୁଛି। ପ୍ରଶାସନ ପକ୍ଷରୁ ସ୍ୱଚ୍ଛତା ଅବଲମ୍ବନ କରାଯାଇ ନିର୍ଦ୍ଧାରିତ ସମୟ ମଧ୍ୟରେ ଉତ୍କୃଷ୍ଟ ମାନର ସୌନ୍ଦର୍ଯ୍ୟକରଣ କାମ ଶେଷ କରା ନଗଲେ ଆଗାମୀ ଦିନରେ ସାଧାରଣ ଜନତାଙ୍କୁ ସାଙ୍ଗରେ ନେଇ ପ୍ରତିବାଦ କରାଯିବ ବୋଲି ବିଭିନ୍ନ ମହଲରୁ ଚେତାବନୀ ଦିଆଯାଇଛି।

ପୁରୁଣା କାଚରାମାଳ ନଦୀପଠାରେ ବାଲି ମାଫିଆଙ୍କ ରାଜୁତି, ପ୍ରଶାସନର ନିରବତାକୁ ନେଇ ଉଠିଲା ସଙ୍ଗୀନ ପ୍ରଶ୍ନ!



କଟକ ବ୍ୟୁରୋ :କଟକ ସଦର ଥାନା ଅଞ୍ଚଳର ପୁରୁଣା କାଚରାମାଳ ନଦୀପଠା ଏବେ ବାଲି ମାଫିଆଙ୍କ ଅବାଧ କାରବାରର ଅଭିଯୋଗକୁ ନେଇ ଚର୍ଚ୍ଚାରେ। ଦିନଦ୍ୱିପ୍ରହର ହେଉ କି ରାତିର ଅନ୍ଧାର, ଟ୍ରାକ୍ଟର ଯୋଗେ ହଜାର ହଜାର ଟ୍ରିପ୍ ବାଲି ବେଆଇନ ଭାବେ ଚାଲାଣ ହେଉଥିବା ଅଭିଯୋଗ ହୋଇଛି। ବାଲି ମାଫିଆଙ୍କ ଏଭଳି ବେଧଡ଼କ କାରବାର ଯୋଗୁଁ ସରକାରୀ ରାଜସ୍ୱ କ୍ଷତି ହେବା ସହ ସ୍ଥାନୀୟ ଅଞ୍ଚଳରେ ଆଇନଶୃଙ୍ଖଳା ପରିସ୍ଥିତି ମଧ୍ୟ ଚିନ୍ତାଜନକ ହେବାରେ ଲାଗିଛି। ଅଭିଯୋଗ ଅନୁଯାୟୀ, ବାଲି ଚୋରା ଚାଲାଣକୁ ବିରୋଧ କରୁଥିବା ଏବଂ ଏ ସମ୍ପର୍କରେ ମୁହଁ ଖୋଲୁଥିବା ବ୍ୟକ୍ତିଙ୍କୁ ପିସ୍ତଲ ଦେଖାଇ ଭୟଭୀତ କରାଯାଉଛି। ଏପରିକି କିଛି ଅସାମାଜିକ ଯୁବକଙ୍କୁ ମଦ ଓ ମାଂସର ପ୍ରଲୋଭନ ଦେଇ ଏହି ବେଆଇନ କାରବାରରେ ସାମିଲ କରାଯାଉଥିବା ନେଇ ଅଞ୍ଚଳରେ ଚର୍ଚ୍ଚା ହେଉଛି। ଏହା କେବଳ ଖଣିଜ ସମ୍ପଦ ଲୁଟ୍‌ରେ ସୀମିତ ନୁହେଁ, ବରଂ ଏକ ସଙ୍ଗଠିତ ବେଆଇନ କାରବାରର ରୂପ ନେଉଥିବା ଆଶଙ୍କା ସୃଷ୍ଟି କରିଛି। ସବୁଠାରୁ ଆଶ୍ଚର୍ଯ୍ୟର କଥା, ଏହି ସ୍ଥାନ କଟକ ସଦର ଥାନାଠାରୁ ମାତ୍ର ୬ରୁ ୭ କିଲୋମିଟର ଦୂରରେ ଅବସ୍ଥିତ। ଏତେ ନିକଟରେ ଦିନରାତି ଟ୍ରାକ୍ଟର ଯୋଗେ ବାଲି ଚାଲାଣ ହେଉଥିବା ବେଳେ ପୋଲିସର ନଜର କିପରି ପଡୁନାହିଁ, ତାହା ଏବେ ବଡ଼ ପ୍ରଶ୍ନ। ନିୟମିତ ପାଟ୍ରୋଲିଂ, ଗୁଇନ୍ଦା ତଥ୍ୟ ସଂଗ୍ରହ ଓ ସନ୍ଦିଗ୍ଧ ଗାଡ଼ି ଯାଞ୍ଚ କ'ଣ କେବଳ କାଗଜକଲମରେ ସୀମିତ? ଯଦି ପୋଲିସ ଏହି କାରବାର ସମ୍ପର୍କରେ ଅବଗତ, ତେବେ ମାଫିଆଙ୍କ ବିରୋଧରେ ଠୋସ୍ ପଦକ୍ଷେପ ନିଆଯାଉନାହିଁ କାହିଁକି? ଏଭଳି ପରିସ୍ଥିତି ଜାରି ରହିଲେ ସାଧାରଣ ଲୋକଙ୍କ ମନରେ ପୋଲିସ ପ୍ରଶାସନ ପ୍ରତି ଥିବା ଆସ୍ଥା ଓ ଭରସା ହ୍ରାସ ପାଇବା ସ୍ୱାଭାବିକ। ଅନ୍ୟପଟେ, ବେଆଇନ ବାଲି ଉତ୍ତୋଳନ ଓ ପରିବହନ ରୋକିବାର ଦାୟିତ୍ୱ ରାଜସ୍ୱ ବିଭାଗ ଓ ଖଣି ବିଭାଗର ହୋଇଥିବା ବେଳେ ଏହି ଦୁଇ ବିଭାଗର କାର୍ଯ୍ୟଦକ୍ଷତାକୁ ନେଇ ମଧ୍ୟ ଅଞ୍ଚଳବାସୀ ପ୍ରଶ୍ନ ଉଠାଉଛନ୍ତି। ମାଇନିଂ ଅଧିକାରୀମାନେ କେବେ ଏହି ନଦୀପଠାରେ ଅଚାନକ ଯାଞ୍ଚ କରିଛନ୍ତି କି? ବାଲି ଉତ୍ତୋଳନ ପାଇଁ ବୈଧ ଅନୁମତି ରହିଛି କି ନାହିଁ, ଟ୍ରାକ୍ଟରଗୁଡ଼ିକର ପରିବହନ ଚାଲାଣ ଅଛି କି ନାହିଁ, ଦୈନିକ କେତେ ପରିମାଣର ବାଲି ଉତ୍ତୋଳନ ହେଉଛି ଏବଂ କେଉଁଠାକୁ ଚାଲାଣ ହେଉଛି, ତାହାର ତଦନ୍ତ ହେବା ଆବଶ୍ୟକ। ଖଣି ବିଭାଗର ନିରୀକ୍ଷଣ ବ୍ୟବସ୍ଥା ଯଦି ସକ୍ରିୟ ଅଛି, ତେବେ ଏଭଳି ବେଆଇନ କାରବାର ଦୀର୍ଘ ସମୟ ଧରି କିପରି ଚାଲିଛି? ବାଲି ଚୋରା ଚାଲାଣ ସମ୍ପର୍କରେ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ପ୍ରଶାସନ କିଛି ଦିନ ପାଇଁ ଚଳଚଞ୍ଚଳ ହୋଇଉଠେ। ଚଢ଼ାଉ ହୁଏ, ଯାନବାହନ ଯାଞ୍ଚ ହୁଏ ଏବଂ କାର୍ଯ୍ୟାନୁଷ୍ଠାନର ଚିତ୍ର ସାମ୍ନାକୁ ଆସେ। କିନ୍ତୁ କିଛି ଦିନ ପରେ ପୁଣି ବାଲି ମାଫିଆମାନେ ସକ୍ରିୟ ହୋଇ ନିଜର ପୁରୁଣା କାରବାର ଆରମ୍ଭ କରିଦିଅନ୍ତି ବୋଲି ଅଭିଯୋଗ ହେଉଛି। ତେବେ ଏହି ଅସ୍ଥାୟୀ ଚଢ଼ାଉ ଓ ଲୋକଦେଖାଣିଆ କାର୍ଯ୍ୟାନୁଷ୍ଠାନରେ ବାଲି ମାଫିଆଙ୍କ ନେଟୱର୍କ ଭାଙ୍ଗିବ କିପରି? ଏହି ବେଆଇନ କାରବାରର ପ୍ରଭାବ ଏବେ ସ୍ଥାନୀୟ ଜନଜୀବନ ଉପରେ ମଧ୍ୟ ପଡୁଥିବା ଅଭିଯୋଗ ହୋଇଛି। ନଦୀପଠା ନିକଟ ରାସ୍ତାରେ କିଛି ଯୁବକ ଦିନରାତି ମଦ୍ୟପାନ କରି ଆଡ୍ଡା ଜମାଉଥିବାରୁ ମହିଳା, ଝିଅ, ଛାତ୍ରଛାତ୍ରୀ ଓ ସାଧାରଣ ଲୋକଙ୍କ ଯାତାୟାତ ଅସୁରକ୍ଷିତ ହୋଇପଡୁଛି। ରାଜ୍ୟ ସରକାର ବେଆଇନ ବାଲି ଉତ୍ତୋଳନ ଓ ଚୋରା ଚାଲାଣ ବିରୋଧରେ କଠୋର ଆଭିମୁଖ୍ୟ ଗ୍ରହଣ କରୁଥିବା ବେଳେ ରାଜସ୍ୱ ମନ୍ତ୍ରୀଙ୍କ ପକ୍ଷରୁ ମଧ୍ୟ ଏହାକୁ ରୋକିବା ପାଇଁ ନିର୍ଦ୍ଦେଶ ରହିଛି। ଏପରି ସ୍ଥିତିରେ କଟକ ସଦର ଅଞ୍ଚଳରେ ବାଲି ମାଫିଆଙ୍କ ଏଭଳି ଦୌରାତ୍ମ୍ୟ ସରକାରଙ୍କ ନୀତି ଓ ନିର୍ଦ୍ଦେଶକୁ ଖୋଲା ଚ୍ୟାଲେଞ୍ଜ କରୁନାହିଁ କି? ଏହାଦ୍ୱାରା ସରକାରଙ୍କ ଭାବମୂର୍ତ୍ତି ମଳିନ ହେବା ସହ ରାଜକୋଷକୁ ବିପୁଳ ରାଜସ୍ୱ କ୍ଷତି ହେବାର ଆଶଙ୍କା ରହିଛି। ଏହି କ୍ଷତିର ଉତ୍ତରଦାୟିତ୍ୱ କିଏ ନେବ? ସବୁଠାରୁ ବଡ଼ ପ୍ରଶ୍ନ ହେଉଛି, କାହାର ସାହସ ଓ କେଉଁ ପ୍ରଭାବଶାଳୀ ମହଲର ଛତ୍ରଛାୟାରେ ବାଲି ମାଫିଆମାନେ ଏତେ ନିର୍ଭୀକ ହୋଇପଡ଼ିଛନ୍ତି? ବେଆଇନ ବାଲି କାରବାର ପଛରେ ଯଦି କୌଣସି ସଙ୍ଗଠିତ ନେଟୱର୍କ ରହିଛି, ତେବେ କେବଳ ଟ୍ରାକ୍ଟର ଚାଳକଙ୍କୁ ଧରି ଦାୟିତ୍ୱ ସାରିଦେଲେ ହେବ ନାହିଁ। ଅଞ୍ଚଳବାସୀଙ୍କ ଦାବି, ଜିଲ୍ଲା ପ୍ରଶାସନ, ରାଜସ୍ୱ ବିଭାଗ, ଖଣି ବିଭାଗ ଓ କଟକ ସଦର ପୋଲିସ ପକ୍ଷରୁ ମିଳିତ ଭାବେ ତୁରନ୍ତ ଅଚାନକ ଚଢ଼ାଉ କରାଯାଉ। ବେଆଇନ ବାଲି ଉତ୍ତୋଳନ ସ୍ଥଳ ଚିହ୍ନଟ, ଟ୍ରାକ୍ଟର ଓ ଅନ୍ୟାନ୍ୟ ଯାନବାହନ ଯାଞ୍ଚ, ବୈଧ ଚାଲାଣର ତଦାରଖ, ରାଜସ୍ୱ କ୍ଷତିର ଆକଳନ ଏବଂ ଅଭିଯୋଗରେ ଉଠିଥିବା ଅସ୍ତ୍ରଶସ୍ତ୍ର ଓ ଧମକ ଘଟଣାର ନିରପେକ୍ଷ ତଦନ୍ତ କରାଯାଉ। ଏଥିସହ ରାତ୍ରିକାଳୀନ ପାଟ୍ରୋଲିଂକୁ ଜୋରଦାର କରି ଅଞ୍ଚଳରେ ଶାନ୍ତିଶୃଙ୍ଖଳା ଓ ଜନସାଧାରଣଙ୍କ ସୁରକ୍ଷା ସୁନିଶ୍ଚିତ କରାଯାଉ।

ଭତ୍ତା ବଣ୍ଟନରେ ଅବ୍ୟବସ୍ଥା ଓ ପାତରଅନ୍ତର ଅଭିଯୋଗ, ବୟାଳିଶମୌଜାରେ ବିଜେଡିର ତୀବ୍ର ପ୍ରତିବାଦ!

କଟକ ବ୍ୟୁରୋ :କଟକ ସଦର ବ୍ଲକ ଅନ୍ତର୍ଗତ ବୟାଳିଶମୌଜାର ୬ଟି ପଞ୍ଚାୟତରେ ନୂତନ ଭତ୍ତା ବଣ୍ଟନକୁ ନେଇ ରାଜନୈତିକ ବିବାଦ ଦେଖାଦେଇଛି। ଭତ୍ତା ବଣ୍ଟନ ପାଇଁ ସ୍ଥାନ ନିର୍ଦ୍ଧାରଣ ଏବଂ ହିତାଧିକାରୀ ଚୟନ ପ୍ରକ୍ରିୟାରେ ପାତରଅନ୍ତର କରାଯାଇଥିବା ଅଭିଯୋଗ କରି ବୟାଳିଶମୌଜା ବିଜୁ ଜନତା ଦଳ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରଶାସନର କାର୍ଯ୍ୟଧାରାକୁ ତୀବ୍ର ବିରୋଧ କରାଯାଇଛି। ବ୍ଲକ ପ୍ରଶାସନ ପକ୍ଷରୁ ଆଜି ବୟାଳିଶମୌଜାର ୬ଟି ପଞ୍ଚାୟତର ନୂତନ ଭତ୍ତା ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଉଥିବା ବେଳେ କାର୍ଯ୍ୟକ୍ରମର ଆୟୋଜନ ଓ ପରିଚାଳନାକୁ ନେଇ ବିଜେଡି ପ୍ରଶ୍ନ ଉଠାଇଛି। ଜିଲ୍ଲା ପରିଷଦ ସଭ୍ୟା ସ୍ମିତା ମହାର୍ଥାଙ୍କ ପ୍ରତିନିଧି ଅଜୟ ଦଳାଇ ଅଭିଯୋଗ କରିଛନ୍ତି ଯେ, ଏକ ସରକାରୀ କାର୍ଯ୍ୟକ୍ରମକୁ ବ୍ଲକ ପ୍ରଶାସନ ଦଳୀୟ କାର୍ଯ୍ୟକ୍ରମ ଭଳି ପରିଚାଳନା କରୁଛି। ସାଧାରଣ ଲୋକଙ୍କ ସୁବିଧାକୁ ଗୁରୁତ୍ୱ ନଦେଇ ଗୋବିନ୍ଦପୁର ନିକଟସ୍ଥ ନଦୀକୂଳରେ ଥିବା ଏକ ଘରୋଇ ମଣ୍ଡପରେ ଭତ୍ତା ବଣ୍ଟନ ପାଇଁ ସ୍ଥାନ ନିର୍ଦ୍ଧାରଣ କରାଯାଇଛି। ମୁଖ୍ୟ ରାସ୍ତା କଡ଼ରେ କିମ୍ବା ସମସ୍ତ ପଞ୍ଚାୟତର ଲୋକଙ୍କ ପାଇଁ ସୁବିଧାଜନକ ଯୋଗାଯୋଗ ଥିବା ସ୍ଥାନରେ ଏହାର ଆୟୋଜନ କରାଯାଇଥିଲେ ହିତାଧିକାରୀମାନେ ଅଧିକ ସୁବିଧା ପାଇଥାନ୍ତେ ବୋଲି ସେ କହିଛନ୍ତି। ବିଶେଷକରି ଏହି ଯୋଜନାର ହିତାଧିକାରୀମାନଙ୍କ ମଧ୍ୟରେ ବହୁ ବରିଷ୍ଠ ନାଗରିକ ଓ ଭିନ୍ନକ୍ଷମ ବ୍ୟକ୍ତି ରହିଥିବାରୁ ଦୂରବର୍ତ୍ତୀ ଓ ଅସୁବିଧାଜନକ ସ୍ଥାନକୁ ଯାଇ ଭତ୍ତା ଗ୍ରହଣ କରିବା ସେମାନଙ୍କ ପାଇଁ କଷ୍ଟକର ହେବ। ଏହାଦ୍ୱାରା ଅନେକ ହିତାଧିକାରୀ ଯାତାୟାତରେ ହଇରାଣ ହେବା ସହ ଅନାବଶ୍ୟକ ଅସୁବିଧାର ସମ୍ମୁଖୀନ ହେବେ ବୋଲି ବିଜେଡି ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ହିତାଧିକାରୀ ଚୟନ ପ୍ରକ୍ରିୟାକୁ ନେଇ ମଧ୍ୟ ଗୁରୁତର ଅଭିଯୋଗ ଆଣିଛି ଦଳ। ସଦର ବ୍ଲକ ଉପାଧ୍ୟକ୍ଷଙ୍କ ପ୍ରତିନିଧି ବିଦ୍ୟାଧର ପାତ୍ରଙ୍କ ଅଭିଯୋଗ ଅନୁଯାୟୀ, ଯୋଗ୍ୟ ହିତାଧିକାରୀଙ୍କୁ ବାଦ୍ ଦେଇ ଦଳୀୟ ସମର୍ଥକଙ୍କୁ ଭତ୍ତା ପ୍ରଦାନ ପାଇଁ ଚୟନ କରାଯାଇଛି। ଯଦି ଚୟନ ପ୍ରକ୍ରିୟା ସ୍ୱଚ୍ଛ ଓ ନିରପେକ୍ଷ ଭାବେ ହୋଇଛି, ତେବେ ଯୋଗ୍ୟ ବ୍ୟକ୍ତିଙ୍କ ନାମ କେଉଁ ଆଧାରରେ ଚୟନ ହେଲା ଏବଂ କେଉଁ କାରଣରୁ କିଛି ଆବେଦନକାରୀ ବାଦ୍ ପଡ଼ିଲେ, ତାହା ସ୍ପଷ୍ଟ କରାଯିବା ଆବଶ୍ୟକ ବୋଲି ସେ ମତ ରଖିଛନ୍ତି। ଏହି ପରିପ୍ରେକ୍ଷୀରେ ବୟାଳିଶମୌଜା ବିଜେଡି ପକ୍ଷରୁ କଟକ ସଦର ବିଡିଓଙ୍କ ନିକଟରେ ଜବାବ ତଲବ କରାଯାଇଛି। ଏଥିସହ ନୂତନ ଭତ୍ତା ପାଇଁ ଚୟନ ହୋଇଥିବା ସମସ୍ତ ହିତାଧିକାରୀଙ୍କ ତାଲିକା ସାର୍ବଜନୀନ କରିବା ସହ କେଉଁ ମାନଦଣ୍ଡ ଆଧାରରେ ଚୟନ କରାଗଲା ଏବଂ କେଉଁ କାରଣରୁ ଯୋଗ୍ୟ ଆବେଦନକାରୀଙ୍କୁ ବାଦ୍ ଦିଆଗଲା, ତାହାର ସ୍ପଷ୍ଟ ତଥ୍ୟ ପ୍ରକାଶ କରିବାକୁ ଦାବି ହୋଇଛି। ସରକାରୀ ଜନକଲ୍ୟାଣକାରୀ ଯୋଜନାରେ ଦଳୀୟ ଭେଦଭାବ ନକରି ପ୍ରକୃତ ଯୋଗ୍ୟ ହିତାଧିକାରୀଙ୍କୁ ସ୍ୱଚ୍ଛ ଓ ନିରପେକ୍ଷ ଭାବେ ସୁବିଧା ଯୋଗାଇଦେବା ସହ ବରିଷ୍ଠ ନାଗରିକ ଓ ଭିନ୍ନକ୍ଷମଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଭତ୍ତା ବଣ୍ଟନ ସ୍ଥାନ ନିର୍ଦ୍ଧାରଣ କରିବାକୁ ବିଜେଡି ଦାବି କରିଛି। ଏହି ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ବିଜେଡି ନେତା ପ୍ରମୋଦ ମହାପାତ୍ର, ବୀରବର ଲେଙ୍କା, ସୁନୀଲ ଦାସ, ମନୋଜ ଦେବତା, ଅଶୋକ ମହାନ୍ତି, ମହେଶ୍ୱର ବେହେରା, କେଦାର କୃଷ୍ଣ ପଲେଇ, କ୍ଷୀରୋଦ ସେନାପତି, ବିଦ୍ୟାଧର ବେହେରା, ପ୍ରଦ୍ୟୁମ୍ନ ମହାନ୍ତି, ଜୟକୃଷ୍ଣ ଦାସ ଓ ଅଭୟ କୁମାର ପଣ୍ଡାଙ୍କ ସମେତ ଅନ୍ୟାନ୍ୟ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।



ADYASHA
ଆଦ୍ୟାଶା
ରାଜ୍ୟ
PRGI No. ORORI/25/A0506
Daily Edition
adyashgroup.com
BHUBANESWAR | Vol. 02 | Issue 12
ଶନିବାର, ୧୪ ନଭେମ୍ବର ୨୦୨୬

Rs. 7

ବେଆଇନ ଖଣି ଉପରେ ଚଢ଼ାଉ ପ୍ରୋକିନ ମେସିନ୍ ସହ ଗାଡ଼ି ଜବତ

ଖଜୁରିଆକଟା -ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ନିର୍ବାଚନ ମଣ୍ଡଳୀର ଏକ ବେଆଇନ ଖଣି ଉପରେ ଢେଙ୍କାନାଳ ଉପଜିଲ୍ଲାପାଳଙ୍କ ଚଢ଼ାଉ ଓ ସିଲ କଲେ ଖଣି, ଜବତ ହେଲା ଗାଡି। ଖବରରୁ ପ୍ରକାଶ ହିନ୍ଦୋଳ ନିର୍ବାଚନମଣ୍ଡଳୀ ଓଡାପଡା ବ୍ଲକ ବାଛୁରୀବାଙ୍କ ମୌଜାର ପ୍ଲଟନଂ ୮୭୭ ରେ ଚାଲିଥିବା ଏକ ବେଆଇନ ଖଣି ଉପରେ ଢେଙ୍କାନାଳ ଉପଜିଲ୍ଲାପାଳ ଚଢ଼ାଉ କରିଥିଲେ। ଏହି ଚଢ଼ାଉ କୁନିଅର ଖଣିବିଭାଗ ଅଧିକାରୀ ଓ ପୋଲିସ ଉପସ୍ଥିତିରେ ହୋଇଥିବାବେଳେ ଦୁଇଟି ପ୍ରୋକ୍ଲିନ ମେସିନ,ଗୋଟିଏ ନମ୍ବରବିହୀନ ଟ୍ରାକ୍ଟର, ଗୋଟିଏ ଡିଜି ବୋଝେଇ ୪୦୭ଗାଡି ଜବତ କରିବାସହ ଖଣି ବିଭାଗ ଅଧିକାରୀଙ୍କୁ ହସ୍ତାନ୍ତର କରାଯାଇଛି। ତେବେ ବିଭାଗୀୟ ଅଧିକାରୀ, ପ୍ରଭାବଶାଳୀ ବ୍ୟକ୍ତିଙ୍କ ଛତ୍ରଛାୟା ତଳେ ରହି ଅଂଚଳରେ ଅନେକ ବେଆଇନ ଖଣି, କ୍ରସର ଚାଲୁଥିବାବେଳେ ସରକାରଙ୍କ ବିପୁଳ ରାଜସ୍ବହାନିସହ କୋଟିକୋଟି ଟଙ୍କାର ବିପୁଳ ମୂଲ୍ୟବାନ ଖଣିଜଦ୍ରବ୍ୟ ଦୈନିକ ଚୋରା ଚାଲାଣ ହେଉଥିବା ଜଣାପଡିଛି। ତେବେ ଏହି ବେଆଇନ ଖଣିଜ ସମ୍ପତି ଅନେକ ବେଆଇନ ବଡ଼ବଡ଼ ହାଇବା, ଟ୍ରକ, ଟ୍ରାକ୍ଟର ଇତ୍ୟାଦିରେ ଖୋଲମଖୋଲା ଚୋରା ଚାଲାଣ ହେଉଥିବା ଅଂଚଳର ପରିବେଶ ଦୂଷିତ ହେବାସହ ରାସ୍ତାଘାଟ ମରଣଯନ୍ତାରେ ପରିଣତ ହେଉଥିବାରୁ ସାଧାରଣ ଜନତାଙ୍କ ଜୀବନଧାରଣ ଦୁର୍ବିସହ ହୋଇପଡିଛି। ତେବେ ହିନ୍ଦୋଳ ନିର୍ବାଚନମଣ୍ଡଳୀ ଜନସାଧାରଣ ଏଥିପାଇଁ ରାଜ୍ୟ ସରକାର ଦୃଢ଼ ପଦକ୍ଷେପ ନେବାକୁ ଦାବି ଜୋର ହେଉଛି (ରିପୋର୍ଟର ମାନସ ମାଝୀ)



ଆଜିର ପ୍ରମୁଖ

ବାଣୀଗୋଛା ବିଜେପି ମଣ୍ଡଳର ସାଂଗଠନିକ ବୈଠକ ବହୁ ବିଜେଡି କର୍ମୀଙ୍କ ପଦ୍ମ ଦଳରେ ଯୋଗଦାନ



ନୟାଗଡ/ଦଶପଲ୍ଲା (ଆଦ୍ୟାଶା) ୧୩/୧୧ ଭାରତୀୟ ଜନତା ପାର୍ଟିର ଦଶପଲ୍ଲା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବାଣୀଗୋଛା ମଣ୍ଡଳ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ସାଂଗଠନିକ ବୈଠକ ଶୁକ୍ରବାର ପୂର୍ବାହ୍ନ ୧୧ ଘଟିକା ସମୟରେ ଚଢ଼େୟାପଲ୍ଲୀ ପୁରାତନ ମେଡିକାଲ ନିକଟରେ ଅନୁଷ୍ଠିତ ହୋଇଯାଇଛି। ବାଣୀଗୋଛା ମଣ୍ଡଳ ସଭାପତି ଶ୍ରୀ ପୂର୍ଣ୍ଣଚନ୍ଦ୍ର ନାୟକଙ୍କ ଆହ୍ୱାନ କ୍ରମେ ଆୟୋଜିତ ଏହି ବୈଠକରେ ଦଶପଲ୍ଲାର ପୂର୍ବତନ ବିଧାୟକ ଶ୍ରୀ ପୂର୍ଣ୍ଣଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ।ବୈଠକରେ ମୁଖ୍ୟ ଅତିଥି ଶ୍ରୀ ନାୟକ ଉପସ୍ଥିତ ଦଳର ଦେବଦୁର୍ଲଭ କର୍ମକର୍ତ୍ତାମାନଙ୍କୁ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ବିଷୟରେ ଅବଗତ କରାଇଥିଲେ। ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଏବଂ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ଜନହିତକର ଯୋଜନାଗୁଡ଼ିକ କିଭଳି ସାଧାରଣ ଲୋକଙ୍କ ପାଖରେ ପହଞ୍ଚିପାରିବ, ସେ ନେଇ ସେ ଅତି ସୁନ୍ଦର ଭାବେ ବୁଝାଇବା ସହ ଡବଲ ଇଞ୍ଜିନ୍ ସରକାରଙ୍କ ପାଇଁ ନିଷ୍ଠାର ସହ କାର୍ଯ୍ୟ କରିବାକୁ କର୍ମୀମାନଙ୍କୁ ସଂକଳ୍ପବଦ୍ଧ କରାଇଥିଲେ। ଏହି ଅବସରରେ ଡବଲ ଇଞ୍ଜିନ୍ ସରକାରଙ୍କ ଜନହିତକର କାର୍ଯ୍ୟଧାରାରେ ଅନୁପ୍ରାଣିତ ହୋଇ ପୂର୍ବତନ ବିଧାୟକ ଶ୍ରୀ ନାୟକଙ୍କ ତତ୍ତ୍ୱାବଧାନରେ ବହୁ ବିଜେଡି କର୍ମୀ ବିଧିବଦ୍ଧ ଭାବେ ବିଜେପିରେ ଯୋଗଦାନ କରିଥିଲେ। ଏହା ସହିତ ରାଜ୍ୟ ନେତୃତ୍ୱଙ୍କ ନିର୍ଦ୍ଦେଶ ଅନୁଯାୟୀ ବୁଥ୍ ସ୍ତରରେ ଦଳର ସାଂଗଠନିକ ବୈଠକ କରିବା ନେଇ ବୈଠକରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ଆଗାମୀ ଦିନରେ 'ସକ୍ଷମ ମଣ୍ଡଳ, ସକ୍ରିୟ ଶକ୍ତି କେନ୍ଦ୍ର ଓ ସଶକ୍ତ ବୁଥ୍' ଗଠନ କରି ସଂଗଠନକୁ ତୃଣମୂଳ ସ୍ତରରୁ ଅଧିକ ମଜବୁତ କରିବା ପାଇଁ ରଣନୀତି ପ୍ରସ୍ତୁତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ତଥା ଦଶପଲ୍ଲା ନଗର ପ୍ରଭାରୀ ଶ୍ରୀ କିଶୋର ଚନ୍ଦ୍ର ଦଳବେହେରା, ମଣ୍ଡଳ ପ୍ରଭାରୀ ଶ୍ରୀ ଚନ୍ଦ୍ରଶେଖର ଦାସ, ଅନୁସୂଚିତ ଜନଜାତି ଜିଲ୍ଲା ସଭାପତି ଶ୍ରୀ ପଦ୍ମ ଲୋଚନ ଜାନୀ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଶ୍ରୀ ବସନ୍ତ କୁମାର ସାହୁ, ପୂର୍ବତନ ସମିତି ସଭ୍ୟ ତଥା ସଂଗଠକ ଶ୍ରୀ ନରେଶ କୁମାର ପ୍ରଧାନ, ପୂର୍ବତନ ସରପଞ୍ଚ ଶ୍ରୀମତୀ ବବିତା ନାଏକ, ପୂର୍ବତନ ସମିତି ସଭ୍ୟ ଶ୍ରୀ ନରେନ୍ଦ୍ର ନାଏକ ଏବଂ ପୂର୍ବତନ ସମିତି ସଭ୍ୟ ଶ୍ରୀ ଗିରିଧାରୀ ମଲିକ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ବୈଠକରେ ବାଣୀଗୋଛା ମଣ୍ଡଳ କମିଟିର ସମସ୍ତ କର୍ମକର୍ତ୍ତା, ବିଭିନ୍ନ ମୋର୍ଚ୍ଚାର ସଭାପତି ଏବଂ ଶକ୍ତି କେନ୍ଦ୍ର ପ୍ରମୁଖମାନେ ଯୋଗ ଦେଇଥିଲେ। ମଣ୍ଡଳ ସାଧାରଣ ସମ୍ପାଦକ ଶ୍ରୀ ବସନ୍ତ କୁମାର ମୁଦୁଲି ସଭା ସଞ୍ଚାଳନ କରିଥିବା ବେଳେ ଶ୍ରୀ ଗୋକୁଳ ଚନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ସର୍ବଶେଷରେ ମଣ୍ଡଳ ସଭାପତି ଶ୍ରୀ ପୂର୍ଣ୍ଣଚନ୍ଦ୍ର ନାୟକ ସଭା ସାଙ୍ଗ କରିଥିଲେ। (ନୟାଗଡ଼ ଜିଲ୍ଲା ପ୍ରତିନିଧି ଦୀପକ ନାୟକଙ୍କ ରିପୋର୍ଟ)

ମଧୁବାବୁ ପେନ୍ସନ୍ ଯୋଜନାରେ ବାରିପଦା ପୌରପାଳିକାର ୧,୫୧୮ ନୂତନ ହିତାଧିକାରୀ ସାମିଲ

ବାରିପଦା:ଆଦ୍ୟାଶା:(୧୩/୧୧):ମଧୁବାବୁ ପେନ୍ସନ୍ ଯୋଜନାରେ ବାରିପଦା ପୌରପାଳିକାର ୧,୫୧୮ ଜଣ ନୂତନ ହିତାଧିକାରୀ ସାମିଲ ହୋଇଛନ୍ତି । ଏହି ହିତାଧିକାରୀଙ୍କୁ ସାମାଜିକ ସୁରକ୍ଷା ଭତ୍ତା ପ୍ରଦାନ ଅବସରରେ ବାରିପଦାସ୍ଥିତ ଶହୀଦ ସ୍ମୃତି ଭବନଠାରେ ଆୟୋଜିତ ସ୍ୱତନ୍ତ୍ର ଭତ୍ତା ବଣ୍ଟନ ଉତ୍ସବରେ ରାଜ୍ୟ ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ଓ ସାଧାରଣ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ୨୭୪ ଜଣ ହିତାଧିକାରୀଙ୍କୁ ନିଜ ହସ୍ତରେ ଭତ୍ତା ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ବାରିପଦା ପୌରପାଳିକା ଅଞ୍ଚଳର ବହୁ ସଂଖ୍ୟକ ନୂତନ ଭତ୍ତା ହିତାଧିକାରୀ ଉପସ୍ଥିତ ଥିଲେ । ଏହି ଅବସରରେ ମନ୍ତ୍ରୀ କହିଥିଲେ ଯେ, ମଧୁବାବୁ ପେନ୍ସନ୍ ଯୋଜନାରେ ଅଧିକରୁ ଅଧିକ ଯୋଗ୍ୟ ବ୍ୟକ୍ତିଙ୍କୁ ସାମିଲ କରିବା ସହ ବୟୋଜ୍ୟେଷ୍ଠ ନାଗରିକ, ବିଧବା ଓ ଦିବ୍ୟାଙ୍ଗଜନଙ୍କୁ ନିୟମିତ ସାମାଜିକ ସୁରକ୍ଷା ଓ ଆର୍ଥିକ ସହାୟତା ପ୍ରଦାନ ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି । କୌଣସି ଯୋଗ୍ୟ ବ୍ୟକ୍ତି ଯେପରି ଏହି ସହାୟତାରୁ ବଞ୍ଚିତ ନ ହୁଅନ୍ତି, ସେଥିପାଇଁ ଯୋଜନାର ସୁଫଳ ତୃଣମୂଳସ୍ତରରେ ପହଞ୍ଚାଇବାକୁ ସରକାର ପଦକ୍ଷେପ ନେଉଛନ୍ତି ବୋଲି ସେ କହିଥିଲେ । କାର୍ଯ୍ୟକ୍ରମରେ ବାରିପଦା ପୌରପାଳିକାର ଅଧ୍ୟକ୍ଷ କୃଷ୍ଣନନ୍ଦ ମହାନ୍ତି, ଉପାଧ୍ୟକ୍ଷା ସୀମା ଦାସ ଓ ନିର୍ବାହୀ ଅଧିକାରୀ ଦେବୀପ୍ରସାଦ ରାଉତଙ୍କ ସମେତ ପୌରପାଳିକାର କାଉନସିଲରମାନେ ଉପସ୍ଥିତ ଥିଲେ ।ମୟୁରଭଞ୍ଜ ରୁ ଶିବାନନ୍ଦ ଙ୍କ ରିପୋର୍ଟ



ଚିତ୍ରଡାରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ହାଇଡ୍ରା ଧକ୍କାରେ ଚାଲିଗଲା ଜୀବନ; ପୂର୍ତ୍ତ ବିଭାଗର ଅବହେଳାକୁ ନେଇ ଅସନ୍ତୋଷ



ଚିତ୍ରଡା:ଆଦ୍ୟାଶା (ମୟୂରଭଞ୍ଜ): ଚିତ୍ରଡା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ସମ୍ମୁଖ ରାସ୍ତାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ଦ୍ରୁତଗାମୀ ହାଇଡ୍ରା ଗାଡ଼ି (ନଂ: OD-19H-7438) ଚଢ଼ିଯିବାରୁ ଗଡ଼ିଗାଁ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଟିଆଁସୀ ଗ୍ରାମର ଯୁଧିଷ୍ଠିର ମଲ୍ଲିକଙ୍କର ମୃତ୍ୟୁ ଘଟିଛି। ଏହି ଦୁଃଖଦ ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିବା ବେଳେ ପୂର୍ତ୍ତ ବିଭାଗର ଦାୟିତ୍ୱହୀନତାକୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ସୂଚନା ଅନୁଯାୟୀ, ଯୁଧିଷ୍ଠିର ମଲ୍ଲିକ କୌଣସି କାର୍ଯ୍ୟରେ ଯାଉଥିବା ବେଳେ ଚିତ୍ରଡା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ସମ୍ମୁଖରେ ଉକ୍ତ ହାଇଡ୍ରା ଗାଡ଼ିଟି ତାଙ୍କୁ ଧକ୍କା ଦେଇଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଘଟଣାସ୍ଥଳରେ ହିଁ ସେ ଗୁରୁତର ହୋଇପଡ଼ିଥିଲେ। ଖବର ପାଇ ଚିତ୍ରଡା ଅଗ୍ନିଶମ ବାହିନୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରିବା ସହ ଚିକିତ୍ସା ପାଇଁ କିଷାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଚିତ୍ରଡା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ସମ୍ମୁଖ ଦେଇ ଯାଇଥିବା ଏହି ରାସ୍ତାଟି ଚିତ୍ରଡା ବଜାରକୁ ସଂଯୋଗ କରୁଥିବା ଏକ ପ୍ରମୁଖ ନିତିଦିନିଆ ଯାତାୟାତ ପଥ। ଏହି ରାସ୍ତା ଦେଇ ସ୍ଥାନୀୟ ବାସିନ୍ଦାମାନେ ଚିତ୍ରଡା-ଷ୍ଟେସନ-ଅମର୍ଦା ମୁଖ୍ୟ ରାସ୍ତାକୁ ଯାତାୟାତ କରିଥାନ୍ତି। ସକାଳୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଏହି ରାସ୍ତାରେ ପଥଚାରୀ, ଦୁଇଚକିଆ ଓ ଚାରିଚକିଆ ଯାନ ସମେତ ଗୃହପାଳିତ ପଶୁଙ୍କ ପ୍ରବଳ ଭିଡ଼ ଲାଗି ରହିଥାଏ। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ଏଭଳି ଏକ ଅତ୍ୟନ୍ତ ବ୍ୟସ୍ତବହୁଳ ଏବଂ ସମ୍ବେଦନଶୀଳ ରାସ୍ତାରେ ପୂର୍ତ୍ତ ବିଭାଗ ପକ୍ଷରୁ କୌଣସି ସତର୍କତାମୂଳକ ସୂଚନା ଫଳକ କିମ୍ବା ଗତି ନିୟନ୍ତ୍ରକ (ହମ୍ପସ୍) ନିର୍ମାଣ କରାଯାଇ ନାହିଁ। ବିଭାଗୀୟ ଅବହେଳା ଯୋଗୁଁ ଏହି ସ୍ଥାନରେ ଦୀର୍ଘଦିନ ଧରି ଦୁର୍ଘଟଣାର ଆଶଙ୍କା ରହିଆସିଥିଲା। ସାଧାରଣ ଜନତାଙ୍କ ଜୀବନ ସୁରକ୍ଷା ପ୍ରତି ବିଭାଗୀୟ ଅଧିକାରୀମାନେ ଆଖି ବୁଜି ଦେଉଥିବା ଅଭିଯୋଗ ହୋଇଛି। ଆଗାମୀ ଦିନରେ ଏଭଳି ଅକାଳ ମୃତ୍ୟୁକୁ ରୋକିବା ପାଇଁ ପ୍ରଶାସନ ଓ ପୂର୍ତ୍ତ ବିଭାଗ ତୁରନ୍ତ ଉକ୍ତ ସ୍ଥାନରେ ସୂଚନା ଫଳକ, ଗତି ନିୟନ୍ତ୍ରଣ ବ୍ୟବସ୍ଥା ଏବଂ ଆବଶ୍ୟକୀୟ ଟ୍ରାଫିକ୍ ନିୟମ କଡ଼ାକଡ଼ି କରିବାକୁ ସ୍ଥାନୀୟ ବୁଦ୍ଧିଜୀବୀ ଓ ଜନସାଧାରଣ ଦୃଢ଼ ଦାବି କରିଛନ୍ତି। ମୋରଡା ର ଅମ୍ବରେଶ ଙ୍କ ରିପୋର୍ଟ

ଜିଲ୍ଲାରୁ ସିଧା ରିପୋର୍ଟ

ଜିଲ୍ଲା ସ୍ତରୀୟ ଯୁବୋତ୍ସବ ୨୦୨୬ ଅନୁଷ୍ଠିତ



ଜଗତସିଂହପୁର:(ଆଦ୍ୟାଶା)୧୩/୧୧/୨୦୨୬ : ଜିଲ୍ଲା ପ୍ରଶାସନ ଏବଂ ମାଇଁ ଭାରତ ର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନ ଠାରେ ବିକଶିତ ଭାରତ ଯୁବ ନେତୃତ୍ୱ ସଂଳାପ ଯୁବୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଅପରାହ୍ନ ରେ ଉଦଯାପନୀ ଉତ୍ସବରେ ଜିଲ୍ଲା କ୍ରୀଡା ଅଧିକାରୀ ଶ୍ରୀମତୀ ବିଶ୍ୱ ବିଜୟିନୀ ପଟ୍ଟନାୟକ ଙ୍କ ଅଧ୍ୟକ୍ଷତା ରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜଗତସିଂହପୁର ପୌର ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ଅର୍ଚ୍ଚନା ସିଂହ ଯୁବପିଢୀ ଙ୍କୁ ଦେଶର ଆଗାମୀ ଭବିଷ୍ୟତ ବୋଲି କହିଥିଲେ। ପାଠ ପଢ଼ା ବ୍ୟତୀତ ଅନ୍ୟାନ୍ୟ ବିଷୟ ରେ ମଧ୍ୟ ଉପଯୁକ୍ତ ଦକ୍ଷତା ହାସଲ କରିବା ଉଚିତ ଏବଂ ନିଜକୁ ଜଣେ ସୁନାଗରିକ ଭାବେ ଗଢ଼ିବାକୁ ଉଦ୍ୟମ କରିବା ଜରୁରୀ ବୋଲି ସେ କହିଥିଲେ। ସମ୍ମାନନୀୟ ଅତିଥି ଭାବେ ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ରାଜେଶ କୁମାର ସାହୁ, ଡେପୁଟି କଲେକ୍ଟର ମନୋଜ କୁମାର ସାହୁ ଉପସ୍ଥିତ ରହି ଯୁବପିଢୀ ଙ୍କୁ ସଫଳତା ଓ ଜୀବନ ଆଦର୍ଶ ର ଉପଦେଶ ଦେଇଥିଲେ ।ସଂସ୍କୃତି ଭବନ ପରିସର, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଏବଂ ମ୍ୟୁନିସିପାଲଟି କଲ୍ୟାଣ ମଣ୍ଡପ ଠାରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଲୋକ ନୃତ୍ୟ, ଲୋକ ସଂଗୀତ, ଲୋକ ନାଟକ, ଚିତ୍ରାଙ୍କନ, କବିତା ଲିଖନ ଇତ୍ୟାଦି ବିଭାଗ ଗୁଡ଼ିକରେ ପ୍ରତିଯୋଗିତା ସମ୍ପନ୍ନ ହୋଇଅଛି। ଏହି ଯୁବ ଉତ୍ସବରେ ଜିଲ୍ଲାର ୧୫ ରୁ ୨୯ ବର୍ଷୀୟ ଯୁବକ ଯୁବତୀମାନେ ଅଂଶ ଗ୍ରହଣ କରିଥିଲେ। ପୂର୍ବାହ୍ନ ରେ ଯୁଥ ରେଡ କ୍ରସ୍ ର ରାଜ୍ୟ କୋଅର୍ଡିନେଟର ଶ୍ରୀ ଗୋପାଳ କୃଷ୍ଣ ମିଶ୍ର ଙ୍କ ଅଧ୍ୟକ୍ଷତା ରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱାମୀ ବିବେକାନନ୍ଦ ସ୍ୱୟଂ ଶାସିତ ମହାବିଦ୍ୟାଳୟ ର ଅଧ୍ୟକ୍ଷା ଶ୍ରୀମତୀ ସୁଜାତା ଓତା ଯୁବ ଉତ୍ସବ କୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଯୁବପିଢୀ ଙ୍କୁ ନିଜର କର୍ମ ମାଧ୍ୟମ ରେ ନିଜର ପରିଚୟ ସୃଷ୍ଟି ପାଇଁ ପରାମର୍ଶ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ଯୋଗଦେଇ ବିଶିଷ୍ଟ ଶିକ୍ଷାବିତ୍ ଶ୍ରୀ ମହେନ୍ଦ୍ର କୁମାର ଆଚାର୍ଯ୍ୟ ଯୁବ ସମାଜ କୁ ଦେଶ ପ୍ରଗତି ର ସାରଥି କହିବା ସହ ସେମାନଙ୍କର ସ୍ୱଭାବ, ଚରିତ୍ର ଓ ନୈତିକ ଗଠନ ନିମନ୍ତେ ଅଭିଭାବକ ତଥା ସମାଜ ର ଗୁରୁ ଦାୟିତ୍ୱ ଅଛି ବୋଲି କହିଥିଲେ। ସଠିକ୍ ଦିଗ ଦର୍ଶନ ପାଇଲେ ଯୁବଶକ୍ତି ପ୍ରଗତି ର ଗତିପଥ ବଦଳାଇ ପାରିବ ବୋଲି ସେ କହିଥିଲେ।ଅନ୍ୟ ସମ୍ମାନିତ ଅତିଥି ଭାବେ ଡେପୁଟି କଲେକ୍ଟର ଶ୍ରୀ ଭରତ ଚନ୍ଦ୍ର ପରିଡା, ଜିଲ୍ଲା ସଂସ୍କୃତି ଅଧିକାରୀ ରାଜେଶ କୁମାର ସାହୁ, ଡେପୁଟି କଲେକ୍ଟର ମନୋଜ କୁମାର ସାହୁ, ଆସିଷ୍ଟାଣ୍ଟ କଲେକ୍ଟର ଅଶୋକ ଗିରି,NSS ସୁପରଭାଇଜର ବିଜୟିନୀ ପଢିଆରି, ପ୍ରମୁଖ ଯୋଗଦେଇ ଉପସ୍ଥିତ ଯୁବ ବର୍ଗ ଙ୍କୁ ଉତ୍ସାହିତ କରିଥିଲେ। ଜିଲ୍ଲା କ୍ରୀଡା ଅଧିକାରୀ ବିଶ୍ୱ ବିଜୟିନୀ ପଟ୍ଟନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରି ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ଜିଲ୍ଲା ରାଜ୍ୟ ଓ ଜାତୀୟ ସ୍ତରୀୟ ଯୁବ ଉତ୍ସବରେ କୃତିତ୍ୱ ହାସଲ କରି ଜଗତସିଂପୁର ଜିଲ୍ଲାକୁ ଗୌରବାନିତ୍ୱ କରିବାକୁ ପ୍ରତିଯୋଗୀମାନଙ୍କୁ ଅତିଥି ମାନେ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଉଦଯାପନୀ ସମାରୋହ ଏବଂ କୃତୀ ପ୍ରତିଯୋଗୀମାନଙ୍କୁ ଉଦଯାପନୀ ସନ୍ଧ୍ୟା ର ଅତିଥି ମାନେ ପୁରସ୍କାର ସହିତ ପ୍ରମାଣପତ୍ର ପ୍ରଦାନ କରିଥିଲେ।ଏହି ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ୪ ଜଣ ଏକକ ପ୍ରତିଯୋଗୀ ଓ ୬ ଗୋଟି ସାଂସ୍କୃତିକ ଦଳ ଜିଲ୍ଲାରୁ ମନୋନୀତ ହୋଇ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଦଳ ଗତ ଲୋକ ନୃତ୍ୟ ରେ ଉତ୍କଳ ଭାରତୀ କଳା ବିକାଶ କେନ୍ଦ୍ର(ପ୍ରଥମ), ଶାରଳା ମହାବିଦ୍ୟାଳୟ(ଦ୍ବିତୀୟ), ଲୋକ ସଂଗୀତ ରେ ବାଲିକୁଦା ମହିଳା ମହାବିଦ୍ୟାଳୟ(ପ୍ରଥମ),ଉତ୍କଳ ଭାରତୀ କଳା ବିକାଶ କେନ୍ଦ୍ର(ଦ୍ବିତୀୟ), ଲୋକ ନାଟକ ରେ ବାଣୀକ୍ଷେତ୍ର ନାଟ୍ୟ ପରିଷଦ(ପ୍ରଥମ), ପାରାଦ୍ୱୀପ ଡିଗ୍ରୀ କଲେଜ(ଦ୍ବିତୀୟ),କବିତା ଲିଖନ(ବ୍ୟକ୍ତିଗତ) ରେ ରାଜଲକ୍ଷ୍ମୀ ମହାପାତ୍ର(ପ୍ରଥମ), ପଲ୍ଲବୀ ପଣ୍ଡା (ଦ୍ବିତୀୟ), ଚିତ୍ରାଙ୍କନ(ବ୍ୟକ୍ତିଗତ) ରେ ସୌରଭ ନାୟକ(ପ୍ରଥମ), ଅଭିଲିପ୍ସା ଦାସ(ଦ୍ବିତୀୟ) ରାଜ୍ୟ ସ୍ତର କୁ ଉନ୍ନୀତ ହୋଇଛନ୍ତି। ଏହି କାର୍ଯ୍ୟକ୍ରମରେ ମାଇ ଭାରତ ର ଭଲ୍ୟୁଣ୍ଟିଅର,ବିଚାରକ ମଣ୍ଡଳୀ, ଶିକ୍ଷକ ଶିକ୍ଷୟତ୍ରୀ ମାନେ ସହାୟତା କରିଥିଲେ। ଏହି ଉତ୍ସବ ରେ ବିଭିନ୍ନ ବିଦ୍ୟାଳୟ ମହାବିଦ୍ୟାଳୟ ରୁ ଆସିଥିବା ଯୁବ ପ୍ରତିଭା,ଅଭିଭାବକ, ଶିକ୍ଷକ ଶିକ୍ଷୟିତ୍ରୀ, ବୁଦ୍ଧିଜୀବୀ, ଆଇନଜୀବୀ ତଥା ଗଣମାଧ୍ୟମ ର ପ୍ରତିନିଧି ମାନେ ଉପସ୍ଥିତ ଥିଲେ।

ଛଉ ନୃତ୍ୟର ବିକାଶ ଓ କଳାକାରଙ୍କ ସୁରକ୍ଷା ରାଜନୀତି

ବାରିପଦା/ମୟୂରଭଞ୍ଜ:ଓଡ଼ିଶାର କଳା, ସଂସ୍କୃତି ଏବଂ ପରମ୍ପରାର ଗୌରବ ବହନ କରୁଥିବା ବିଶ୍ୱପ୍ରସିଦ୍ଧ ମୟୂରଭଞ୍ଜ ଛଉ ନୃତ୍ୟର ପ୍ରସାର, ସଂରକ୍ଷଣ ଏବଂ ଏଥିରେ ଜଡ଼ିତ ସାଂସ୍କୃତିକ କର୍ମୀ ତଥା କଳାକାରମାନଙ୍କ ଭତ୍ତା ଓ ଆର୍ଥିକ ସୁବିଧାକୁ ନେଇ ସାମ୍ପ୍ରତିକ ସମୟରେ ମୟୂରଭଞ୍ଜ ଜିଲ୍ଲାରେ ରାଜନୈତିକ ଓ ସାଂସ୍କୃତିକ ମହଲରେ ବ୍ୟାପକ ଆଲୋଚନା ଏବଂ ବିତର୍କ ଜାରି ରହିଛି। ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଏହି ମୁଖାହୀନ ଯୁଦ୍ଧ ନୃତ୍ୟର ବିକାଶ ପାଇଁ ସରକାରୀ ସ୍ତରରେ ବଡ଼ ବଡ଼ ପ୍ରତିଶ୍ରୁତି ଦିଆଯାଉଥିଲେ ମଧ୍ୟ, ବାସ୍ତବ କ୍ଷେତ୍ରରେ ପାରମ୍ପରିକ କଳା ଓ କଳାକାରମାନେ ଅବହେଳିତ ଅବସ୍ଥାରେ ରହିଥିବା ଅଭିଯୋଗ ହୋଇଛି। ପ୍ରାପ୍ତ ସୂଚନା ମୁତାବକ, ମୟୂରଭଞ୍ଜ ଜିଲ୍ଲାର ବାରିପଦା, କରଞ୍ଜିଆ, ରାଇରଙ୍ଗପୁର, ବେତନୀତି ଏବଂ ବିଭିନ୍ନ ଅଞ୍ଚଳରେ ଶହ ଶହ ଛଉ ଅଖାଡ଼ା ଓ ସାଂସ୍କୃତିକ ଅନୁଷ୍ଠାନ ସକ୍ରିୟ ରହିଛି। ଯେଉଁଠାରେ ଗୁରୁ ଏବଂ କଳାକାରମାନେ ବିନା କୌଣସି ସ୍ଥାୟୀ ପ୍ରୋତ୍ସାହନରେ ଏହି ପାରମ୍ପରିକ କଳାକୁ ବଞ୍ଚାଇ ରଖିବା ପାଇଁ ପ୍ରୟାସ କରୁଛନ୍ତି। ମାତ୍ର ବୟସ୍କ ଏବଂ ଅସହାୟ ଛଉ କଳାକାରମାନଙ୍କ ପାଇଁ ନିୟମିତ ଭତ୍ତା, ସ୍ୱତନ୍ତ୍ର ପେନସନ୍ ଏବଂ ଚିକିତ୍ସା ସହାୟତା ପ୍ରଦାନ ବ୍ୟବସ୍ଥା ଅତ୍ୟନ୍ତ ସୀମିତ ରହିଛି। ଏହାବ୍ୟତୀତ, ଛଉ ନୃତ୍ୟର ପ୍ରଶିକ୍ଷଣ ପାଇଁ ଆବଶ୍ୟକୀୟ ଆଧୁନିକ ପ୍ରଶିକ୍ଷଣ କେନ୍ଦ୍ର, ବାଦ୍ୟଯନ୍ତ୍ରୀ (ଢୋଲ, ମହୁରୀ ଓ ଧାମସା ବାଦକ) ମାନଙ୍କ ପାଇଁ ଆର୍ଥିକ ପ୍ରୋତ୍ସାହନ ଏବଂ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ପ୍ରଦର୍ଶନ ପାଇଁ ସରକାରୀ ପୃଷ୍ଠପୋଷକତାର ଅଭାବ ରହିଥିବା ବିଭିନ୍ନ ସାଂସ୍କୃତିକ ସଂଗଠନ ପକ୍ଷରୁ ଅଭିଯୋଗ କରାଯାଇଛି। ଏହି ସାଂସ୍କୃତିକ ପ୍ରସଙ୍ଗକୁ ନେଇ ଏବେ ଜିଲ୍ଲାରେ ବିଭିନ୍ନ ରାଜନୈତିକ ଦଳ ଏବଂ ସାଂସ୍କୃତିକ ଅନୁଷ୍ଠାନଗୁଡ଼ିକ ମଧ୍ୟରେ ରାଜନୈତିକ ତର୍କ ଓ ଆଲୋଚନା ଜୋରଦାର ହୋଇଛି। ବିରୋଧୀ ଦଳ ଓ ସାଂସ୍କୃତିକ କର୍ମୀମାନେ ଅଭିଯୋଗ କରିଛନ୍ତି ଯେ, ସରକାର କେବଳ ପର୍ଯ୍ୟଟନ ମହୋତ୍ସବ ଏବଂ ବିଜ୍ଞାପନ କ୍ଷେତ୍ରରେ ମୟୂରଭଞ୍ଜ ଛଉର ନାମ ବ୍ୟବହାର କରୁଛନ୍ତି, ମାତ୍ର ଯେଉଁ ଗୁରୁ ଓ କଳାକାରମାନେ ଏହି କଳାକୁ ପିଢ଼ିରୁ ପିଢ଼ି ବଞ୍ଚାଇ ରଖିଛନ୍ତି, ସେମାନଙ୍କ ଆର୍ଥିକ ମାନଦଣ୍ଡରେ କୌଣସି ସୁଧାର ଆସୁନାହିଁ। ଅନ୍ୟପକ୍ଷରେ, ଶାସକ ଦଳର ନେତୃବୃନ୍ଦ ପକ୍ଷରୁ କୁହାଯାଇଛି ଯେ ରାଜ୍ୟ ସରକାର ଛଉ ନୃତ୍ୟର ପ୍ରସାର ଏବଂ ସାଂସ୍କୃତିକ ଅନୁଷ୍ଠାନଗୁଡ଼ିକର ବିକାଶ ପାଇଁ ସ୍ୱତନ୍ତ୍ର ପାଣ୍ଠି ଆବଣ୍ଟନ କରିଛନ୍ତି ଏବଂ ପ୍ରତିଭାବାନ କଳାକାରମାନଙ୍କୁ ବିଭିନ୍ନ ପୁରସ୍କାର ଓ ସମ୍ମାନରେ ସମ୍ମାନିତ କରାଯାଉଛି। ଜିଲ୍ଲାର ବୁଦ୍ଧିଜୀବୀ ଓ କଳାପ୍ରେମୀମାନେ ଦାବି କରିଛନ୍ତି ଯେ ମୟୂରଭଞ୍ଜ ଛଉର ସଂରକ୍ଷଣ ଏବଂ ସ୍ଥାୟୀ ବିକାଶ ପାଇଁ ଏକ ସ୍ୱତନ୍ତ୍ର 'ଛଉ ଏକାଡେମି' କିମ୍ବା ଉନ୍ନତ ସାଂସ୍କୃତିକ କେନ୍ଦ୍ରକୁ ଅଧିକ କ୍ରିୟାଶୀଳ କରାଯିବା ଏବଂ ପ୍ରତ୍ୟେକ ଯୋଗ୍ୟ ପାରମ୍ପରିକ କଳାକାରଙ୍କ ପାଇଁ ସମ୍ମାନଜନକ ମାସିକ ଭତ୍ତା ନିଶ୍ଚିତ କରାଯିବା ଉଚିତ୍। ଯଦି ପ୍ରଶାସନ ଏବଂ ସରକାର ଏ ଦିଗରେ ଦୃଢ଼ ପଦକ୍ଷେପ ନ ନିଅନ୍ତି, ତେବେ ଆଗାମୀ ଦିନରେ କଳାକାର ସଂଘ ଏବଂ ଜନସାଧାରଣଙ୍କ ପକ୍ଷରୁ ସାଂସ୍କୃତିକ ଅଧିକାରକୁ ନେଇ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

ବୋଡ଼େନ ରେ ଏକିକୃତ ପେନସନ ପରିଚାଳନା ପୋର୍ଟାଲ ଶୁଭାରମ୍ଭ



ନୂଆପଡ଼ା:୧୩/୧୧:(ଆଦ୍ୟାଶା ଲାଇଭ୍ – ଲମ୍ବୋଦର ବାଗ): ସାମାଜିକ ସୁରକ୍ଷା ପେନ୍ସନ୍ ବ୍ୟବସ୍ଥାରେ ଆସିବ ଅଧିକ ସ୍ୱଚ୍ଛତା, ସରଳତା ଓ ଗତିଶୀଳତା। ଯୋଗ୍ୟ ହିତାଧିକାରୀଙ୍କୁ ଆଉ ପେନ୍ସନ୍ ପାଇବା ପାଇଁ ହେବାକୁ ପଡ଼ିବ ନାହିଁ ଅଯଥା ହଇରାଣ। ଏହି ଲକ୍ଷ୍ୟ ନେଇ ବୋଡ଼େନ ବ୍ଲକରେ ଆରମ୍ଭ ହୋଇଛି ଏକୀକୃତ ପେନ୍ସନ୍ ପରିଚାଳନା ପୋର୍ଟାଲ ବା ୟୁନିଫାଏଡ୍ ପେନ୍ସନ୍ ମ୍ୟାନେଜମେଣ୍ଟ ପୋର୍ଟାଲ (UPMP)। ନୂଆପଡ଼ା ଜିଲ୍ଲା ବୋଡ଼େନ ପଞ୍ଚାୟତ ସମିତି ସଭାଗୃହରେ ଆଜି ଏହି ବ୍ଲକସ୍ତରୀୟ ପୋର୍ଟାଲର ଶୁଭାରମ୍ଭ କାର୍ଯ୍ୟକ୍ରମ ଉତ୍ସାହ ଓ ଆନୁଷ୍ଠାନିକ ପରିବେଶରେ ଅନୁଷ୍ଠିତ ହୋଇଯାଇଛି। ବୋଡ଼େନ ବିଡିଓ ଚିନ୍ମୟ ସାଗରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଲମ୍ବୋଦର ନିଆଲ, ପୂର୍ବତନ ଜିଲ୍ଲା ସଭାପତି ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅତିନ୍ଦ୍ରଜିତ ମଲ୍ଲିକ, ଜିଲ୍ଲା ଉପସଭାପତି ଅବନୀ ଯୋଶୀ, ସାଂସଦ ପ୍ରତିନିଧି ବୋଡ଼େନ ରାତ୍ରାନନ୍ଦ ମନହୀରା, ପାତାଳଗଙ୍ଗା ମଣ୍ଡଳ ସଭାପତି ନିଳାମ୍ବର ମେହେର, ସ୍ୱନେଶ୍ୱର ମଣ୍ଡଳ ସଭାପତି ରାଜୁ ହେର୍ଣ୍ଡା ଏବଂ ସରପଞ୍ଚ ସଂଘ ସମ୍ପାଦକ ଠାକୁର ବାଗ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ସଭାରେ ଅତିଥିମାନେ ନୂତନ ଡିଜିଟାଲ୍ ବ୍ୟବସ୍ଥାର ଉପକାରିତା ଓ ଗୁରୁତ୍ୱ ଉପରେ ମତବ୍ୟକ୍ତ କରିବା ସହ ଏହାଦ୍ୱାରା ପେନ୍ସନ୍ ଆବେଦନଠାରୁ ଆରମ୍ଭ କରି ହିତାଧିକାରୀଙ୍କୁ ପେନ୍ସନ୍ ପ୍ରଦାନ ପର୍ଯ୍ୟନ୍ତ ପ୍ରକ୍ରିୟା ଅଧିକ ସରଳ, ସ୍ୱଚ୍ଛ ଓ ତ୍ୱରାନ୍ୱିତ ହୋଇପାରିବ ବୋଲି ଆଶା ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମର ଏକ ଉଲ୍ଲେଖନୀୟ ଦିଗ ହେଉଛି, ଏହି ଅବସରରେ ୪୪ ଜଣ ନୂତନ ଯୋଗ୍ୟ ହିତାଧିକାରୀଙ୍କୁ ପେନ୍ସନ୍ ପ୍ରଦାନ କରାଯାଇଥିଲା। ଯାହା ନୂତନ ହିତାଧିକାରୀଙ୍କ ମଧ୍ୟରେ ଆଶା ଓ ଆନନ୍ଦ ସୃଷ୍ଟି କରିଛି। ପ୍ରାରମ୍ଭରେ ବିଡିଓ ଚିନ୍ମୟ ସାଗର ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ପୋର୍ଟାଲର ସଫଳ କାର୍ଯ୍ୟକାରିତା ପାଇଁ ପଞ୍ଚାୟତସ୍ତରରେ ଅଧିକାରୀ, କର୍ମଚାରୀ ଓ ଜନପ୍ରତିନିଧିଙ୍କ ସମନ୍ୱୟ ଏବଂ ଜନସଚେତନତା ଅତ୍ୟନ୍ତ ଜରୁରୀ ବୋଲି ମତ ପ୍ରକାଶ ପାଇଥିଲା। ଏହି କାର୍ଯ୍ୟକ୍ରମର ସାମଗ୍ରିକ ଆୟୋଜନ ବିଡିଓ ଚିନ୍ମୟ ସାଗରଙ୍କ ତତ୍ତ୍ୱାବଧାନରେ ହୋଇଥିବାବେଳେ ବିଏସ୍ଏସ୍ଓ କୁମର ମାଝୀ ଓ ଡବ୍ଲୁଇଓ ମଞ୍ଚ ପରିଚାଳନା କରିଥିଲେ। ଏଥିରେ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ନାଏବ ସରପଞ୍ଚ, ସିଆରପି, ଏମ୍‌ବିକେ, ସମିତି ସଭ୍ୟସଭ୍ୟା, ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ, ପେନ୍ସନ୍ ହିତାଧିକାରୀ ଏବଂ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଡିଜିଟାଲ୍ ବ୍ୟବସ୍ଥା ମାଧ୍ୟମରେ ପେନ୍ସନ୍ ସେବାକୁ ଅଧିକ ସ୍ୱଚ୍ଛ ଓ ଲୋକାଭିମୁଖୀ କରିବା ସହ ଯୋଗ୍ୟ ହିତାଧିକାରୀଙ୍କୁ ଠିକ୍ ସମୟରେ ସରକାରୀ ସହାୟତା ପହଞ୍ଚାଇବା ଦିଗରେ ବୋଡ଼େନ ବ୍ଲକର ଏହି ପଦକ୍ଷେପ ଏକ ଗୁରୁତ୍ୱପୂର୍ଣ୍ଣ ଉଦ୍ୟମ ଭାବେ ପରିଗଣିତ ହୋଇଛି।

ମାଟିର ଖବର

ବାନ୍ଦନା କେବଳ ଏକ ପର୍ବ ନୁହେଁ ଏହା ପ୍ରକୃତି ମାଟି ଓ ଗୋଧନର ଏକ ଜୀବନ୍ତ କାବ୍ୟ ମୁଖ୍ୟମନ୍ତ୍ରୀ



ବାରିପଦା,ଆଦ୍ୟାଶା (୧୩/୧୧): ମୟୂରଭଞ୍ଜ ଜିଲ୍ଲାର ଆଗୁଆଡ଼ ଠାରେ ଆଜି ଆୟୋଜିତ 'ଜାତୀୟ ବାନ୍ଦନା ପରବ – ୨୦୨୬'ର ସାଂସ୍କୃତିକ ମହାମିଳନ ପର୍ବରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ମୁଖ୍ୟଅତିଥି ଭାବେ ଯୋଗଦେଇ କୁଡ଼ୁମୀ ସମାଜର ପ୍ରାଚୀନ ପରମ୍ପରା, କର୍ମଠତା ଏବଂ ପ୍ରକୃତି ପ୍ରେମର ଉଚ୍ଚ ପ୍ରଶଂସା କରିଛନ୍ତି। ଏହି ପବିତ୍ର ଅବସରରେ ମୁଖ୍ୟମନ୍ତ୍ରୀ କୁଡ଼ୁମୀ ସମ୍ପ୍ରଦାୟର ସମସ୍ତ ମା', ଭାଇ ଓ ଭଉଣୀମାନଙ୍କୁ 'ବାନ୍ଦନା ପରବ'ର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ରାଜ୍ୟର ସର୍ବ ସମାବେଶୀ ବିକାଶ ମଡେଲରେ କୁଡ଼ୁମୀ ସମାଜର ସାମାଜିକ, ଅର୍ଥନୈତିକ, ଶିକ୍ଷାଗତ ଏବଂ ସାଂସ୍କୃତିକ ବିକାଶ ପାଇଁ ସରକାର ସଦାସର୍ବଦା ବଦ୍ଧପରିକର ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ, ବାନ୍ଦନା କେବଳ ଏକ ପର୍ବ ନୁହେଁ, ବରଂ ଏହା ପ୍ରକୃତି, ମାଟି, ଗୋଧନ ଏବଂ ମାନବୀୟ ସମ୍ପର୍କର ଏକ ଜୀବନ୍ତ କାବ୍ୟ। ପ୍ରକୃତିର ପୂଜା, କୃଷି ସଂସ୍କୃତିର ଆରାଧନା ଏବଂ ମାଟି ପ୍ରତି ଆନୁଗତ୍ୟର ଏହି ନିଶାଣ ଆମ ସଂସ୍କୃତିର ଆତ୍ମା। ସେ ଆହୁରି ମଧ୍ୟ କହିଛନ୍ତି ଯେ କୁଡ଼ୁମୀ ଜାତି ହେଉଛନ୍ତି ଭୂମିର ସନ୍ତାନ ଏବଂ ମାଟିକୁ ସ୍ୱେଦରେ ସିଞ୍ଚି ଶସ୍ୟଶ୍ୟାମଳା କରିବାର କଳା କୁଡ଼ୁମୀ ସମାଜଠାରୁ ଶିଖିବାକୁ ମିଳେ। ପ୍ରକୃତିକୁ ମା' ଭାବେ ପୂଜା କରିବା, ଗଛଲତା, ପାହାଡ଼, ନଦୀ-ନାଳ ଏବଂ ପ୍ରାଣୀଜଗତ ସହ ସହଅବସ୍ଥାନ କରିବାର ଯେଉଁ ଅନନ୍ୟ ଶୈଳୀ ଏହି ସମାଜ ପାଖରେ ରହିଛି, ତାହା ସମଗ୍ର ମାନବ ସମାଜ ପାଇଁ ଏକ ଦିଗଦର୍ଶନ ବୋଲି ମୁଖ୍ୟମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି। ମୟୂରଭଞ୍ଜ ମାଟି ସହ ନିଜର ଗଭୀର ଆତ୍ମିକ ସମ୍ପର୍କକୁ ମନେ ପକାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ମୟୂରଭଞ୍ଜ ହେଉଛି ତାଙ୍କର ଦ୍ୱିତୀୟ ଘର ଏବଂ ଘରକୁ କିଛି ଦିନ ଅନ୍ତରାଳରେ ଆସିଲେ ଯେପରି ଆନନ୍ଦ ମିଳିଥାଏ, ଆଜି ଠିକ୍ ସେହିପରି ଆନନ୍ଦ ଅନୁଭବ ହେଉଛି। କେନ୍ଦୁଝର ଓ ମୟୂରଭଞ୍ଜ ଅଞ୍ଚଳର ସାନ୍ତାଳ ଓ କୁଡ଼ୁମୀ ସମ୍ପ୍ରଦାୟ ମଧ୍ୟରେ ଥିବା ଭାଇଚାରାକୁ ପ୍ରଶଂସା କରି ଶ୍ରୀ ମାଝୀ କହିଥିଲେ ଯେ ଆମ ଆଦିବାସୀ ସଂସ୍କୃତିରେ ଭାଇଚାରା ସବୁବେଳେ ପ୍ରଥମ ସ୍ଥାନରେ ରହିଆସିଛି। ବାଲ୍ୟକାଳରୁ ନିଜ ଗାଁରେ କୁଡ଼ୁମୀ ପରିବାରଗୁଡ଼ିକ ସହ ବଢ଼ିଥିବା ସ୍ମୃତିକୁ ରୋମନ୍ଥନ କରି ସେ ଢେଙ୍ଗୁଆନ ବୁଲିବା ଏବଂ ପିଠା ଖାଇବାର ନିଆରା ଅନୁଭୂତି ବାଣ୍ଟିବା ସହ ରାଜନୈତିକ କ୍ଷେତ୍ରରେ ମଧ୍ୟ କୁଡ଼ୁମୀ ସମ୍ପ୍ରଦାୟର ସହଯୋଗୀମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ସ୍ୱୀକାର କରିଥିଲେ। କୁଡ଼ୁମୀ ସମ୍ପ୍ରଦାୟର ଐତିହାସିକ ପୃଷ୍ଠଭୂମି ଓ ସାମାଜିକ ଅବଦାନ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ କର୍ମରେ ବିଶ୍ୱାସ କରୁଥିବା ଏହି ପ୍ରାଚୀନ ଓ ପରିଶ୍ରମୀ କୃଷକ ସମ୍ପ୍ରଦାୟ ଓଡ଼ିଶା ସମେତ ଆସାମ, ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଛତିଶଗଡ଼, ଗୁଜୁରାଟ ଓ ମହାରାଷ୍ଟ୍ର ଆଦି ରାଜ୍ୟରେ ବସବାସ କରୁଛନ୍ତି। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପରେ ମୟୂରଭଞ୍ଜ ଓ କେନ୍ଦୁଝର ଏ ଜାତିର ମୁଖ୍ୟ ବାସସ୍ଥଳୀ ପାଲଟିଥିବା ବେଳେ ବାରିପଦା ଓଡ଼ିଶାର କୁଡ଼ୁମୀମାନଙ୍କର ଅଘୋଷିତ ରାଜଧାନୀ ଭାବେ ପରିଚିତ ହୋଇଛି। ଏକ ସ୍ୱାଭିମାନୀ, ବିଶ୍ୱସ୍ତ ଓ ରାଷ୍ଟ୍ରଭକ୍ତ ଜାତି ଭାବେ କୁଡ଼ୁମୀମାନେ ସଂଘର୍ଷରୁ ସଫଳତା ହାସଲ କରିବାରେ ବିଶ୍ୱାସ କରନ୍ତି ଏବଂ ଆଜି କୃଷି ସହିତ ବାଣିଜ୍ୟ ଓ ଚାକିରି କ୍ଷେତ୍ରରେ ମଧ୍ୟ ନିଜର ପାରଦର୍ଶିତା ପ୍ରତିପାଦନ କରୁଛନ୍ତି। ସେହିପରି କୁଡ଼ୁମୀମାନଙ୍କୁ ଆଦିବାସୀ ତାଲିକାଭୁକ୍ତ କରିବା ଏବଂ କୁଡ଼ମାଲୀ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ କରିବା ପାଇଁ ଦୀର୍ଘ ଦିନରୁ ଚାଲିଆସୁଥିବା ଦାବି ସମ୍ପର୍କରେ ମଧ୍ୟ ସେ ଉଲ୍ଲେଖ କରିଥିଲେ। ବାନ୍ଦନା ପରବ ଓ ଅନ୍ୟାନ୍ୟ ପାରମ୍ପରିକ ପର୍ବପର୍ବାଣୀର ମହତ୍ତ୍ୱ ବର୍ଣ୍ଣନା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଗୋ-ଜାତି ପ୍ରତି ସମ୍ମାନ ଓ କୃତଜ୍ଞତା ଅର୍ପଣ ପାଇଁ ଆବାହମାନ କାଳରୁ ଗୋଠ ପୂଜା, ଗୁହାଳ ପୂଜା ଓ ଗୋରୁ ବାନ୍ଦନା ଆଦି ପାଳନ କରାଯାଇଆସୁଛି। ଏହା ସହିତ କରମ ପର୍ବ ମାଧ୍ୟମରେ କରମ ଗଛକୁ ପୂଜା କରି ଏହି ସମାଜ ସାରା ବିଶ୍ୱକୁ ପରିବେଶ ସୁରକ୍ଷାର ବାର୍ତ୍ତା ଦେଉଥିବା ବେଳେ ଟୁସୁଦେବୀଙ୍କ ବୀରତ୍ୱର ଗାଥା କୁଡ଼ୁମୀ ମହିଳା ଓ ଝିଅମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇରହିଛି। ଶିକ୍ଷା କ୍ଷେତ୍ରରେ କୁଡ଼ୁମୀ ଛାତ୍ରଛାତ୍ରୀଙ୍କ ସଫଳତାକୁ ପ୍ରଶଂସା କରି ଶ୍ରୀ ମାଝୀ କହିଥିଲେ ଯେ ଗତ କିଛି ବର୍ଷ ମଧ୍ୟରେ କେନ୍ଦୁଝରର ଦିଗରାଜ ମହାନ୍ତ, ତପନ କୁମାର ମହାନ୍ତ, କଟକର ଚନ୍ଦନ କୁମାର ମହାନ୍ତ ଏବଂ ଚଳିତ ବର୍ଷ ବାରିପଦାର ପାର୍ଥ ସାରଥୀ ମହାନ୍ତ ମେଟ୍ରିକ୍ ପରୀକ୍ଷାରେ ରାଜ୍ୟ ଟପର ହୋଇଥିବା ବେଳେ ମୟୂରଭଞ୍ଜର ଝିଅ ସଞ୍ଜନା ମହାନ୍ତ ଯୁକ୍ତ ଦୁଇ ବିଜ୍ଞାନରେ ରାଜ୍ୟ ଟପର ହୋଇ ସମଗ୍ର ଜାତିର ସୁନାମ ବଢ଼ାଇଛନ୍ତି। ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ "ସବକା ସାଥ, ସବକା ବିକାଶ, ସବକା ବିଶ୍ୱାସ ଓ ସବକା ପ୍ରୟାସ" ମନ୍ତ୍ରରେ ଉଦ୍‌ବୁଦ୍ଧ ହୋଇ ରାଜ୍ୟ ସରକାର " ସମାବେଶୀ ବିକାଶ" ମଡେଲରେ କାର୍ଯ୍ୟ କରୁଛନ୍ତି। ଓଡ଼ିଶାର ପ୍ରତ୍ୟେକ ଜାତି, ସମ୍ପ୍ରଦାୟ ଓ ଅଞ୍ଚଳର ସମାନ ପ୍ରଗତି ହେଲେ ହିଁ ରାଜ୍ୟ ସମୃଦ୍ଧ ହୋଇପାରିବ ବୋଲି ମତଦେଇ କୁଡ଼ୁମୀ ସମାଜର କଳା ଓ ସଂସ୍କୃତିର ସୁରକ୍ଷା, ବିଭିନ୍ନ କୃଷକ କଲ୍ୟାଣ ଯୋଜନା ମାଧ୍ୟମରେ କୃଷକଙ୍କ ଜୀବନଜୀବିକାର ଉନ୍ନତି ଏବଂ ଗୋ-ସମ୍ପଦର ଅଭିବୃଦ୍ଧି ପାଇଁ ସରକାର ସମସ୍ତ ଆବଶ୍ୟକୀୟ ସହଯୋଗ ଯୋଗାଇଦେବେ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ଏହି ସାଂସ୍କୃତିକ ମହାମିଳନ ସମାରୋହରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ତଥା ସରକାରୀ ଉଦ୍ୟୋଗ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର କୁଡ଼ୁମୀ ସମାଜର ସାମାଜିକ ଏକତା ଓ ଅଞ୍ଚଳର ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ମନ୍ତ୍ରୀ ଡକ୍ଟର ମହାପାତ୍ର କହିଛନ୍ତି ଯେ, ମୟୂରଭଞ୍ଜ ଜିଲ୍ଲାର କଳା, ସଂସ୍କୃତି ଏବଂ ପରମ୍ପରାକୁ ସମୃଦ୍ଧ କରିବାରେ କୁଡ଼ୁମୀ ସମ୍ପ୍ରଦାୟର ଅବଦାନ ଅତୁଳନୀୟ। ବାରିପଦା ତଥା ସମଗ୍ର ଜିଲ୍ଲାର ସର୍ବାଙ୍ଗୀନ ବିକାଶ ଓ ଭିତ୍ତିଭୂମିର ଉନ୍ନତି ପାଇଁ ଆମ ସରକାର ନିରନ୍ତର ପ୍ରୟାସ ଜାରି ରଖିଛନ୍ତି, ଯେଉଁଥିରେ କୁଡ଼ୁମୀ ସମାଜର ସାମାଜିକ ଓ ଆର୍ଥିକ ଉନ୍ନତିକୁ ସ୍ୱତନ୍ତ୍ର ପ୍ରାଥମିକତା ଦିଆଯାଉଛି। ସେହିପରି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ତଥା ଶ୍ରମ ମନ୍ତ୍ରୀ ଶ୍ରୀ ଗଣେଶରାମ ସିଂ ଖୁଣ୍ଟିଆ କୁଡ଼ୁମୀ ସମାଜର ପ୍ରକୃତି ପ୍ରେମ ଓ ଶ୍ରମିକ କଲ୍ୟାଣ ଦିଗରେ ଆଲୋକପାତ କରିଥିଲେ। ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ ନିଜ ଅଭିଭାଷଣରେ କହିଛନ୍ତି ଯେ, କୁଡ଼ୁମୀ ସମାଜ ପ୍ରକୃତି ଓ ଜଙ୍ଗଲକୁ ନିଜ ପରିବାର ଭଳି ସୁରକ୍ଷା ଦେଇଆସୁଛି। ବାନ୍ଦନା ଓ କରମ ଭଳି ପର୍ବ ମାଧ୍ୟମରେ ପରିବେଶ ସୁରକ୍ଷାର ଯେଉଁ ମହାନ ବାର୍ତ୍ତା ଏହି ସମାଜ ଦେଉଛି, ତାହା ଆଜିର ଜଳବାୟୁ ପରିବର୍ତ୍ତନ ସମୟରେ ଅତ୍ୟନ୍ତ ପ୍ରାସଙ୍ଗିକ। ଏହା ସହିତ ପରିଶ୍ରମୀ କୁଡ଼ୁମୀ କୃଷକ ଓ ଶ୍ରମିକ ଭାଇଭଉଣୀମାନଙ୍କୁ ରାଜ୍ୟ ସରକାରଙ୍କ ବିଭିନ୍ନ ଶ୍ରମ କଲ୍ୟାଣକାରୀ ଯୋଜନାରେ ସାମିଲ କରି ସେମାନଙ୍କ ସାମାଜିକ ସୁରକ୍ଷା ସୁନିଶ୍ଚିତ କରାଯିବ। ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ସାଂସଦ ଶ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ମୟୂରଭଞ୍ଜ ସାଂସଦ ଶ୍ରୀ ନବ ଚରଣ ମାଝୀ, ବଡ଼ସାହି ବିଧାୟକ ଶ୍ରୀ ସନାତନ ବିଜୁଳି, ସାରସକଣା ବିଧାୟକ ଶ୍ରୀ ଭାଦବ ହାଁସଦା, ବାରିପଦା ବିଧାୟକ ଶ୍ରୀ ପ୍ରକାଶ ସୋରେନ, ଏସ. ଡ଼ି. ସି ଚେୟାରମ୍ୟାନ ଡଃ ବୁଢାନ ମୁର୍ମୁ, ରାଇରଙ୍ଗପୁର ବିଧାୟକ ଶ୍ରୀ ଜଲେନ ନାଏକ, ବାଙ୍ଗିରିପୋଷି ବିଧାୟିକା ସୁଶ୍ରୀ ସଞ୍ଜଲୀ ମୁର୍ମୁ, ପୂର୍ବତନ ରାଜ୍ୟସଭା ସାଂସଦ ଶ୍ରୀମତୀ ମମତା ମହାନ୍ତ, ଜାତୀୟ ବାନ୍ଦନା ପରବ କମିଟିର ସଭାପତି ଡ଼ଃ କାଳିପଦ ମହାନ୍ତ, ଜାତୀୟ ବାନ୍ଦନା ପରବ କମିଟିର ଉପଦେଷ୍ଟା ଶ୍ରୀ ଛୋଟଲାଲ ମହାନ୍ତ ପ୍ରମୁଖ ମଞ୍ଚାସୀନ ଥିଲେ । ମୟୂରଭଞ୍ଜ ରୁ ଶିବାନନ୍ଦ ଙ୍କ ରିପୋର୍ଟ

ଜନମତ

ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ଓ କେନାଲ ଅବ୍ୟବସ୍ଥା

ବାରିପଦା/ମୟୂରଭଞ୍ଜ:ଓଡ଼ିଶାର ଉତ୍ତର ସୀମାନ୍ତବର୍ତ୍ତୀ ମୟୂରଭଞ୍ଜ ଜିଲ୍ଲା ଏବଂ ଆଖପାଖ ଅଞ୍ଚଳରେ କୃଷିର ବିକାଶ ତଥା ଚାଷୀଙ୍କ ଜୀବନଜୀବିକାକୁ ସୁଦୃଢ଼ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ବିବେଚିତ ହେଉଥିବା ମହତ୍ତ୍ୱପୂର୍ଣ୍ଣ 'ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ' ର କାମ ଦୀର୍ଘଦିନ ଧରି ଅଧାପନ୍ତରିଆ ଭାବେ ପଡ଼ିରହିଥିବାରୁ ସ୍ଥାନୀୟ ଚାଷୀମାନଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ଦେଖାଦେଇଛି। ପ୍ରକଳ୍ପର ମୁଖ୍ୟ କେନାଲ୍ ଏବଂ ଶାଖା କେନାଲ୍‌ଗୁଡ଼ିକର ନିର୍ମାଣ କାମ ସମ୍ପୂର୍ଣ୍ଣ ନହେବାରୁ ଚାଷୀମାନେ ଆବଶ୍ୟକୀୟ ଜଳସେଚନ ସୁବିଧାରୁ ସମ୍ପୂର୍ଣ୍ଣ ବଞ୍ଚିତ ହେଉଛନ୍ତି ଏବଂ ପ୍ରଶାସନର ଏପରି ଉଦାସୀନତା ବିରୁଦ୍ଧରେ ଆନ୍ଦୋଳନର ଚେତାବନୀ ଦିଆଯାଇଛି। ପ୍ରାପ୍ତ ସୂଚନା ମୁତାବକ, ମୟୂରଭଞ୍ଜ ଜିଲ୍ଲାର ବାରିପଦା, ବେତନୀତି, ରାସଗୋବିନ୍ଦପୁର, ମୋରଡ଼ା ଏବଂ ସାରସକଣା ଆଦି ବିଭିନ୍ନ ବ୍ଲକର ହଜାର ହଜାର ହେକ୍ଟର ଚାଷଜମିକୁ ଜଳସେଚନ ଯୋଗାଇଦେବା ଲକ୍ଷ୍ୟରେ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର କାମ ହାତକୁ ନିଆଯାଇଥିଲା। ମାତ୍ର ବର୍ଷ ବର୍ଷ ଧରି ଏହି ପ୍ରକଳ୍ପର ମୁଖ୍ୟ କେନାଲ୍ ସଂପ୍ରସାରଣ, ପାଣି ବଣ୍ଟନ ବ୍ୟବସ୍ଥା ଏବଂ ସବ୍-କେନାଲ୍‌ଗୁଡ଼ିକର ନିର୍ମାଣ ଅଧାପନ୍ତରିଆ ହୋଇ ପଡ଼ିରହିଛି। ଅନେକ ସ୍ଥାନରେ କେନାଲ୍ ମାଟିରେ ପୋତି ହୋଇଗଲାଣି କିମ୍ବା ଠିକାଦାରମାନଙ୍କ ଦାୟିତ୍ୱହୀନତା ଯୋଗୁଁ କାମ ସମ୍ପୂର୍ଣ୍ଣ ହୋଇପାରିନାହିଁ। ଫଳରେ ବର୍ଷାଜଳ ଉପରେ ସମ୍ପୂର୍ଣ୍ଣ ନିର୍ଭର କରୁଥିବା ଏହି ଅଞ୍ଚଳର ଚାଷୀମାନେ ଖରିଫ ଏବଂ ରବି ଋତୁରେ ପାଣି ନପାଇ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ସମସ୍ୟାକୁ ନେଇ ବିଭିନ୍ନ କୃଷକ ସଂଗଠନ ଏବଂ ସ୍ଥାନୀୟ ନେତୃବୃନ୍ଦ ରାଜ୍ୟ ସରକାର ଓ ଜଳସମ୍ପଦ ବିଭାଗର କାର୍ଯ୍ୟଶୈଳୀକୁ କଡ଼ା ସମାଲୋଚନା କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ସରକାରୀ ସ୍ତରରୁ ପ୍ରକଳ୍ପ ସମାପ୍ତ ହୋଇଗଲାଣି ବୋଲି ବଡ଼ ବଡ଼ ଦାବି କରାଯାଉଥିଲେ ହେଁ, ବାସ୍ତବ କ୍ଷେତ୍ରରେ କେନାଲ୍ ମାଧ୍ୟମରେ ଶେଷ ମୁଣ୍ଡ ର ଚାଷୀଙ୍କ ଜମିକୁ ପାଣି ପହଞ୍ଚି ପାରୁନାହିଁ। କୃଷି କ୍ଷେତ୍ରର ବିକାଶ ପାଇଁ କୋଟି କୋଟି ଟଙ୍କା ବ୍ୟୟ କରାଯାଉଥିଲେ ମଧ୍ୟ ପ୍ରଶାସନିକ ତଦାରଖ ଅଭାବରୁ ପ୍ରକଳ୍ପର ପ୍ରକୃତ ଲାଭ ଚାଷୀମାନେ ପାଇପାରୁନାହାନ୍ତି। ଯଦି ଜଳସମ୍ପଦ ବିଭାଗ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ଅଧାପନ୍ତରିଆ କେନାଲ୍‌ଗୁଡ଼ିକର ମରାମତି ଏବଂ ସମ୍ପ୍ରସାରଣ କାମ ଶେଷ କରା ନଯାଏ ଏବଂ ପ୍ରତିଟି ଚାଷୀଙ୍କ ଜମିକୁ ଜଳସେଚନ ସୁବିଧା ନିଶ୍ଚିତ କରା ନଯାଏ, ତେବେ ଆଗାମୀ ଦିନରେ ମୟୂରଭଞ୍ଜ ଜିଲ୍ଲାର ହଜାର ହଜାର ଚାଷୀଙ୍କୁ ଏକାଠି କରି ଜଳସମ୍ପଦ ବିଭାଗର କାର୍ଯ୍ୟାଳୟ ସମ୍ମୁଖରେ ବ୍ୟାପକ ଆନ୍ଦୋଳନ, ଧାରଣା ଏବଂ ରାଜପଥ ଅବରୋଧ କରାଯିବ ବୋଲି କୃଷକ ସଂଗଠନ ଓ ସ୍ଥାନୀୟ ନେତୃବୃନ୍ଦ କଡ଼ା ଚେତାବନୀ ଦେଇଛନ୍ତି।

ଜାତୀୟ ରାଜପଥରେ ମର୍ମନ୍ତୁଦ ଦୁର୍ଘଟଣା 'ଶ୍ୟାମଳୀ' ଯାତ୍ରୀବାହୀ ବସ ଓଲଟିଲା, ଅନେକ ଆହତ



ସାରସକଣା:(୧୧.୧୧.୨୬): ମୟୂରଭଞ୍ଜ ଜିଲ୍ଲା ସାରସକଣା ବ୍ଲକ ଅଧିନସ୍ଥ ଝାରପୋଖରିଆ(ବମ୍ବେ ଛକ) ୧୮ ନମ୍ବର ଜାତୀୟ ରାଜପଥର ଝାରପୋଖରିଆ ସ୍ଥିତ ହୋଣ୍ଡା ସୋରୁମ ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। 'ଶ୍ୟାମଳୀ' ନାମକ ଏକ ଯାତ୍ରୀବାହୀ ବସ (ନମ୍ବର: OD 02DT 5380)ରାତ୍ରୀ ସମୟରେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଛି।ଦୁର୍ଘଟଣା ସମ୍ପର୍କରେ ଖବର ପାଇବା ପରେ ଝାରପୋଖରିଆ ପୋଲିସ ପ୍ରଶାସନ ଏବଂ ସାରସକଣା ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ମିଳିତ ଭାବେ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ଦୁଇଟି କ୍ରେନ ସାହାର୍ଯ୍ୟରେ ବସ କୁ ଉଠା ଯାଇଥିଲା । ୪୫ରୁ ଉର୍ଦ୍ଧ୍ୱ ଯାତ୍ରୀ ବସରେ ଥିଲେ । ବସ୍‌ଟି ଭୁବନେଶ୍ୱରରୁ ଦିଲ୍ଲୀ ଅଭିମୁଖେ ଯାଉଥିଲା ।ବସ୍‌ରେ ଥିବା ସମସ୍ତ ଯାତ୍ରୀ ମାନଙ୍କୁ ଉଦ୍ଧାର କରାଯାଇଥିଲା ଏବଂ ଗୁରୁତ୍ୱର ଆହତ ଯାତ୍ରୀମାନଙ୍କୁ ଉଦ୍ଧାର କରାଯାଇ ତୁରନ୍ତ ୧୦୮ ଆମ୍ବୁଲାନ୍ସ ଯୋଗେ ଉତ୍ତମ ଚିକିତ୍ସା ନିମନ୍ତେ ଶୀର୍ଷା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଛି। ଝାରପୋଖରିଆ ଥାନା ଅଧିକାରୀ ସତ୍ୟବ୍ରତ ଗ୍ରହାଚାର୍ଯ୍ୟ ଘଟଣାସ୍ଥଳରେ ଉପସ୍ଥିତ ରହି ଉଦ୍ଧାର କାର୍ଯ୍ୟର ତଦାରଖ କରିବା ସହ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିଥିବା ସହିତ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିଲେ ।ଦୁର୍ଘଟଣାର ପ୍ରକୃତ କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନଥିବା ବେଳେ ପୋଲିସ ଘଟଣାର ଅଧିକ ତଦନ୍ତ ଜାରି ରଖିଛି। ଅନିଲ କୁମାର ସାହୁ ସାରସକଣା ପ୍ରତିନିଧି ଆଦ୍ୟାଶା ଲାଇଭ ।

ଦଶପଲ୍ଲାରେ ଆବାସ ମହାଦୁର୍ନୀତି ବାରମ୍ବାର ଖବର ପ୍ରକାଶନ ପରେ ବି ଚେତୁନି ପ୍ରଶାସନ, ଆଖିରେ ଅନ୍ଧପୁଚୁଳି ବାନ୍ଧି ବସିଛନ୍ତି ଅଧିକାରୀ!

ନୟାଗଡ଼/ଦଶପଲ୍ଲା (ଆଦ୍ୟାଶା) ୧୨/୧୧ ନୟାଗଡ଼ ଜିଲ୍ଲା ଦଶପଲ୍ଲା ବ୍ଲକରେ ସରକାରଙ୍କ ବହୁଚର୍ଚ୍ଚିତ ଆବାସ ଯୋଜନା ଏବେ ବାଟବଣା ହୋଇପଡ଼ିଛି। ଗରିବ ଓ ଅସହାୟ ପରିବାରଙ୍କୁ ମୁଣ୍ଡ ଗୁଞ୍ଜିବା ପାଇଁ ପକ୍କା ଘର ଯୋଗାଇ ଦେବା ଲକ୍ଷ୍ୟରେ କେନ୍ଦ୍ର ଓ ରାଜ୍ୟ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ, ଦଶପଲ୍ଲାରେ ଏହାର ଖୋଲାଖୋଲି ଉଲ୍ଲଂଘନ ହେଉଥିବା ଅଭିଯୋଗ ହୋଇଛି। ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ହେଉଛି, ଏହି ମହାଦୁର୍ନୀତି ସମ୍ପର୍କରେ ଗଣମାଧ୍ୟମରେ ବାରମ୍ବାର ଖବର ପ୍ରକାଶ ପାଇବା ସତ୍ତ୍ୱେ ସ୍ଥାନୀୟ ପ୍ରଶାସନର ନିଦ ଭାଙ୍ଗୁନାହିଁ। ପ୍ରଶାସନିକ ଅଧିକାରୀମାନେ ସବୁ ଜାଣିଶୁଣି ଆଖିରେ ଅନ୍ଧପୁଚୁଳି ବାନ୍ଧି ବସିଥିବା ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଅଭିଯୋଗ ଅନୁଯାୟୀ, ଦଶପଲ୍ଲା ବ୍ଲକର ବିଭିନ୍ନ ପଞ୍ଚାୟତରେ ଆବାସ ଯୋଜନା ବଣ୍ଟନରେ ବ୍ୟାପକ ଅନିୟମିତତା ଦେଖିବାକୁ ମିଳିଛି। ଯେଉଁମାନଙ୍କର ପୂର୍ବରୁ ପକ୍କା କୋଠାଘର ରହିଛି, ଚାକିରିଆ ଅଛନ୍ତି କିମ୍ବା ଆର୍ଥିକ ସ୍ଥିତି ସ୍ୱଚ୍ଛଳ ରହିଛି, ସେମାନଙ୍କୁ ମୋଟା ଅଙ୍କର ପିସି (PC) କାରବାର ମାଧ୍ୟମରେ ଆବାସ ଗୃହ ଯୋଗାଇ ଦିଆଯାଉଛି। ଅନ୍ୟପଟେ, ଯେଉଁ ପ୍ରକୃତ ଗରିବ ହିତାଧିକାରୀମାନେ ଭଙ୍ଗା ଦଦରା ଚାଳଘରେ ଜୀବନ ବିତାଉଛନ୍ତି, ସେମାନଙ୍କୁ ତାଲିକାରୁ ବାଦ୍ ଦିଆଯାଉଛି। ସ୍ଥାନୀୟ ଜନସାଧାରଣ ଏବଂ ଗଣମାଧ୍ୟମ ପକ୍ଷରୁ ଏହି ଅନିୟମିତତା ବିରୋଧରେ ବାରମ୍ବାର ସ୍ୱର ଉତ୍ତୋଳନ କରାଯାଉଛି। ବିଭିନ୍ନ ଖବରକାଗଜରେ ତଥ୍ୟ ଓ ପ୍ରମାଣ ସହ ଖବର ପ୍ରକାଶ ପାଉଥିଲେ ମଧ୍ୟ ବ୍ଲକ ପ୍ରଶାସନ କିମ୍ବା ଜିଲ୍ଲା ପ୍ରଶାସନ ପକ୍ଷରୁ କୌଣସି ଠୋସ୍ ପଦକ୍ଷେପ ନିଆଯାଉନାହିଁ। ପ୍ରଶାସନର ଏହି ନୀରବତା ଦୁର୍ନୀତିଗ୍ରସ୍ତ କର୍ମଚାରୀ ଏବଂ ଦଲାଲମାନଙ୍କୁ ପରୋକ୍ଷରେ ପ୍ରୋତ୍ସାହନ ଯୋଗାଉଥିବା ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। "ଯଦି ଖବର ପ୍ରକାଶ ପାଇବା ପରେ ବି ପ୍ରଶାସନ ତଦନ୍ତ କରୁନାହିଁ, ତେବେ ସାଧାରଣ ଲୋକେ ନ୍ୟାୟ ପାଇଁ କାହା ପାଖକୁ ଯିବେ?" ବୋଲି ସ୍ଥାନୀୟ ବାସିନ୍ଦା ପ୍ରଶ୍ନ କରିଛନ୍ତି। ଏହି ଘଟଣାରେ କେବଳ ତଳତଳିଆ କର୍ମଚାରୀ ନୁହନ୍ତି, ବରଂ ବଡ଼ବଡ଼ିଆ ଅଧିକାରୀଙ୍କ ସମ୍ପୃକ୍ତି ଥିବା ସନ୍ଦେହ କରାଯାଉଛି। ତେଣୁ ତୁରନ୍ତ ନୟାଗଡ଼ ଜିଲ୍ଲାପାଳ ଏବଂ ରାଜ୍ୟ ପଞ୍ଚାୟତିରାଜ ବିଭାଗ ଏଥିରେ ହସ୍ତକ୍ଷେପ କରିବାକୁ ଦାବି ହୋଇଛି। ଦଶପଲ୍ଲା ବ୍ଲକରେ ମଞ୍ଜୁର ହୋଇଥିବା ସମସ୍ତ ଆବାସ ଗୃହର ନିରପେକ୍ଷ ତଦନ୍ତ କରାଯିବା ସହ, ଏହାର ଭିଜିଲାନ୍ସ ତଦନ୍ତ କରାଇ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ନଚେତ୍ ଆଗାମୀ ଦିନରେ ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ଚେତାବନୀ ଦିଆଯାଇଛି। (ନୟାଗଡ଼ ଜିଲ୍ଲା ପ୍ରତିନିଧି ଦୀପକ ନାୟକଙ୍କ ରିପୋର୍ଟ)

ଆଦ୍ୟାଶା ADYASHA

ରାଜ୍ୟ

PRGI No. ORORI/25/A0506 | Daily Edition | adyashgroup.com

BHUBANESWAR | Vol. 02 | Issue 12 | ଶନିବାର, ୧୪ ନଭେମ୍ବର ୨୦୨୬ | ପୃଷ୍ଠା ୧୧ | Rs. 7

ଆଜିର ପ୍ରମୁଖ

ଜଙ୍ଗଲୀ ଜନ୍ତୁଙ୍କ ଉପଦ୍ରବରେ ଅତିଷ୍ଠ ରତନପୁର ପଞ୍ଚାୟତବାସୀ ହାତୀ ଭାଙ୍ଗିଲା ଉଚ୍ଚ ବିଦ୍ୟାଳୟର ପାଚେରୀ



ଢେଙ୍କାନାଳ: ଢେଙ୍କାନାଳ ଜିଲ୍ଲା ଷଡ଼ଙ୍ଗୀ ବନଖଣ୍ଡ ଅନ୍ତର୍ଗତ ରତନପୁର ପଞ୍ଚାୟତରେ ଜଙ୍ଗଲୀ ଜନ୍ତୁଙ୍କ ଉପଦ୍ରବ ଦିନକୁ ଦିନ ଉଦ୍‌ବେଗଜନକ ରୂପ ଧାରଣ କରିଛି। ହାତୀ, ବାରହା ଓ ଭାଲୁଙ୍କ ଲଗାତାର ଉପଦ୍ରବ ଯୋଗୁଁ ଗ୍ରାମବାସୀ ଭୟ ଓ ଆତଙ୍କ ମଧ୍ୟରେ ଜୀବନ ଅତିବାହିତ କରୁଥିବା ବେଳେ ଚାଷୀମାନେ ନିଜ ଅମଳକ୍ଷମ ଧାନ ଫସଲକୁ ସୁରକ୍ଷା ଦେବାରେ ନାକେଦମ ହେଉଛନ୍ତି। ଗତକାଲି ଏକ ବଣୁଆ ଦନ୍ତା ହାତୀ ରାଏସିଂ ପ୍ରସାଦ ଉଚ୍ଚ ବିଦ୍ୟାଳୟର ପାଚେରୀ ଭାଙ୍ଗି ବ୍ୟାପକ କ୍ଷୟକ୍ଷତି ଘଟାଇଥିବା ଜଣାପଡ଼ିଛି। ଅନ୍ୟପଟେ ହାତୀପଲ ନିଶ୍ଚନ୍ତା ପାଦଦେଶରେ ଥିବା ଚାଷ ଜମିରେ ପଶି ଧାନ ଫସଲ ନଷ୍ଟ କରୁଛନ୍ତି। ଫଳରେ ଅମଳ ସମୟରେ ଚାଷୀଙ୍କ ମୁଣ୍ଡରେ ଚଡ଼କ ପଡ଼ିଛି। କେବଳ ହାତୀ ନୁହେଁ, ବାରହା ପଲ ମଧ୍ୟ ରାତିରେ ଧାନ ଜମିରେ ପଶି ଫସଲ ନଷ୍ଟ କରିଚାଲିଛନ୍ତି। ଦିନରାତି ପରିଶ୍ରମ କରି ଫସଲ ଉତ୍ପାଦନ କରିଥିବା ଚାଷୀମାନେ ଜଙ୍ଗଲୀ ଘୁଷୁରୀଙ୍କ ଉପଦ୍ରବରୁ ନିଜ ଫସଲକୁ ସୁରକ୍ଷିତ ରଖିବାରେ ସମ୍ପୂର୍ଣ୍ଣ ଅସହାୟ ହୋଇପଡ଼ିଛନ୍ତି। ଏପରିକି ଜଙ୍ଗଲୀ ଶଙ୍କର ପାଟିଆ ଭାଲୁଙ୍କ ଉପଦ୍ରବ ଗ୍ରାମବାସୀଙ୍କ ଚିନ୍ତାକୁ ଆହୁରି ବଢ଼ାଇ ଦେଇଛି। ଭାଲୁଙ୍କ ସଂଖ୍ୟା ବୃଦ୍ଧି ସହ ସେମାନେ ଗ୍ରାମ ମୁହାଁ ହେଉଥିବାରୁ ସନ୍ଧ୍ୟା ହେଲେ ଗ୍ରାମରେ ତାଟିକବାଟ ପଡ଼ିଯାଉଛି। ଗତ ସପ୍ତାହରେ ସନ୍ଧ୍ୟା ପ୍ରାୟ ୭ଟା ସମୟରେ ଗ୍ରାମର ଯୁବକ ମନୋଜ ବଳଙ୍କୁ ଏକ ଭାଲୁ ଅତର୍କିତ ଆକ୍ରମଣ କରିଥିଲା। ଏହି ଆକ୍ରମଣରେ ସେ ଗୁରୁତର ଭାବେ କ୍ଷତାକ୍ତ ହୋଇଥିବା ଜଣାପଡ଼ିଛି। ଗୋଟିଏ ପଟେ ଜୀବନ ପ୍ରତି ବିପଦ, ଅନ୍ୟପଟେ ଫସଲ ନଷ୍ଟ ହେବା ଯୋଗୁଁ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଓ ଭୟର ବାତାବରଣ ଦେଖାଦେଇଛି। ବନ ବିଭାଗ ପକ୍ଷରୁ ଏହି ସମସ୍ୟାର ସ୍ଥାୟୀ ସମାଧାନ ଦିଗରେ ଆଖିଦୃଶିଆ ପଦକ୍ଷେପ ନିଆଯାଉନଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏହି ପରିପ୍ରେକ୍ଷୀରେ ନିଶ୍ଚନ୍ତାଠାରେ ଏକ ଫରେଷ୍ଟର ବିଟ୍ ହାଉସ୍ ସ୍ଥାପନ କରିବା ସହ ନିୟମିତ ବନ କର୍ମଚାରୀଙ୍କ ପାଟ୍ରୋଲିଂ, ଜଙ୍ଗଲୀ ଜନ୍ତୁଙ୍କ ଗତିବିଧି ଉପରେ ନଜର ଏବଂ କ୍ଷତିଗ୍ରସ୍ତ ଚାଷୀଙ୍କୁ ଉଚିତ କ୍ଷତିପୂରଣ ପ୍ରଦାନ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ବନ ବିଭାଗ ଓ ପ୍ରଶାସନ ଏହି ସମସ୍ୟାକୁ ଗୁରୁତ୍ୱର ସହ ନେଇ ତୁରନ୍ତ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ ନକଲେ ଆଗାମୀ ଦିନରେ ଜନଜୀବନ ଓ ଚାଷକାର୍ଯ୍ୟ ଅଧିକ ପ୍ରଭାବିତ ହେବାର ଆଶଙ୍କା ରହିଛି। ଢେଙ୍କାନାଳରୁ ବିଶ୍ୱଜିତ୍ ସାମଲଙ୍କ ରିପୋର୍ଟ, ଆଦ୍ୟାସା ନ୍ୟୁଜ୍।

ଶାଳଜଙ୍ଗ ପଞ୍ଚାୟତରେ ବିଜେଡିର ମହାଶକ୍ତି ଜନସମ୍ପର୍କ ପଦଯାତ୍ରା

ଜଗତସିଂହପୁର:(ଆଦ୍ୟାଶା)୧୩/୧୧ଶାଳଜଙ୍ଗରେ ବିଜୁ ଜନତା ଦଳ (ବିଜେଡି) ପକ୍ଷରୁ ଏକ ବିଶାଳ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ପଦଯାତ୍ରାରେ ଦଳର ତିନିଜଣ ପୂର୍ବତନ ବିଧାୟକ ଚିରଞ୍ଜୀବ ବିଶ୍ୱାଳ, ପ୍ରଶାନ୍ତ ମୁଦୁଲି ଓ ଜ୍ୟୋତିଷ ଦାସ ଯୋଗଦେଇଥିବା ବେଳେ ହଜାର ହଜାର ବିଜେଡି କର୍ମୀ ଓ ସମର୍ଥକ ସାମିଲ ହୋଇଥିଲେ। ପଦଯାତ୍ରାରେ ଦଳୀୟ ନେତା ଓ କର୍ମୀଙ୍କ ଉତ୍ସାହପୂର୍ଣ୍ଣ ଉପସ୍ଥିତି ଶାଳଜଙ୍ଗରେ ରାଜନୈତିକ ଉତ୍ସାହ ସୃଷ୍ଟି କରିଥିଲା। ଏହି ବିଶାଳ ପଦଯାତ୍ରାରେ ଯୋଗଦେଇ ପୂର୍ବତନ ବିଧାୟକମାନେ ବିଜୁ ଜନତା ଦଳର ନିର୍ବାଚନରେ ସଫଳତା ପାଇଁ ସମସ୍ତେ କିପରି ଏକଜୁଟ ହୋଇ ଦିନରାତି ପରିଶ୍ରମ କରିବାକୁ ହେବ ବୋଲି କହିଥିଲେ । ଦଳର ସଂଗଠନକୁ ତୃଣମୂଳ ସ୍ତରରୁ ଆହୁରି ମଜବୁତ କରିବା ସହ ଜନସାଧାରଣଙ୍କ ନିକଟରେ ପହଞ୍ଚି ଦଳ ପାଇଁ ନିଷ୍ଠାର ସହ କାର୍ଯ୍ୟ କରିବାକୁ ସେ ଆହ୍ୱାନ ଦେଇଥିଲେ। ଏହି ପଦଯାତ୍ରା ମାଧ୍ୟମରେ ଦଳୀୟ ସଂଗଠନକୁ ସୁଦୃଢ଼ କରିବା ସହ ତୃଣମୂଳ ସ୍ତରରେ କର୍ମୀଙ୍କୁ ଏକଜୁଟ କରିବା ଏବଂ ଜନସାଧାରଣଙ୍କ ସହ ଯୋଡ଼ି ହେବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏଥିରେ ଶାଳଜଙ୍ଗ ପଞ୍ଚାୟତର ବିଜୁ ଜନତା ଦଳରେ ଯୁବ ସହଯୋଗୀକର୍ମୀ ମାନଙ୍କର ମୁଖ୍ୟ ଭୂମିକା ରହିଛି ସେଥିମଧ୍ୟରୁ ସାରଦା ଭୂୟାଁ , ବାପୁ ଆଚାର୍ଯ୍ୟ,ବିଷ୍ଣୁ ବେହେରା, ସୁନାକର ନାଥ, ଧନେଶ୍ୱର ନାଥ , ଧରଣୀଧର ମାଝୀ , ସର୍ବେଶ୍ୱର ବସ୍ତିଆ,ବାବୁ ମଲ୍ଲିକ,ସଞ୍ଜୟ ନାୟକଅବଦୁଲ ହନନ ଖାନ୍,ବଶୀର ଖାନ୍,ଆଶିଫ୍ ଖାନ୍ ଏହି ମାନଙ୍କ ପାଇଁ ଏହି ବିଶାଳ ମହାଶକ୍ତି ଜନସମ୍ପର୍କ ପଦଯାତ୍ରା ସମ୍ପର୍ଣ୍ଣ ହୋଇପାରିଛି । ଭବିଷ୍ୟତରେ ଏହି ଯୁବ ପିଢ଼ିମାନେ ବିଜେଡିକୁ ସଫଳତା ଶୀର୍ଷରେ ପହଞ୍ଚାଇବେ ବୋଲି ସଂକଳ୍ପ ନେଇଛନ୍ତି।



ଶିକ୍ଷକ ଅଭାବକୁ ନେଇ ବିଦ୍ୟାଳୟରେ ତାତି, ଧାରଣାରେ ବସିଲେ ଛାତ୍ରଛାତ୍ରୀ ଓ ଅଭିଭାବକ



କେନ୍ଦ୍ରାପଡ଼ା:୧୩/୧୧/୨୦୨୬:ରିପୋର୍ଟ :- ମୁକେଶ କୁମାର ନାୟକ: ବିଦ୍ୟାଳୟରେ ଶିକ୍ଷକ ଅଭାବକୁ ନେଇ ତେଜିଲା ଅସନ୍ତୋଷ। ଶିକ୍ଷକ ସମସ୍ୟାର ସମାଧାନ ଦାବିରେ ଧାରଣାରେ ବସିଲେ ଛାତ୍ରଛାତ୍ରୀ ଓ ଅଭିଭାବକ। ଏଭଳି ଅଭାବନୀୟ ଚିତ୍ର ଦେଖିବାକୁ ମିଳିଛି କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ପଦନୀପାଳ ପଞ୍ଚାୟତର ସରକାରୀ ଡିପିଏସ୍ ନୋଡାଲ ହାଇସ୍କୁଲରେ। ବାରମ୍ବାର ଅଭିଯୋଗ ପରେ ମଧ୍ୟ ସମସ୍ୟାର ସମାଧାନ ନହେବାରୁ ଶୁକ୍ରବାର ଦିନ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ବିଦ୍ୟାଳୟ ପରିସରରେ ଧାରଣା ଦେଇ ପ୍ରତିବାଦ ଜଣାଇଛନ୍ତି। ସୂଚନା ଅନୁଯାୟୀ, ଏହି ବିଦ୍ୟାଳୟରେ ଶିଶୁ ବାଟିକାଠାରୁ ଆରମ୍ଭ କରି ଦଶମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୧୧ଟି ଶ୍ରେଣୀ ରହିଥିବା ବେଳେ ଶିକ୍ଷାଦାନ ପାଇଁ ଅଛନ୍ତି ମାତ୍ର ୪ ଜଣ ଶିକ୍ଷକ। ଏଥିମଧ୍ୟରୁ ଶିଶୁ ବାଟିକାଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ାଇବା ପାଇଁ ମାତ୍ର ଜଣେ ଶିକ୍ଷୟିତ୍ରୀ ରହିଛନ୍ତି। ଅନ୍ୟପଟେ ନବମ ଓ ଦଶମ ଶ୍ରେଣୀ ପାଇଁ ରହିଛନ୍ତି ମାତ୍ର ୩ ଜଣ ଶିକ୍ଷକ। ଅଭିଭାବକଙ୍କ ଅଭିଯୋଗ ଅନୁଯାୟୀ, ବିଦ୍ୟାଳୟର ତିନି ଜଣ ଶିକ୍ଷକଙ୍କୁ ଡେପୁଟେସନରେ ଅନ୍ୟତ୍ର ପଠାଯାଇଥିବା ବେଳେ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ମଧ୍ୟ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ସ୍ଥାନାନ୍ତର କରାଯାଇଛି। ଫଳରେ ବିଦ୍ୟାଳୟରେ ଶିକ୍ଷାଦାନ ବ୍ୟବସ୍ଥା ଗୁରୁତର ଭାବେ ପ୍ରଭାବିତ ହେଉଥିବା ଅଭିଭାବକମାନେ କହିଛନ୍ତି। ଏନେଇ ପୂର୍ବରୁ ଅଭିଭାବକମାନେ ବ୍ଲକ ଶିକ୍ଷାଧିକାରୀ ଓ ଜିଲ୍ଲା ଶିକ୍ଷାଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିବା ସେମାନଙ୍କ ଅଭିଯୋଗ। ତେଣୁ ତୁରନ୍ତ ଆବଶ୍ୟକ ଶିକ୍ଷକ ନିଯୁକ୍ତି ସହ ଖାଲି ପଡ଼ିଥିବା ପଦବୀ ପୂରଣ କରିବାକୁ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ଦାବି କରିଛନ୍ତି। ଏବେ ଦେଖିବାକୁ ବାକି ରହିଲା, ଶିକ୍ଷା ବିଭାଗ ଏହି ସମସ୍ୟାର ସମାଧାନ ପାଇଁ କେବେ ପଦକ୍ଷେପ ନେଉଛି।

ବିଧାୟକ ଅରବିନ୍ଦ ମହାପାତ୍ର ନୂତନ ହିତାଧିକାରୀ ଙ୍କୁ ଭତ୍ତା ବଣ୍ଟନ କଲେ

ଗରଦପୁର:୧୩/୧୧(ରାକେଶ ମହାନ୍ତି):ଜିଲ୍ଲା ପ୍ରଶାସନ ତଥା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଗରଦପୁର ବ୍ଲକ କଳାବୁଦା ମହାଲକ୍ଷ୍ମୀ ମଣ୍ଡପ ପ୍ରାଙ୍ଗଣରେ ଏକ ସ୍ୱତନ୍ତ୍ର ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବ୍ଲକର ବିଭିନ୍ନ ପଞ୍ଚାୟତରୁ ମନୋନୀତ ହୋଇଥିବା ମୋଟ ୧୨୫୮ ଜଣ ନୂତନ ହିତାଧିକାରୀଙ୍କୁ ମଧୁସୂଦନ ପେନସନ ଯୋଜନାରେ ଭତ୍ତା ପ୍ରଦାନ କରାଯାଇଛି। ସରକାରୀ ସହାୟତା ସିଧାସଳଖ ହାତକୁ ଆସିବା ପରେ ହିତାଧିକାରୀଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଛି। ମୁଖ୍ୟ ଅତିଥି ଭାବେ ଯୋଗଦେଲେ ବିଧାୟକ ଅରବିନ୍ଦ ମହାପାତ୍ର ବ୍ଲକ ଅଧ୍ୟକ୍ଷ ଅଭୟ ମହାରାଜଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସ୍ୱତନ୍ତ୍ର ବଣ୍ଟନ ଉତ୍ସବରେ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ନୂତନ ହିତାଧିକାରୀମାନଙ୍କୁ ନିଜ ହାତରେ ଭତ୍ତା ପ୍ରଦାନ କରିଥିଲେ। ସେହିପରି ସାଂସଦଙ୍କ ପ୍ରତିନିଧି ଚିତ୍ତରଞ୍ଜନ ଚୈଧୁରୀ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସରକାରୀ ଯୋଜନାଗୁଡ଼ିକର ସଫଳ ରୂପାୟନ ସମ୍ପର୍କରେ ମତବ୍ୟକ୍ତ କରିଥିଲେ. ପଞ୍ଚାୟତୱାରୀ ହିତାଧିକାରୀଙ୍କ ବଣ୍ଟନ ତାଲିକାଏହି ବଣ୍ଟନ କାର୍ଯ୍ୟକ୍ରମରେ ଗରଦପୁର ବ୍ଲକର ବିଭିନ୍ନ ପଞ୍ଚାୟତରୁ ଆସିଥିବା ନୂତନ ହିତାଧିକାରୀମାନେ ସାମିଲ ହୋଇଥିଲେ:ବଙ୍ଗାଳପୁର: ୧୧୦ ଜଣ ଗରଦପୁର: ୯୧ ଜଣ ପାଟକୁରା: ୮୮ ଜଣ ବନ୍ତଳା ଓ ବେଡାରୀ: ପ୍ରତ୍ୟେକ ୭୮ ଜଣ ଭଗବାନପୁର ଓ ତଳକୁସମା: ପ୍ରତ୍ୟେକ ୭୩ ଜଣ ପାଖଡ ଓ ସାନଅଢଙ୍ଗା: ପ୍ରତ୍ୟେକ ୭୨ ଜଣ ପଦ୍ମପୁର: ୬୭ ଜଣ ବଡବେତରା, ରାମଚନ୍ଦ୍ରପୁର ଓ ପଳସୁଧା: ପ୍ରତ୍ୟେକ ୫୪ ଜଣ ଡିକନପୁର ଓ ତେଣ୍ଡାକୁଡା: ପ୍ରତ୍ୟେକ ୫୩ ଜଣ କଳାବୁଦା: ୩୯ ଜଣ ମଧୁଶାସନ ଓ ନଡିଆବରାଇ: ପ୍ରତ୍ୟେକ ୪୭ ଜଣ ବର୍ଗ ଅନୁଯାୟୀ ଭତ୍ତା ପ୍ରଦାନର ବିଶେଷ ବିବରଣୀ ମୋଟ ୧୨୫୮ ଜଣ ହିତାଧିକାରୀଙ୍କ ମଧ୍ୟରୁ ବିଭିନ୍ନ ବର୍ଗର ଲୋକଙ୍କୁ ସାମାଜିକ ସୁରକ୍ଷା ପରିସରଭୁକ୍ତ କରାଯାଇଛି:ବାର୍ଦ୍ଧକ୍ୟ ଭତ୍ତା: ୧୨୨୧ ଜଣ ବିଧବା ଭତ୍ତା: ୨୨ ଜଣ ଦିବ୍ୟାଙ୍ଗ ଭତ୍ତା: ୮ ଜଣ ଛାଡ଼ପତ୍ର ପ୍ରାପ୍ତା ହିତାଧିକାରୀ: ୫ ଜଣ ଅବିବାହିତ ହିତାଧିକାରୀ: ୨ ଜଣ ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତି ଓ ପରିଚାଳନା ଏହି ସମାରୋହରେ ଗରଦପୁର ବିଡ଼ିଓ ଆଲୋକ କୁମାର ସେଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଚୈଧୁରୀ ଦିପକ କୁମାର, ଡିଇଓ ଶୁଭଶ୍ରୀ ନାୟକ, ଯୋଗାଣ କର୍ମଚାରୀ ପ୍ରମୋଦ କୁମାର ରାଉତ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଚୈତନ୍ୟ ପ୍ରସାଦ ବିଶ୍ବାଳ ଏବଂ ନିଶାନ୍ତ ସାହୁ ସଫଳତାର ସହ ପରିଚାଳନା କରିଥିଲେ। ଶେଷରେ ଅତିରିକ୍ତ ବିଡ଼ିଓ ସଞ୍ଜୟ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉତ୍ସବରେ ବ୍ଲକର ସମସ୍ତ ସରପଞ୍ଚ, ସମିତି ସଭ୍ୟଙ୍କ ସମେତ ବହୁ ସଂଖ୍ୟାରେ ହିତାଧିକାରୀ ଓ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ।



ଜିଲ୍ଲାରୁ ସିଧା ରିପୋର୍ଟ

ଏକୀକୃତ ପେନସନ୍ ପରିଚାଳନା ପୋର୍ଟାଲର ଶୁଭାରମ୍ଭ ଓ ମଧୁବାବୁ ପେନସନ୍ ଯୋଜନାରେ ୫,୦୫,୮୧୭ ନୂତନ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନର ଶୁଭାରମ୍ଭ



କୁଚିଣ୍ଡା: 13/11/26(ଯୁଗଲ କିଶୋର ଧାନ)ଆଦ୍ୟାଶା ଲାଇଭ,କୁଚିଣ୍ଡା:(ଯୁଗଲ କିଶୋର ଧାନ/ଆଦ୍ୟାଶା ଲାଇଭ୍):ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଉପଖଣ୍ଡ ତଥା କୁଚିଣ୍ଡା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଆଜି ଏକ ଭବ୍ୟ ତଥା ପ୍ରେରଣାଦାୟୀ କାର୍ଯ୍ୟକ୍ରମରେ ଏକୀକୃତ ପେନସନ୍ ପରିଚାଳନା ପୋର୍ଟାଲ' ର ଶୁଭାରମ୍ଭ କରାଯାଇଛି। ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭତ୍ତା ବଣ୍ଟନ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ, ଦ୍ରୁତ ଏବଂ ତ୍ରୁଟିମୁକ୍ତ କରିବା ପାଇଁ ଏହି ଅଭିନବ ପଦକ୍ଷେପ ଗ୍ରହଣ କରାଯାଇଥିବାବେଳେ, ଏହି ଅବସରରେ ମଧୁବାବୁ ପେନସନ୍ ଯୋଜନା ଅଧୀନରେ ସମଗ୍ର ରାଜ୍ୟର ମୋଟ ୫,୦୫,୮୧୭ ଜଣ ନୂତନ ଯୋଗ୍ୟ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନର ମଧ୍ୟ ଶୁଭାରମ୍ଭ କରାଯାଇଥିଲା।ମୁଖ୍ୟ ଅତିଥିଙ୍କ ଯୋଗଦାନ ଓ ମଞ୍ଚାସୀନ ଅତିଥିବୃନ୍ଦ ସ୍ଥାନୀୟ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭାଗୃହରେ ଅନୁଷ୍ଠିତ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଜ୍ୟର ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ତଥା ସ୍ଥାନୀୟ ବିଧାୟକ ଶ୍ରୀ ରବି ନାରାୟଣ ନାଏକ ମୁଖ୍ୟ ଅତିଥି ଭବେ ଯୋଗଦେଇ ଏହି ଲୋକାଭିମୁଖୀ ପୋର୍ଟାଲ ଏବଂ ଭତ୍ତା ବଣ୍ଟନ କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ମନ୍ତ୍ରୀ ଶ୍ରୀ ନାଏକ ନିଜର ଅଭିଭାଷଣରେ ପ୍ରକାଶ କରିଥିଲେ ଯେ, ସରକାରଙ୍କ ପ୍ରତ୍ୟେକଟି ଜନକଲ୍ୟାଣକାରୀ ଯୋଜନା ଯେପରି ମୂଳସ୍ତରର ପ୍ରକୃତ ଓ ନିରାଶ୍ରୟ ଲୋକଙ୍କ ନିକଟରେ ବିନା କୌଣସି ଜଟିଳତାରେ ପହଞ୍ଚିବ, ସେଥିପାଇଁ ଡିଜିଟାଲ ବ୍ୟବସ୍ଥାକୁ ସର୍ବାଧିକ ପ୍ରାଥମିକତା ଦିଆଯାଉଛି।ଏହି କାର୍ଯ୍ୟକ୍ରମରେ ସମ୍ମାନଜନକ ଅତିଥି ଭାବେ:ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ଶ୍ରୀ ରୁଦ୍ର ପ୍ରତାପ ଦେବ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ସୌଭାଗ୍ୟ ଚନ୍ଦ୍ର ପାଣି ଜିଲ୍ଲା ପରିଷଦ ସଭ୍ୟ ଶ୍ରୀ ଦିବ୍ୟରାଜ କିସାନ ପ୍ରମୁଖ ମଞ୍ଚାସୀନ ରହି ଉପସ୍ଥିତ ଜନସାଧାରଣ ଓ ହିତାଧିକାରୀମାନଙ୍କୁ ଉତ୍ସାହିତ କରିଥିଲେ।କୁଚିଣ୍ଡା ଅଞ୍ଚଳରେ ୩୬୧ ଜଣ ନୂତନ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ ରାଜ୍ୟବ୍ୟାପୀ ଏହି ବୃହତ କାର୍ଯ୍ୟକ୍ରମର ଅଂଶବିଶେଷ ସ୍ୱରୂପ କୁଚିଣ୍ଡା ଉପଖଣ୍ଡର ବିଭିନ୍ନ ପଞ୍ଚାୟତରୁ ମନୋନୀତ ମୋଟ ୩୬୧ ଜଣ ନୂତନ ଯୋଗ୍ୟ ହିତାଧିକାରୀଙ୍କୁ ଏହି ଦିନ ମଧୁବାବୁ ପେନସନ୍ ଯୋଜନାରେ ସାମିଲ କରାଯାଇ ସେମାନଙ୍କୁ ପ୍ରଥମ କିସ୍ତି ଭତ୍ତା ପ୍ରଦାନ କରାଯାଇଥିଲା। ବୃଦ୍ଧ, ବିଧବା, ଭିନ୍ନକ୍ଷମ ଏବଂ ଅସହାୟ ବ୍ୟକ୍ତିମାନେ ଏହି ଯୋଜନା ଦ୍ୱାରା ପ୍ରତ୍ୟକ୍ଷ ଭାବେ ଉପକୃତ ହୋଇଥିବାରୁ ସେମାନଙ୍କ ମଧ୍ୟରେ ବେଶ୍ ଆନନ୍ଦ ଓ ଉତ୍ସାହର ଲହରୀ ଖେଳିଯାଇଥିଲା।ଏକୀକୃତ ପେନସନ୍ ପରିଚାଳନା ପୋର୍ଟାଲ (UPMP): ସ୍ୱଚ୍ଛତା ଓ ସୁବିଧା ଆଡ଼କୁ ଏକ ବଡ଼ ପଦକ୍ଷେପ କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ଓ ବକ୍ତାମାନେ ଏକୀକୃତ ପେନସନ୍ ପରିଚାଳନା ପୋର୍ଟାଲ (UPMP) ର ବିଭିନ୍ନ ଲାଭଦାୟକ ଦିଗ ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ। ଏହି ନୂତନ ପୋର୍ଟାଲର ମୁଖ୍ୟ ବିଶେଷତ୍ୱଗୁଡ଼ିକ ହେଲା:ସହଜ ଓ ଅନଲାଇନ୍ ଆବେଦନ ପ୍ରକ୍ରିୟା: ଏଣିକି ୬୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ଯୋଗ୍ୟ ବ୍ୟକ୍ତିମାନେ ମଧୁବାବୁ ପେନସନ୍ ଯୋଜନାରେ ପେନସନ୍ ପାଇବା ପାଇଁ କୌଣସି ଦଲାଲ ବା ଜଟିଳ କାର୍ଯ୍ୟାଳୟ ଦୌଡ଼ିବାର ଆବଶ୍ୟକତା ରହିବ ନାହିଁ; ବରଂ ଏହି ଅନଲାଇନ୍ ପୋର୍ଟାଲ ମାଧ୍ୟମରେ ଘରେ ବସି କିମ୍ବା ଜନସେବା କେନ୍ଦ୍ର ଜରିଆରେ ସହଜରେ ଆବେଦନ କରିପାରିବେ।ସ୍ୱଚ୍ଛତା ଏବଂ ଦ୍ରୁତ ପରିଚାଳନା: ପୋର୍ଟାଲ ଜରିଆରେ ଆବେଦନଠାରୁ ଆରମ୍ଭ କରି କାଗଜପତ୍ର ଯାଞ୍ଚ, ଅନୁମୋଦନ ଏବଂ ପେନସନ୍ ମଞ୍ଜୁରୀ ପର୍ଯ୍ୟନ୍ତ ସମସ୍ତ ପ୍ରକ୍ରିୟା ସମ୍ପୂର୍ଣ୍ଣ ସ୍ୱଚ୍ଛ ଏବଂ ଦ୍ୱରିତ ହୋଇପାରିବ।ସମୟର ସଦୁପଯୋଗ: ପୂର୍ବରୁ ଆବେଦନ ପତ୍ର ଜମା କରିବା ଓ ସେଗୁଡ଼ିକର ଅନୁଧ୍ୟାନ ପାଇଁ ଯେଉଁ ଦୀର୍ଘ ସମୟ ଲାଗୁଥିଲା, ଏହି ଡିଜିଟାଲ୍ ବ୍ୟବସ୍ଥା ଦ୍ୱାରା ତାହା ବହୁତ କମିଯିବ ଏବଂ ପ୍ରକୃତ ହିତାଧିକାରୀମାନେ ବିନା ବାଧାରେ ସେମାନଙ୍କର ପ୍ରାପ୍ତ ଅଧିକାର ପାଇପାରିବେ।ପ୍ରଶାସନିକ ପ୍ରସ୍ତୁତି ଓ ଜନସାଧାରଣଙ୍କ ପ୍ରତିକ୍ରିୟା ଏହି ସଫଳ କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ କୁଚିଣ୍ଡା ପ୍ରଶାସନ, ପଞ୍ଚାୟତ ସମିତିର ଅଧିକାରୀ ଏବଂ କର୍ମଚାରୀମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ସ୍ଥାନୀୟ ବୁଦ୍ଧିଜୀବୀ ଓ ଜନସାଧାରଣ ସରକାରଙ୍କ ଏଭଳି ଜନକଲ୍ୟାଣକାରୀ ତଥା ଟେକ୍ନୋଲୋଜିଆଧାରିତ

ମେଘା ପ୍ରକଳ୍ପର ପାଇପ୍ ଫାଟି ରାସ୍ତାରେ ଆଣ୍ଠୁଏ ପାଣି,ଘରେ ପଶିଲାଣି ଜଳ,ବିଭାଗୀୟ ଅଧିକାରୀଙ୍କ ଦାୟିତ୍ୱହୀନତା ଉପରେ ପ୍ରଶ୍ନ



ଭଦ୍ରକ :ଧାମନଗର ମେଘା ପ୍ରକଳ୍ପ ଅଧିକାରୀଙ୍କ ଦାୟିତ୍ୱ ହୀନତା,କମ୍ପାନୀର ଖାମଖିଆଲି ମନୋଭାବ ଯୋଗୁଁ ଆରଡ଼ିରୁ ଧୁଷୁରୀ ଯିବା ମୁଖ୍ୟ ରାସ୍ତା ଏବେ ଜଳମଗ୍ନ ହେବାରୁ ସାଧାରଣ ଜନତା ଯାତାୟାତ ରେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତାର ବିଭିନ୍ନ ସ୍ଥାନରେ ପାନୀୟ ଜଳ ଯୋଗାଣ ପାଇଁ ବିଛାଯାଇଥିବା ପାଇପ୍ ଫାଟି ଅବିରତ ଭାବେ ପାଣି ବାହାରୁଥିବାରୁ ରାସ୍ତା ଉପରେ ଆଣ୍ଠୁଏ ପାଣି ଜମି ରହିବା ସହ ନିକଟସ୍ଥ ଘର ଭିତରକୁ ମଧ୍ୟ ପାଣି ପଶିଯାଉଛି। ଫଳରେ ରାସ୍ତାକଡ଼ରେ ଥିବା ପନ୍ଦରବାଟିଆ,ସାହୁସାହି ଆଦି ଅନେକ ଘର ଭିତରକୁ ପାଣି ପଶି ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।ଘର ଅଗଣା ଓ ରାସ୍ତା ଏକାକାର ହୋଇପଡ଼ିଥିବାରୁ ସ୍ଥାନୀୟ ବାସିନ୍ଦାଙ୍କ ଦୈନନ୍ଦିନ ଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଅନ୍ୟପକ୍ଷରେ ରାସ୍ତା ଉପରେ ଦୀର୍ଘ ସମୟ ଧରି ପାଣି ପ୍ରବାହିତ ହେବା ଯୋଗୁଁ ରାସ୍ତାର ଅବସ୍ଥା ଦିନକୁ ଦିନ ଶୋଚନୀୟ ହେବାରେ ଲାଗିଛି। ଦୁଇଚକିଆ ଯାନଠାରୁ ଆରମ୍ଭ କରି ଚାରିଚକିଆ ଯାନ ପର୍ଯ୍ୟନ୍ତ ସମସ୍ତ ଯାନବାହନ ଚଳାଚଳରେ ଏବଂ ବିଶେଷକରି ଆରଡି ଧାମକୁ ଯାତ୍ରୀମାନେ ବହୁ ହଇରାଣ ହେଉଛନ୍ତି।ଏପରିକି ରାସ୍ତାରେ ଥିବା ପାଣି ଯୋଗୁଁ ଯାନବାହନ ଚାଳକମାନେ ଦୁର୍ଘଟଣାର ଆଶଙ୍କାରେ ଯାତାୟାତ କରୁଛନ୍ତି।ଜନସାଧାରଣଙ୍କୁ ସୁବିଧାରେ ପାନୀୟ ଜଳ ଯୋଗାଇବା ଉଦ୍ଦେଶ୍ୟରେ ମେଘା ପ୍ରକଳ୍ପ କାର୍ଯ୍ୟକାରୀ ହେଉଥିବାବେଳେ ପାଇପ୍ ଫାଟି ଏଭଳି ଅବସ୍ଥା ସୃଷ୍ଟି ହେବା ପ୍ରକଳ୍ପର ରକ୍ଷଣାବେକ୍ଷଣ ଓ କାର୍ଯ୍ୟ ତଦାରଖକୁ ନେଇ ସାଧାରଣରେ ଅନେକ ପ୍ରଶ୍ନ ସୃଷ୍ଟି କରିଛି। ପାଇପ୍ ଫାଟିବା ଘଟଣା ବାରମ୍ବାର ଘଟୁଥିଲେ ମଧ୍ୟ ଏହାର ସ୍ଥାୟୀ ସମାଧାନ ହେଉନଥିବା ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।ତେଣୁ ତୁରନ୍ତ ଫାଟିଥିବା ପାଇପଗୁଡ଼ିକର ମରାମତି କରିବା, ରାସ୍ତା ଉପରେ ଜମିଥିବା ପାଣି ନିଷ୍କାସନ କରିବା ଏବଂ କ୍ଷତିଗ୍ରସ୍ତ ରାସ୍ତାର ମରାମତି କରିବା ପାଇଁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି। ଏଥିସହିତ ମେଘା ପ୍ରକଳ୍ପର ଦାୟିତ୍ୱରେ ଥିବା କମ୍ପାନୀ ଓ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ଘଟଣାସ୍ଥଳ ପରିଦର୍ଶନ କରି ତୁରନ୍ତ ସମସ୍ୟାର ସ୍ଥାୟୀ ସମାଧାନ କରିବାକୁ ଦାବି ହୋଇଛି।

ହସ୍ତାକ୍ଷର ଓ ଶ୍ରୁତଲିଖନରେ ଧାମନଗର ବ୍ଲକ ଟପ୍ପର ଆଦ୍ୟାଶା ଗାହାଣ



ଭଦ୍ରକ :ଧାମନଗର ବ୍ଲକ ପାଇଁ ଗୌରବ ଆଣିଛନ୍ତି ବମକୁରା ନୋଡାଲ ଉଚ୍ଚ ବିଦ୍ୟାଳୟର ସପ୍ତମ ଶ୍ରେଣୀର ଛାତ୍ରୀ ଆଦ୍ୟାଶା ଗାହାଣ। ଶିକ୍ଷା କ୍ଷେତ୍ରରେ ନିଜର ପ୍ରତିଭା ଓ ଦକ୍ଷତା ପ୍ରଦର୍ଶନ କରି ଧାମନଗର ବ୍ଲକସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି-୨୦୨୬'ରେ ହସ୍ତାକ୍ଷର ଓ ଶ୍ରୁତଲିଖନ ପ୍ରତିଯୋଗିତାରେ ଭାଗ ନେଇ ସେ ବ୍ଲକସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଆଦ୍ୟାଶା ହେଉଛନ୍ତି ରଜନୀକାନ୍ତ ଗାହାଣ ଓ ବିମଳା ଗାହାଣଙ୍କ ସୁକନ୍ୟା। ପାଠପଢ଼ା ସହିତ ହସ୍ତାକ୍ଷର ଓ ଶ୍ରୁତଲିଖନରେ ତାଙ୍କର ଉତ୍କୃଷ୍ଟ ଦକ୍ଷତା ଏହି ସଫଳତାର ମୁଖ୍ୟ ପରିଚୟ ପାଲଟିଛି। ବ୍ଲକସ୍ତରରେ ପ୍ରଥମ ସ୍ଥାନ ହାସଲ କରିବା ସହିତ ସେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି। ତାଙ୍କର ଏହି ଉଲ୍ଲେଖନୀୟ ସଫଳତାରେ ବିଦ୍ୟାଳୟ ପରିବାର ମଧ୍ୟରେ ଖୁସିର ମାହୋଲ ଖେଳିଯାଇଛି। ବିଦ୍ୟାଳୟର ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ, ପରିବାରବର୍ଗ ଓ ସହପାଠୀମାନେ ଆଦ୍ୟାଶାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହିତ ଆଗାମୀ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ମଧ୍ୟ ସେ ଶ୍ରେଷ୍ଠ ପ୍ରଦର୍ଶନ କରି ବିଦ୍ୟାଳୟ ଓ ଧାମନଗର ବ୍ଲକର ଗୌରବ ବୃଦ୍ଧି କରନ୍ତୁ ବୋଲି ଆଶା ପ୍ରକାଶ କରିଛନ୍ତି। ଆଦ୍ୟାଶାଙ୍କ ଏହି ସଫଳତା ଅନ୍ୟ ଛାତ୍ରଛାତ୍ରୀଙ୍କ ପାଇଁ ନିଶ୍ଚିତ ଭାବେ ପ୍ରେରଣାଦାୟକ ହେବ ବୋଲି ମତପ୍ରକାଶ ପାଇଛି।

ମାଟିର ଖବର

ଶିଶୁମନ୍ଦିର ଛାତ୍ରଛାତ୍ରୀଙ୍କୁ ନେଇ ଯାଉଥିବା ଗାଡ଼ି ଓଲଟିଲା, ୧୦ ଆହତ

ଜଗତସିଂହପୁର:(ଆଦ୍ୟାଶା)୧୩/୧୧/୨୦୨୬:ଜଗତସିଂହପୁର ଜିଲ୍ଲାନାଉଗାଁ ବ୍ଲକ ରେ ଏକ ଅଭାବନୀୟ ସଡ଼କ ଦୁର୍ଘଟଣା ଘଟିଛି। ଶାଳିଜଙ୍ଗା ଶିଶୁମନ୍ଦିରର ଛାତ୍ରଛାତ୍ରୀଙ୍କୁ ନେଇ ଘରକୁ ଫେରୁଥିବା ଏକ ଗାଡ଼ି ଟ୍ରାକ୍ଟର ଡାଲା ପଛପଟେ ଧକ୍କା ଦେଇ ଓଲଟି ପଡ଼ିବାରୁ ପ୍ରାୟ ୧୦ ଜଣ ଛାତ୍ରଛାତ୍ରୀ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ ୫ ଜଣଙ୍କ ଅବସ୍ଥା ଗୁରୁତର ଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ, ଆଜି ଦିନ ପ୍ରାୟ ୨ଟା ସମୟରେ ଶିଶୁମନ୍ଦିରର ଛାତ୍ରଛାତ୍ରୀମାନେ ଏକ ଗାଡ଼ିରେ ଘରକୁ ଫେରୁଥିବା ବେଳେ ଗାଡ଼ିଟି ଏକ ଟ୍ରାକ୍ଟର ଡାଲା ପଛପଟେ ଧକ୍କା ଦେଇଥିଲା। ଧକ୍କାର ପ୍ରଭାବରେ ଗାଡ଼ିଟି ରାସ୍ତା ଉପରେ ଓଲଟି ପଡ଼ିଥିଲା। ଫଳରେ ଗାଡ଼ିରେ ଥିବା ପ୍ରାୟ ୧୦ ଜଣ ଛାତ୍ରଛାତ୍ରୀ ଆହତ ହୋଇଥିଲେ। ଦୁର୍ଘଟଣା ପରେ ଆହତ ଛାତ୍ରଛାତ୍ରୀଙ୍କୁ ତୁରନ୍ତ ନାଉଗାଁ ଓ ତେରିକି ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଆହତଙ୍କ ମଧ୍ୟରୁ ୫ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ନାଉଗାଁ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ସେଥିମଧ୍ୟରୁ ୩ ଜଣଙ୍କ ଅବସ୍ଥା ଅଧିକ ଗୁରୁତର ହେବାରୁ ସେମାନଙ୍କୁ ଜଗତସିଂହପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟ ୨ ଜଣ ନାଉଗାଁ ମେଡିକାଲରେ ଚିକିତ୍ସାଧୀନ ଥିବା ବେଳେ ଅନ୍ୟ ଆହତମାନେ ତେରିକି ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ଅନ୍ୟପକ୍ଷରେ, ଗାଡ଼ି ଚାଳକ ମଦ୍ୟପାନ କରି ଗାଡ଼ି ଚଳାଉଥିବା ନେଇ ଅଭିଯୋଗ ଉଠିଛି। ତେବେ ଏହି ଅଭିଯୋଗର ସତ୍ୟତା ଏଯାବତ୍ ସ୍ପଷ୍ଟ ହୋଇନାହିଁ। ଯଦି ଅଭିଯୋଗ ସତ୍ୟ ପ୍ରମାଣିତ ହୁଏ, ତେବେ ଏହା ସ୍କୁଲ ଛାତ୍ରଛାତ୍ରୀଙ୍କ ସୁରକ୍ଷା ପ୍ରତି ଗୁରୁତର ଅବହେଳା ବୋଲି ବିବେଚିତ ହେବ। ଏହି ଘଟଣା ପରେ ସ୍କୁଲ କର୍ତ୍ତୃପକ୍ଷ, ଗାଡ଼ି ମାଲିକ, ପରିବହନ ବିଭାଗ ଓ ପୋଲିସ ପ୍ରଶାସନର ଦାୟିତ୍ୱକୁ ନେଇ ପ୍ରଶ୍ନ ଉଠିଛି। ଘଟଣାର ନିରପେକ୍ଷ ତଦନ୍ତ କରି ଦୁର୍ଘଟଣାର ପ୍ରକୃତ କାରଣ ଜଣାଇବା ସହ ଦୋଷୀଙ୍କ ବିରୋଧରେ ଆଇନ ଅନୁଯାୟୀ ପଦକ୍ଷେପ ନେବାକୁ ଦାବି



ଜନମତ

ବର୍ଦ୍ଧିତ ବସ ଭଡ଼ା ତୁରନ୍ତ ପ୍ରତ୍ୟାହାର କରିବାକୁ ଏସୟୁସିଆଇ (କମ୍ୟୁନିଷ୍ଟ)ର ଦାବି

ଫୁଲବଣୀ,: (ଇମିସ / ଆଦ୍ୟାଶା ଲାଇଭ୍):ଚଳିତ ବର୍ଷ ମଧ୍ୟରେ ଏକକାଳୀନ ତୃତୀୟ ଥର ପାଇଁ ବସ ଭଡ଼ା କିଲୋମିଟର ପିଛା ୨୬ ପଇସାରୁ ୧ ଟଙ୍କା ୧୧ ପଇସା ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ରାଜ୍ୟ ସରକାର ଜାରି କରିଥିବା ବିଜ୍ଞପ୍ତିକୁ ଏସୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ କଡ଼ା ଭାଷାରେ ନିନ୍ଦା କରାଯାଇଛି। ସରକାରଙ୍କ ଏହି ଜନବିରୋଧୀ ନୀତିକୁ ତୁରନ୍ତ ପ୍ରତ୍ୟାହାର କରିବା ପାଇଁ ଦଳ ପକ୍ଷରୁ ଦୃଢ଼ ଦାବି କରାଯାଇଛି।ପ୍ରାକୃତିକ ବିପର୍ଯ୍ୟୟ ଓ ଦରବୃଦ୍ଧିରେ ଜନଜୀବନ ଦୁର୍ବିସହ ଦଳର ଜିଲ୍ଲା ସମ୍ପାଦକ ନିରାକାର ପାଣ୍ଡବ ଏକ ପ୍ରେସ୍ ବିବୃତି ଜରିଆରେ ପ୍ରକାଶ କରିଛନ୍ତି ଯେ, ଚଳିତ ବର୍ଷ ରାଜ୍ୟରେ ଏହା ଭିତରେ ୭ ଥର ପ୍ରଳୟଙ୍କରୀ ବନ୍ୟା ଏବଂ ସମ୍ପ୍ରତି ବାତ୍ୟା 'ଅର୍ଣ୍ଣବ୍' ଯୋଗୁଁ ସାଧାରଣ ଜନତା ଘୋର ଆର୍ଥିକ ଦୁର୍ଗତି ଓ ମାନସିକ ଦୁଶ୍ଚିନ୍ତା ମଧ୍ୟରେ ଦିନ କାଟୁଛନ୍ତି। ଗୋଟିଏ ପଟେ ବାତ୍ୟା ଓ ବନ୍ୟା କ୍ଷତିଗ୍ରସ୍ତ ଲୋକେ ପୁନଃଥଇଥାନ ପାଇଁ ସଂଘର୍ଷ କରୁଥିବାବେଳେ, ଅନ୍ୟପଟେ ପ୍ରତିଦିନ ନିତ୍ୟବ୍ୟବହାର୍ଯ୍ୟ ଜିନିଷପତ୍ରର ଅହେତୁକ ଦରବୃଦ୍ଧି ସାଧାରଣ ଜୀବନଯାତ୍ରାକୁ ଅତିଷ୍ଠ କରିଦେଇଛି। ଏଭଳି ସ୍ଥିତିରେ ବସ ଭଡ଼ା ବୃଦ୍ଧି ଜନସାଧାରଣଙ୍କ ମେରୁଦଣ୍ଡ ଭାଙ୍ଗିଦେଇଛି।ବସ ମାଲିକଙ୍କ ସ୍ୱାର୍ଥରେ ସରକାରଙ୍କ ଅମାନବୀୟ ପଦକ୍ଷେପ ଏସୟୁସିଆଇ ନେତା କହିଛନ୍ତି ଯେ, ଏଭଳି ଦାରିଣୀୟ ପରିସ୍ଥିତିରେ ବିଜେପି ପରିଚାଳିତ ଡବଲ ଇଞ୍ଜିନ ସରକାର ସାଧାରଣ ଜନତାଙ୍କୁ ଆଶ୍ୱସନା ଦେବା ପରିବର୍ତ୍ତେ ବସ ମାଲିକମାନଙ୍କ ସ୍ୱାର୍ଥକୁ ପ୍ରାଥମିକତା ଦେଇ ବାରମ୍ବାର ଭଡ଼ା ବୃଦ୍ଧି କରିଚାଲିଛନ୍ତି। ଏହି ନୀତି କେବଳ ଚରମ ଜନବିରୋଧୀ ନୁହେଁ, ବରଂ ଏହା ଅତ୍ୟନ୍ତ ଅମାନବିକ ମଧ୍ୟ ଅଟେ। ସାଧାରଣ ଗରୀବ, ମଧ୍ୟବିତ୍ତ, ଛାତ୍ରଛାତ୍ରୀ ଏବଂ ଦୈନନ୍ଦିନ ଯାତାୟାତ କରୁଥିବା ଯାତ୍ରୀମାନେ ଏହାଦ୍ୱାରା ସବୁଠାରୁ ଅଧିକ ପ୍ରଭାବିତ ହେବେ। ରାଜ୍ୟବ୍ୟାପୀ ଦୁର୍ବାର ଜନ ଆନ୍ଦୋଳନ ପାଇଁ ଆହ୍ୱାନ ରାଜ୍ୟ ସରକାରଙ୍କ ଏହି ଜନମାରଣ ନୀତି ଓ ଅମାନବୀୟ ସିଦ୍ଧାନତ ବିରୁଦ୍ଧରେ ଚୁପ୍ ନ ରହି ସର୍ବସ୍ତରର ଜନସାଧାରଣ ଆଗେଇ ଆସିବାକୁ ଶ୍ରୀ ପାଣ୍ଡବ ଆହ୍ୱାନ କରିଛନ୍ତି। ଆଗାମୀ ଦିନରେ ଏହି ବର୍ଦ୍ଧିତ ଭଡ଼ା ପ୍ରତ୍ୟାହାର କରାଇବା ପାଇଁ ରାଜ୍ୟବ୍ୟାପୀ ଏକ ଦୁର୍ବାର ଜନ ଆନ୍ଦୋଳନ ଗଢି ତୋଳାଯିବ ବୋଲି ସେ ଚେତାବନୀ ଦେଇଛନ୍ତି।

ନୟାଗଡ଼ ଜିଲ୍ଲାରେ ରାସନ ମହାଦୁର୍ନୀତି ବସ୍ତା ସହ ଚାଉଳ ତଉଲି ହିତାଧିକାରୀଙ୍କୁ ଠକୁଛନ୍ତି ଡିଲର ସବୁ ଜାଣି ନୀରବଦ୍ରଷ୍ଟା ଯୋଗାଣ ବିଭାଗ

ନୟାଗଡ଼/ଦଶପଲ୍ଲା (ଆଦ୍ୟାଶା) ୧୩/୧୧ ନୟାଗଡ଼ ଜିଲ୍ଲାରେ ସରକାରୀ ସାଧାରଣ ବଣ୍ଟନ ବ୍ୟବସ୍ଥା ଏବେ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। କେବଳ ଦଶପଲ୍ଲା ବ୍ଲକ ନୁହେଁ, ବରଂ ଜିଲ୍ଲାର ବିଭିନ୍ନ ବ୍ଲକ ଓ ପଞ୍ଚାୟତରେ ଗରିବ ହିତାଧିକାରୀଙ୍କ ପାଇଁ ଉଦ୍ଦିଷ୍ଟ ରାସନ ଚାଉଳ ବଣ୍ଟନରେ ଖୋଲାଖୋଲି ଅନିୟମିତତା ଚାଲିଥିବା ଅଭିଯୋଗ ହେଉଛି। ଡିଲରମାନେ ସରକାରୀ ନିୟମକୁ ବେଖାତିର କରି ଖାଲି ବସ୍ତା ସହ ଚାଉଳ ଓଜନ କରି ଉପଭୋକ୍ତାଙ୍କୁ ବାଣ୍ଟୁଛନ୍ତି। ଅନ୍ୟପଟେ ଜିଲ୍ଲାବ୍ୟାପୀ ଏଭଳି ଦୁର୍ନୀତି ଚାଲିଥିଲେ ମଧ୍ୟ ଯୋଗାଣ ବିଭାଗ ନିଘୋଡ଼ ନିଦ୍ରାରେ ଶୋଇରହିବା ବିଭାଗୀୟ କାର୍ଯ୍ୟଦକ୍ଷତା ଓ ଦାୟିତ୍ୱହୀନତା ଉପରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସରକାରୀ ନିୟମ ଅନୁସାରେ, ପ୍ରତି ହିତାଧିକାରୀଙ୍କୁ ଖାଲି ବସ୍ତାର ଓଜନ ବାଦ୍ ଦେଇ କେବଳ ଚାଉଳର ସଠିକ୍ ଓଜନ ମିଳିବା ବାଧ୍ୟତାମୂଳକ। ମାତ୍ର ଦଶପଲ୍ଲା ବ୍ଲକ ସମେତ ନୟାଗଡ଼ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଡିଲରମାନେ ବସ୍ତା ସହିତ ଚାଉଳ ଓଜନ କରି ଦେଉଛନ୍ତି। ଫଳରେ ପ୍ରତି ବସ୍ତା ପିଛା ପ୍ରାୟ ୫୦୦ ଗ୍ରାମରୁ ୧ କିଲୋଗ୍ରାମ ପର୍ଯ୍ୟନ୍ତ ଚାଉଳ କମ୍ ମିଳୁଥିବା ଉପଭୋକ୍ତାମାନେ ଅଭିଯୋଗ କରିଛନ୍ତି। ଜିଲ୍ଲାବ୍ୟାପୀ ଏଭଳି ଠକେଇ ମାଧ୍ୟମରେ ହଜାର ହଜାର କ୍ୱିଣ୍ଟାଲ ଗରିବଙ୍କ ଚାଉଳ ହଡ଼ପ କରାଯାଉଥିବା ସନ୍ଦେହ କରାଯାଉଛି। ହିତାଧିକାରୀମାନେ ଏହାର ପ୍ରତିବାଦ କଲେ ଡିଲରମାନେ ଦୁର୍ବ୍ୟବହାର ପ୍ରଦର୍ଶନ କରୁଥିବା ଅଭିଯୋଗ ହେଉଛି। ଏହି ବ୍ୟାପକ ଅନିୟମିତତା ପଛରେ ଜିଲ୍ଲା ଓ ବ୍ଲକ ସ୍ତରୀୟ ଯୋଗାଣ ବିଭାଗର ଦାୟିତ୍ୱହୀନତା ହିଁ ମୁଖ୍ୟ କାରଣ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ବ୍ଲକ ଯୋଗାଣ ନିରୀକ୍ଷକ କିମ୍ବା ଜିଲ୍ଲା ଯୋଗାଣ ଅଧିକାରୀମାନେ ନିୟମିତ ଭାବେ ଡିଲରଙ୍କ ଗୋଦାମ ଓ ବଣ୍ଟନ କେନ୍ଦ୍ର ଯାଞ୍ଚ କରୁନାହାନ୍ତି। ଦଶପଲ୍ଲା ସମେତ ଜିଲ୍ଲାର ବିଭିନ୍ନ ସ୍ଥାନରୁ ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ ବିଭାଗୀୟ ଅଧିକାରୀମାନେ କୌଣସି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରି ନୀରବଦ୍ରଷ୍ଟା ସାଜିଛନ୍ତି। ପ୍ରଶାସନର ଏହି ନିଷ୍କ୍ରିୟତା ଯୋଗୁଁ ଅସାଧୁ ଡିଲରମାନଙ୍କ ସାହସ ବଢ଼ିବାରେ ଲାଗିଛି। ଗରିବ ଓ ଅସହାୟ ପରିବାରଙ୍କ ଖାଦ୍ୟ ସୁରକ୍ଷା ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ତୃଣମୂଳ ସ୍ତରରେ ଯୋଗାଣ ବିଭାଗର ଅବହେଳା ଯୋଗୁଁ ପ୍ରକୃତ ହିତାଧିକାରୀ ଶୋଷଣର ଶିକାର ହେଉଛନ୍ତି। ଏହାକୁ ନେଇ ଦଶପଲ୍ଲା ତଥା ସମଗ୍ର ନୟାଗଡ଼ ଜିଲ୍ଲାରେ ତୀବ୍ର ଜନଅସନ୍ତୋଷ ଦେଖାଦେଇଛି। ନୟାଗଡ଼ ଜିଲ୍ଲାପାଳ ତୁରନ୍ତ ଏଥିରେ ହସ୍ତକ୍ଷେପ କରି ଜିଲ୍ଲାବ୍ୟାପୀ ସ୍ୱତନ୍ତ୍ର ସ୍କ୍ୱାଡ୍ ଦ୍ୱାରା ତଦନ୍ତ କରିବାକୁ ଏବଂ ଦାୟିତ୍ୱହୀନ ଅଧିକାରୀ ଓ ଅସାଧୁ ଡିଲରଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲ୍ଲାବାସୀ ଦାବି କରିଛନ୍ତି। (ନୟାଗଡ଼ ଜିଲ୍ଲା ପ୍ରତିନିଧି ଦୀପକ ନାୟକଙ୍କ ରିପୋର୍ଟ)

କଦଳୀ ପତ୍ର ପକାଇବାକୁ ନେଇ ମହିଳାଙ୍କୁ ଆକ୍ରମଣ

ଭଦ୍ରକ:(ଆଦ୍ୟାଶା ଲାଇଭ୍):ଭଦ୍ରକ ଜିଲ୍ଲା ଧାମନଗର ଅଞ୍ଚଳରେ ଏକ ସାମାନ୍ୟ କଥାକୁ କେନ୍ଦ୍ର କରି ପରିସ୍ଥିତି କିପରି ଉଗ୍ରରୂପ ନେଇପାରେ, ତାହାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି। କଦଳୀ ପତ୍ର ଏବଂ ଅଳିଆ ପକାଇବାକୁ ନେଇ ସୃଷ୍ଟି ହୋଇଥିବା ବିବାଦ କ୍ରମଶଃ ବଢ଼ିଯାଇ ଜଣେ ମହିଳାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ, ମାଡ଼ମାରିବା ସହ ଜୀବନରୁ ମାରିଦେବାକୁ ଧମକ ଦିଆଯାଇଥିବା ଅଭିଯୋଗ ଧୁଷୁରୀ ଥାନାରେ ପହଞ୍ଚିଛି। ଧୁଷୁରୀ ଥାନା ଅନ୍ତର୍ଗତ ପାଙ୍ଗଟା ଗ୍ରାମରେ ଘଟିଥିବା ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଥିବାବେଳେ ଏହାକୁ ନେଇ ବେଶ୍ ଆଲୋଚନା ଜୋର ଧରିଛି। ଘଟଣାର ପୃଷ୍ଠଭୂମି: ଅଳିଆ ପକାଜାକୁ ନେଇ ବଚସା ପ୍ରାପ୍ତ ସୂଚନା ଏବଂ ଥାନାରେ ଦାଖଲ ହୋଇଥିବା ଏତଲା ଅନୁଯାୟୀ, ଗତ ୧୦ ତାରିଖ ଅପରାହ୍ନ ପ୍ରାୟ ୪ଟା ୩୦ ମିନିଟ୍ ସମୟରେ ଅଭିଯୋଗକାରିଣୀ ମମତା ପଣ୍ଡା ନିର୍ଦ୍ଧାରିତ ସ୍ଥାନରେ କଦଳୀ ପତ୍ର ଓ ଆବର୍ଜନା ପକାଉଥିଲେ। ଠିକ୍ ସେହି ସମୟରେ ଗ୍ରାମର ପ୍ରସନ ପଣ୍ଡା (୫୦) ଓ ସୌଦାମିନୀ ପଣ୍ଡା (୪୫) ସେଠାରେ ପହଞ୍ଚି ଏହାର ପ୍ରତିବାଦ କରିଥିଲେ। ଏହାକୁ କେନ୍ଦ୍ର କରି ଉଭୟଙ୍କ ମଧ୍ୟରେ କଥା କଟାକଟି ହେବା ସହ ଅଭିଯୁକ୍ତମାନେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ମମତା ଏହାର ପ୍ରତିବାଦ କରିବାରୁ ପ୍ରସନ ତାଙ୍କୁ ଚାପୁଡ଼ା ମାରିବା ସହ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ନେଇ ସେ ଅଭିଯୋଗ କରିଛନ୍ତି।ପାରିବାରିକ ଅସନ୍ତୋଷ ଓ ପୂର୍ବ ଶତ୍ରୁତା ଏହି ଘଟଣା କେବଳ ସାମାନ୍ୟ ଅଳିଆ ପକାଇବା ମଧ୍ୟରେ ସୀମିତ ନଥିଲା, ବରଂ ଏହାର ପଛରେ ପୂର୍ବରୁ କିଛି ପାରିବାରିକ ଅସନ୍ତୋଷ ଲାଗି ରହିଥିଲା ବୋଲି ଜଣାପଡ଼ିଛି। ଅଭିଯୋଗ ଅନୁସାରେ, ମମତାଙ୍କ ବାପାଙ୍କ ମୃତ୍ୟୁ ପରେ ତାଙ୍କ ମା'ଙ୍କ ଦେଖାଶୁଣା ଓ ସମସ୍ତ ଖର୍ଚ୍ଚଭାର ବହନ କରିବାକୁ ନେଇ ପରିବାର ମଧ୍ୟରେ ପୂର୍ବରୁ ବିବାଦ ରହିଥିଲା। ମା'ଙ୍କ ସଠିକ୍ ଯତ୍ନ ନେବା ପାଇଁ ମମତା ସେଠାରେ ରହୁଥିବା ବେଳେ ତାଙ୍କୁ ବିଭିନ୍ନ ସମୟରେ ବିଭିନ୍ନ ପ୍ରକାର ନିର୍ଯ୍ୟାତନା ଦିଆଯାଉଥିବା କଥା ଏତଲାରେ ସ୍ପଷ୍ଟ ଭାବେ ଉଲ୍ଲେଖ କରାଯାଇଛି।ପୋଲିସର କାର୍ଯ୍ୟାନୁଷ୍ଠାନ ଓ ମାମଲା ରୁଜୁ ଗ୍ରାମରେ ଘଟିଥିବା ଏହି ମାରପିଟ୍ ଓ ଧମକଚମକ ଘଟଣାକୁ ଗୁରୁତ୍ୱର ସହ ଗ୍ରହଣ କରି ଧୁଷୁରୀ ଥାନା ପକ୍ଷରୁ ତୁରନ୍ତ ଆଇନଗତ ପଦକ୍ଷେପ ନିଆଯାଇଛି। ଏହି ଘଟଣାରେ ଧୁଷୁରୀ ଥାନା ପକ୍ଷରୁ କେସ୍ ନଂ ୦୪୮୫/୨୦୨୬ ରେ ଏକ ମାମଲା ରୁଜୁ କରାଯାଇଛି। ଭାରତୀୟ ନ୍ୟାୟ ସଂହିତା (BNS) ର ବିଭିନ୍ନ କଠୋର ଧାରା ଯଥା- ୧୧୫(୨), ୧୨୬(୨), ୨୯୬, ୩(୫), ୩୫୧(୨) ଓ ୭୪ ଅନୁଯାୟୀ ଏହି ମାମଲା ରୁଜୁ ହୋଇଛି। ମାମଲାର ନିରପେକ୍ଷ ତଦନ୍ତ ଦାୟିତ୍ୱ ଏସ୍ଆଇ ସୁଜାତା ସାହୁଙ୍କୁ ପ୍ରଦାନ କରାଯାଇଥିବାବେଳେ ପୋଲିସ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି।

ଆଦ୍ୟାଶା ADYASHA
ରାଜ୍ୟ
PRGI No. ORORI/25/A0506 | Daily Edition | adyashgroup.com
BHUBANESWAR | Vol. 02 | Issue 12 | ଶନିବାର, ୧୪ ନଭେମ୍ବର ୨୦୨୬ | ପୃଷ୍ଠା ୧୨ | Rs. 7

ଆଜିର ପ୍ରମୁଖ

ମୋଟର ଯାନ ଆଇନ ଅନୁଯାୟୀ କଟିଲା ୩ ଲକ୍ଷ ୬୦ ହଜାର ଟଙ୍କାର ଲମ୍ବା ଚାଲାଣ



ସୁବର୍ଣ୍ଣପୁର:୧୩|୧୧(ସଂଗ୍ରାମ):ଗତକାଲି ସନ୍ଧ୍ୟା କାଳୀନ ଯାନ ବାହାନ ତନଖି ସମୟରେ ଛତିଶଗଡ଼ ରାଜ୍ୟର ପଞ୍ଜିକୃତ ଏକ ଟିପ ଟ୍ରେଲର ଭାରୀଯାନ (CG-10BL-5019) କୁ ଅନ୍ତରାଜ୍ୟ କୋଇଲା ଚାଲାଣ କରୁଥିବା ସମୟରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ,ସୁବର୍ଣ୍ଣପୁର ର କନିଷ୍ଠ ମୋଟର ଯାନ ନିରୀକ୍ଷକ ଶ୍ରୀ ରାଜେଶ କୁମାର ସେଠୀ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ରେ ସାହାଜପିଟା ନିକଟରେ କାର୍ଯ୍ୟାଳୟ ର ପ୍ରବର୍ତନ ଦଳ ଦ୍ୱାରା ଗାଡ଼ିଟିକୁ ଯାଞ୍ଚ କରାଯାଇଥିଲା ଏବଂ ମୋଟର ଯାନ ଆଇନ ଅନୁଯାୟୀ ଧାରା 192(A),OMVT-3Act ରେ ଗାଡି ଉପରେ ୩,୬୦,୦୦୦/- ଟଙ୍କାର ଚାଲାଣ କାଟିବା ସହ ଗାଡ଼ିଟିକୁ ଜବତ କରି ଡ୍ରାଇଭର ଓ ମାଲିକଙ୍କୁ ଜୋରିମାନା ପୈଠ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି, ଯୋଉ ଗାଡିର କି ଓଡିଶା ଟ୍ୟାକ୍ସ ପୈଠ ହୋଇ ନାହିଁ କି ଓଡିଶା ର ପରମିଟ ମଧ ନାହିଁ ହେଲେ ଏହି ଗାଡି କିପରି ଓଡିଶା ଭିତର କୁ ପ୍ରବେଶ କଲା ଓ ସୁବର୍ଣ୍ଣପୁର ପରିବହନ ହାବୁଡେ ପଡିଲା ଏହା ଏକ ଉଦାହରଣ |

ବଦଳିଲା ନାଁ, ବଢ଼ିଲା ଦିନ ନୂଆ ରୂପରେ ଫେରୁଛି ସୁବର୍ଣ୍ଣ ମହୋତ୍ସବ*

ସୁବର୍ଣ୍ଣପୁର:୧୩|୧୧(ସଂଗ୍ରାମ):ଆସନ୍ତା ଜାନୁଆରୀ ୭ରୁ ୧୧ ତାରିଖ ପର୍ଯ୍ୟନ୍ତ ଜିଲ୍ଲାସ୍ତରୀୟ ଲୋକ ମହୋତ୍ସବ ଆୟୋଜିତ ହେବ। ଏଥିସହ ଜାନୁଆରୀ ୭ରୁ ୧୫ ତାରିଖ ପର୍ଯ୍ୟନ୍ତ ପୁସ୍ତକ ମେଳା ଓ ଓରମାସ୍ ପଲ୍ଲିଶ୍ରୀ ମେଳା ମଧ ଆୟୋଜିତ ହେବ। ଏହାର ପ୍ରସ୍ତୁତି ନିମନ୍ତେ ଆଜି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଶ୍ରୀ ଦେବାଶିଷ ସିଂହଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବରିଷ୍ଠ ନାଗରିକ, କଳାକାର, ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି, ସାଂସ୍କୃତିକ ଦଳ ଓ ଶିକ୍ଷକମାନେ ଯୋଗଦେଇଥିଲେ। ବୈଠକରେ ଉପସ୍ଥିତ ସଦସ୍ୟମାନଙ୍କ ମତାମତ ଓ ଅଧିକାଂଶଙ୍କ ସମ୍ମତିକ୍ରମେ ମହିମା ଲୋକ ମହୋତ୍ସବର ନାମ ପରିବର୍ତ୍ତନ କରାଯାଇ ସୁବର୍ଣ୍ଣ ଲୋକ ମହୋତ୍ସବ ରଖାଯାଇଛି। ପୁସ୍ତକ ମେଳାରେ ସ୍ଥାନୀୟ ଲେଖକମାନଙ୍କ ପାଇଁ ୩ରୁ ୪ଟି ଷ୍ଟଲ୍ ଓ ଶିଶୁମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ଷ୍ଟଲ୍ ରହିବ। ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାର ପ୍ରକାଶକମାନେ ଏଥିରେ ଅଂଶଗ୍ରହଣ କରିବେ। ମହୋତ୍ସବରେ ଜାନୁଆରୀ ୭ରୁ ୧୧ ପର୍ଯ୍ୟନ୍ତ ସାଂସ୍କୃତିକ ଦଳମାନେ କାର୍ଯ୍ୟକ୍ରମ ପରିବେଷଣ କରିବେ ଏବଂ ପରବର୍ତ୍ତୀ ୪ ଦିନ ଛାତ୍ରଛାତ୍ରୀଙ୍କ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ରହିବ। ଶାସ୍ତ୍ରୀୟ ନୃତ୍ୟ ରେକର୍ଡିଂ ମାଧ୍ୟମରେ ଏବଂ ଅନ୍ୟ ସମସ୍ତ ନୃତ୍ୟ ସିଧାସଳଖ ମଞ୍ଚରେ ପରିବେଷଣ କରାଯିବ। ମହୋତ୍ସବର ଉଦ୍‌ଘାଟନୀ ଶୋଭାଯାତ୍ରା ପାଇଁ ସୁରେଶ୍ୱରୀ ମନ୍ଦିରରୁ ମଶାଲ ଏବଂ ସୁବର୍ଣ୍ଣମେରୁ ମନ୍ଦିରରୁ ଆଜ୍ଞାମାଳ ଅଣାଯିବ। ଗତବର୍ଷ ଖୋଲିଆପାଲିରୁ ମଶାଲ ଅଣାଯାଇଥିଲା। ଚଳିତବର୍ଷ ପାର୍କିଂ ଶୁଳ୍କ ଦୁଇଚକିଆ ଯାନ ପାଇଁ ୧୦ ଟଙ୍କା ଓ ଚାରିଚକିଆ ଯାନ ପାଇଁ ୨୦ ଟଙ୍କା ଧାର୍ଯ୍ୟ କରାଯାଇଛି। ସଂସ୍କୃତି ଉନ୍ନୟନ ଅଧିକାରୀ ଶ୍ରୀମତୀ ଯମୁନା ପ୍ରଧାନ ଗତବର୍ଷ ମହୋତ୍ସବ ଆୟୋଜନରେ ୮୦ ଲକ୍ଷ ଟଙ୍କା ବ୍ୟୟ ହୋଇଥିବା ସୂଚନା ଦେଇଥିଲେ। ଚଳିତବର୍ଷ ତିନୋଟି ଆୟୋଜନ ଏକ ସ୍ଥାନରେ ହେଉଥିବାରୁ ବ୍ୟୟ ବୃଦ୍ଧି ପାଇପାରେ ବୋଲି ଜିଲ୍ଲାପାଳ କହିଥିଲେ। ମହୋତ୍ସବ ପରିସରକୁ ପ୍ଲାଷ୍ଟିକ୍ ମୁକ୍ତ ରଖିବା, ଖାଦ୍ୟ ଷ୍ଟଲଗୁଡ଼ିକରେ ଖାଦ୍ୟ ସୁରକ୍ଷା ନିୟମ ପାଳନ, ମୋବାଇଲ୍ ଏଟିଏମ୍ ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ, ଶୌଚାଳୟର ନିୟମିତ ସଫେଇ ଓ ସୁରକ୍ଷା ସହ ତାଜା ପୁଷ୍ପଗୁଚ୍ଛ ଯୋଗାଣ ନିମନ୍ତେ ସମ୍ପୃକ୍ତ ବିଭାଗଗୁଡ଼ିକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀ ଅନିରୁଦ୍ଧ ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ, ଜିଲ୍ଲା ପରିଷଦ, ଶ୍ରୀ ଅଶ୍ୱିନୀ ମେହେର, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶ୍ରୀ କେ.କେ. ହରିପ୍ରସାଦ, ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଉଷାରାଣୀ ଦାସ, ସୋନପୁର ଉପଜିଲ୍ଲାପାଳ ଡ. ସୌମ୍ୟରୂପା ରଥ, ବୀରମହାରାଜପୁର ଉପଜିଲ୍ଲାପାଳ ଶ୍ରୀ ସୁରେନ୍ଦ୍ର ମେହେରଙ୍କ ସମେତ ଅନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ। ସଂସ୍କୃତି ଉନ୍ନୟନ ଅଧିକାରୀ ଶ୍ରୀମତୀ ଯମୁନା ପ୍ରଧାନ ବୈଠକର ସଂଯୋଜନା କରିଥିଲେ |



ପିଏମ୍ ଶ୍ରୀ ମହାରାଜା ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟ ସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ



ସୁବର୍ଣ୍ଣପୁର:୧୩|୧୧(ସଂଗ୍ରାମ):ଆଜି ସୁବର୍ଣ୍ଣପୁର ସ୍ଥିତ ପିଏମ୍ ଶ୍ରୀ ମହାରାଜା ଉଚ୍ଚ ବିଦ୍ୟାଳୟ, ସୋନପୁରଠାରେ ବିଦ୍ୟାଳୟ ସ୍ତରୀୟ ବିଜ୍ଞାନ ମେଳା ଉତ୍ସାହ ଓ ଉଦ୍ଦୀପନାର ସହିତ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀ ଅଜୟ କୁମାର ଲୁହା, ପଞ୍ଚସଖା ଶିକ୍ଷା ସେତୁର ସଭାପତି ଶ୍ରୀ ପ୍ରଫୁଲ୍ଲ କୁମାର ରଥ ଏବଂ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଶ୍ରୀ ମୋହନ ମେହେର ଅତିଥି ଭାବେ ଯୋଗଦେଇଥିଲେ। ସେମାନେ ଛାତ୍ରଛାତ୍ରୀମାନଙ୍କୁ ବିଜ୍ଞାନର ଗୁରୁତ୍ୱ, ନୂତନ ଉଦ୍ଭାବନ ଓ ସୃଜନଶୀଳ ଚିନ୍ତାଧାରାର ବିକାଶ ଉପରେ ବହୁ ପ୍ରେରଣାଦାୟୀ ଉପଦେଶ ପ୍ରଦାନ କରିଥିଲେ। ବିଚାରକ ଭାବେ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ , ବଲାଡି ର ବିଜ୍ଞାନ ଶିକ୍ଷକ ଶ୍ରୀ ସଂଗ୍ରାମ ମିଶ୍ର ଏବଂ ଖାରୀ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟିତ୍ରୀ ସାଧନା ଝାଙ୍କର ଯୋଗଦେଇ ବିଭିନ୍ନ ପ୍ରକଳ୍ପର ମୂଲ୍ୟାୟନ କରିବା ସହ କୃତୀ ପ୍ରତିଯୋଗୀମାନଙ୍କୁ ଚୟନ କରିଥିଲେ। ଏହି ମେଳାରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ମୋଟ ୬୦ ଟି ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସେଥିମଧ୍ୟରୁ ୫ ଟି ଶ୍ରେଷ୍ଠ ପ୍ରକଳ୍ପ ବ୍ଲକ୍ ସ୍ତରୀୟ ବିଜ୍ଞାନ ମେଳା ପାଇଁ ମନୋନୀତ ହୋଇଥିଲା। ମନୋନୀତ ଛାତ୍ରମାନେ ହେଲେ କାହ୍ନା ତରିଆ, ରେୟାଂଶ ଥନାପତି, ଚନ୍ଦନ କର, ଅଂଶୁମାନ ମେହେର ଓ ତେଜସ ବେହେରା। କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଶ୍ରୀମତୀ ଅନୁଲିତା ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ବରିଷ୍ଠ ବିଜ୍ଞାନ ଶିକ୍ଷୟିତ୍ରୀ ଶ୍ରୀମତୀ ସସ୍ମିତା ପାତ୍ର ମଞ୍ଚ ପରିଚାଳନା କରିବା ସହିତ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।ବିଜ୍ଞାନ ଓ ଗଣିତ ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ଏହି ମେଳାର ସଫଳ ଆୟୋଜନରେ ସକ୍ରିୟ ସହଯୋଗ କରିଥିଲେ। ଏହି ମେଳା ଛାତ୍ରଛାତ୍ରୀଙ୍କ ମଧ୍ୟରେ ବୈଜ୍ଞାନିକ ଚିନ୍ତାଧାରା, ଗଣିତ ପ୍ରତି ଆଗ୍ରହ, ଅନୁସନ୍ଧାନ ମନୋବୃତ୍ତି ଓ ସୃଜନଶୀଳ ପ୍ରତିଭାର ବିକାଶ ପାଇଁ ଏକ ଉତ୍କୃଷ୍ଟ ମଞ୍ଚ ସାଜିଥିଲା। ସମସ୍ତଙ୍କ ମିଳିତ ସହଯୋଗ ଓ ଛାତ୍ରଛାତ୍ରୀଙ୍କ ଉତ୍ସାହପୂର୍ଣ୍ଣ ଅଂଶଗ୍ରହଣ ଯୋଗୁଁ କାର୍ଯ୍ୟକ୍ରମଟି ସଫଳତାର ସହ ସମାପନ ହୋଇଥିଲା।

ସୁବର୍ଣ୍ଣପୁର ଜିଲ୍ଲାସ୍ତରୀୟ ଯୁବ ସଂସଦ ୨୦୨୬-୨୭ ଅନୁଷ୍ଠିତ

ସୋନପୁର:୧୩|୧୧(ସଂଗ୍ରାମ):ନିଶାମୁକ୍ତ ଭାରତ ସଂକଳ୍ପକୁ ନେଇ ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ସୁବର୍ଣ୍ଣପୁର ଜିଲ୍ଲାସ୍ତରୀୟ ଯୁବ ସଂସଦ ୨୦୨୬-୨୭ କାର୍ଯ୍ୟକ୍ରମ ବିଜୁ ପଟ୍ଟନାୟକ ମହିଳା ମହାବିଦ୍ୟାଳୟ, ସୋନପୁରଠାରେ ଅନୁଷ୍ଠିତ ହୋଇଯାଇଛି। ମେରା ଯୁବା ଭାରତ, ସୁବର୍ଣ୍ଣପୁର ଜିଲ୍ଲା ଶାଖାର ଜିଲ୍ଲା ଯୁବ ଅଧିକାରୀ ପ୍ରସନ୍ନ ମେହେରଙ୍କ ସଂଯୋଜନାରେ ବିକଶିତ ଭାରତ @ ୨୦୪୭ ଲକ୍ଷ୍ୟ ଆଧାରରେ 'ନିଶାମୁକ୍ତ ଯୁବା ପାଇଁ ବିକଶିତ ଭାରତ' ଶୀର୍ଷକରେ ବକ୍ତୃତା ଓ ବିତର୍କ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟରୁ ୩୫ ଜଣ ଯୁବ ପ୍ରତିଯୋଗୀ ଅଂଶଗ୍ରହଣ କରି ନିଜର ମତାମତ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ବିଜୁ ପଟ୍ଟନାୟକ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ରୀତାରାଣୀ ପୂଜାହାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାବେଳେ **MY Bharat** ର ଅବସରପ୍ରାପ୍ତ **APA** ବିପିନ ବିହାରୀ ଜେନା,ବିଚାରକ ମଣ୍ଡଳୀ ଭାବେ ଅଦିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଡ. ଜ୍ୟୋତିରଞ୍ଜନ ବୋହିଦାର, ସାହାରା ଟ୍ରଷ୍ଟ ହାଇସ୍କୁଲର ପ୍ରଧାନଶିକ୍ଷକ ଗୋଟି କୃଷ୍ଣ ମିଶ୍ର, ଓଏଭି ପିପିଲିପାଲିର ଅଧ୍ୟକ୍ଷ ଅରୁଣ ମହାକୁର, ପିଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ, ସୋନପୁରର ଦିଗନ୍ତ କୁମାର ମହାପାତ୍ର, ସୋନପୁର କଲେଜର NSS DPO ଧୀରେନ୍ଦ୍ର ମିଶ୍ର, ମଡେଲ ଡିଗ୍ରୀ କଲେଜର ଓଡ଼ିଆ ବିଭାଗର ଅଧ୍ୟାପକ ତଥା NSS ଅଧିକାରୀ ଡ. ସନ୍ତୋଷ ଭୋଇ ଏବଂ ବିଜୁ ପଟ୍ଟନାୟକ ମହିଳା ମହାବିଦ୍ୟାଳୟର ଇଂରାଜୀ ଅଧ୍ୟାପକ ମଦନ ସୁନ୍ଦର ଖେତୀ ପ୍ରମୁଖ ଯୋଗଦେଇଥିଲେ। ଯୁବପିଢ଼ିଙ୍କ ମଧ୍ୟରେ ଗଣତାନ୍ତ୍ରିକ ମୂଲ୍ୟବୋଧ, ସଂସଦୀୟ ପରମ୍ପରା, ନେତୃତ୍ୱ ଦକ୍ଷତା ଏବଂ ରାଷ୍ଟ୍ର ନିର୍ମାଣ ପ୍ରତି ଦାୟିତ୍ୱବୋଧ ସୃଷ୍ଟି ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ଏକ ସୁସ୍ଥ, ସଶକ୍ତ ଓ ନିଶାମୁକ୍ତ ଯୁବସମାଜ ଗଠନ ବିନା ବିକଶିତ ଭାରତର ସ୍ୱପ୍ନ ସାକାର ହେବା ଅସମ୍ଭବ ବୋଲି ମତ ପ୍ରକାଶ ପାଇଥିଲା। ବିତର୍କ ପ୍ରତିଯୋଗିତାରେ ସୋନପୁର କଲେଜର ରଜନନ୍ଦିନୀ ଭୁତା ପ୍ରଥମ, ବିଶ୍ୱରୂପା ସାହୁ ଦ୍ୱିତୀୟ ଏବଂ ମଡେଲ ଡିଗ୍ରୀ କଲେଜ, ସୋନପୁରର ନମାମି ତେଜସ୍ୱିନୀ ପଣ୍ଡା ତୃତୀୟ ସ୍ଥାନ ଅଧିକାର କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ **My Bharat** ସ୍ୱେଚ୍ଛାସେବୀ ଦେବେନ୍ଦ୍ର ପୋଡ଼, ଆଜାଦ ଭୋଇ, ଲକ୍ଷ୍ମଣ ବାରିକ, ଦୀପକ ଭୋଇ, ସୁନୀଲ କୁମାର ପ୍ରଧାନ, ଦେବାଶିଷ କମ୍ପ, ଆଲୋକ ରଞ୍ଜନ ନାଏକ, ସୁଜ୍ଞାନୀ ବାରିକ, ସୁପର୍ଣ୍ଣା ମିଶ୍ର, ନଚିକେତା ଦନ୍ତା, ସାଗରିକା କର୍ଣ୍ଣ ଓ ସନ୍ତୋଷିନୀ ସାହୁ ସହଯୋଗ କରିଥିଲେ। ଏଥିସହ କୃପାସିନ୍ଧୁ ସା ଓ ରାଜେଶ ମହଲା ଉପସ୍ଥିତ ଥିଲେ।



ଜିଲ୍ଲାରୁ ସିଧା ରିପୋର୍ଟ

ବୀରମହାରାଜପୁର ବିଧାନସଭା ସ୍ତରିୟ କୁଇଜ୍ ଓ ପ୍ରବନ୍ଧ ପ୍ରତିଯୋଗୀତା ଅନୁଷ୍ଠିତ

ସୁବର୍ଣ୍ଣପୁର:୧୨|୧୧(କିଶୋର ହୋତା): ସୁବର୍ଣ୍ଣପୁର ଜିଲ୍ଲା ୬୪-ବୀରମହାରାଜପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ପକ୍ଷରୁ ଗୁରୁବାର ପୂର୍ବାହ୍ନରେ ବୀରମହାରାଜପୁର କଲେଜ ପରିସରରେ ଏକ ବିଧାନସଭା ସ୍ତରୀୟ କୁଇଜ୍ (ପ୍ରଶ୍ନୋତ୍ତର) ଏବଂ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି।ଭାରତୀୟ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶ କ୍ରମେ ବୀରମହାରାଜପୁର ଉପଜିଲ୍ଲାପାଳ ତଥା ନିର୍ବାଚନ ଅଧିକାରୀ ସୁରେନ୍ଦ୍ର କୁମାର ମେହେରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଏଥିରେ ଡେପୁଟି କଲେକ୍ଟର ଶୁଭମ୍ ଶିବାଶିଷ ଶତପଥୀ ଏବଂ ସହକାରୀ ଜିଲ୍ଲାପାଳ ଅଜିତ୍ କୁମାର ମିର୍ଦ୍ଧା ପ୍ରମୁଖ ଯୋଗଦେଇ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ।ନିର୍ବାଚନ ଆୟୋଗଙ୍କ ଦ୍ୱାରା ନିର୍ଦ୍ଧାରିତ ପ୍ରସଙ୍ଗ ଯଥା— "ଶୁଦ୍ଧ ଭୋଟର ତାଲିକାର ଗୁରୁତ୍ୱ" ଏବଂ "ମତଦାନର ଗୁରୁତ୍ୱ" ଉପରେ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ନିର୍ବାଚନ ମଣ୍ଡଳୀ ସ୍ତରୀୟ ପ୍ରତିଯୋଗିତାରେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟରୁ ମନୋନୀତ ପ୍ରାୟ ୧୦୦ ଜଣ ଛାତ୍ରୀ ଛାତ୍ର ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ।ପ୍ରବନ୍ଧ ଏବଂ କୁଇଜ୍ ଉଭୟ ପ୍ରତିଯୋଗିତାରୁ କୃତିତ୍ୱ ଅର୍ଜନ କରିଥିବା ଶ୍ରେଷ୍ଠ ୧୦ ଜଣ ଲେଖାଏଁ ଛାତ୍ରୀ ଛାତ୍ରଙ୍କୁ ଆଗାମୀ ଜିଲ୍ଲା ସ୍ତରୀୟ ପ୍ରତିଯୋଗିତା ପାଇଁ ଚୟନ କରାଯାଇଛି। ଏହି କୃତୀ ପ୍ରତିଯୋଗୀମାନେ ଜିଲ୍ଲା ସ୍ତରୀୟ ପ୍ରତି ଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ଡେପୁଟି କଲେକ୍ଟର ଶ୍ରୀ ଶତପଥୀ ସୂଚନା ଦେଇଛନ୍ତି।



ପ୍ରସିଦ୍ଧ ଶୈବପୀଠ ଚମ୍ପେଶ୍ୱର୍ ମନ୍ଦିର ପାର୍ଶ୍ୱରୁ ଜବର ଦଖଲ ଉଚ୍ଛେଦ ।



ସୁବର୍ଣ୍ଣପୁର:୧୨/୧୧ ଆଦ୍ୟାଶା (କିଶୋର ହୋତା):ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ନିକଟସ୍ଥ ଚମ୍ପାମାଲ ଚମ୍ପେଶ୍ୱର ମନ୍ଦିର ପାର୍ଶ୍ୱରୁ ଜବର ଦଖଲ ଉଚ୍ଛେଦ କରାଯାଇଛି । ସ୍ଥାନୀୟ ପ୍ରଶାସନର ଉପସ୍ଥିତରେ କଳାସି ମନ୍ଦିରକୁ ଲାଗି ରହିଥିବା ଆଲିଆ ଆବର୍ଜନା ପୂର୍ଣ୍ଣ ସ୍ଥାନରେ କେତେକ କାଠ ଗୁଡା ଓ କିଛି ବ୍ୟକ୍ତି ଅଧିକାର କରିଥିବା ରୁ ଯାତାୟାତ କରୁଥିବା ବାଇକ ଚାଳକଙ୍କୁ କିଛି ଦେଖା ଯାଉନଥିଲା । ଗ୍ରାମବାସୀଙ୍କ ଅଭିଯୋଗକୁ ଭିତ୍ତିକରି ଆଜି ସ୍ଥାନୀୟ ତହସିଲଦାର ସୁଚିସ୍ମିତା ପାଣିଗ୍ରାହୀ ଙ୍କ ଉପସ୍ଥିତରେ, ସହକାରୀ ତହସିଲଦାର ସ୍ବାଗତ କୁମାର ପଣ୍ଡାଙ୍କ ସହ ବିଦ୍ୟୁତ ବିଭାଗର ଜୁନିୟର ଇଞ୍ଜିନିୟର ବିଜୟ କୁମାର ସାହୁ, ରାଜସ୍ବ ନୀରକ୍ଷକ ଉପସ୍ଥିତ ଥିଲେ । ଏହି ଜବର ଦଖଲ ଉଚ୍ଛେଦ ଫଳରେ ମନ୍ଦିର ରାସ୍ତାର ପ୍ରଶସ୍ତି ହୋଇଥିବାର ଜଣାଯାଇଛି ।

ମଣିଷର ଔକାତ୍ କେତେ



ମଣିଷ ଔକାତ୍ କେତେ?? ଗୋଟେ ଦିଆସିଲି କାଠି, ଗୋଟେ ଘିଅ ଟିଣ , କାଠ ଗଦା ଉପରେ କିଛି ଘଣ୍ଟାରେ ପାଉଁଶ... ବସ୍ ଏତିକି ହିଁ ମଣିଷର ଔକାତ୍ ! କେତେ ଅଜବ ଏ ଜୀବନ। ସାରା ଜୀବନ ମଣିଷ ଦୌଡ଼ୁଥାଏ - ଟଙ୍କା ପଛରେ, ଘର ପଛରେ, ନାଁ ପଛରେ, ସମ୍ମାନ ପଛରେ। ମୋର-ମୋର-ମୋର କହି ସବୁ ସାଉଁଟୁଥାଏ। ଭାବେ ଏ ସବୁ ମୋର, ଏ ସବୁ ମୋ ପାଇଁ। କିନ୍ତୁ ଶେଷରେ କଣ ରହେ? ଜଣେ ବ୍ୟକ୍ତି ବୃଦ୍ଧ ସନ୍ଧ୍ୟାରେ ମରିଗଲେ। ନିଜ ସାରା ଜୀବନ ପରିବାର ନାଁରେ କରିଗଲେ। ଯିଏ ନିଜେ ଭୋକରେ ରହି ପିଲାଙ୍କୁ ଖୁଆଇଲେ, ନିଜେ ଫଟା ଲୁଗା ପିନ୍ଧି ପିଲାଙ୍କୁ ନୂଆ ଲୁଗା କିଣି ଦେଲେ। ଆଜି ସେ ଚାଲିଗଲେ। କେଉଁଠି କାନ୍ଦଣାର ଫୁସ୍‌ଫୁସ୍, ତ କେଉଁଠି ଗୁମସୁମ ... ଆରେ ଶୀଘ୍ର ନେଇ ଯାଅ, ବାସୀ ମଡ଼ା କରନି,କିଏ ରଖିବ ସାରା ରାତି... ବସ୍ ଏତିକି ହିଁ ହେଉଛି ମଣିଷର ଔକାତ୍! ମରିବା ପରେ ତଳକୁ ଦେଖିଲି, ଦୃଶ୍ୟ ଦେଖାଯାଉଥିଲା। ମୋ ମୃତ୍ୟୁରେ କିଛି ଲୋକ ବହୁତ କାନ୍ଦୁଥିଲେ, ତ କିଛି ବାଧ୍ୟ ହୋଇ କାନ୍ଦୁଥିଲେ। କିଏ ସତରେ ଦୁଃଖରେ ଥିଲା, କିଏ ଲୋକ ଦେଖାଣିଆ କାନ୍ଦୁଥିଲା। ନା ହିଁ ରହିଲା... ଚାଲିଗଲା... ଚାରି ଦିନ କଥା ହେବ... ତା ପରେ ସମସ୍ତେ ନିଜ ନିଜ କାମରେ ଲାଗିଯିବେ। ବସ୍ ଏତିକି ହିଁ ହେଉଛି ମଣିଷର ଔକାତ୍! ପୁଅ ଭଲ ଫଟୋ ବନାଇବ, ଆଗରେ ଧୂପ,ଅଗରବତୀ ଜାଳିବ, ବାସ୍ନା ଭରା ଫୁଲର ମାଳା ହେବ। ଖବରକାଗଜରେ ଲୁହ ଭରା ଶ୍ରଦ୍ଧାଞ୍ଜଳି ହେବ। ସମସ୍ତେ କହିବେ ବହୁତ ଭଲ ଲୋକ ଥିଲେ। ପରେ ସେ ଫଟୋ ଉପରେ ଧୂଳି ଜମିବ, କିଏ ସଫା କରିବ... କେବେ କେବେ ମନେ ପଡ଼ିଲେ ଫଟୋ ଆଡ଼କୁ ଚାହିଁ ଦେବେ, ଆଉ ପୁଣି ଭୁଲିଯିବେ। ବସ୍ ଏତିକି ହିଁ ହେଉଛି ମଣିଷର ଔକାତ୍! ଜୀବନ ସାରା ମୋର-ମୋର-ମୋର କଲି। ନିଜ ପାଇଁ କମ୍, ନିଜ ଲୋକଙ୍କ ପାଇଁ ବେଶି ବଞ୍ଚିଲି। କିନ୍ତୁ ଶେଷରେ କେହି ସାଥି ଦେବ ନାହିଁ। ଯିବ ଖାଲି ହାତରେ। ଗୋଟେ କୁତା ନେଇ ଯିବାର ବି ଅଛି କି ଆମ ଔକାତ୍? ସତ ହେଲା - ମଣିଷ ଯାହା ସାଉଁଟେ ତାହା ଏଠି ରହିଯାଏ, ଯାହା ଦେଇଯାଏ ତାହା ହିଁ ତା ସହ ଯାଏ। ଭଲ କର୍ମ, ଭଲ କଥା, କାହା ମୁହଁରେ ଟିକେ ହସ ଦେଇଥିବା ସ୍ମୃତି - ଏହା ହିଁ ଅସଲ ସମ୍ପତ୍ତି। ବାକି ସବୁ ପାଉଁଶ।

ରିତାଞ୍ଜଳୀ ପ୍ରଧାନ ଭୁବନେଶ୍ୱର

ମାଟିର ଖବର

ତରଭା ପୋଲିସ ଙ୍କୁ ମିଳିଲା ବଡ଼ ସଫଳତା

ସୁବର୍ଣ୍ଣପୁର:୧୨|୧୧(ସଂଗ୍ରାମ): ସୁବର୍ଣ୍ଣପୁର ଜିଲ୍ଲା ତରଭା ଥାନା ପୋଲିସକୁ ମିଳିଛି ଏକ ବଡ଼ ଧରଣର ସଫଳତା। ଖଣିଜ ସାମଗ୍ରୀ ପରିବହନ ଆଳରେ ଚାଲିଥିବା ଆନ୍ତଃରାଜ୍ୟ ନିଶା ଚୋରାଚାଲାଣ ରାକେଟ୍‌ର ପର୍ଦ୍ଦାଫାସ କରିଛି ପୋଲିସ। ଗ୍ରାନାଇଟ୍ ପାଉଡର ବୋଝେଇ ଟ୍ରକ୍ ଭିତରୁ ବିପୁଳ ପରିମାଣର ଗଞ୍ଜେଇ ଜବତ ହେବା ସହ ଘଟଣାରେ ସଂପୃକ୍ତ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ ହୋଇଛନ୍ତି | ସୂଚନା ଅନୁଯାୟୀ, ପଡ଼ୋଶୀ ବୌଦ୍ଧ ଜିଲ୍ଲାର କଣ୍ଟାମାଳ ଥାନା ଅଞ୍ଚଳରୁ ଏକ ନିର୍ଦ୍ଦିଷ୍ଟ ଟ୍ରକ୍ ଯୋଗେ ରାଜ୍ୟ ବାହାରକୁ ବିପୁଳ ଗଞ୍ଜେଇ ଚାଲାଣ ହେଉଥିବା ନେଇ ତରଭା ପୋଲିସକୁ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା। ଖବର ପାଇବା କ୍ଷଣି ତରଭା ପୋଲିସ ତୁରନ୍ତ ସତର୍କ ହୋଇ ନାକାବନ୍ଦୀ କରି ଉକ୍ତ ସନ୍ଦିଗ୍ଧ ଟ୍ରକ୍‌କୁ ଅଟକାଇ ଯାଞ୍ଚ କରିଥିଲା। ଉପରୁ ଦେଖିଲେ ଟ୍ରକ୍‌ରେ କେବଳ ଗ୍ରାନାଇଟ୍ ପାଉଡର ଥିବା ଜଣାପଡୁଥିଲା, କିନ୍ତୁ ପୋଲିସର ତନ୍ନ ତନ୍ନ ତଲାସି ପରେ ସେହି ବସ୍ତାଗୁଡ଼ିକ ତଳେ ଲୁଚାଇ ରଖାଯାଇଥିବା ଗଞ୍ଜେଇ ପ୍ୟାକେଟ୍ ସାମ୍ନାକୁ ଆସିଥିଲା।ନିୟମ ଅନୁଯାୟୀ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ୍ (Executive Magistrate) ଙ୍କ ଉପସ୍ଥିତିରେ ସମସ୍ତ ପ୍ୟାକେଟ୍ ଯାଞ୍ଚ ଓ ଓଜନ କରାଯାଇଥିଲା। ଓଜନ ପରେ ମୋଟ ୧୦୨ କେଜି ୭୦୦ ଗ୍ରାମ ଗଞ୍ଜେଇ ଥିବା ସ୍ପଷ୍ଟ ହୋଇଛି। ଜବତ ଗଞ୍ଜେଇର ଆନୁମାନିକ ବଜାର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ଆକଳନ କରାଯାଉଛି। ଘଟଣାସ୍ଥଳରୁ ଗଞ୍ଜେଇ ସହ ଟ୍ରକ୍‌ଟିକୁ ଜବତ କରି ପୋଲିସ ୩ ଜଣଙ୍କୁ ଗିରଫ କରିଛି।ପୂର୍ବରୁ ପୋଲିସ ଚେକିଂରୁ ବର୍ତ୍ତିବା ପାଇଁ ପନିପରିବା କିମ୍ବା ଡାକ ପାର୍ସଲ ଗାଡ଼ିର ସାହାରା ନେଉଥିବା ଡ୍ରଗ୍ସ ମାଫିଆମାନେ ଏବେ ଭାରୀ ନିର୍ମାଣ ସାମଗ୍ରୀ ଓ ଗ୍ରାନାଇଟ୍ ପାଉଡର ଭଳି ଧୂଳିମୟ କଞ୍ଚାମାଲ ବ୍ୟବହାର କରିବା ଆରମ୍ଭ କରିଛନ୍ତି, ଯାହାଫଳରେ ଗନ୍ଧ ବାହାରକୁ ଆସିବ ନାହିଁ। ତେବେ ତରଭା ପୋଲିସର ସଠିକ୍ ଗୋଇନ୍ଦା ସୂଚନା ଏବଂ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଯୋଗୁଁ ଏହି ବଡ଼ ଚାଲାଣ ଯୋଜନା ବିଫଳ ହୋଇଛି। ଏହି ରାକେଟ୍‌ର ଚେର ବୌଦ୍ଧରୁ ରାଜ୍ୟ ବାହାରର କେଉଁ ସ୍ଥାନ ଯାଏଁ ଲମ୍ବିଛି, ସେ ନେଇ ପୋଲିସ ଅଭିଯୁକ୍ତମାନଙ୍କୁ ଅଧିକ ପଚରାଉଚରା ଜାରି ରଖିଛି।



ଜନମତ

ରଚନା ଓ କୁଇଜ୍ ପ୍ରତିଯୋଗିତାରେ ମହାନଦୀ ଧାରାର ଛାତ୍ରଛାତ୍ରୀଙ୍କ ଉଲ୍ଲେଖନୀୟ ସଫଳତା

ରଚନା ଓ କୁଇଜ୍ ପ୍ରତିଯୋଗିତାରେ ମହାନଦୀ ଧାରାର ଛାତ୍ରଛାତ୍ରୀଙ୍କ ଉଲ୍ଲେଖନୀୟ ସଫଳତା ହାସଲ* ସୁବର୍ଣ୍ଣପୁର:୧୨|୧୧(ସଂଗ୍ରାମ) ସୁବର୍ଣ୍ଣପୁର ଜିଲ୍ଲା ବିଧାନସଭା ନିର୍ବାଚନମଣ୍ଡଳୀ ସ୍ତରୀୟ ରଚନା ଓ କୁଇଜ୍ ପ୍ରତିଯୋଗିତାରେ ମହାନଦୀ ଧାରାର ଛାତ୍ରଛାତ୍ରୀମାନେ ଉଲ୍ଲେଖନୀୟ ସଫଳତା ହାସଲ କରି ଅନୁଷ୍ଠାନ ପାଇଁ ଗୌରବ ଆଣିଛନ୍ତି। ଉଭୟ ପ୍ରତିଯୋଗିତାରେ ଛାତ୍ରଛାତ୍ରୀଙ୍କ ଉତ୍କୃଷ୍ଟ ପ୍ରଦର୍ଶନ ସେମାନଙ୍କ ଜ୍ଞାନ, ପ୍ରତିଭା, ଆତ୍ମବିଶ୍ୱାସ ଓ ପ୍ରତିଯୋଗିତାମୂଳକ ମନୋଭାବର ପରିଚୟ ଦେଇଛି। ରଚନା ପ୍ରତିଯୋଗିତାରେ ରିତେଶ କୁମାର ରଥ ପ୍ରଥମ ସ୍ଥାନ, ନତାଶା ପଧାନ ଦ୍ୱିତୀୟ ସ୍ଥାନ, ଅଂଶୁମାନ ଗରିଆ ତୃତୀୟ ସ୍ଥାନ ଏବଂ ମମାଲି ଦେହେରୀ ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି। ସେହିପରି କୁଇଜ୍ ପ୍ରତିଯୋଗିତାରେ ଲୋକେଶ ପଧାନ ପ୍ରଥମ ସ୍ଥାନ, ସ୍ୱୟଂଶ୍ରୀ ମହାପାତ୍ର ଦ୍ୱିତୀୟ ସ୍ଥାନ ଏବଂ ଅମୃତଜ୍ୟୋତି ଖମାରୀ ଚତୁର୍ଥ ସ୍ଥାନ ହାସଲ କରିଛନ୍ତି। ଏହି ସଫଳତାରେ ଖୁସି ବ୍ୟକ୍ତ କରି ମହାନଦୀ ଧାରାର ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ କହିଛନ୍ତି ଯେ, ଛାତ୍ରଛାତ୍ରୀଙ୍କ ଏଭଳି ସଫଳତା ସେମାନଙ୍କ କଠିନ ପରିଶ୍ରମ, ନିଷ୍ଠା ଓ ଆଗ୍ରହର ପ୍ରତିଫଳନ। ଏଥିସହ ଶିକ୍ଷକମାନଙ୍କ ମାର୍ଗଦର୍ଶନ ଓ ମହାନଦୀ ଧାରାର ସମଗ୍ର ଟିମ୍‌ର ନିରନ୍ତର ପ୍ରୟାସ ଏବଂ ସହଯୋଗକୁ ସେ ପ୍ରଶଂସା କରିଛନ୍ତି।ମହାନଦୀ ଧାରା କେବଳ ପାଠ୍ୟପୁସ୍ତକ ଭିତ୍ତିକ ଶିକ୍ଷା ନୁହେଁ, ବରଂ ଛାତ୍ରଛାତ୍ରୀଙ୍କ ଜ୍ଞାନ, ଆତ୍ମବିଶ୍ୱାସ, ସୃଜନଶୀଳତା, ନେତୃତ୍ୱ ଗୁଣ ଓ ସାମାଜିକ ଦାୟିତ୍ୱବୋଧର ବିକାଶ ଉପରେ ଗୁରୁତ୍ୱ ଦେଇଆସୁଛି। ଏହି ସଫଳତା ଅନୁଷ୍ଠାନର ଏହି ଶିକ୍ଷା ଦୃଷ୍ଟିକୋଣକୁ ଆହୁରି ସୁଦୃଢ଼ କରିଛି।ଅନୁଷ୍ଠାନ ପକ୍ଷରୁ ସମସ୍ତ କୃତୀ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇବା ସହ ଭବିଷ୍ୟତରେ ଆହୁରି ଉଜ୍ଜ୍ୱଳ ସଫଳତା କାମନା କରାଯାଇଛି।

ଜିଲ୍ଲା ସ୍ତରୀୟ ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସ ଅନୁଷ୍ଠିତ



ସୁବର୍ଣ୍ଣପୁର:୧୨|୧୧(ସଂଗ୍ରାମ):ସୁବର୍ଣ୍ଣପୁର ରେ ଜିଲ୍ଲା ସ୍ତରୀୟ ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସ ଜିଲ୍ଲା ସଂଯୋଜକ ଅମ୍ଳାନ ପାଣ୍ଡିଆ ଙ୍କର ଅଧ୍ୟକ୍ଷତା ରେ ବିଶ୍ୱ ଭାରତୀ ଚିନ୍ତନ ଶିକ୍ଷା ନିକେତନ ଠାରେ ଅନୁଷ୍ଠିତ ହୋଇଯାଇଛି ।ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିକ୍ଷାଧିକାରୀ ଘନଶ୍ୟାମ ମେହେର, ସମ୍ମାନିତ ଅତିଥି ଭାବେ ଓଏଭି ପିପଲିପାଲି ର ପ୍ରିନ୍ସିପାଲ ଅରୁଣ ମହାକୁର ,ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଅମ୍ଳାନ ପାଣ୍ଡିଆ, ଏକାଡେମିକ ସଂଯୋଜକ ରଜତ ବଡମାଲି, ଉକ୍ତ ବିଦ୍ଯାଳୟ ର ପ୍ରଧାନ ଶିକ୍ଷକ ଅକ୍ଷୟ ସାହୁ ପ୍ରମୁଖ ଯୋଗଦେଇଥିଲେ। ପ୍ରତିଯୋଗିତାରେ ବିଚାରକ ଭାବେ ଭୋଜରାଜ ମେହେର,ରଜତ ବଡମାଲି ଯୋଗଦେଇଥିଲେ। ରାଜ୍ୟସ୍ତରକୁ ଉନ୍ନୀତ ହୋଇଥିବା ୬ ଜଣ କୃତୀ ପ୍ରତିଯୋଗୀଙ୍କୁ ଜିଲ୍ଲା ଶିକ୍ଷାଧିକାରୀ ପୁରସ୍କୃତ କରିଥିଲେ। ବିଚାରକ ମାନେ କୃତୀ ପ୍ରତିଯୋଗୀମାନଙ୍କୁ ଆହୁରି ଅଧିକ ଭଲ କରିବା ପାଇଁ ଯଥୋଚିତ ପରାମର୍ଶ ଦେଇଥିଲେ। କୃତୀ ପ୍ରତିଯୋଗୀମାନେ ହେଲେ ଅଭିଜିତ ସାହୁ,ସୁଜନ ସାହୁ,ସୁନେଲି ପଧାନ,ତୃପ୍ତିମୟୀ ବାଗ,ଆନିମା ପଧାନ,ଓମ୍ ସାହୁ,ପ୍ରିୟାଂସା ପଧାନ,ମାଧୁର୍ଯ୍ୟା ପଧାନ ।ଶେଷରେ ଅକ୍ଷୟ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ଚାଷୀଙ୍କ ରଣହୁଙ୍କାର! ମଣ୍ଡିରେ ରଣକ୍ଷେତ୍ର ଗାଁରେ ଜନପ୍ରତିନିଧିଙ୍କୁ ନୋ ଏଣ୍ଟ୍ରି ଚେତାବନୀ

ସୁବର୍ଣ୍ଣପୁର:୧୨|୧୧(ଅମୃତଦୁନିଆ):ଚାଷୀଙ୍କ ହକ୍ ଓ ଅଧିକାର ପାଇଁ ଆଜି ସମ୍ବଲପୁର ସହରରେ ଗର୍ଜିଛନ୍ତି ହଜାର ହଜାର ଚାଷୀ! ଧାନ କିଣା ଅବ୍ୟବସ୍ଥା ଓ ଏଗ୍ରିଷ୍ଟାକ୍ (AgriStack) ନୀତି ବିରୋଧରେ ସରକାରଙ୍କୁ ଏହା ପ୍ରଥମ ଓ ଶେଷ ଚେତାବନୀ ବୋଲି ଚାଷୀ ନେତାମାନେ ରୋକଠୋକ୍ ଶୁଣାଇ ଦେଇଛନ୍ତି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଚାଷୀମାରଣ ନୀତି ବିରୋଧରେ ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ସମନ୍ୱୟ ସମିତି ପକ୍ଷରୁ ସମ୍ବଲପୁରରେ ଏକ ବିଶାଳ ଚେତାବନୀ ସମାବେଶ ଆୟୋଜିତ ହୋଇଯାଇଛି। ଜିଲ୍ଲା ଚାଷୀ ସୁରକ୍ଷା ସଙ୍ଗଠନର ସଭାପତି ବ୍ୟୋମକେଶ ଠାକୁରଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ସତ୍ୟନାରାୟଣ ସମ୍ବଲପୁରୀ ଡେରାଠାରେ ଅନୁଷ୍ଠିତ ଏହି ସଭାରେ ପଶ୍ଚିମ ଓଡ଼ିଶାର ୯ଟି ଜିଲ୍ଲାରୁ ପ୍ରାୟ ୫ ହଜାର ମହିଳା ଓ ପୁରୁଷ ଚାଷୀ ଏକଜୁଟ ହୋଇଥିଲେ। ସମାବେଶ ପୂର୍ବରୁ ଜମାଦାରପାଲି ଏୟାରଷ୍ଟ୍ରିପ୍ ନିକଟ 'ଚାଷୀର ରେଖା' ଓ ଶେରସୁଆଁତଲଠାରୁ ବିଶାଳ ବାଇକ୍ ଓ ଟ୍ରାକ୍ଟର ରାଲି ବାହାରି ସହର ପରିକ୍ରମା କରିବା ସହ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସଙ୍ଗଠନର ଆବାହକ ଅଶୋକ ପ୍ରଧାନ, ଲିଙ୍ଗରାଜ ଏବଂ ପ୍ରବକ୍ତା ସରୋଜ ପ୍ରମୁଖ ଯୋଗଦେଇ କହିଥିଲେ ଯେ, ଜମି ବନ୍ଦୋବସ୍ତ ନ କରି ଏବଂ ଅସଲ ଜମି ମାଲିକଙ୍କୁ ପଟ୍ଟା ଓ ଭାଗଚାଷୀଙ୍କୁ ଆଇନଗତ ମାନ୍ୟତା ନ ଦେଇ ଏଗ୍ରିଷ୍ଟାକ୍ ଓ କଲମ୍-୨ ନାଁରେ ଚାଷୀଙ୍କୁ ହଇରାଣ କରାଯାଉଛି। ଏହାଦ୍ୱାରା ପ୍ରକୃତ ଚାଷୀ ଧାନ ବିକ୍ରିରୁ ବଞ୍ଚିତ ହେବାର ଆଶଙ୍କା ରହିଛି। ଛତିଶଗଡ଼ ଭଳି ଛୋଟ ରାଜ୍ୟ ବର୍ଷକୁ ୧୫୦ ଲକ୍ଷ ମେଟ୍ରିକ୍ ଟନ୍ ଧାନ କିଣୁଥିବା ବେଳେ ଓଡ଼ିଶାରେ ମାତ୍ର ୯୨ ଲକ୍ଷ ଟନ୍ ଧାନ କିଣିବା ଲକ୍ଷ୍ୟ ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ନେତାମାନେ କ୍ଷୋଭ ପ୍ରକାଶ କରିଛନ୍ତି। ଭୁବନେଶ୍ୱରରେ ବସି ନୀତି ନିର୍ଦ୍ଧାରଣ କରିବା ବଦଳରେ ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି (DLPC) ଓ ଜିଲ୍ଲାପାଳଙ୍କୁ ପୂର୍ଣ୍ଣ କ୍ଷମତା ଦେବା, ଜଳସେଚିତ ଜମିରୁ ଏକର ପ୍ରତି ୨୫ କୁଇଣ୍ଟାଲ ଓ ଅଣଜଳସେଚିତ ଜମିରୁ ୨୦ କୁଇଣ୍ଟାଲ ଧାନ କ୍ରୟ ଲକ୍ଷ୍ୟ ସହ ଏକକାଳୀନ ଟୋକନ୍ ବ୍ୟବସ୍ଥା କରିବାକୁ ଦାବି ହୋଇଛି। ସଭା ଶେଷରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଆର୍‌ଡିସିଙ୍କ ସଚିବ ଉପମା କୋଲୋଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସମସ୍ୟାର ତୁରନ୍ତ ସମାଧାନ ନ ହେଲେ ଗାଁ ଗାଁରେ ତୀବ୍ର ଆନ୍ଦୋଳନ ହେବ, ମଣ୍ଡିରେ ତାଲା ପଡ଼ିବ ଏବଂ କୌଣସି ଜନପ୍ରତିନିଧିଙ୍କୁ ଗାଁକୁ ପୂରାଇ ଦିଆଯିବ ନାହିଁ ବୋଲି କଡ଼ା ଚେତାବନୀ ଦିଆଯାଇଛ



Printed At:DASH BROTHERS,Rathagadha Sahi (old town),Po-Nayagarh,Odiasha-752070.Published at Plot No.1276,Kalinga Vihar,K24,Bhubaneswar,Khordha,751019,Owner & Publisher ,Er. Debabrata Behera
ପ୍ରକାଶକ ଓ ସଂସ୍ଥା:Adyasha Group of Companies
e-mail:adyashalive@gmail.com/adyashagroup.com.Mob:9776141794/7008523436
ସମ୍ପାଦକ - ଇଂ ଦେବବ୍ରତ ବେହେରା
Editor-Er.Debabrata Behera